


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-322 •BHUBANESWAR •SUNDAY •19 MAY 2024 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୩୨୨ •ଭୁବନେଶ୍ୱର •ରବିବାର •୧୯ ମେ ୨୦୨୪ •ପୃଷ୍ଠା-୨୦ •ଟ.୬.୦୦ (ସିନ୍ଦୂରା ସହ)


### ପୁରୀ ଓ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେପିକୁ ପାଣ୍ଡିଆନଙ୍କ ଶାଣିତ ସମାଲୋଚନା

# ବିରୋଧୀଙ୍କ ରାଜନୀତିର ଆଧାର 'ମିଛ ଓ ପ୍ରବଞ୍ଚନା'



- ଆପଣମାନେ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପରିବାର ସଦସ୍ୟ
- ସେତୁ ନିର୍ମାଣ ନେଇ କେନ୍ଦ୍ରମନ୍ତ୍ରୀଙ୍କ କଥାରେ ତାଳମେଳ ରହୁନାହିଁ
- ୩ ବର୍ଷରେ ମୁଖ୍ୟମନ୍ତ୍ରୀ ଚିଲିକା ଉପରେ ସେତୁ ନିର୍ମାଣ କରି ଦେଖାଇବେ
- ଏବେ ଯେତିକି ଆନ୍ତରିକତା ଦେଖାଉଛନ୍ତି, ଭୋଟ ପରେ ବି କେନ୍ଦ୍ରୀୟ ନେତା ସେହି ଭାବନା ଜାରି ରଖନ୍ତୁ
- କେଉଁ ରାଜ୍ୟକୁ ୧ ନମ୍ବର କରିବେ ତାହା ପ୍ରଥମେ ନିର୍ଦ୍ଧାରଣ କରନ୍ତୁ
- ୨୫ ବର୍ଷରେ ବି ଗୁଜରାଟକୁ ୧ ନମ୍ବର କରିପାରିଲେନି ଡବଲ ଇଞ୍ଜିନ୍ ସରକାର
- ଶ୍ରୀମନ୍ଦିର ପରିକ୍ରମା ପାଇଁ ୪ ହଜାର କୋଟି ନୁହେଁ, ମାତ୍ର ୩୫୦ କୋଟି ଖର୍ଚ୍ଚ ହୋଇଛି

**ଭୁବନେଶ୍ୱର, ୧୮ ।୫ (ସମିସ):** 'ମିଛ କିପରି କୁହାଯାଏ, ପ୍ରବଞ୍ଚନା କିପରି ଦିଆଯାଏ, ତାହା ବିଜେପି ନେତାମାନଙ୍କୁ ବେଶ୍ ଭଲ ଭାବରେ ଜଣା। ଏହା ସେମାନଙ୍କ ରାଜନୀତିର ଆଧାର। ନିର୍ବାଚନ ଆସିଲେ ବିଜେପି ନେତାମାନେ ଓଡ଼ିଶାକୁ 'ପର୍ଯ୍ୟଟକ' ଭାବେ ଆସନ୍ତି ଓ ରାଜ୍ୟର ସ୍ୱାର୍ଥ କଥା ମନେ ପକାନ୍ତି। ନିର୍ବାଚନ ସରିଗଲେ ସେମାନଙ୍କ ଦେଖା ମିଳେନାହିଁ। ଏବେ କହୁଛନ୍ତି ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ କରିବେ। କେବଳ ଓଡ଼ିଶା ନୁହେଁ କର୍ଣ୍ଣାଟକ, ତେଲେଙ୍ଗାନା, ମହାରାଷ୍ଟ୍ର ଯୁଆଡ଼େ ଯାଉଛନ୍ତି ସେହି ରାଜ୍ୟକୁ ଏକ ନମ୍ବର କରିଦେବେ ବୋଲି କହୁଛନ୍ତି। ସେମାନେ ପ୍ରଥମେ ନିଷ୍ପତ୍ତି ନିଅନ୍ତୁ କେଉଁ ରାଜ୍ୟକୁ ଏକ ନମ୍ବର କରିବେ। ୨୫ ବର୍ଷ ହେଲା ଡବଲ ଇଞ୍ଜିନ୍ ସରକାର ଗୁଜରାଟକୁ ଏକ ନମ୍ବର କରିପାରିଲେ ନାହିଁ। ସେମାନେ ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବା ଉଦ୍ୟମରେ ଅଛନ୍ତି ବୋଲି ସମସ୍ତେ ଜାଣିଗଲେଣି ବୋଲି ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ବିରୋଧୀଙ୍କୁ ଶାଣିତ ସମାଲୋଚନା କରିଛନ୍ତି।

ଶନିବାର ପୁରୀ ଓ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଭିନ୍ନ ନିର୍ବାଚନୀ ସଭାରେ ଯୋଗଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ତାଙ୍କ ପ୍ରତି ଓଡ଼ିଶାବାସୀଙ୍କ ଗଭୀର ଆସ୍ଥା ଦେଖି ବିରୋଧୀ ହତୋତ୍ସାହିତ ହୋଇପଡ଼ିଛନ୍ତି। ସେମାନେ ତାଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର କରୁଛନ୍ତି। ସେମାନେ ମିଛ କହିବା ସହ ଅପ୍ରଚାର କରୁଛନ୍ତି। ସେମାନେ ଜାଣି ନାହାନ୍ତି ଓଡିଶାର ଲୋକେ ନବୀନ ପଟ୍ଟନାୟକଙ୍କୁ କେତେ ଭଲପାଆନ୍ତି। ପୂର୍ବରୁ ଅସଭ୍ୟ ଭାଷା ପ୍ରୟୋଗ କରିଥିବାରୁ ଓଡ଼ିଶାବାସୀ ସେମାନଙ୍କୁ ଜବାବ୍ ଦେଇଥିଲେ, ଆଉ ଏହି ନିର୍ବାଚନରେ ତା' ଠାରୁ କଡ଼ା ଜବାବ୍ ଦେବେ। ଜୁନ୍ ୯ ତାରିଖରେ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ଶପଥ ଗ୍ରହଣ କରିବାରୁ କେହି ରୋକିପାରିବେ ନାହିଁ ବୋଲି କହିଛନ୍ତି ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ।

ବ୍ରହ୍ମଗିରି, ସତ୍ୟବାଦୀ, ଚିଲିକା, ପିପିଲି, ରଣପୁର, ନୟାଗଡ଼ ଏବଂ ଭୁବନେଶ୍ୱରର ଜୟଦେବ ନିର୍ବାଚନମଣ୍ଡଳୀରେ ଜନସଭାକୁ ସମ୍ବୋଧିତ କରି ଶ୍ରୀ ପାଣ୍ଡିଆନ ବିରୋଧୀଙ୍କ ମୁଖା ଖୋଲିବା ସହିତ ସେମାନଙ୍କର କୁତ୍ସିତ ରାଜନୀତି ପାଇଁ ଦୃଢ଼ ଜବାବ୍ ଦେବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଥିଲେ। ଶ୍ରୀ ପାଣ୍ଡିଆନ୍ ଆହୁରି କହିଥିଲେ, "ଆସାମ ମୁଖ୍ୟମନ୍ତ୍ରୀ ଏଠାକୁ ଆସି ▶ପୃଷ୍ଠା-୧୩

## ଲୋକକଥା



'ପର୍ଯ୍ୟଟକ ନେତା' ଧାଇଁ ଆସୁଛନ୍ତି
ଭୋଅଟ ମାଗିବା ପାଇଁ,
କେତେ ସତ, କେତେ ମିଛ କହୁଛନ୍ତି
ଜାଣନ୍ତି ଭୋଟର ସାଇଁ !
ବୁଥ୍ ଭିତରେ ଯାଇ,
ଭାବିଚିନ୍ତି ନିଜ ମତ ଥୋଇଦେବେ
ପ୍ରଗତିର ଗତି ପାଇଁ !!

# ୨୨ରେ ଲଘୁଚାପ, ୨୪ ରେ ଅବପାତ!

**ପାଣିପାଗ କେନ୍ଦ୍ରର ପୂର୍ବାନୁମାନ**
**ଆଜି ୬ ଜିଲ୍ଲା କାଳବୈଶାଖୀ ସତର୍କତା**
**ସମ୍ଭାବ୍ୟ ବାତ୍ୟାର ନାମ 'ରେମଲ'**

**ଭୁବନେଶ୍ୱର, ୧୮ ।୫ (ସମିସ):** ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଲଘୁଚାପ। ଏ ସମ୍ପର୍କରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇ କହିଛି ଯେ, ଆସନ୍ତା ୨୨ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାକ୍ରମଶଃ ଘନୀଭୂତ ହୋଇ ଉତ୍ତରପୂର୍ବ ଦିଗରେ ଗତି କରିବ। ପରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅଧିକ ଘନୀଭୂତ ହୋଇ ୨୪ ତାରିଖରେ ଅବପାତ ରୂପ ନେବାର ସମ୍ଭାବନା ରହିଛି। ଯଦି ଏହା ବାତ୍ୟାର ରୂପ ନିଏ, ତା'ହେଲେ ଏହାର ନାମ 'ରେମଲ୍' ରହିବ। ସମ୍ଭାବ୍ୟ ଅବପାତର ପ୍ରଭାବ ଓଡ଼ିଶା ଉପରେ କଣ ରହିବ, ଏହାଦ୍ୱାରା ଓଡ଼ିଶାର କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବାର ସମ୍ଭାବନା ରହିଛି ସେନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୌଣସି ଆକଳନ କରାଯାଇନାହିଁ।

ପାଣିପାଗ କେନ୍ଦ୍ରର ଆକଳନ ଅନୁଯାୟୀ ରବିବାର ରାଜ୍ୟର କେତେକ ଜିଲ୍ଲାରେ ଉଷ୍ମ ଏବଂ ଆର୍ଦ୍ର ପାଣିପାଗ ଅନୁଭବ ହେବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଏପରି ପାଗ ଅନୁଭୂତ ହେବ। ଅପରପକ୍ଷେ ଆସନ୍ତାକାଲି ରାଜ୍ୟର ୬ଜିଲ୍ଲାରେ କାଳବୈଶାଖୀ ବର୍ଷାର ଆଶଙ୍କା ରହିଛି। କୋରାପୁଟ, ରାୟଗଡା, ଗଡପତି, କନ୍ଧମାଳ, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ କାଳବୈଶାଖୀ ବର୍ଷାକୁ ଦୃଷ୍ଟି ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

### କେନ୍ଦ୍ର ଉପରେ ବର୍ଷିଲେ ଏଆଇସିସି ସାଧାରଣ ସମ୍ପାଦକ ସଚିନ ପାଇଲଟ

# ବିଜେପିକୁ ପ୍ରତ୍ୟାଖ୍ୟାନ କଲେଣି ଦେଶବାସୀ



**ନିର୍ବାଚନ ହାରିବା ଭୟରେ ବିଜେପି ନେତାମାନେ ନିଜ ମତ ବଦଳାଉଛନ୍ତି**
**ଇଣ୍ଡିଆ ମେଣ୍ଟକୁ ମିଳିବ ସ୍ପଷ୍ଟ ବହୁମତ**

**ଭୁବନେଶ୍ୱର, ୧୮ ।୫ (ସମିସ):** ସାରା ଦେଶରେ ଏବେ ପରିବର୍ତ୍ତନର ସ୍ୱର ଶୁଣିବାକୁ ମିଳୁଛି। ଗତ ୧୦ବର୍ଷ ଧରି ଦେଶବାସୀ ଯେଉଁ ଭରସା କରି ମୋଦୀ ସରକାରଙ୍କୁ ନିର୍ବାଚିତ କରିଆସିଥିଲେ ତାହା ଏବେ ତୁଟି ଯାଇଛି। ବିଗତ ବର୍ଷଗୁଡ଼ିକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଯେଉଁ ସବୁ ପ୍ରତିଶ୍ରୁତି ଦେଇଥିଲେ ତାହା ଅଦ୍ୟାବଧି ପୂରଣ କରିନାହାନ୍ତି। ଅନ୍ୟପକ୍ଷରେ ଦେଶରେ ବେରୋଜଗାର, ଦରଦାମ, ଦୁର୍ନୀତି ଓ ଭ୍ରଷ୍ଟାଚାର ବୃଦ୍ଧି ପାଇଛି। ମହିଳାମାନଙ୍କ ପ୍ରତି ଅତ୍ୟାଚାର ବଢ଼ିଛି। କୃଷକ, ଦଳିତ, ଆଦିବାସୀ ଓ ପଛୁଆ ବର୍ଗ ସେମାନଙ୍କ ଅଧିକାର ପାଇବାରୁ ବଞ୍ଚିତ ହୋଇଛନ୍ତି। ସେଥିପାଇଁ ଦେଶର ପ୍ରତ୍ୟେକ ରାଜ୍ୟରେ ଜନସାଧାରଣ ବିଜେପି ଏବଂ ଏହାର ସହଯୋଗୀ ଦଳଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବା ଆରମ୍ଭ କଲେଣି ବୋଲି ବିଜେପି ସରକାରକୁ କଡ଼ା ସମାଲୋଚନା କରି ଏଆଇସିସି ସାଧାରଣ ସମ୍ପାଦକ ସଚିନ୍ ପାଇଲଟ କହିଛନ୍ତି।

ଶନିବାର ଭୁବନେଶ୍ୱର ସ୍ଥିତ ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାଇଲଟ୍ କହିଛନ୍ତି, ଆସନ୍ତା ଜୁନ୍ ୪ ତାରିଖରେ ନିର୍ବାଚନ ଫଳାଫଳ ସମସ୍ତଙ୍କୁ ନିଶ୍ଚିତ ଭାବେ ଚକିତ କରିବ। ଦେଶରେ 'ଇଣ୍ଡି' ମେଣ୍ଟ ସ୍ପଷ୍ଟ ବହୁମତ ହାସଲ କରିବ ଓ ସରକାର ଗଠନ କରିବ। ଚଳିତ ନିର୍ବାଚନ ଏଭଳି ଏକ ପରିସ୍ଥିତି ସୃଷ୍ଟି କରିଛି ଯେ ବିଜେପି ନେତାମାନଙ୍କୁ ବାରମ୍ବାର ସ୍ପଷ୍ଟୋକ୍ତି ଦେବାକୁ ପଡୁଛି ଯେ ସେମାନେ ସମ୍ବିଧାନ ଓ ଆରକ୍ଷଣ ବ୍ୟବସ୍ଥା ପ୍ରତି କୌଣସି ପ୍ରକାର କ୍ଷତି ପହଞ୍ଚାଇବେ ନାହିଁ। ବାସ୍ତବରେ ସେମାନେ ସମ୍ବିଧାନ ଓ ଆରକ୍ଷଣ ବିରୋଧୀ ବୋଲି ଦେଶବାସୀ ଜାଣିସାରିଛନ୍ତି। ବିଜେପିର ଏଭଳି ଆଭିମୁଖ୍ୟ ଧରାପଡ଼ିଯିବା ଫଳରେ ନିର୍ବାଚନ ▶ପୃଷ୍ଠା-୧୩




■ ସିଙ୍ଗାପୁରରେ ବ୍ୟାପୁଛି କରୋନା

## ୨୬ ହଜାର ନୂଆ ରୋଗୀ ଚିହ୍ନଟ

ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି): ବିଶ୍ୱରେ ପୁଣି କରୋନା ସଂକ୍ରମଣ ଭୟ ସୃଷ୍ଟି କଲାଣି। ସିଙ୍ଗାପୁରରେ ଏହି ମହାମାରୀର ନୂଆ ଲହର ବ୍ୟାପି ଚାଲିଲାଣି। କ୍ରମାଗତ ଭାବେ ରୋଗୀସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କେବଳ ଗୋଟିଏ ସପ୍ତାହ (୫-୧୧ ତାରିଖ ମଧ୍ୟରେ) ୨୬ ହଜାର ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ସ୍ଥିତିକୁ ଦେଖି ସରକାର କଟକଣା କଠୋର କରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରୀ ଓଙ୍ଗ ୟେ କୁଙ୍ଗ ଲୋକଙ୍କୁ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି। ଆଗାମୀ ୨ରୁ ୪ ସପ୍ତାହ ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ଶୀର୍ଷ ଛୁଇଁପାରେ ବୋଲି କହିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରାଳୟ ରିପୋର୍ଟ ଅନୁଯାୟୀ ଏବେ ଦିନକୁ ୨୫୦ରୁ ଅଧିକ ରୋଗୀ ଚିହ୍ନଟ ହେଉଛନ୍ତି। ଡାକ୍ତରଖାନାରେ ବେଡ୍ ସଂଖ୍ୟା ବଢ଼ାଇବାକୁ ନୂଆ ପଦକ୍ଷେପ ନିଆଯାଉଛି। ଜରୁରୀ ନ ହେଲେ ରୋଗୀଙ୍କୁ ଡାକ୍ତରଖାନାକୁ ନ ଆସିବାକୁ କୁହାଯାଇଛି।

## ମହିଳାଙ୍କୁ ଇଚ୍ଛାମୃତ୍ୟୁ ଅନୁମତି



ଆମଷ୍ଟରଡାମ, ୧୮।୫ (ଏଜେନ୍ସି): ନ୍ୟୁଜଲାଣ୍ଡର ଅବସାଦଗ୍ରସ୍ତ ମହିଳା ଜୋରାୟା ଟେର ବିକ (୨୯)ଙ୍କୁ ଇଚ୍ଛାମୃତ୍ୟୁ ଅନୁମତି ମିଳିଛି। ସେ ନେଦରଲାଣ୍ଡର ଜର୍ମାନୀ ସୀମା ନିକଟରେ ରହୁଛନ୍ତି। ସେ ଇଚ୍ଛାମୃତ୍ୟୁ ପାଇଁ ୩.୫ ବର୍ଷ ହେଲା ନ୍ୟୁଜିଲାଣ୍ଡ ପ୍ରଶାସନକୁ ମନାଇବାକୁ ପ୍ରୟାସ କରିଥିଲେ। ତାଙ୍କୁ ଚଳିତ ମାସରେ ଇଚ୍ଛାମୃତ୍ୟୁ ଦିଆଯାଇପାରେ। ଜୋରାୟା ଅନେକ ବର୍ଷ ହେଲା ଅଟିଜିମ୍ ଏବଂ ଅସହନୀୟ ମାନସିକ ସମସ୍ୟା ଦେଇ ଗତି କରୁଛନ୍ତି। ଅଟିଜିମର ଶିକାର ବ୍ୟକ୍ତି ନିଜକୁ ମାରିବାକୁ ପ୍ରୟାସ କରିଥାଏ। ବାରମ୍ବାର ଆତ୍ମହତ୍ୟାର ଭାବନା ଆସିଥାଏ। ଏହି ସମସ୍ୟାର କୌଣସି ସମାଧାନ ନାହିଁ ବୋଲି ଜୋରାୟା ମନେ କରୁଛନ୍ତି। ତେବେ ସେ ଶାରିରୀକ ଭାବେ ସମ୍ପୂର୍ଣ୍ଣ ସୁସ୍ଥ ଥିବାରୁ ଇଚ୍ଛାମୃତ୍ୟୁ ଅନୁମତିକୁ ନେଇ ଲୋକେ ପ୍ରଶ୍ନ ଉଠାଉଛନ୍ତି।

## ତାଇୱାନ ସଂସଦରେ ମାର୍‌ପିଟ୍



ତାଇପେଇ ସିଟି, ୧୮।୫ (ଏଜେନ୍ସି): ତାଇୱାନର ନୂଆ ରାଷ୍ଟ୍ରପତି ଲାଇ ଚିଙ୍ଗ ଶପଥ ନେବାର ଦୁଇ ଦିନ ପୂର୍ବରୁ ଶୁକ୍ରବାର ସଂସଦରେ ହଙ୍ଗାମା ହୋଇଛି। ବିରୋଧୀ ଏବଂ ଶାସକ ଦଳର ସାଂସଦ ମୁହାଁମୁହିଁ ହୋଇ ମାର୍‌ପିଟ କରିଛନ୍ତି। ପରସ୍ପରକୁ ଗୋଇଠା ବିଧା ମାରିଛନ୍ତି। ଆଉ କିଛି ସାଂସଦ ବାଚସ୍ପତିଙ୍କ ଆସନକୁ ମଧ୍ୟ ଚଢ଼ି ଯାଇଛନ୍ତି। ପରସ୍ପରକୁ ଟଣାଓଟରା କରି ମାଡ଼ ମରାମରି ହୋଇଛନ୍ତି। ସଂସଦରେ ଉପସ୍ଥାପନ କରାଯାଇଥିବା ଏକ ବିଲ୍‌କୁ ମଧ୍ୟ ଚିରି ଦେଇଛନ୍ତି। ସୂଚନା ଅନୁଯାୟୀ ତାଇୱାନ ସଂସଦରେ ଏକ ପ୍ରସ୍ତାବ ଅଣା ଯାଇଥିଲା। ଏଥିରେ ସରକାରଙ୍କ କାର୍ଯ୍ୟ ଉପରେ ନଜର ରଖିବା ପାଇଁ ବିରୋଧୀଙ୍କୁ ଅଧିକ କ୍ଷମତା ଦେବାକୁ ନିୟମ ରହିଥିଲା। ଏହା ବ୍ୟତୀତ ସଂସଦରେ ମିଥ୍ୟା ବୟାନ ଦେଲେ ସରକାରୀ ଅଧିକାରୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବାର ବ୍ୟବସ୍ଥା ଥିଲା। ଏହି ବିଲ୍ ଉପରେ ମତଦାନ ପୂର୍ବରୁ ନୂଆ ରାଷ୍ଟ୍ରପତିଙ୍କ ଡେମୋକ୍ରାଟିକ ପ୍ରୋଗ୍ରେସିଭ ପାର୍ଟି (ଡିପିପି) ଏବଂ ଚୀନ୍ ସମର୍ଥକ ବିରୋଧୀ କି କୁମେନ୍ତାଙ୍ଗ (କେଏମଟି) ଦଳ ମଧ୍ୟରେ ସଂଘର୍ଷ ହୋଇଥିଲା। ମାର୍‌ପିଟକୁ ନେଇ ଉଭୟ ଦଳ ପରସ୍ପର ବିରୋଧରେ ଅଭିଯୋଗ ଲଗାଇଛନ୍ତି।

## ୩୪ ବିଦ୍ରୋହୀଙ୍କ ଆତ୍ମସମର୍ପଣ

ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି): ଉତ୍ତର ପୂର୍ବର ସବୁଠାରୁ ପୁରୁ ବିଦ୍ରୋହୀ ଗୋଷ୍ଠୀ ମଧ୍ୟରୁ ଅନ୍ୟତମ ୟୁନାଇଟେଡ ଲିବରେସନ ଫ୍ରଣ୍ଟ ପାମ୍ବେଇ (ୟୁଏନଏଲଏଫ-ପି)ର ୩୪ ସଦସ୍ୟ ଶୁକ୍ରବାର ଆସାମ ରାଇଫଲ୍ସ (ଏଆର) ନିକଟରେ ଆତ୍ମସମର୍ପଣ କରିଛନ୍ତି। ଅଧିକାରୀଙ୍କ ସୂଚନା ଅନୁଯାୟୀ ଏହି ସବୁ ବିଦ୍ରୋହୀ ମ୍ୟାଁମାରରୁ ମଣିପୁରରେ ଅନୁପ୍ରବେଶ ଉଦ୍ୟମ କରିଥିଲେ। ଏହି ସମୟରେ ଏଆର ଯବାନ ବିଦ୍ରୋହୀଙ୍କୁ ଅଟକାଇ ଦେଇଥିଲେ। ଯବାନଙ୍କ ଉପରେ ଆକ୍ରମଣ କରିବା ପରିବର୍ତ୍ତେ ସେମାନେ ଆତ୍ମସମର୍ପଣ କରି ନେଇଥିଲେ। ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ଧରିଥିବା ଏହି ବିଦ୍ରୋହୀ ନିଜର ମ୍ୟାଁମାର ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ସଂଘର୍ଷ କରୁଥିଲେ। ଗୁଳିକାଣ୍ଡରୁ ବର୍ତ୍ତିବା ପାଇଁ ଏମାନେ ମଣିପୁରରେ ଅନୁପ୍ରବେଶ ଉଦ୍ୟମ କରିଥିଲେ।

## ୫ ଜଣଙ୍କୁ ହତ୍ୟାକରି ଅପରାଧୀର ଆତ୍ମହତ୍ୟା

ରାୟପୁର, ୧୮।୫ (ଏଜେନ୍ସି): ଛତିଶଗଡ଼ ସାରଙ୍ଗଡ଼ ଜିଲ୍ଲା ଥରଗାଁଓ ଗ୍ରାମରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଏଠାରେ ଗୋଟିଏ ପରିବାରର ୫ ଜଣଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରାଯାଇଛି। ଘରୁ ଆଉ ଏକ ଝୁଲନ୍ତା ମୃତଦେହ ମିଳିଛି। ଶନିବାର ସକାଳେ ଘରର ଅଲଗା ଅଲଗା ପ୍ରକୋଷ୍ଠରୁ ଜଣେ ଶିଶୁ, ମହିଳା ଏବଂ ଜଣେ ପୁରୁଷଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଶୁକ୍ରବାର ରାତିରେ ହତ୍ୟାକାଣ୍ଡ ଘଟିଥିଲା। ଘଟଣାସ୍ଥଳରୁ ହାତୁଡ଼ି ଏବଂ କାତି (କୁରାଢ଼ି) ଜବତ କରାଯାଇଛି। ପ୍ରେମକୁ ନେଇ ପଡ଼ୋଶୀ ଯୁବକ ଏପରି କରିଥିବା ଆଶଙ୍କା କରାଯାଉଛି। ସେ ୫ ଜଣଙ୍କୁ ମାରିବା ପରେ ସେଠାରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛି। ସୂଚନା ଅନୁଯାୟୀ ପଡ଼ୋଶୀ ପପୁ ଟେଲରର ମୀରାଙ୍କୁ ଭଲ ପାଉଥିଲା। ବିବାଦ ହେବାରୁ ପପୁ ଜେଲ୍ ଯାଇଥିଲା। ଜେଲ୍‌ରୁ ବାହାରି ସେ ହତ୍ୟାକାଣ୍ଡ ଘଟାଇଥିବା କୁହାଯାଉଛି।

ସ୍ୱାତୀ ମାଲିୱାଲ ଦୁର୍ବ୍ୟବହାର ମାମଲା

# ବିଭବ ଗିରଫ; ଆଗୁଆ ଜାମିନ ନାମଞ୍ଜୁର

ନୂଆଦିଲ୍ଲୀ,୧୮।୫(ଏଜେନ୍ସି)





ଆପ୍ ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲଙ୍କୁ ଦୁର୍ବ୍ୟବହାର କରାଯିବା ଘଟଣାରେ ଦିଲ୍ଲୀ ପୁଲିସ ଶନିବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବ ବିଭବ କୁମାରଙ୍କୁ ଶନିବାର ଗିରଫ କରିଛି। ସ୍ୱାତୀଙ୍କ ଏତଲାକୁ ଆଧାର କରି ପୁଲିସ ଶନିବାର ସକାଳେ କେଜ୍ରିୱାଲଙ୍କ ବାସଭବନରେ ପହଞ୍ଚି ବିଭବଙ୍କୁ ଉଠାଇ ନେଇଛି। ଗତ ୧୩ ତାରିଖରେ ସ୍ୱାତୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ଭେଟିବାକୁ ତାଙ୍କ ବାସଭବନକୁ ଯାଇଥିଲା ବେଳେ ସେଠାରେ ବିଭବ ତାଙ୍କୁ ଦୁର୍ବ୍ୟବହାର କରିବା ସହିତ ମାଡ଼ ମରିଥିଲେ ବୋଲି ପ୍ରଥମେ ସ୍ୱାତୀ ପୁଲିସକୁ ଫୋନ୍‌ରେ ଜଣାଇଥିଲେ। କିନ୍ତୁ ଲିଖିତ ଅଭିଯୋଗ କରିନଥିଲେ। ହେଲେ ଗତକାଲି ସ୍ୱାତୀ ବିଭବଙ୍କ ବିରୋଧରେ ଏତଲା ଦାଏର କରିବା ସହିତ ମାଜିଷ୍ଟ୍ରେଟଙ୍କ ନିକଟରେ ନିଜର ବୟାନ ରେକର୍ଡ କରାଇଥିଲେ। ବିଭବ ସ୍ୱାତୀଙ୍କୁ ଶକ୍ତ ଚାପୁଡ଼ା ମାରିବା ସହିତ ତାଙ୍କ ଗୋଡ, ଅଣ୍ଟା ଏବଂ ଶରୀରର ସମ୍ବେଦନଶୀଳ ସ୍ଥାନକୁ ଗୋଇଠା ମାରିଥିଲେ ବୋଲି ସ୍ୱାତୀ କହିଥିଲେ। ଶନିବାର ଡାକ୍ତରୀ ରିପୋର୍ଟ ଆସିଥିଲା ବେଳେ ଏଥିରେ ସ୍ୱାତୀ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବା କୁହାଯାଇଛି। ଏହାପରେ ଦିଲ୍ଲୀ ପୁଲିସ ଶନିବାର ବିଭବଙ୍କୁ ଗିରଫ କରିଛି। ବିଭବ ମଧ୍ୟ ସ୍ୱାତୀଙ୍କ ବିରୋଧରେ ଥାନାରେ ପାଲଟା ଏତଲା ଦାଏର କରିବା ସହିତ ସ୍ୱାତୀ ଜୋରଜବରଦସ୍ତି ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପଶିବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ବିଭବଙ୍କ ଓକିଲ ମଧ୍ୟ ସ୍ୱାତୀଙ୍କ ବିରୋଧରେ ଅଭିଯୋଗ ଆଣି ଘଟଣା ଦିନ ସ୍ୱାତୀ କାହିଁକି ଲିଖିତ ଅଭିଯୋଗ କରି ନଥିଲେ ଏବଂ ୩ ଦିନ ପରେ କାହିଁକି କଲେ ବୋଲି ପ୍ରଶ୍ନ କରିଛନ୍ତି। ବିଭବଙ୍କ ଆଗୁଆ ଜାମିନ ପାଇଁ ତାଙ୍କ ଓକିଲ ଆବେଦନ କରିଥିଲେ ହେଁ ଏହା ସମ୍ଭବ ନୁହେଁ ବୋଲି ଦିଲ୍ଲୀର ଏକ ଅଦାଲତ କହିଛନ୍ତି। ତେବେ ବିଭବଙ୍କ ଗିରଫକୁ ନେଇ ଏବେ ରାଜନୀତି ଜୋରଦାର ହେବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୩ ତାରିଖରେ ବିଭବ ସ୍ୱାତୀଙ୍କୁ ଦୁର୍ବ୍ୟବହାର କରି ମାଡ଼ ମାରିଥିଲେ ବୋଲି ଅଭିଯୋଗ ଉଠିଥିଲା। ମୁଖ୍ୟମନ୍ତ୍ରୀ ନିଜ ବାସଭବନରେ ଉପସ୍ଥିତ ଥିଲା ବେଳେ ଏଭଳି ଘଟଣା ଘଟିଥିଲା ବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ଦଳ ପକ୍ଷରୁ ଘଟଣାକୁ ନେଇ କିଛି କୁହାଯାଇ ନଥିଲା। ହେଲେ ଦୁଇ ଦିନ ପରେ ଆପ୍ ସାଂସଦ ସଞ୍ଜୟ ସିଂ ଘଟଣାକୁ ଦୃଢ ନିନ୍ଦା କରି ବିଭବଙ୍କ ବିରୋଧରେ ଦଳ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଏକ ସମ୍ବାଦିକ ସମ୍ମିଳନୀରେ କହିଥିଲେ। ଏହାକୁ ନେଇ ସ୍ୱାତୀ ଚୁପ୍ ରହିବା ସହିତ ବିଭବଙ୍କ ବିରୋଧରେ କେଜ୍ରିୱାଲ କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାକୁ ଦେଖିବା ଅପେକ୍ଷାରେ ରହିଥିଲେ। କିନ୍ତୁ କାର୍ଯ୍ୟାନୁଷ୍ଠାନ ତ' ଦୂରର କଥା, କେଜ୍ରିୱାଲ ଏବଂ ବିଭବଙ୍କୁ ଉତ୍ତରପ୍ରଦେଶର ଏକ ନିର୍ବାଚନୀ ସଭାରେ ଏକାଠି ଦେଖାଯିବା ପରେ ସ୍ୱାତୀ ନିଜର ଧୈର୍ଯ୍ୟ ହରାଇଥିଲେ। ଦଳ ବିଭବଙ୍କ ବିରୋଧରେ କିଛି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ନାହିଁ ବୋଲି ହୃଦୟଙ୍ଗମ କରିବା ପରେ ସ୍ୱାତୀ ଲିଖିତ ଏତଲା ଦେଇଥିଲେ। କିନ୍ତୁ ସ୍ୱାତୀଙ୍କ ଏଭଳି ଆଭିମୁଖ୍ୟକୁ ନେଇ ଆପ୍ ସଙ୍କଟରେ ପଡ଼ିଥିବା ବେଳେ ବିଜେପି ଏହାର ରାଜନୈତିକ ଫାଇଦା ଉଠାଇବା ମୁଡ୍‌ରେ ରହିଛି। ବିଶେଷକରି ଦିଲ୍ଲୀ ନିର୍ବାଚନକୁ ଆଉ ମାତ୍ର ଏକ ସପ୍ତାହ ରହିଥିବାରୁ ଏହି ଘଟଣା ଆପ୍ ପାଇଁ ଭାରୀ ପଡ଼ିପାରେ ବୋଲି କୁହାଯାଉଛି। ଆଇନ ବ୍ୟବସ୍ଥା ଅନୁଯାୟୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ମଧ୍ୟ ଏହି ଘଟଣାରେ ଅଡୁଆରେ ପଡ଼ିପାରନ୍ତି ବୋଲି ଆଇନ ବିଶେଷଜ୍ଞମାନେ କହୁଥିଲା ବେଳେ ଆପ୍ ପକ୍ଷରୁ ସ୍ଥିତି ମୁକାବିଲା ପାଇଁ ଉଦ୍ୟମ ଆରମ୍ଭ ହୋଇଛି।

**ମାଡ଼ ଘଟଣାର ଆସିଲା ଡାକ୍ତରୀ ରିପୋର୍ଟ**

### ସ୍ୱାତୀ ବିଜେପି ଏଜେଣ୍ଟ : ଆତିଶୀ

### କେଜ୍ରିୱାଲଙ୍କ ଜେଲଭରୋ ଆନ୍ଦୋଳନ ଡକରା

ରାଜ୍ୟସଭା ସାଂସଦ ସାଂସଦ ସ୍ୱାତୀ ମାଲିୱାଲ ନିଜ ଦଳ ବିରୋଧରେ ମୁହଁ ଖୋଲିବା ଏବେ ଆପ୍ ପାଇଁ ବଡ଼ ସଙ୍କଟ ହୋଇଛି। ଏହାକୁ ନେଇ ବିଜେପି ଆପ୍‌କୁ ନିଶାଣ କରିଥିଲା ବେଳେ ଆପ୍ ନେତା ବିଜେପି ବିରୋଧରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ଆରମ୍ଭ କରିଛନ୍ତି। ସ୍ୱାତୀ ବିଜେପି ନିର୍ଦ୍ଦେଶରେ ଏଭଳିସବୁ କରୁଛନ୍ତି ବୋଲି ମନ୍ତ୍ରୀ ଆତିଶୀ ମାର୍ଲେନା ଅଭିଯୋଗ କରିଛନ୍ତି।



ଅନ୍ୟପକ୍ଷରେ ବିଜେପି ଆପ୍‌ର ସବୁ ନେତାଙ୍କୁ ଜେଲ ପଠାଇ ଦଳକୁ ଧ୍ୱସ୍ତ କରିଦେବାକୁ ଚାହୁଁଛି ବୋଲି ମୁଖ୍ୟମନ୍ତ୍ରୀ ତଥା ଦଳୀୟ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ କହିଛନ୍ତି। କିନ୍ତୁ ବିଜେପିର ଏଭଳି ସ୍ୱପ୍ନ କେବେ ବି ସାକାର ହେବ ନାହିଁ। ବିଜେପି ଆପ୍‌ର କେତେ ନେତାଙ୍କୁ ଗିରଫ କରିବାକୁ ଚାହୁଁଛି ତାହା ରବିବାର ଜଣାପଡ଼ିଯିବ ବୋଲି କେଜ୍ରିୱାଲ କହିଛନ୍ତି। ସେ ଜେଲଭରୋ ଆନ୍ଦୋଳନ ଡକରା ଦେବା ସହିତ ରବିବାର ଦଳର ସବୁ ସାଂସଦ, ବିଧାୟକ ଏବଂ ଅନ୍ୟ ନେତା ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିବାକୁ କହିଛନ୍ତି।

■ ୫ ରାଜ୍ୟ ପାଇଁ ଆଇଏମଡି'ର ରେଡ୍ ଆଲର୍ଟ

## ୩ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ, ଦୁଇ ରାଜ୍ୟରେ ବର୍ଷା

ନୂଆଦିଲ୍ଲୀ,୧୮।୫(ଏଜେନ୍ସି)

ଦେଶର ଉତ୍ତର ପଶ୍ଚିମାଞ୍ଚଳ ତିନି ରାଜ୍ୟକୁ ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଶନିବାର ରେଡ୍ ଆଲର୍ଟ ଜାରି କରିଛି। ଆସନ୍ତା ପାଞ୍ଚ ଦିନ ଧରି ପଞ୍ଜାବ,ହରିୟାଣା ଏବଂ ରାଜସ୍ଥାନରେ ପ୍ରବଳ ଗ୍ରୀଷ୍ମ ଲହରୀ ବହିବା ସହିତ ଉତ୍ତାପ ବୃଦ୍ଧି ସାଧାରଣ ଜନଜୀବନ ବ୍ୟାହତ କରିପାରେ ବୋଲି ଆଇଏମଡି ସତର୍କତା ଜାରି କରିଛି। ଏହି ସମୟରେ ଲୋକମାନେ ସତର୍କ ରହି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଏହି ତିନି ରାଜ୍ୟ ବ୍ୟତୀତ ପୂର୍ବ ଏବଂ କେନ୍ଦ୍ର ଭାଗର କିଛି ରାଜ୍ୟରେ ମଧ୍ୟ ଆଗାମୀ ତିନି ଦିନ ଧରି ଗ୍ରୀଷ୍ମ ଲହରୀ ବହିବା ନେଇ ଆକଳନ କରାଯାଇଛି। ଗୁଜରାଟ, ଉତ୍ତରପ୍ରଦେଶ ଏବଂ ବିହାର ସମେତ ଅନ୍ୟ କିଛି ରାଜ୍ୟରେ ଉତ୍ତାପ ବଢିବା ସହିତ ଗରମ ପବନ ବହିବ ବୋଲି କୁହାଯାଇଛି। କିନ୍ତୁ ଏହି ସମୟରେ ଦକ୍ଷିଣ ଭାରତ ସ୍ଥିତି ସମ୍ପୂର୍ଣ୍ଣ ଓଲଟା ରହିବା ନେଇ ଆଇଏମଡି ଆକଳନ କରିଛି। କେରଳ, ତାମିଲନାଡୁ ସମେତ ଦେଶର ଦକ୍ଷିଣ ଭାଗର ବିଭିନ୍ନ ଅଞ୍ଚଳରେ ଆସନ୍ତାକାଲି ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହିତ ଅଧିକ ବେଗରେ ପବନ ବହିବାର ସମ୍ଭାବନା ରହିଥିବାରୁ ଆଇଏମଡି ପକ୍ଷରୁ ଏହିସବୁ ରାଜ୍ୟ ପାଇଁ ମଧ୍ୟ ରେଡ୍ ଆଲର୍ଟ ଜାରି କରାଯାଇଛି। ବର୍ତ୍ତମାନ ମୌସୁମୀ ଆଣ୍ଡାମାନ ସମୁଦ୍ର ନିକଟବର୍ତ୍ତୀ ହେଉଥିବାରୁ ଏହା ପ୍ରଭାବରେ ବର୍ଷା ହେବାର ଆକଳନ କରାଯାଇଛି।

ଇସ୍ରୋ ମୁଖ୍ୟଙ୍କ ପ୍ରସ୍ତାବ

## ମନ୍ଦିରରେ ପୁସ୍ତକାଳୟ ବନାଯାଉ



ତିରୁଅନନ୍ତପୁରମ, ୧୮।୫ (ଏଜେନ୍ସି): ଦେଶର ଯୁବ ବର୍ଗଙ୍କୁ ମନ୍ଦିର ସହ ଯୋଡ଼ିବା ପାଇଁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମୁଖ୍ୟ ଏସ୍ ସୋମନାଥ ନୂଆ ପ୍ରସ୍ତାବ ଦେଇଛନ୍ତି। ଏହି ଉପାୟ ଦ୍ୱାରା ସମାଜରେ ପରିବର୍ତ୍ତନ ଆସିବ ବୋଲି ସେ ଦାବି କରିଛନ୍ତି। ତିରୁଅନନ୍ତପୁରମର ଶ୍ରୀ ଉଦିୟନୁର ଦେବୀ ମନ୍ଦିରରେ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ମନ୍ଦିରରେ ପୁସ୍ତକାଳୟ ବନାଇବାକୁ ସୋମନାଥ ପ୍ରସ୍ତାବ ଦେଇଛନ୍ତି। ଏହା ଦ୍ୱାରା ଅଧିକ ସଂଖ୍ୟାରେ ଯୁବ ବର୍ଗ ମନ୍ଦିର ଆସିବେ। ମନ୍ଦିର କେବଳ ପୂଜାର ସ୍ଥାନ ନ ହେବା ଉଚିତ। ଏହା ସମାଜ ପରିବର୍ତ୍ତନକାରୀ ସ୍ଥାନ ହେବା ଆବଶ୍ୟକ। ଏଭଳି ପଦକ୍ଷେପ ନେବା ଉଚିତ ଯେପରି ଯୁବ ବର୍ଗ ମନ୍ଦିର ଆସିଲେ ପଢ଼ି ପାରିବେ, ବିଭିନ୍ନ ପ୍ରସଙ୍ଗରେ ସାର୍ଥକ ଚର୍ଚ୍ଚା କରିପାରିବେ ଏବଂ କ୍ୟାରିୟର ଗଢ଼ିପାରିବେ। ମନ୍ଦିର କମିଟି ଏ ଦିଗରେ ପଦକ୍ଷେପ ନେଲେ ସମାଜରେ ବଡ଼ ପରିବର୍ତ୍ତନ ଆସିପାରିବ। ଏହି କାର୍ଯ୍ୟକ୍ରମରେ ଇସ୍ରୋ ମୁଖ୍ୟଙ୍କୁ ସମ୍ମାନିତ କରାଯାଇଥିଲା।

## ଘରେ ଭୋଟ୍ ଦେଲେ ମନମୋହନ



ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି): ଲୋକସଭା ନିର୍ବାଚନ ପାଇଁ ଦିଲ୍ଲୀରେ ୨୫ ତାରିଖରେ ମତଦାନ ହେବାକୁ ଯାଉଛି। ଏହା ପୂର୍ବରୁ ୮୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କ ପାଇଁ ଘରେ ଭୋଟ ଦେବା ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ କରାଯାଇଛି। ଏହି କ୍ରମରେ ଶନିବାର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ, ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ, ଉପ-ରାଷ୍ଟ୍ରପତି ହମିଦ ଅନସାରୀ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ.ମୁରଲୀ ମନୋହର ଯୋଶୀ ନିଜ ଘରେ ଭୋଟ ଦେଇଛନ୍ତି।

**ଲୋକସଭା ନିର୍ବାଚନ**

## ଜବତ ହେଲାଣି ୮,୮୮୯ କୋଟିର ନିଶାଦ୍ରବ୍ୟ, ଟଙ୍କା

ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି): ଦେଶରେ ଲୋକସଭା ନିର୍ବାଚନ ଜାରି ରହିଛି। ପଞ୍ଚମ ପର୍ଯ୍ୟାୟରେ ସୋମବାର ୪୯ ଆସନ ଲାଗି ମତଦାନ ହେବାକୁ ଯାଉଛି। ଏଥିପାଇଁ ଶନିବାରଠାରୁ ପ୍ରଚାର ଶେଷ ହୋଇଛି ଏବଂ ନିରବତା ଅବଧି ଆରମ୍ଭ ହୋଇଛି। ଏହା ମଧ୍ୟରେ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ବଡ଼ ସୂଚନା ଦିଆଯାଇଛି। ଏ ପର୍ଯ୍ୟନ୍ତ ଦେଶରୁ ୮,୮୮୯ କୋଟିର ନିଶାଦ୍ରବ୍ୟ, ଟଙ୍କା, ଅଳଙ୍କାର, ମଦ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଗଲାଣି ବୋଲି କୁହାଯାଇଛି। ଏହି ଟଙ୍କା ଏବଂ ଡ୍ରଗ୍ସ ମାଧ୍ୟମରେ ଲୋକସଭା ନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରାଯାଇଥାନ୍ତା। ଅଧିକାରୀଙ୍କ ସୂଚନା ଅନୁଯାୟୀ ଜବତ ସାମଗ୍ରୀରେ ୪୫% ନିଶାଦ୍ରବ୍ୟ ସାମିଲ ରହିଛି। ଏବେ ସୁଦ୍ଧା ୩, ୯୫୯ କୋଟି ଟଙ୍କାର ଡ୍ରଗ୍ସ, ୧୨୬୦.୩୩ କୋଟି ଟଙ୍କାର ମୂଲ୍ୟବାନ ଧାତୁ, ୮୪୯ କୋଟି ଟଙ୍କା ଏବଂ ୮୧୫ କୋଟି ଟଙ୍କାର ମଦ ଜବତ କରାଗଲାଣି। ତଥ୍ୟରୁ ଜଣାପଡ଼ିଛି ଯେ ଯେଉଁ ରାଜ୍ୟ ଦେଇ ନିଶା ଦ୍ରବ୍ୟ ଚୋରାଚାଲାଣ ହେଉଛି ସେହି ରାଜ୍ୟ ଦ୍ରୁତଗତିରେ ନିଶାର କେନ୍ଦ୍ର ପାଲଟୁଛି। ଗୁଜରାଟ ଏଟିଏସ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ଏବଂ ଭାରତୀୟ ତଟରକ୍ଷୀ ବାହିନୀର ମିଳିତ କାର୍ଯ୍ୟାନୁଷ୍ଠାନରେ କେବଳ ଗତ ତିନି ଦିନ ଭିତରେ ୮୯୨ କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ କରାଯାଇଛି।

ବାଇଡେନଙ୍କ ମନ୍ତବ୍ୟକୁ ନେଇ ଜିଭ ଲେଉଟାଇଲା ଆମେରିକା

# ଭାରତରେ ତିଷ୍ଠି ରହିଛି ଜୀବନ୍ତ ଗଣତନ୍ତ୍ର

ୱାଶିଂଟନ୍,୧୮।୫(ଏଜେନ୍ସି)




ଭାରତ ବିଦେଶୀ ଲୋକଙ୍କୁ ଗ୍ରହଣ କରିବାରେ ଉଦାରଭାବ ପୋଷଣ କରୁନାହିଁ। ଯେଉଁଥିପାଇଁ ଏହି ଦେଶ ସବୁବେଳେ ନିଜର ଆର୍ଥିକ ସ୍ଥିତିକୁ ନେଇ ସମସ୍ୟାରେ ରହିଛି। କାରଣ ଏଠାରେ ବିଦେଶୀ ଲୋକଙ୍କ ପାଇଁ ମୁକ୍ତ ନିବେଶ କରିବାର ସୁଯୋଗ ପର୍ଯ୍ୟାପ୍ତ ନୁହେଁ। ଏଭଳି କଥା କହି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଭାରତକୁ ଏକ 'ଜେନୋଫୋବିକ୍' ରାଷ୍ଟ୍ର ଭାବେ ଅବିହିତ କରିଥିଲା ପରେ ଏହାର କିଛି ଦିନ ପରେ ଭାରତୀୟ ବ୍ୟବସ୍ଥାକୁ ନେଇ ଆମେରିକା ଶତମୁଖର ହୋଇପଡ଼ିଛି। ଭାରତ ଭଳି ଏକ ଜୀବନ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ବିଶ୍ୱରେ କ୍ୱଚିତ ଦେଖିବାକୁ ମିଳିବ ବୋଲି ଆମେରିକାର ଜାତୀୟ ସୁରକ୍ଷା ଯୋଗାଯୋଗ ପ୍ରମୁଖ ପରାମର୍ଶଦାତା ଜନ୍ କିର୍ବି କହିଛନ୍ତି। ବର୍ତ୍ତମାନ ଭାରତରେ ଚାଲିଥିବା ନିର୍ବାଚନକୁ ନେଇ ଜନ୍‌ଙ୍କୁ ପ୍ରଶ୍ନ କରାଯାଇଥିଲା ବେଳେ ସେ ଭାରତର ମତଦାନ ବ୍ୟବସ୍ଥାକୁ ଭୂରିଭୂରି ପ୍ରଶଂସା କରିବା ସହିତ ଭାରତ ଭଳି ଏକ ମହାନ ଗଣତାନ୍ତ୍ରିକ ରାଷ୍ଟ୍ରର ଅନେକ ମହତ୍ତ୍ୱ ରହିଛି ବୋଲି କହିଛନ୍ତି। ଭାରତରେ ଚାଲିଥିବା ନିର୍ବାଚନରେ ପ୍ରାୟ ୯୬୯ ନିୟୁତ ଲୋକ ଭାଗ ନେଉଥିଲା ବେଳେ ଏଠାରେ ଲକ୍ଷ ଲକ୍ଷ ବୁଥ୍ ମାଧ୍ୟମରେ ଲୋକମାନେ ମତଦାନ କରୁଛନ୍ତି। ସେହିପରି ଏହି ନିର୍ବାଚନରେ ୨୬୬୦ ପଞ୍ଜିକୃତ ରାଜନୈତିକ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବା ମଧ୍ୟ କିଛି ଛୋଟ ଘଟଣା ନୁହେଁ। ତେଣୁ ଗଣତନ୍ତ୍ର ବ୍ୟବସ୍ଥା ଦୃଷ୍ଟିରୁ ଭାରତ ଅନେକ ମହତ୍ତ୍ୱ ବହନ କରୁଛି ବୋଲି ଜନ୍ କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ତିନି ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଅନେକ ଉନ୍ନତି ଘଟିଥିଲା ବେଳେ ଆମେରିକା ଏବଂ ଭାରତ ଅତି ନିକଟତର ହୋଇଛନ୍ତି। ତେବେ ଭାରତକୁ ନେଇ ରାଷ୍ଟ୍ରପତି ବାଇଡେନ କିଭଳି ଏମିତି ମନ୍ତବ୍ୟ ଦେଲେ ବୋଲି ପ୍ରଶ୍ନରେ ଏକ ବୃହତ ଅର୍ଥ ଏବଂ ଦିଗକୁ ବିଚାର କରି ବାଇଡେନ ଏଭଳି କହିଥିବା ସେ କହିଛନ୍ତି।

## କିର୍ଗିଜସ୍ତାନରେ ଭାରତୀୟ ଛାତ୍ରଙ୍କ ସହ ଗଣ୍ଡଗୋଳ

ବିସକେକ୍, ୧୮।୫ (ଏଜେନ୍ସି): କିର୍ଗିଜସ୍ତାନ ରାଜଧାନୀ ବିସକେକ୍‌ରେ ଶୁକ୍ରବାର ବିଳମ୍ବିତ ରାତିରେ ଭାରତୀୟ ଏବଂ ପାକିସ୍ତାନୀ ଛାତ୍ରଙ୍କ ସହ ମାର୍‌ପିଟ କରାଯାଇଛି। ଏଥିରେ ୨୯ ଛାତ୍ର ଆହତ ହୋଇଛନ୍ତି। ହିଂସାକୁ ଦେଖି ଭାରତୀୟ ଛାତ୍ରଙ୍କୁ ଛାତ୍ରାବାସରୁ ନ ବାହାରିବା ପାଇଁ ବିଦେଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଗତ ୧୩ ତାରିଖରେ ଇଜିପ୍ଟ ଏବଂ କିର୍ଗିଜ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହାର ଭିଡିଓ ଭାଇରାଲ ହୋଇଥିଲା। ଶୁକ୍ରବାର ରାତିରେ ସ୍ଥାନୀୟ ଛାତ୍ର ଏମାନେ ରହୁଥିବା ଛାତ୍ରାବାସରେ ପ୍ରବେଶ କରି ଗଣ୍ଡଗୋଳ କରିଥିଲେ। ମାମଲା ଉପରେ ନଜର ରଖାଯାଇଛି ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି। ଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦୂତାବାସ ଜରୁରୀକାଳୀନ ନଂ ୦୫୫୫୭୧୦୦୪୧ ଜାରି କରିଛି।

## ଚଳନ୍ତା ବସ୍‌ରେ ନିଆଁ; ଜଳିଗଲେ ୯ ତୀର୍ଥଯାତ୍ରୀ



ନୂଆଦିଲ୍ଲୀ, ୧୮।୫(ଏଜେନ୍ସି)

ହରିୟାଣାର ନୁହରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଭୟାନକ ବସ ଦୁର୍ଘଟଣାରେ ୯ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହେବା ସହିତ ୨୫ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାର ସ୍ଥିତି ଏତେ ଭୟଙ୍କର ଥିଲା ଯେ, ମୁହୂର୍ତ୍ତକ ମଧ୍ୟରେ ବସ୍‌ରେ ନିଆଁ ଲାଗି ୯ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଏହି ବସରେ ପ୍ରାୟ ୬୦ ତୀର୍ଥ ଯାତ୍ରୀ ମଥୁରା, ବୃନ୍ଦାବନ ସମେତ ଉତ୍ତରପ୍ରଦେଶର ଅନ୍ୟ ତୀର୍ଥ କ୍ଷେତ୍ର ବୁଲି ପଞ୍ଜାବ ଫେରୁଥିବା ସମୟରେ ହରିୟଣାର କୁଣ୍ଡୁଲି-ମାନେସର-ପାଲୱାଲ ଏକ୍ସପ୍ରେସୱେରେ ବସ୍‌ଟି ଦୁର୍ଘଟଣାର ଶିକାର ହୋଇ ଜଳିଯାଇଥିଲା। ଦୁର୍ଘଟଣା ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ବସ୍‌ର ଅଧାରୁ ଅଧିକ ଭାଗ ପାଉଁଶ ହୋଇଯାଇଥିଲା। ଏହି ଘଟଣାରେ ମୃତକଙ୍କ ମଧ୍ୟରେ ୬ଜଣ ମହିଳା ଓ ୩ଜଣ ପୁରୁଷ ରହିଛନ୍ତି।



ଚିନ୍ନାସ୍ୱାମୀରେ ବିରାଟ କୀର୍ତ୍ତିମାନ

▶କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-322 • BHUBANESWAR • SUNDAY • 19 MAY 2024 • PAGE-20 • ₹ 6.00

• ବର୍ଷ-୪୧ • ସଂଖ୍ୟା-୩୨୨ • ଭୁବନେଶ୍ୱର • ରବିବାର • ୧୯ ମେ ୨୦୨୪ • ପୃଷ୍ଠା-୨୦ • ଟ.୬.୦୦ (ସିନ୍ଦୂରା ସହ)

### ବିରୋଧୀ ଓ 'ଟୁରିଷ୍ଟ ନେତା'ଙ୍କୁ ପାଣ୍ଡିଆନଙ୍କ ଶାଣିତ ଜବାବ

# ମୋତେ ଯେତେ ଗାଳିଦେବେ ବିଜେଡିର ଲାଭ

■ ଭୁବନେଶ୍ୱର, ୧୮ ।୫ (ସମିସ): ନିର୍ବାଚନ ପ୍ରଚାରରେ ଆସି ବିଭିନ୍ନ ପ୍ରସଙ୍ଗ ଆଳରେ ବିଜେଡି ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରି ବୟାନ ଦେଉଥିବା ବିଜେପିର 'ଟୁରିଷ୍ଟ ନେତା'ଙ୍କୁ ଶାଣିତ ଢଙ୍ଗରେ ଜବାବ ଦେଇଛନ୍ତି ବିଜେଡିର ବରିଷ୍ଠ ନେତା ତଥା ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। ଏକ ଓଡ଼ିଆ ବୈଦ୍ୟୁତିକ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି, ବିରୋଧୀ ମୋତେ ଟାର୍ଗେଟ କରି ଯେତେ କୁତ୍ସାରଟନା କରିବେ, ମିଛ କଥା କହିବେ, ବିଜେଡିର ସେତେ ଭଲ ହେବ। କାରଣ, ମୁଁ କାହା ପାଇଁ କାମ କରୁଛି, ଆଉ କେତେ ନିଷ୍ଠାର ସହ କାମ କରୁଛି, ତାହା ସାରା ଓଡ଼ିଶାବାସୀ ଜାଣିଛନ୍ତି। ତେଣୁ ବିରୋଧୀ ଦଳର ନେତାମାନେ ମୋ ନାମରେ ଯେତେ ମିଛ କଥା କହୁଛନ୍ତି, ରାଜ୍ୟବାସୀ ତାହାର ସବୁ ହିସାବକିତାବ କରୁଛନ୍ତି, ଆଉ ନିର୍ବାଚନରେ ସେମାନଙ୍କ ମିଛର ଉଚିତ୍ ଯବାବ ଦେବେ ବୋଲି ଦୃଢ଼ ବିଶ୍ୱାସ ରହିଛି। ଆସନ୍ତା ଜୁନ୍ ୪ ତାରିଖରେ ରାଜ୍ୟବାସୀ ବିରୋଧୀଙ୍କୁ ଦେଇଥିବା ଜବାବର ଫଳାଫଳ ସମସ୍ତେ ଦେଖିବେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ଶ୍ରୀ ପାଣ୍ଡିଆନ କହିଛନ୍ତି, ରାଜ୍ୟରେ ସରକାର ଗଢ଼ିବା ଉଦ୍ଦେଶ୍ୟରେ ବିଜେପିର ନେତାମାନେ ଲୋକଙ୍କୁ ନାନା ପ୍ରକାର ମିଛ କଥା କହି, ପ୍ରଲୋଭନ ଦେଖାଇ ଭାଷଣ ମାରୁଛନ୍ତି। ଅନ୍ୟ ରାଜ୍ୟର ବିଜେପି ମୁଖ୍ୟମନ୍ତ୍ରୀମାନେ ଧାଡ଼ିବାନ୍ଧି ପ୍ରଚାରରେ ଆସୁଛନ୍ତି ଏବଂ ଓଡ଼ିଶାକୁ ଏକ ନମ୍ବର ରାଜ୍ୟ କରିବାକୁ ବାହାଦୁରି ମାରୁଛନ୍ତି। ଯିଏ ଯେତେ ଯାହା କହିଲେ ବି ନିର୍ବାଚନ ଫଳାଫଳ ଉପରେ ତା'ର କୌଣସି ପ୍ରଭାବ ପଡ଼ିବ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି 'ଗେମ୍ ଚେଞ୍ଜର'। ତାଙ୍କ ଗୋଟି ଚାଳନା ଆଗରେ ବିରୋଧୀଙ୍କ ସବୁ ଯୋଜନା ଫେଲ୍ ମାରିଯିବ। ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କୁ ସେ ଭଲ ପାଆନ୍ତି ଏବଂ ସେମାନଙ୍କ କଲ୍ୟାଣ ପାଇଁ ସେ ଚବିଶ ଘଣ୍ଟା ପରିଶ୍ରମ କରୁଛନ୍ତି। କଥା କମ୍, କାମ ବେଶିରେ ବିଶ୍ୱାସ ରଖୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କ ଦାବି ଓ ଆବଶ୍ୟକତା ଅନୁସାରେ ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି। ସେଗୁଡ଼ିକୁ ନିର୍ଦ୍ଧାରିତ ସମୟରେ କାର୍ଯ୍ୟକାରୀ କରିବା ଉପରେ ମଧ୍ୟ ସେ ସର୍ବାଧିକ ଗୁରୁତ୍ୱ ଦେଇଥା'ନ୍ତି। ତେଣୁ ପ୍ରତିଥର ଭଳି ଏଥର ମଧ୍ୟ ରାଜ୍ୟବାସୀ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ଦେବେ ଏବଂ ତାଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବେ ବୋଲି ମୁଁ ଦୃଢ଼ ନିଶ୍ଚିତ ଅଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

**ମୁଖ୍ୟମନ୍ତ୍ରୀ ହେଉଛନ୍ତି ସବୁଠୁ ବଡ଼ ଗେମ୍ ଚେଞ୍ଜର**

**ଓଡ଼ିଶା ମୋର କର୍ମଭୂମି, ୨୬ ବର୍ଷ ହେଲା କାମ କରୁଛି**

**ମୋର ଗୁରୁ ହେଉଛନ୍ତି ନବୀନ ପଟ୍ଟନାୟକ**

**ଜୁନ୍ ୪ରେ ବିରୋଧୀଙ୍କୁ ଜବାବ ଦେବେ ରାଜ୍ୟବାସୀ**



ସାକ୍ଷାତକାର ଅବସରରେ ଶ୍ରୀ ପାଣ୍ଡିଆନ ଆହୁରି କହିଛନ୍ତି, ବିରୋଧୀ ଦଳର ନେତାମାନେ ନିଜର ଅପାରଗତା, ଦୁର୍ବଳତା ଲୁଚାଇବାକୁ ଯାଇ ଲୋକଙ୍କୁ ନାନା ପ୍ରକାର ମିଛ କଥା କହୁଛନ୍ତି। ପ୍ରକୃତ ସମସ୍ୟା ଉପରୁ ଲୋକଙ୍କ ନଜର ହଟାଇବାକୁ ସେମାନେ ଏପରି ହିନ ଉଦ୍ୟମ କରୁଛନ୍ତି। ନିର୍ବାଚନ ଜିତିବା ପାଇଁ ସେମାନଙ୍କ ପାଖରେ କୌଣସି ପ୍ରସଙ୍ଗ ନାହିଁ। ତେଣୁ ଓଡ଼ିଆ ଅସ୍ମିତାକୁ ଢାଲ କରି ବିଜେପିର ନେତାମାନେ ହାସ୍ୟାସ୍ପଦ କଥାମାନ କହୁଛନ୍ତି।

ଅନ୍ୟ ଏକ ପ୍ରଶ୍ନର ଉତ୍ତର ରଖି ଶ୍ରୀ ପାଣ୍ଡିଆନ କହିଛନ୍ତି, ଓଡ଼ିଶା ମୋର କର୍ମଭୂମି। ଏଠାରେ ମୁଁ ଦୀର୍ଘ ୨୬ ବର୍ଷ ହେଲା କାମ କରୁଛି। ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ମୋର ଭଗବାନ। କୌଣସି ଭବିଷ୍ୟତ ଯୋଜନା କି ଅଭିଳାଷ ନ ରଖି ମୁଁ କେବଳ ତାଙ୍କରି ଇଚ୍ଛା ଆଉ ନିର୍ଦ୍ଦେଶରେ ଅନୁସାରେ ହିଁ ସବୁକିଛି କାର୍ଯ୍ୟ କରୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ମୋର ଗୁରୁ। ତାଙ୍କ ମାର୍ଗଦର୍ଶନ ଆଉ ଆଦର୍ଶକୁ ପାଥେୟ କରି ମୁଁ ମୋର ବର୍ତ୍ତମାନ ସମୟକୁ ଲୋକଙ୍କ ସେବାରେ ନିୟୋଜିତ କରିଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ଶ୍ରୀ ପାଣ୍ଡିଆନ କହିଛନ୍ତି, ବାରମ୍ବାର ନିର୍ବାଚନରେ ପରାଜୟ ବରଣ କରି ରାଜ୍ୟ ବିଜେପିର ଆତ୍ମବିଶ୍ୱାସ ଓ ମନୋବଳ ଭାଙ୍ଗିଯାଇଛି। ଯେଉଁମାନେ ଦୀର୍ଘବର୍ଷ ଧରି କ୍ଷମତାରେ ରହିଥିଲେ ସେମାନେ କିଛି କରି ନଥିବାରୁ ଲୋକଙ୍କୁ ସାମ୍ନା କରି ପାରୁନାହାନ୍ତି। ତେଣୁ ନିର୍ବାଚନ ବୈତରଣୀ ପାରି ହେବା ପାଇଁ କେନ୍ଦ୍ରୀୟ ନେତୃତ୍ୱଙ୍କୁ ଆଣି ଲୋକଙ୍କ ଆଗରେ ମିଛ କଥା କୁହାଉଛନ୍ତି। ବିଜେପିଶାସିତ ଅନ୍ୟ ରାଜ୍ୟରେ ଡବଲ୍ ଇଞ୍ଜିନ ସରକାର ଫେଲ୍ ମାରିଥିବାବେଳେ ସେଠାକାର ମୁଖ୍ୟମନ୍ତ୍ରୀମାନେ ଓଡ଼ିଶାରେ ଟୁରିଷ୍ଟ ଭଳି ବୁଲୁଛନ୍ତି ଆଉ ଓଡ଼ିଶାକୁ ଏକ ନମ୍ବର କରିଦେବେ ବୋଲି କହୁଛନ୍ତି। ଓଡ଼ିଶା ପରେ ଅନ୍ୟ ରାଜ୍ୟକୁ ନିର୍ବାଚନ ପ୍ରଚାରରେ ଗଲେ, ସେ ରାଜ୍ୟକୁ ମଧ୍ୟ ଏକ ନମ୍ବର କରିଦେବେ ବୋଲି କହୁଛନ୍ତି। ତେଣୁ ନିର୍ଦ୍ଦିଷ୍ଟ ଭାବେ କେଉଁ ରାଜ୍ୟକୁ ଏକ ନମ୍ବର କରିବେ, ସେଥିରେ କୌଣସି ସ୍ୱଷ୍ଟତା ନାହିଁ। ଆସାମର ମୁଖ୍ୟମନ୍ତ୍ରୀ ଏଠାକୁ ଆସି ଓଡ଼ିଶାକୁ ଏକ ନମ୍ବର ରାଜ୍ୟ କରିଦେବେ ବୋଲି କହୁଛନ୍ତି। ସେପଟେ ନିଜ ରାଜ୍ୟର ଆର୍ଥିକ ଅବସ୍ଥା କହିଲେ ନ ସରେ। ଋଣଯନ୍ତାରେ ବୁଡ଼ିଥିବା ▶ପୃଷ୍ଠା-୧୩

### ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ

# ରାତି ପାହିଲେ ଭୋଟ୍

■ ଭୁବନେଶ୍ୱର, ୧୮ ।୫ (ସମିସ): ରାତି ପାହିଲେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୫ଟି ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୩୫ ବିଧାନସଭା ଆସନରେ ଭୋଟ ଗ୍ରହଣ ହେବ। ନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ଭାବେ ପରିଚାଳିତ କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ବିସ୍ତୃତ ସୂଚନା ଦେଇଛନ୍ତି।

ଶ୍ରୀ ଧଳଙ୍କ ସୂଚନା ଅନୁଯାୟୀ ଦେଶରେ ପଞ୍ଚମ ଏବଂ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୫ଗୋଟି ଲୋକସଭା କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୩୫ଟି ବିଧାନସଭା କ୍ଷେତ୍ର ପାଇଁ ଆସନ୍ତା ୨୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ମୋଟ ୭୯, ୬୯, ୮୮୭ ଜଣ ମତଦାତା ନିଜ ନିଜର ମତାଧିକାର ସାବ୍ୟସ୍ତ କରିବେ। ଏମାନଙ୍କ ମଧ୍ୟରେ ୪୦, ୩୩, ୯୯୨ଜଣ ପୁରୁଷ, ୩୯, ୩୫, ୦୪୪ ମହିଳା ଓ ୮୫୧ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ଏମାନଙ୍କ ମଧ୍ୟରେ ୨,୧୩,୧୨୯ଜଣ ୧୮-୧୯ବର୍ଷ ବୟସର ପ୍ରଥମଥର ମତଦାତା ଥିବା ବେଳେ ୨୦-୨୯ ବର୍ଷ ବୟସର ୧୬, ୯୮, ୫୧୬ ଜଣ ଯୁବ ମତଦାତା ରହିଛନ୍ତି। ସେହିପରି ସାମଗ୍ରିକ ଭାବେ ୫୫, ୮୮୨ ଜଣ ୮୫ ବର୍ଷରୁ ଊର୍ଦ୍ଧ୍ୱ ମତଦାତା, ୧୮୧୨ ଜଣ ୧୦୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ମତଦାତା ଏବଂ ୧, ୦୭, ୮୨୩ ଜଣ ଭିନ୍ନକ୍ଷମ ମତଦାତା ରହିଛନ୍ତି।



**୫ ଲୋକସଭା, ୩୫ ବିଧାନସଭା ଆସନ ପାଇଁ ମତାଧିକାର ସାବ୍ୟସ୍ତ କରିବେ ୭୯,୬୯,୮୮୭ ଭୋଟର୍**

**୯୧୬୨ ମତଦାନ କେନ୍ଦ୍ର ପ୍ରସ୍ତୁତ, ୬୦ହଜାରରୁ ଅଧିକ ପୋଲିଂ କର୍ମଚାରୀ ନିୟୋଜିତ**

**ସୁରକ୍ଷାକୁ ପ୍ରାଥମିକତା, ୧୬୮୯ ବୁଥରେ ୪ଟା ସୁଦ୍ଧା ସରିବ ମତଦାନ**

**ମତଦାନ ପାଇଁ ନିୟୋଜିତ ହେବେ ୧୦୨ କମ୍ପାନୀ ସିଏପିଏଫ୍**

ମତଦାନ ପାଇଁ ୯୧୪୮ଟି ମତଦାନ କେନ୍ଦ୍ର ଓ ୧୪ଟି ଅତିରିକ୍ତ ମତଦାନ କେନ୍ଦ୍ର ରହିଛି। ଅର୍ଥାତ୍ ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୯୧୬୨ ମତଦାନ କେନ୍ଦ୍ର ରହିଛି। ୯୧୪୮ ମତଦାନ କେନ୍ଦ୍ର ମଧ୍ୟରୁ ୧୦୯୦ଟି ସହରାଞ୍ଚଳ ଓ ୮୦୫୮ଟି ଗ୍ରାମାଞ୍ଚଳରେ ରହିଛି। ଏହା ମଧ୍ୟରେ ୧୦୪୧ଟି 'ସମ୍ପୂର୍ଣ୍ଣ ରୂପେ ମହିଳା କର୍ମଚାରୀ ପରିଚାଳିତ ମତଦାନ କେନ୍ଦ୍ର', ୨୫ଟି 'ସମ୍ପୂର୍ଣ୍ଣ ରୂପେ ଭିନ୍ନକ୍ଷମ କର୍ମଚାରୀ ପରିଚାଳିତ ମତଦାନ କେନ୍ଦ୍ର' ରହିଛି। ଏହି ପର୍ଯ୍ୟାୟରେ ମୋଟ ୧୫୪୧ଟି ଆଦର୍ଶ ମତଦାନ କେନ୍ଦ୍ର (ମଡେଲ୍ ବୁଥ୍) ରହିଥିବା ବେଳେ ନିର୍ବାଚନ ପରିଚାଳନା ପାଇଁ ପ୍ରାୟ ୬୦ ହଜାରରୁ ଅଧିକ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି ବୋଲି ଶ୍ରୀ ଧଳ ସୂଚନା ଦେଇଛନ୍ତି।

ଏହି ପର୍ଯ୍ୟାୟ ନିର୍ବାଚନରେ ଲୋକସଭା କ୍ଷେତ୍ର ପାଇଁ ମୋଟ ୧୧, ୬୧୧ଟି ବାଲାଟ୍ ୟୁନିଟ୍, ୧୧, ୬୧୧ଟି କଣ୍ଟ୍ରୋଲ ୟୁନିଟ୍ ଓ ୧୨, ୭୬୨ଟି ଭିଭିପାଟ ବ୍ୟବସ୍ଥା ହୋଇଛି। ସେହିପରି ବିଧାନସଭା କ୍ଷେତ୍ର ମତଦାନ ପାଇଁ ୧୧,୬୩୨ଟି ବାଲାଟ ୟୁନିଟ୍, ୧୧, ୬୩୨ଟି କଣ୍ଟ୍ରୋଲ ୟୁନିଟ୍ ଓ ୧୨୭୬୮ଟି ଭିଭିପାଟ୍ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ମତଦାନ ପ୍ରରିପେକ୍ଷୀରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ମୋଟ ମତଦାନ କେନ୍ଦ୍ର ▶ପୃଷ୍ଠା-୧୩








## ଭୁବନେଶ୍ୱର ଓ ପୁରୀ ଲୋକସଭା କ୍ଷେତ୍ରରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ମାରାଥନ ପ୍ରଚାର

### ବାରବାଟୀ-କଟକରେ କଡ଼ା ଟକ୍କର୍

# କାହା ଆଡ଼କୁ ଢଳିବ ସଂଖ୍ୟାଲଘୁ ଭୋଟ

**କଟକ,୧୮।୫(ସମିସ):** ରାଜ୍ୟର ଏକ ମର୍ଯ୍ୟାଦାଜନକ ବିଧାନସଭା ନିର୍ବାଚନମଣ୍ଡଳୀ ବାରବାଟୀ-କଟକ। ୨୦୦୯ ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ କଟକ ସହର ନିର୍ବାଚନମଣ୍ଡଳୀର କେତେକ ଅଂଶକୁ ନେଇ ଗଠନ ହୋଇଥିଲା ଏହି ବିଧାନସଭା କ୍ଷେତ୍ର। ଏଥର ଏଠାରେ ନିର୍ବାଚନ ମାହୋଲ ବେଶ୍ ସରଗରମ ହୋଇଥିବା ବେଳେ ତିନି ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ବିଜେପି ମଧ୍ୟରେ ଏକ ବଡ଼ ଲଢ଼େଇ ଦେଖିବାକୁ ମିଳିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।





କଂଗ୍ରେସ ପ୍ରାର୍ଥୀ ତଥା ବିଧାୟକ ଇଂ ମହମ୍ମଦ ମୋକିମଙ୍କ ଝିଅ ସୋଫିଆ ଫିରଦୋସ, ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା ଓ ବିଜେପି ପ୍ରାର୍ଥୀ ବିଶିଷ୍ଟ ପ୍ରସୂତି ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେଉଛି। ଭାଇଚାରାର ସହର କଟକରେ ସଂଖ୍ୟାଲଘୁ ମୁସଲମାନଙ୍କ ଭୋଟ ହାତେଇବା ପାଇଁ ଉଭୟ କଂଗ୍ରେସ ଓ ବିଜେଡି ବେଶୀ ଆଶାବାଦୀ ହୋଇଛନ୍ତି। ଗୋଟିପଟରେ କଂଗ୍ରେସ ପ୍ରାର୍ଥୀ ସଂଖ୍ୟାଲଘୁ ବର୍ଗର ହୋଇଥିବାରୁ ସେ ଏହି ଭୋଟ ବ୍ୟାଙ୍କ ଉପରେ ନଜର ରଖିଛନ୍ତି।

### ବିଜେଡି-କଂଗ୍ରେସ ଆଶାବାଦୀ

ଅନ୍ୟପଟରେ ବାରବାଟୀ-କଟକ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ବିଜେଡିର ବହୁ ଟାଣୁଆ ସଂଖ୍ୟାଲଘୁ ସଂଗଠକ ତଥା ନେତା ରହିଛନ୍ତି। ଏପରିକି ବାରବାଟୀ କଟକ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୮, ୧୯ ଓ ୩୩ନମ୍ବର ୱାର୍ଡରେ ବିଜେଡିର ସଂଖ୍ୟାଲଘୁ କର୍ପୋରେଟର ମଧ୍ୟ ରହିଛନ୍ତି। ସେହିପରି ବହୁ ମସଜିଦ ଓ ୱାକଫ ଅନୁଷ୍ଠାନକୁ ସରକାର ଆର୍ଥିକ ଅନୁଦାନ ଯୋଗାଇ ଦେଇଥିବାରୁ ଦଳ ଏଠାରେ ସେମାନଙ୍କ ଅଧିକ ସମର୍ଥନ ପାଇବା ନେଇ ଆଶା ରଖିଛି।

ବାରବାଟୀ-କଟକରେ ମୋଟ ୨ ଲକ୍ଷ ୩୮ ହଜାରରୁ ଅଧିକ ମତଦାତା ରହିଥିବା ବେଳେ ପ୍ରାୟ ୩୫ ପ୍ରତିଶତ (୪୯ ହଜାରରୁ ଅଧିକ) ସଂଖ୍ୟାଲଘୁ ଭୋଟ ରହିଥିବା ଜଣାପଡ଼ିଛି। ପୂର୍ବରୁ ଏହି ଭୋଟ ବ୍ୟାଙ୍କ କଂଗ୍ରେସ ଆଡ଼କୁ ଯାଉଥିଲା। ୨୦୦୯ ପରଠାରୁ ବିଜେଡି ସପକ୍ଷରେ ବି ଏହି ଭୋଟ ବହୁ ସଂଖ୍ୟାରେ ପଡ଼ିଆସିଛି। ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ତିନୋଟି ସାଧାରଣ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହୋଇଆସିଥିବା ବେଳେ ବିଜେପି ପଛରେ ପଡ଼ିଥିବା ଦେଖିବାକୁ ମିଳିଛି। ଏପରିକି ଏହି ଟ୍ରେଣ୍ଡ ଆସନ୍ତା ୨୦୨୪ ନିର୍ବାଚନରେ ଦେଖିବାକୁ ମିଳିବ ନା ତିନି ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୦୦୯ରେ ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ସୁରେଶ ମହାପାତ୍ରଙ୍କୁ ୨୫ ହଜାର ଭୋଟ ବ୍ୟବଧାନରେ ହରାଇଥିଲେ। ସେହି ସମୟରେ ବିଜେପି ପ୍ରାର୍ଥୀ ସମୀର ଦେ ତୃତୀୟ ସ୍ଥାନରେ ରହିଥିଲେ। ୨୦୧୪ରେ ବିଜେଡି ପ୍ରାର୍ଥୀ ଶ୍ରୀ ସାମନ୍ତରାୟ ପ୍ରାୟ ୧୪ହଜାର ଭୋଟ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀ ଇଂ ମହମ୍ମଦ ମୋକିମଙ୍କଠାରୁ ଜିତିଥିଲେ ଓ ବିଜେପି ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ ତୃତୀୟ ସ୍ଥାନରେ ରହିଥିଲେ। ସେହିପରି ଗତ ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଇଂ ମହମ୍ମଦ ମୋକିମ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କୁ ୩୮୦୦ରୁ ଅଧିକ ଭୋଟ ବ୍ୟବଧାନରେ ହରାଇଥିଲେ। ତେବେ ଏଥର ପ୍ରକାଶ, ସୋଫିଆ ଓ ପୂର୍ଣ୍ଣଙ୍କ ଲଢ଼େଇରେ ସଂଖ୍ୟାଲଘୁ ଭୋଟ୍ କେତେ ନିର୍ଣ୍ଣାୟକ ସାବ୍ୟସ୍ତ ହେଉଛି, ତାହା ଦେଖିବା ବାକି ରହିଲା।

### ବାଲେଶ୍ୱର ଓ ଭୋଗରାଇରେ କଂଗ୍ରେସର ନିର୍ବାଚନୀ ସଭା

# ଦେଶରେ ଗଣତନ୍ତ୍ରର ହତ୍ୟା କରୁଛି ବିଜେପି: ସଚିନ୍

## ୧୦ବର୍ଷର ବିଜେପି ସରକାରରେ ଲୋକେ ଅଣନିଃଶ୍ୱାସୀ

**ବାଲେଶ୍ୱର/ଭୋଗରାଇ,୧୮।୫ (ସମିସ):** କଂଗ୍ରେସ ଜାତୀୟସ୍ତରର ନେତା ତଥା ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ଆଜି ବାଲେଶ୍ୱର ଓ ଭୋଗରାଇରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ କେନ୍ଦ୍ର ବିଜେପି ସରକାର ଉପରେ ଭୀଷଣ ବର୍ଷିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ରର ବିଜେପି ସରକାର ଗଣତନ୍ତ୍ରର ହତ୍ୟା କରି ଚାଲିଛି। ଦେଶର ପବିତ୍ର ଗ୍ରନ୍ଥ ସମ୍ବିଧାନକୁ ଧ୍ୱଂସ କରିଛି। ଗଣତାନ୍ତ୍ରିକ ବ୍ୟବସ୍ଥାର ମୁଖ୍ୟ ବିରୋଧୀ ଦଳ ନେତାମାନଙ୍କ ବିରୋଧରେ ଇଡି ଓ ସିବିଆଇ ଭଳି କେନ୍ଦ୍ରୀୟ ସଂସ୍ଥା ଲଗାଇ ସେମାନଙ୍କୁ ମିଛ ମାମଲାରେ ଛନ୍ଦି ଜେଲ ପଠାଉଛି। ବିରୋଧୀ ଦଳଗୁଡ଼ିକୁ ଧ୍ୱଂସ କରିବା ପାଇଁ ରୀତିମତ ଭାବେ ଏକ ବଡ଼ ଷଡ଼ଯନ୍ତ୍ର ଚାଲିଛି। ଖାଲି ସେତିକି ନୁହେଁ, ପୁଳାପୁଳା ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି। ମିଛ ପ୍ରତିଶ୍ରୁତିର ପାହାଡ଼ ଉପରେ ବିଜେପି ଠିଆ ହୋଇଛି। କିନ୍ତୁ ତାହା ଏବେ ଗୋଟିଏ ବାରୁଦ ଗଦା ହୋଇଗଲାଣି। ଆଗାମୀ ନିର୍ବାଚନରେ ଲୋକେ ବିଜେପିକୁ ଠିକ୍ ବୁଦ୍ଧି ଶିଖାଇବେ ବୋଲି ଶ୍ରୀ ପାଇଲଟ୍ କହିଛନ୍ତି।



ବାଲେଶ୍ୱରସ୍ଥିତ ମିଶନ ପଡ଼ିଆଠାରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ଶ୍ରୀ ପାଇଲଟ କହିଥିଲେ ଯେ କେନ୍ଦ୍ରରେ ୧୦ ବର୍ଷର ବିଜେପି ସରକାର ଶାସନରେ ଲୋକେ ଅଣନିଃଶ୍ୱାସୀ ହୋଇପଡ଼ିଲେଣି। ସରକାରକୁ ଆସିବା ପାଇଁ ସେମାନେ ଦେଶବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ପୂରଣ କରିନାହାନ୍ତି। ଦରଦାମ ବୃଦ୍ଧି, ବେରୋଜଗାର, କଳାଧନ ଆଣିବା ଏବଂ ଭ୍ରଷ୍ଟାଚାର ମୁକ୍ତ କରିବା ପାଇଁ ଲୋକମାନଙ୍କୁ ବିଜେପି ଯେଉଁ ସୁନେଲି ସ୍ୱପ୍ନ ଦେଖାଇଥିଲା, ତାହା ପୂରଣ କରିବାରେ ବିଜେପି ସଂପୂର୍ଣ୍ଣ ଭାବେ ବିଫଳ ହୋଇଛି। ତେଣୁ ବିଜେପିର ମିଛ ପ୍ରଚାରକୁ ଲୋକେ ଭଲ ଭାବେ ବୁଝିସାରିଲେଣି। ଏଥର ଲୋକେ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି। ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ, କର୍ଣ୍ଣାଟକ, ପଞ୍ଜାବ, କେରଳ, ବିହାର, ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼; ସବୁଠି ଏହି ଗୋଟିଏ ସ୍ୱର ଉଠୁଛି। ସେ ଆହୁରି କହିଥିଲେ ଯେ ଚଳିତ ନିର୍ବାଚନରେ ବିଜେପିକୁ ଶାସନ କ୍ଷମତାରୁ ନିଶ୍ଚିତ ହଟିବାକୁ ହେବ। ଧର୍ମକୁ ଆୟୁଧ କରି ସମଗ୍ର ଦେଶରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରିବା ସହିତ ଏକଛତ୍ରବାଦ ରାଜନୀତିରେ ବିଶ୍ୱାସ ରଖିଥିବା ମୋଦି ସରକାରକୁ ହଟାଇବା ପାଇଁ ସଂକଳ୍ପ ନେବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

ସେ ଆହୁରି କହିଛନ୍ତି ଯେ କେବଳ ନିର୍ବାଚନ ସମୟରେ ହିଁ କେନ୍ଦ୍ର ସରକାରଙ୍କ ଓଡ଼ିଶା କଥା ମନେ ପଡ଼େ। ୫ ବର୍ଷ ପର୍ଯ୍ୟନ୍ତ ସେମାନେ ଓଡ଼ିଶା ପାଇଁ କିଛି କରିନାହାନ୍ତି। କିନ୍ତୁ ଏବେ ନିର୍ବାଚନ ସମୟରେ ବିଜେପିର କେନ୍ଦ୍ରୀୟ ନେତାମାନେ ଏଠାରେ ଡେରା ପକାଇ ଓଡ଼ିଶାବାସୀଙ୍କୁ ସୁନେଲି ସ୍ୱପ୍ନ ଦେଖାଉଛନ୍ତି। କିନ୍ତୁ ଓଡ଼ିଶା ଲୋକେ ସେମାନଙ୍କ ଚାଲାକିକୁ ଭଲ ଭାବେ ବୁଝିଛନ୍ତି।

କଂଗ୍ରେସ ଜିଲ୍ଲା ସଭାପତି ସଞ୍ଜୀବ ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନିର୍ବାଚନ ସଭାରେ ସାଂସଦ ପ୍ରାର୍ଥି ଶ୍ରୀକାନ୍ତ ଜେନା କହିଥିଲେ ଯେ ଦିଲ୍ଲୀରେ ବିଜେପିର ସୁଇଚ ଅଫ ହୋଇଗଲାଣି। ଆଜି ଯେଉଁ ସବୁ ଯୋଜନା କେନ୍ଦ୍ରରୁ କରାଯାଇଛି, ତାହା ସବୁ କଂଗ୍ରେସ ସରକାର ସମୟର। ବିଶେଷକରି ବାଲେଶ୍ୱର ପାଇଁ ତାଙ୍କ ସମୟରେ ଏମସ ଠାରୁ ଆରମ୍ଭ କରି ସିପେଟ, ମେଡିକାଲ କଲେଜ ପ୍ରତିଷ୍ଠା, ଟ୍ରମା ସେଂଟର ନିର୍ମାଣ ଆଦି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଛି। ଏଥର କଳାଟଙ୍କା ସହ ଲଢ଼େଇ ହେବ ବୋଲି କହିଛନ୍ତି। ଏହି ନିର୍ବାଚନୀ ସମାବେଶରେ ସଦର ବିଧାୟିକା ପ୍ରାର୍ଥୀ ମନୋଲିସା ସାମଲଙ୍କ ସମେତ ବିଭିନ୍ନ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥି ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକ ହେଲିପ୍ୟାଡ୍‌ଠାରେ ଅନୁଷ୍ଠିତ କଂଗ୍ରେସର ସଙ୍କଳ୍ପ ସମାବେଶରେ ଯୋଗଦେଇ ଶ୍ରୀ ପାଇଲଟ୍ ନେତା, କର୍ମୀ ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ସହ ଦଳୀୟ ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସ ଓ ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନାଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ।

### ସରିଲା ପ୍ରଚାର; ଦିନକ ପରେ ଭୋଟ

# ବୁଥ୍‌ମୁହାଁ ପୁଲିଂ ପାର୍ଟି, ବାହାରିଆ ନେତାଙ୍କ ଘରବାହୁଡ଼ା



**ଭୁବନେଶ୍ୱର, ୧୮।୫ (ସମିସ):** ରାଜ୍ୟରେ ଆସନ୍ତା ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବାକୁ ଯାଉଥିବା ବେଳେ ଶନିବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟକ୍ରମରେ ବିରାମ ଲାଗିଛି। ଶେଷ ଦିନରେ ନିଜ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ବିଭିନ୍ନ ଦଳର ହେଭିୱେଟ ଜୋର୍‌ଦାର ପ୍ରଚାର କରିଛନ୍ତି। ବିଭିନ୍ନ ଦଳର ଷ୍ଟାର କ୍ୟାମ୍ପେନରଙ୍କଠାରୁ ଆରମ୍ଭ କରି ଛାମୁଆ ନେତାଏ ରୋଡ୍-ଶୋ', ସାଧାରଣ ସଭା ତଥା ଡୋର୍ ଟୁ ଡୋର୍ ପ୍ରଚାର କରି ନିଜ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବାକୁ ଶେଷ ଅନୁରୋଧ କରିଛନ୍ତି। ସନ୍ଧ୍ୟା ୬ଟା ପରେ ବିଭିନ୍ନ ଦଳର ବାହାରିଆ ନେତାମାନେ ଅଞ୍ଚଳ ଛାଡୁଥିବା ବେଳେ ସ୍ଥାନୀୟ ପ୍ରଶାସନ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି।

ସୂଚନାଯୋଗ୍ୟ ଯେ ଏହି ଦ୍ୱିତୀୟ ପର୍ଯ୍ୟାୟରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, କନ୍ଧମାଳ ଓ ଆସ୍କା ଲୋକସଭା କ୍ଷେତ୍ର ଏବଂ ଏହା ଅଧିନରେ ଆସୁଥିବା ୩୫ ବିଧାନସଭା ଆସନ ପାଇଁ ମତଦାନ ହେବ। ଏହି ପର୍ଯ୍ୟାୟ ମତଦାନ ପାଇଁ ପୁଲିଂ ପାର୍ଟିଗୁଡ଼ିକ ବୁଥ୍‌ମୁହାଁ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପ୍ରାୟତଃ ଶେଷ ହୋଇଛି। ମତଦାନ ପ୍ରକ୍ରିୟାରେ ୭୦ହଜାରରୁ ଊର୍ଦ୍ଧ୍ୱ ପୋଲିଂ କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ଶନିବାରଠାରୁ ସେମାନେ ବୁଥ୍‌ମୁହାଁ ହୋଇଛନ୍ତି।

ରାଜ୍ୟମୁଖ୍ୟନିର୍ବାଚନଅଧିକାରୀଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ୩୫ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଆଜି ଅର୍ଥାତ୍ ଶନିବାର ୧୭ଟି ନିର୍ବାଚନମଣ୍ଡଳୀକୁ ପୁଲିଂ ପାର୍ଟି ଯାଇସାରିଛନ୍ତି। ସେହିପରି ରବିବାର ବଳକା ୧୮ଟି ନିର୍ବାଚନମଣ୍ଡଳୀକୁ ପୁଲିଂ ପାର୍ଟି ଗସ୍ତ କରିବେ। ଅପରପକ୍ଷେ ୫ଲୋକସଭା କ୍ଷେତ୍ର ପାଇଁ ମୋଟ ୪୦ଜଣ ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୩୪ଜଣ ପୁରୁଷ ଏବଂ ୬ଜଣ ମହିଳା ପ୍ରାର୍ଥୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ୩୫ଟି ବିଧାନସଭା ଆସନ ପାଇଁ ମୋଟ ୨୬୫ ଜଣ ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ୨୨୪ ଜଣ ପୁରୁଷ ଏବଂ ୪୧ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। ମତଦାନକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ଲକିଂ ଏବଂ ଚେକିଂ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଉଛି। ଏହି ଲୋକସଭା କ୍ଷେତ୍ର ସୀମାକୁ ଲାଗିଥିବା ଅଞ୍ଚଳରେ ତନଖି ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଥିବା ବେଳେ ପ୍ରତିଟି ଗାଡ଼ିର ଯାଞ୍ଚ କରାଯାଉଛି।




### ବୌଦ୍ଧ ବିଧାନସଭା କ୍ଷେତ୍ର

# ଦୁଇ ଅଭିଜ୍ଞଙ୍କ ସହ ନବାଗତ

**ବୌଦ୍ଧ,୧୮।୫(ସମିସ):** ରାତି ପାହିଲେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ। ଶନିବାର ପ୍ରାର୍ଥୀମାନଙ୍କ ପ୍ରଚାରର ଶେଷ ଦିନ ଥିଲା। ୨୦୦୦ ମସିହାରୁ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ଅକ୍ତିଆରରେ ଥିବା ତଥା ୨୦୦୪ରୁ ବିଜେଡି କବଜାରେ ଥିବା ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀରେ ଅଭିଜ୍ଞ ବନାମ ନବାଗତଙ୍କ ମଧ୍ୟରେ ଲଢେଇ ଦେଖିବାକୁ ମିଳିବ। ୨୦ ତାରିଖରେ ଅନୁଷ୍ଠିତ ହେଉଥିବା ମତଦାନରେ ବିଜେଡି, ବିଜେପି, କଂଗ୍ରେସ, ଇଣ୍ଡିଆନ ସିଟିଜେନ୍ ପାର୍ଟି ଏବଂ ୨ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୬ ଜଣ ପ୍ରାର୍ଥୀ ଏହି ବିଧାନସଭା କ୍ଷେତ୍ରରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପ୍ରତ୍ୟେକ ପ୍ରାର୍ଥୀ ସେମାନଙ୍କର ପ୍ରଚାର ଜୋରଦାର କରିଛନ୍ତି।





ଚଳିତ ନିର୍ବାଚନରେ ଏହି ଆସନରେ ବିଜେଡିରୁ ପ୍ରଦୀପ ଅମାତ, ବିଜେପିରୁ ସରୋଜ ପ୍ରଧାନ ଏବଂ କଂଗ୍ରେସରୁ ନବ ମିଶ୍ରଙ୍କ ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଉଭୟ ଅମାତ ଏବଂ ନବଙ୍କ ଅଭିଜ୍ଞତା ରହିଛି, ହେଲେ ବିଜେପିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସରୋଜ ସମ୍ପୂର୍ଣ୍ଣ ନବାଗତ। ୨୦୦୦ରୁ ଲଗାତାର ୫ଥର ଏହି ବିଧାନସଭା ଆସନରୁ ପ୍ରଦୀପ ଅମାତ ବିଜୟ ଲାଭ କରିଆସୁଛନ୍ତି। ଶ୍ରୀ ଅମାତ ୨୦୦୦ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଥଲେ। ୨୦୦୪ରୁ ୨୦୧୯ ପର୍ଯ୍ୟନ୍ତ ଲଗାତାର ବିଜେଡି ଟିକଟରେ ଲଢ଼ି ବିଜୟୀ ହୋଇଆସୁଛନ୍ତି। ୨୦୦୦ରେ ଶ୍ରୀ ଅମାତ ସ୍ୱାଧୀନ ପ୍ରାର୍ଥୀ ଭାବେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ସୁଜିତ ପାଢ଼ୀଙ୍କୁ ହରାଇ ପ୍ରଥମଥର ବିଧାୟକ ହୋଇଥିଲେ। ୨୦୦୪ରେ ବିଜେଡି ଟିକେଟରେ ପ୍ରଥମଥର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ସୁଜିତ ପାଢ଼ୀଙ୍କଠାରୁ ୧୧୦୩୬ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ୨୦୦୯ରେ ସ୍ୱାଧୀନ ପ୍ରାର୍ଥୀ ସୁଶାନ୍ତ ପ୍ରଧାନଙ୍କଠାରୁ ୨୮୨୦୭ ଭୋଟ ବ୍ୟବଧାନରେ ଜିତିଥିଲେ। ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ସୁଶାନ୍ତ ପ୍ରଧାନଙ୍କଠାରୁ ୧୧୧୪୮ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିଲେ। ୨୦୧୯ରେ ବିଜେପି ପ୍ରାର୍ଥୀ ସୁଶାନ୍ତ ପ୍ରଧାନଙ୍କଠାରୁ ୧୦୪୪୮ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ।

କଂଗ୍ରେସ ପ୍ରାର୍ଥୀ ନବ ମିଶ୍ର ୧୯୯୫ରେ କଂଗ୍ରେସ ଟିକଟରେ ପ୍ରତିଦ୍ୱନ୍ଦ୍ୱିତା କରି ଜନତା ଦଳ ପ୍ରାର୍ଥୀ ସଚ୍ଚିଦାନନ୍ଦ ଦଲାଲଙ୍କଠାରୁ ୨୪୯୧ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ସେହିପରି ୨୦୦୪ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ୬୬୯୬ ଖଣ୍ଡ ଭୋଟ ପାଇଥିଲେ।

ବୌଦ୍ଧ ନିର୍ବାଚନମଣ୍ଡଳୀ ସମଗ୍ର ହରଭଙ୍ଗା ବ୍ଲକ, ବୌଦ୍ଧ ଏନଏସି ଏବଂ ବୌଦ୍ଧ ବ୍ଲକର ୧୧ଟି ପଞ୍ଚାୟତକୁ ନେଇ ଗଠିତ। ନିର୍ବାଚନମଣ୍ଡଳୀର ପ୍ରାୟ ୭୦ ପ୍ରତିଶତ ଭୋଟର ହରଭଙ୍ଗା ବ୍ଲକରେ ଅଛନ୍ତି। ତେବେ ବିଜେପି ପ୍ରାର୍ଥୀ ସରୋଜ ପ୍ରଧାନ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ଅଛନ୍ତି। ତାଙ୍କ ପତ୍ନୀ ସ୍ନେହଲତା ପ୍ରଧାନ ବ୍ଲକ ଅଧ୍ୟକ୍ଷା ଅଛନ୍ତି। ସେହିପରି ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଇତିମଧ୍ୟରେ ବିଜେପିରେ ଯୋଗ ଦେଇଛନ୍ତି। ତେବେ ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷ ପଦ ବିଜେଡି ଅକ୍ତିଆରରେ ରହିଛି। ସେହିପରି ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ସଭାପତି ନବ ମିଶ୍ର କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ବେଳେ ସେ ଜଣେ କୁଶଳୀ ସଙ୍ଗଠକ ଭାବେ ଜଣାଶୁଣା। ଇତିମଧ୍ୟରେ ଚଳିତ ମାସ ୫ ତାରିଖରେ ବିଜେଡି ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ବୌଦ୍ଧ ନିର୍ବାଚନମଣ୍ଡଳୀର ପୁରୁଣାକଟକରେ ନିର୍ବାଚନୀ ସଭାରେ ଯୋଗଦେଇ ବିଜେଡି ନେତା, କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ପ୍ରଚାରର ଶେଷ ଦିବସ ସରିଯାଇଥିଲେ ମଧ୍ୟ ବିଜେପି କିମ୍ବା କଂଗ୍ରେସ ତରଫରୁ ଏଯାବତ ଏହି ନିର୍ବାଚନମଣ୍ଡଳୀକୁ କୌଣସି ଷ୍ଟାର ପ୍ରଚାରକ ଆସିନାହାନ୍ତି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-322 ♦BHUBANESWAR ♦SUNDAY ♦19 MAY 2024 ♦PAGE-20 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୩୨୨ ♦ଭୁବନେଶ୍ୱର ♦ରବିବାର ♦୧୯ ମେ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)

## ବିଜେଡି ନେତାଙ୍କୁ ନୂଆ ନିଯୁକ୍ତି

**ଭୁବନେଶ୍ୱର, ୧୮ ।୫(ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ସତ୍ୟ ଜେନା ବିଜେଡି ରାଜ୍ୟ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। କୁଚିଣ୍ଡା ବିଧାନସଭା କ୍ଷେତ୍ର ପାଇଁ ଜୟନ୍ତ ଦୀକ୍ଷିତ ବିଜେଡିର ନିର୍ବାଚନ ସଂଯୋଜକ ଭାବେ କାର୍ଯ୍ୟ କରିବେ। ସେହିପରି ପରୀକ୍ଷିତ ମିଶ୍ର ଏବଂ ଉଦୟଜ୍ୟୋତି ମହାନ୍ତିଙ୍କୁ ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଛି। ଅବିନାଶ ମଲ୍ଲିକ ଯୁବ ବିଜେଡି ରାଜ୍ୟ ସମ୍ପାଦକ ଏବଂ ବିଭୁଦତ୍ତ ପରିଡ଼ା ଛାତ୍ର ବିଜେଡି ରାଜ୍ୟ ସମ୍ପାଦକ ଦାୟିତ୍ୱ ପାଇଛନ୍ତି। ଅପରପକ୍ଷେ ସମିନ୍ ଉଦୀନ ଖାନ୍ ଖୋର୍ଦ୍ଧା ଜିଲ୍ଲା ଯୁବ ବିଜେଡି ଉପସଭାପତି ନିଯୁକ୍ତ ହୋଇଛନ୍ତି।

■ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୧୨୬ କୋଟିପତି ପ୍ରାର୍ଥୀ

# ସନାତନ ସବୁଠୁ ଧନୀ, କୈଳାଶଙ୍କ ପାଖରେ ହଜାରେ ଟଙ୍କାର ସଂପତ୍ତି

**ଭୁବନେଶ୍ୱର, ୧୮ ।୫ (ସମିସ):** ଆସନ୍ତା ୨୫ ତାରିଖରେ ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୪୨ଟି ବିଧାନସଭା ଆସନ ପାଇଁ ମଇଦାନରେ ମୋଟ ୩୮୩ଜଣ ବିଧାୟକ ପ୍ରାର୍ଥୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩୮୧ଜଣ ବିଧାୟକ ପ୍ରାର୍ଥୀଙ୍କ ସତ୍ୟପାଠ ବିଶ୍ଳେଷଣ କରିଛି ଏଡିଆର୍ ଏବଂ ଓଡ଼ିଶା ଇଲେକ୍ସନ ୱାଚ୍।

ଏଡିଆର୍ ରିପୋର୍ଟ

ରହିଛନ୍ତି। ତାଙ୍କ ନିକଟରେ ୧୨୨ କୋଟି ୮୬ ଲକ୍ଷ ଟଙ୍କା ସମ୍ପତ୍ତି ରହିଛି। ସେହିପରି ୧୨୦ କୋଟି ୫୬ ଲକ୍ଷ ଟଙ୍କା ସମ୍ପତ୍ତି ସହ ତୃତୀୟ ସ୍ଥାନରେ ଅଛନ୍ତି ନୟାଗଡ଼ ବିଜେପି ବିଧାୟକ ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ। ଅପରପକ୍ଷେ ବଡ଼ମ୍ବା ଆସନରେ ସମୃଦ୍ଧ ଓଡ଼ିଶା ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା କୈଳାଶ ଚନ୍ଦ୍ର ନାୟକଙ୍କ ସମ୍ପତ୍ତିର ମୂଲ୍ୟ ମାତ୍ର ୧୦୦୦ ଟଙ୍କା ବୋଲି ଜଣାପଡ଼ିଛି।

■ ୨୨୭ କୋଟିର ସମ୍ପତ୍ତି ସହ ସନାତନ ମହାକୁଡ଼ ସବୁଠୁ ଧନୀ
■ ୧୦୦ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା
■ ତାଲିକାରେ ବିଜେପିର ସର୍ବାଧିକ ୨୬ ପ୍ରାର୍ଥୀ

ଏଡିଆର୍ ରିପୋର୍ଟ ଅନୁଯାୟୀ, ଏହି ୩୮୧ ପ୍ରାର୍ଥୀଙ୍କ ମଧ୍ୟରୁ ମୋଟ ୧୨୬ ଜଣ ଅର୍ଥାତ୍ ୩୩ ପ୍ରତିଶତ ପ୍ରାର୍ଥୀ କୋଟିପତି। ଚମ୍ପୁଆ ବିଧାନସଭା ଆସନରୁ ବିଜେଡି ଟିକଟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସନାତନ ମହାକୁଡ଼ ସବୁଠାରୁ ଧନୀ ପ୍ରାର୍ଥୀ ହୋଇଥିବା ବେଳେ ସମୃଦ୍ଧ ଓଡ଼ିଶା ଦଳରୁ ବଡ଼ମ୍ବା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କୈଳାଶ ଚନ୍ଦ୍ର ନାୟକ ସବୁଠାରୁ ଗରିବ ପ୍ରାର୍ଥୀ ଭାବେ ବିବେଚିତ ହୋଇଛନ୍ତି। ସନାତନଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୨୨୭ କୋଟି ୬୭ଲକ୍ଷ ଟଙ୍କା। ଧନୀ ପ୍ରାର୍ଥୀ ତାଲିକାରେ ଦ୍ୱିତୀୟରେ ଘସିପୁରାରୁ ସ୍ୱାଧୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକ

ସେହିପରି ୩୮୧ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ୧୦୦ ଜଣ ଅର୍ଥାତ୍ ୨୬ ପ୍ରତିଶତ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ଥିବା ଏଡିଆର୍ ବିଶ୍ଳେଷଣରୁ ଜଣାପଡ଼ିଛି। ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରେ ବିଜେପିର ସର୍ବାଧିକ ୨୬ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ଥିବା ବେଳେ ବିଜେପି ଓ କଂଗ୍ରେସର ୧୫ ଜଣ ଲେଖାଏଁ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ରହିଛି। ସେହିପରି ୮୬ ଜଣଙ୍କ ନାମରେ ଗୁରୁତର ଅପରାଧିକ ମାମଲା ରହିଛି। ୪ ଜଣଙ୍କ ନାମରେ ହତ୍ୟା ମାମଲା ରହିଥିବା ବେଳେ ୨୬ଜଣଙ୍କ ନାମରେ ହତ୍ୟା ଉଦ୍ୟମ ମାମଲା ରହିଛି।

# ଓଡ଼ିଶା ବିଜେପିକୁ 'ମାଗଣା ବିଜୁଳି'ର ଝଟ୍‌କା ଜୋର୍‌ରେ ଲାଗିଛି: ବିଜେଡି

**ଭୁବନେଶ୍ୱର, ୧୮ ।୫ (ସମିସ):** ବିଜେପି ନେତାମାନେ ମିଛ କହୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ଏପଟେ ବିଜେପିର ପୁଳାପୁଳା ମିଛକୁ ପ୍ରାମାଣିକ ସତ୍ୟ ଏବଂ ତଥ୍ୟ ଜରିଆରେ ବିଜେଡିର ମୁଖପାତ୍ର ଏବଂ ନେତାମାନେ ସାମ୍ବାଦିକ ସମ୍ମିଳନୀ କରି ପ୍ରତିଦିନ ଲୋକଲୋଚନକୁ ଆଣୁଛନ୍ତି। ନିର୍ବାଚନରେ ଆସନ୍ନ ପରାଜୟକୁ ଅନୁଭବ କରି ବିଜେପି ପକ୍ଷରୁ ପ୍ରତିଦିନ ନୂଆନୂଆ ଏବଂ ସମ୍ପୂର୍ଣ୍ଣ କପୋଳକଳ୍ପିତ କାହାଣୀ ଓଡ଼ିଶାବାସୀଙ୍କ ଆଗରେ ଉପସ୍ଥାପିତ କରାଯାଉଛି। ବିଶେଷକରି ବିଜୁଳି ପ୍ରସଙ୍ଗରେ ବିଜେପିର ଶୀର୍ଷ ନେତୃତ୍ୱ ଉଦ୍ଦେଶ୍ୟମୂଳକ ଭାବେ ମିଥ୍ୟା ତଥ୍ୟ ପରିବେଷଣ କରି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇ ଭୋଟ ହାତେଇବାକୁ ପ୍ରୟାସ କରୁଛନ୍ତି। ଏନେଇ ସବିଶେଷ ତଥ୍ୟ ପ୍ରମାଣ ଉପସ୍ଥାପନ କରି ବିଜେପିର ବିଜୁଳି ମିଛକୁ ଜନତାଙ୍କ ଆଗରେ ଉଜାଗର କରିଛି ବିଜେଡି।

ଆଜି ଶଙ୍ଖ ଭବନଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଜାତୀୟ ମୁଖପାତ୍ର ଡ. ଅମର ପଟ୍ଟନାୟକ ବିଜେପି ଶୀର୍ଷ ନେତୃତ୍ୱଙ୍କ ଦ୍ୱାରା ଓଡ଼ିଶାରୁ ତାମିଲନାଡୁକୁ ଶସ୍ତାରେ ବିଜୁଳି ଯୋଗାଣର ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଡ. ପଟ୍ଟନାୟକଙ୍କ ଅନୁଯାୟୀ ଭାରତ ସରକାରଙ୍କ ନିୟମ ଅନୁଯାୟୀ ରାଜ୍ୟରେ ଉତ୍ପାଦିତ ହେଉଥିବା ବିଜୁଳି ମଧ୍ୟରୁ ବଳକା ବିଜୁଳି ଜାତୀୟ ଗ୍ରୀଡକୁ ପ୍ରଦାନ କରାଯାଇଥାଏ। ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ରେଗୁଲେଟୋରି କମିସନ (ସିଇଆରସି) ଏହାକୁ ବିଭିନ୍ନ ବିଦ୍ୟୁତ ନିଅଣ୍ଟ ରାଜ୍ୟକୁ ସେମାନଙ୍କ ଚାହିଦା ଅନୁଯାୟୀ ପ୍ରଦାନ କରିଥାଏ। ଓଡ଼ିଶାରେ ଏନଟିପିସି ମାଧ୍ୟମରେ ପ୍ରାୟ ୪୬୦୦ ୟୁନିଟ ବିଜୁଳି ଉତ୍ପାଦନ ହେଉଥିବା ବେଳେ ଓଡ଼ିଶାକୁ ମାତ୍ର ୧୩୫୮ ୟୁନିଟ ବିଜୁଳି ମିଳିଥାଏ ଓ ବଳକା ବିଜୁଳି ସିଇଆରସି ମାଧ୍ୟମରେ ଅନ୍ୟ ରାଜ୍ୟମାନଙ୍କୁ ପ୍ରଦାନ କରାଯାଇଥାଏ। ଏହି କ୍ରମରେ ବର୍ତ୍ତମାନ ବିହାରକୁ ୭୨୯ ୟୁନିଟ, ତାମିଲନାଡୁକୁ ୫୦୦ୟୁନିଟ, ପଶ୍ଚିମବଙ୍ଗକୁ ୩୭୦ ୟୁନିଟ, ଝାଡ଼ଖଣ୍ଡକୁ ୨୧୮ ୟୁନିଟ,

■ ବିଜୁଳିକୁ ନେଇ ବିଜେପି ନେତୃତ୍ୱ ଉଦ୍ଦେଶ୍ୟମୂଳକ ଭାବେ ମିଛ ତଥ୍ୟ ପରିବେଷଣ କରୁଛନ୍ତି
■ ଓଡ଼ିଶାବାସୀଙ୍କୁ ଭୁଆଁ ବୁଲେଇ କିଛି ଭୋଟ ହାତେଇବା ଲକ୍ଷ୍ୟ
■ ଓଡ଼ିଶାର ସମସ୍ତବର୍ଗର ବିଜୁଳି ଦର ବିଜେପି ଶାସିତ ରାଜ୍ୟର ବିଜୁଳି ଦର ଠାରୁ କମ୍
■ ତାମିଲନାଡୁ ଏବଂ ଅନ୍ୟ ରାଜ୍ୟକୁ ଶସ୍ତାରେ ବିଜୁଳି ଯୋଗାଣ ନିଷ୍ପତ୍ତି କେନ୍ଦ୍ରର
■ କେଉଁ ରାଜ୍ୟକୁ କେତେ ବିଜୁଳି ଦିଆଯିବ ଓ ଏହାର ୟୁନିଟ ପିଛା ମୂଲ୍ୟ ନିର୍ଦ୍ଧାରଣ କରେ ସିଇଆର୍‌ସି

କେରଳକୁ ୪୩୦ ୟୁନିଟ ପ୍ରଦାନ କରାଯାଉଛି। କେଉଁ ରାଜ୍ୟକୁ କେତେ ବିଜୁଳି ଦିଆଯିବ ଓ ଏହାର ୟୁନିଟ ପିଛା ମୂଲ୍ୟ କେତେ ରହିବ; ତାହା ସିଇଆରସି ଦ୍ୱାରା ନିର୍ଦ୍ଧାରଣ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ବିଜେପିର ଶୀର୍ଷ ନେତୃତ୍ୱଙ୍କ କରାଯାଇଥିବା ଅଭିଯୋଗ ଯଥା ଓଡ଼ିଶା ଦ୍ୱାରା ତାମିଲନାଡୁକୁ ଶସ୍ତା ଦରରେ ବିଜୁଳି ଯୋଗାଣ କେବଳ ମିଥ୍ୟା ଓ କପୋଳକଳ୍ପିତ ନୁହେଁ, ବରଂ ମନ୍ଦଉଦ୍ଦେଶ୍ୟ ପ୍ରଣୋଦିତ। ଜାଣିଶୁଣି ନିର୍ବାଚନୀ ସଭାରେ ଏପରି ମିଥ୍ୟା ତଥ୍ୟ ପ୍ରଦାନ କରି କିଛି ଭୋଟ ହାତେଇବା ସେମାନଙ୍କର ଉଦ୍ଦେଶ୍ୟ ବୋଲି ଡ. ପଟ୍ଟନାୟକ କହିଛନ୍ତି।

ଡ. ପଟ୍ଟନାୟକ ଆହୁରି କହିଛନ୍ତି ଯେ ଓଡ଼ିଶା ଦ୍ୱାରା ଗତ ଦୁଇବର୍ଷ ମଧ୍ୟରେ ଓଡ଼ିଶାରେ ଉତ୍ପାଦିତ ହେଉଥିବା ବିଜୁଳି ମଧ୍ୟରୁ ଓଡ଼ିଶାକୁ ମିଳୁଥିବା ୧୩୫୮ ୟୁନିଟକୁ ବୃଦ୍ଧି କରିବାକୁ ଅନୁନ୍ୟ ଦୁଇଥର କେନ୍ଦ୍ର ଶକ୍ତି ମନ୍ତ୍ରାଳୟକୁ



ଚିଠି ଲେଖାଯାଇଛି। ମାତ୍ର କେନ୍ଦ୍ର ଏହାକୁ ଅଣଦେଖା କରିଆସିଛି। ଓଡ଼ିଶାରେ ଉତ୍ପାଦିତ ହେଉଥିବା ବିଜୁଳି ଦ୍ୱାରା ଓ ଏଥିରେ ବ୍ୟବହାର ହେଉଥିବା କୋଇଲା ଉତ୍ପାଦନ ସମୟରେ ଓଡ଼ିଶାର ପରିବେଶ ପ୍ରଦୂଷିତ ହେଉଥିବାରୁ ଉତ୍ପାଦିତ ହେଉଥିବା ବିଜୁଳି ଉପରେ ଓଡ଼ିଶାର ଅଧିକାର ରହିଛି ବୋଲି କେନ୍ଦ୍ରକୁ ଦିଆଯାଇଥିବା ଚିଠିରେ ଓଡ଼ିଶା ଉଲ୍ଲେଖ କରିଆସିଛି। ଅପରପକ୍ଷରେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ଦ୍ୱାରା ଓଡ଼ିଶାରେ ବିଜୁଳି ଦର ଅନ୍ୟ ରାଜ୍ୟ ତୁଳନାରେ ଅଧିକ ବୋଲି କରାଯାଉଥିବା ଦାବିକୁ ମଧ୍ୟ ଡ. ପଟ୍ଟନାୟକ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଏନେଇ ସେ ବିଭିନ୍ନ ରାଜ୍ୟର ବିଜୁଳି ଦରର ତଥ୍ୟ ପ୍ରଦାନ କରି ଓଡ଼ିଶାର ବିଜୁଳି ଦର ସର୍ବନିମ୍ନ ବୋଲି ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ।

ଡ. ପଟ୍ଟନାୟକଙ୍କ ଅନୁଯାୟୀ ଓଡ଼ିଶାରେ ଘରୋଇ ବିଜୁଳି ଖାଉଟିମାନଙ୍କ ପାଇଁ ୩ କିଲୋୱାଟ ୧୦୦ ୟୁନିଟ ବିଜୁଳି ବାବଦରେ ଦର ୟୁନିଟ ପିଛା ୪ ଟଙ୍କା ୬୨ ପଇସା ହୋଇଥିବା ବେଳେ ଉତ୍ତରପ୍ରଦେଶରେ ଏହା ୯ ଟଙ୍କା ୮୦ ପଇସା ଓ ଗୁଜରାଟରେ ଏହା ୬ ଟଙ୍କା ୧୭ ପଇସା ରହିଛି। ସେହିପରି ଶିଳ୍ପ ପାଇଁ ବ୍ୟବହାର ହେଉଥିବା ବିଜୁଳି ଦର କ୍ଷେତ୍ରରେ ଓଡ଼ିଶାରେ ପ୍ରଚଳିତ ହେଉଥିବା ଦର ମଧ୍ୟ ସର୍ବନିମ୍ନ ରହିଛି। କ୍ଷୁଦ୍ରଶିଳ୍ପଗୁଡ଼ିକୁ ଓଡ଼ିଶାରେ ପ୍ରତି ୟୁନିଟ ଦର ୬ ଟଙ୍କା ୪୭ ପଇସା ହୋଇଥିବା ବେଳେ ଉତ୍ତରପ୍ରଦେଶରେ ଏହା ୯ ଟଙ୍କା ୩୯ ପଇସା ଓ ଗୁଜୁରାଟରେ ୭ ଟଙ୍କା ୭୮ ପଇସା ରହିଛି। ବୃହତ୍ ଶିଳ୍ପଙ୍କ ପାଇଁ ଓଡ଼ିଶାରେ ବିଜୁଳି ପ୍ରତି ୟୁନିଟ ୬ ଟଙ୍କା ୬୨ ପଇସାରେ ମିଳୁଥିବା ବେଳେ ଏହା ଉତ୍ତରପ୍ରଦେଶରେ ୭ଟଙ୍କା ୯୨ ପଇସା ଓ ଗୁଜରାଟରେ ୭ ଟଙ୍କା ୬୬ ପଇସାରେ ମିଳୁଛି। ଓଡ଼ିଶା ସରକାରଙ୍କ ଉତ୍ତମ ଶିଳ୍ପ ନୀତି ଓ ସୁଲଭ ମୂଲ୍ୟରେ ବିଜୁଳି ଉପଲବ୍ଧ ହେଉଥିବାରୁ ଦେଶ ବିଦେଶରୁ ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନ ମାନେ ଓଡ଼ିଶାର ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଡ. ପଟ୍ଟନାୟକ କହିଛନ୍ତି। ଅତଏବ୍ ଉଭୟ ଦୁଇଟି କ୍ଷେତ୍ରରେ ବିଜେପି ଆଣୁଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ପ୍ରମାଣିତ ହେଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସାଂସଦ ଡ. ସସ୍ମିତ ପାତ୍ର ଉପସ୍ଥିତ ଥିଲେ।

■ ଖଲ୍ଲିକୋଟରେ ବିଜେଡିର ସାମ୍ବାଦିକ ସମ୍ମିଳନୀ

# 'ଦିଲ୍ଲୀପ ହତ୍ୟା ଘଟଣାରେ ଦଳର କୌଣସି ସମ୍ପୃକ୍ତି ନାହିଁ'



**ଖଲ୍ଲିକୋଟ,୧୮ ।୫(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ଗତ ବୁଧବାର ରାତିରେ ଘଟିଥିବା ଦିଲ୍ଲୀପ ପାହାନ ହତ୍ୟା ଘଟଣା ସହ ବିଜେଡିର କୌଣସି ସମ୍ପୃକ୍ତି ନାହିଁ। ତେଣୁ ଏହି ସ୍ୱର୍ଶକାତର ଘଟଣାକୁ ଅଯଥାରେ ରାଜନୈତିକ ରୂପ ଦିଆନଯାଉ। ପୋଷ୍ଟର୍ ମାରିବାକୁ ନେଇ ହତ୍ୟାକାଣ୍ଡ ହୋଇନାହିଁ, ବରଂ ଏହା ସେମାନଙ୍କର ବ୍ୟକ୍ତିଗତ ଶତ୍ରୁତାରୁ ହୋଇଛି ବୋଲି ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ବ୍ଲକର ବିଜେଡି ପର୍ଯ୍ୟବେକ୍ଷକ ଶଶିଭୂଷଣ ମହାନ୍ତି କହିଛନ୍ତି।

ଦଳ ପକ୍ଷରୁ କୁହାଯାଇଛି, ଯେଉଁ ପରିବାରରେ ଏହି ଦୁଃଖଦ ଘଟଣା ଘଟିଛି, ସେହି ପରିବାର ବିଗତ ୫୦ ବର୍ଷ ଧରି ଖଲ୍ଲିକୋଟ ରାଣୀମା ଓ ବିଜେଡି ସହ ସମ୍ପର୍କରେ ଥିଲେ। ସ୍ୱର୍ଗତ ଖଲ୍ଲିକୋଟ ରାଣୀ ଦୀର୍ଘ ୪୦ବର୍ଷ ଧରି ଏଠାରେ ବିଧାୟକ ଭାବେ କାର୍ଯ୍ୟ କରିଛନ୍ତି। ସେ କେବେ ହେଲେ ଏଭଳି ହିଂସାରେ ବିଶ୍ୱାସ କରନ୍ତି ନାହିଁ। ବିଜେଡି ବିଧାୟିକା ପ୍ରାର୍ଥିନୀ ସୂର୍ଯ୍ୟମଣି ବୈଦ୍ୟଙ୍କ ସ୍ୱାମୀ ଦୈତାରୀ ବେହେରା ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ପ୍ରଭୁ ଜଗନ୍ନାଥ ଧୈର୍ଯ୍ୟ ଦିଅନ୍ତୁ ବୋଲି କହିଥିଲେ। ଏହାସହ ଏହି ଘଟଣା ସହିତ ତାଙ୍କର କୌଣସି ସମ୍ପର୍କ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ, ରାଣୀଙ୍କ ପୁତୁରା ଡାକ୍ତର ସାକେତ ଓ ବିଜେଡିକୁ ସଂଶ୍ଳିଷ୍ଟ କରି ବଦନାମ କରାଯାଉଛି ବୋଲି ସେ କହିଛନ୍ତି। ପୁଲିସ ଓ ପ୍ରଶାସନ ତରଫରୁ ଚାଲିଥିବା ତଦନ୍ତ ପ୍ରକ୍ରିୟା ଏବଂ ମୃତକଙ୍କ ପରିବାରକୁ ମଧ୍ୟ ସହଯୋଗ କରିବେ ବୋଲି କହିଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ପର୍ଯ୍ୟବେକ୍ଷକ ଶଶିଭୂଷଣ ମହାନ୍ତିଙ୍କ ସହ ବିଜେଡି ନେତା ଦୈତାରୀ ବେହେରା, ବିଜେଡି ରାଜ୍ୟ ସମ୍ପାଦକ ନାରାୟଣ ପାଢ଼ୀ, ଆଡ଼ା ଅଧ୍ୟକ୍ଷ ବିମ୍ବାଧର ତ୍ରିପାଠୀ, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ରାମ ମୋହନ ପଣ୍ଡା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ରତ୍ନାକର ସାହୁ ଓ ବିଜେଡି ନେତା ଶ୍ରୀନିବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଫେଲ ମାରିଲା ବିଜେପି ହେଭିୱେଟ୍ ନେତାଙ୍କ ପ୍ରଚାର

# ଦେଢ଼ଶହ ଲୋକ; ୨୦ ମିନିଟ୍‌ର ସଭା





**କେନ୍ଦ୍ରାପଡ଼ା, ୧୮।୫ (ସମିସ):** ଫେଲ ମାରିଲା ବିଜେପିର ହେଭିୱେଟ ନେତାଙ୍କ ପ୍ରଚାର। କେନ୍ଦ୍ରାପଡ଼ାରେ ବିଜେପି ସାଂସଦ ଓ ବିଧାୟକ ପ୍ରାର୍ଥୀମାନଙ୍କୁ ଆଗାମୀ ନିର୍ବାଚନରେ ବିଜୟ କରାଇବା ପାଇଁ ବିଜେପିର ହେଭିୱେଟ ନେତାମାନେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଶନିବାର ଅପରାହ୍ଣରେ ସ୍ଥାନୀୟ ବଉଳ ବିହାର ସନ୍ନିକଟ ପଡ଼ିଆରେ ଏକ ଜନସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବାଲେଶ୍ୱର ସାଂସଦ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ମିଳିତ ଭାବେ ଯୋଗ ଦେଇଥିଲେ। କିନ୍ତୁ ଏହି ସବୁ ତୁଙ୍ଗନେତା ଭାଷଣ ଦେବା ପୂର୍ବରୁ ପାଣିପାଗ ହଠାତ୍ ବିଗିଡ଼ିଗଲା। କଳା ହାଣ୍ଡିଆ ମେଘ ଘୋଟି ଆସି ବର୍ଷା କାଟିଲା। ବର୍ଷା କମିବା ପରେ ତୁଙ୍ଗନେତାମାନେ ଷ୍ଟେଜ ଉପରକୁ ଯାଇଥିଲେ। ହେଲେ କର୍ମୀଙ୍କ ଦେଖା ମିଳିନଥିଲା। ଶହଶହ ଚେୟାର୍ ପଡ଼ିଥିଲେ ହେଁ ମାତ୍ର ଦେଢ଼ ଶହ କର୍ମୀ ଉପସ୍ଥିତ ଥିଲେ। ଫଳରେ ମାତ୍ର ୨୦ ମିନିଟ ଭାଷଣ ଦେଇ ତୁଙ୍ଗନେତାମାନେ ଫେରିବାକୁ ବାଧ୍ୟ ହୋଇଥିଲେ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ଉପସଭାପତି ଉପିନ୍ କୁମାର ରାଉତ ମଞ୍ଚ ପରିଚାଳନା କରିଥିଲେ ଓ କେନ୍ଦ୍ରାପଡ଼ା ବିଧାୟକ ପ୍ରାର୍ଥିନୀ ଗୀତାଞ୍ଜଳି ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଳି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, ରାଜନଗର ବିଧାୟକ ପ୍ରାର୍ଥୀ ଲଳିତ ବେହେରା, ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଦୁର୍ଗାପ୍ରସନ୍ନ ନାୟକ, ପାଟକୁରା ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା, ମାହାଙ୍ଗା ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡ଼େଇ ପ୍ରମୁଖ ମଞ୍ଚାସୀନ ଥିଲେ।



## ମିଥ୍ୟା ପ୍ରତିଶ୍ରୁତି ବିଜେପିର ମୁଖ୍ୟ ଆଭିମୁଖ୍ୟ

# ନିଜେ ଲେଖିଥିବା ମିଛକଥା ଉପରେ ଚୂନ ମାରିଲା ବିଜେପି

**ସମ୍ବଲପୁର, ୧୮।୫(ସମିସ)**

ଭାରତୀୟ ଜନତା ପାର୍ଟି ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତିର ଧୂଆଁବାଣ ମାରେ। କାମ ନାହିଁ କେବଳ କାଠ କହି ପ୍ରଚାର କରେ। ଲୋକଙ୍କୁ ମିଛ କହି ଭୂଆଁ ବୁଲାଇବାର ପ୍ରକୃତି ବିଜେପି ଦଳର ନେତା କେବେ ଛାଡ଼ି ପାରିବେ ନାହିଁ। ଯାହା ବିଗତ ଓ ଚଳିତ ନିର୍ବାଚନରେ ମଧ ଦେଖିବାକୁ ମିଳିଥିଲା। କିନ୍ତୁ ବିଜୁ ଜନତା ଦଳର ଅଭିଯୋଗକ୍ରମେ ବିଜେପିକୁ ବୁଦ୍ଧି ଦିଶିଛି। ଲୋକଙ୍କୁ ଚୂନା ଲଗେଇବା କଥାରେ ନିଜେ ଚୂନ ମାରିଛି ବିଜେପି। ପ୍ରକାଶ ଯେ ଗତ ୧୧ ତାରିଖ ଦିନ ବିଜେଡିର ଏକ ପ୍ରତିନିଧିଦଳ ସମ୍ବଲପୁର ଜିଲ୍ଲାପାଳଙ୍କୁ ଭେଟିଥିଲେ। ବିଜେପି ଦଳ ନିର୍ବାଚନ ଆଦର୍ଶ ଆଚରଣବିଧିକୁ ଉଲଂଘନ କରି ସରକାରୀ କାନ୍ଥରେ ନିର୍ବାଚନୀ ପ୍ରଚାର କରୁଥିବା ଅଭିଯୋଗ କରିଥିଲେ। ଏପରିକି ବିଜେପିର ମେନିଫେଷ୍ଟୋରେ ଲେଖା ନ ଥିବା ପ୍ରତିଶ୍ରୁତି ଗୁଡ଼ିକୁ ସମ୍ବଲପୁରବାସୀଙ୍କୁ ଭ୍ରମିତ କରିବାକୁ ଲେଖିଥିବା ଜଣାଇଥିଲେ। ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭ୍ରମିତ କରିବାକୁ ଉଦ୍ୟମ କରୁଥିବା ନେଇ ବିଜୁ ଜନତା ଦଳ ଲିଖିତ ଅଭିଯୋଗ କରିଥିଲା। ଯାହା ଭାରତୀୟ ଜନତା ପାର୍ଟିର ନେତାଙ୍କୁ ଭୟଭୀତ କରିଛି। କାର୍ଯ୍ୟାନୁଷ୍ଠାନ ଭୟରେ






- ବିଜେପିର ମିଛ ପ୍ରତିଶ୍ରୁତିକୁ ବିରୋଧ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲା ବିଜେଡି
- ମିଛକଥା ଲେଖିଥିବା ଓ କହୁଥିବାରୁ ଲୋକଙ୍କୁ କ୍ଷମା ମାଗନ୍ତୁ ଧର୍ମେନ୍ଦ୍ର ପ୍ରଧାନ

କାନ୍ଥମାନଙ୍କରେ ଲେଖାଥିବା ପ୍ରତିଶ୍ରୁତିକୁ ନିଜେ ଚୂନମାରି ଲିଭେଇ ଦେଇଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ ଭାରତୀୟ ଜନତା ପାର୍ଟି କିଛି କାମ କରିନାହିଁ। କେବଳ ଲୋକଙ୍କୁ ଭୂଆଁ ବୁଲାଇ ଭୋଟ ରାଜନୀତି କରେ। ବିଗତ ନିର୍ବାଚନରେ ମଧ ଏଭଳି ରାଜନୀତି କରି ନିର୍ବାଚନୀ ବୈତରଣୀ ପାର କରିଥିଲା। କିନ୍ତୁ ଚଳିତ ନିର୍ବାଚନରେ ବିଜେପିର ଜାଲରେ ଜନତା ପଡ଼ିବେ ନାହିଁ। କେବଳ କାନ୍ଥରେ ନିର୍ବାଚନୀ ପ୍ରଚାର ଲେଖିବା କଥା ନୁହେଁ। ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କର ନେତା, କର୍ମୀମାନେ ସବୁ ସ୍ଥାନରେ ଏଭଳି ମିଛ କଥା କହି ଭୋଟରଙ୍କୁ ଆକୃଷ୍ଟ କରିବାକୁ ଅପପ୍ରୟାସ କରୁଛନ୍ତି। ଯିଏ ଓଲଟା ପ୍ରଶ୍ନ କରିବ ତାକୁ ନାଲିଆଖି ଦେଖାଉଛନ୍ତି। ଭାରତୀୟ ଜନତା ପାର୍ଟିର ଗୁଣ୍ଡାଗର୍ଦି, ଦାଦାଗିରି ଆଉ ବେଶୀ ଦିନ ଚଳିବ ନାହିଁ। ନିର୍ବାଚନରେ ଲୋକେ ସେମାନଙ୍କୁ ଉଚିତ ଜବାବ ଦେବେ। ଧର୍ମେନ୍ଦ୍ର ଭୋଟ ପାଇଁ ଲୋକଙ୍କୁ ମିଛ କଥା କହୁଛନ୍ତି। ଧରାପଡ଼ିଗଲେ ଦଳର ଅନ୍ୟ ନେତାଙ୍କ ମାଧ୍ୟମରେ ଗୋଟିଏ ମିଛକୁ ଲୁଚାଇବାକୁ ଆହୁରି ମିଛ କହୁଛନ୍ତି। ଏଥିପାଇଁ ସମ୍ବଲପୁରବାସୀ ତାଙ୍କୁ ଭଲଭାବରେ ଚିହ୍ନିସାରିଲେଣି। ଧର୍ମେନ୍ଦ୍ର ମିଛ କହୁଥିବାରୁ ସମ୍ବଲପୁରବାସୀଙ୍କୁ ସେ କ୍ଷମା ମାଗନ୍ତୁ ବୋଲି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି।

## ରେଢ଼ାଖୋଲ ଏନ୍ଏସିରେ ବିଜେଡିର ପ୍ରଚାର



**ରେଢ଼ାଖୋଲ, ୧୮।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡରେ ବିଜେଡ଼ି ପୂର୍ବତନ ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ବିଜେଡ଼ି ସକ୍ରିୟ କର୍ମୀଙ୍କୁ ନେଇ ୱାର୍ଡ ଗୁଡ଼ିକରେ ଘର ଘର ବୁଲି ନିର୍ବାଚନୀ ମାରାଥନ ପ୍ରଚାର କରିଛନ୍ତି। ଏଥିରେ ପ୍ରଥମତଃ ରେଢ଼ାଖୋଲ ରାଜବାଟି ସ୍ଥିତ ରେଢ଼ାଖୋଲ ଇଷ୍ଟ ଦେବତା ପ୍ରଭୁ ପଞ୍ଚଖଣ୍ଡାଙ୍କ ମନ୍ଦିରରେ ପ୍ରଭୁ ପଞ୍ଚଖଣ୍ଡା ପୂଜାର୍ଚ୍ଚନା କରି ବିଜେଡ଼ି ନିର୍ବାଚନୀ ପ୍ରଚାର ଆରମ୍ଭ କରିଥିଲେ। ସେଠାରୁ ରଥସାହି ଦେଇ ଘର ଘର ବୁଲି ବିଜେଡ଼ି କର୍ମୀମାନେ ଜନ ସାଧାରଣ ମାନଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ବିକାଶ ଧାରାକୁ ଡବଲ କରିବାକୁ ଅନୁରୋଧ କରିଥିଲେ। ପ୍ରଚାର କରିବା ସମୟରେ ସାଧାରଣ ମହିଳା ପୁରୁଷମାନେ ଆସି ନିର୍ବାଚନୀ ପ୍ରଚାରରେ ସାମିଲ ହୋଇ ଯାଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ନେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଜନ ସାଧାରଣମାନଙ୍କୁ ନିବେଦନ କରିଥିଲେ। ଏହି ନିର୍ବାଚନୀ ପ୍ରଚାର ବେଳେ ରେଢ଼ାଖୋଲ ବିଜେଡ଼ି ନଗର ଛାତ୍ର ସଭାପତି ଶିବ ଶମ୍ଭୁ ନନ୍ଦ, ନଗର ଯୁବ ସଭାପତି ବିକାଶ ଦାସ, ବରିଷ୍ଠ ବିଜେଡ଼ି ନେତା ସୁରେନ୍ଦ୍ର ବିଶ୍ୱାଳ, ସଞ୍ଜୟ ମିଶ୍ର, ପ୍ରଶାନ୍ତ ପ୍ରଧାନ, ଦତ୍ତ କୁମାର ବିଶ୍ୱାଳ, ବାସୁଦେବ ପୁରୁଷେଠ, କାଉନସିଲର ସୁଧାଂଶୁ ଶେଖର ଅମାତ, ନନ୍ଦୁ ମାରି, ସଚିନ ପ୍ରଧାନ, ଯୁବ ବିଜେଡ଼ି କର୍ମୀ ଆକାଶ ଧଳ ପ୍ରମୁଖ ସମେତ ଶତାଧିକ ସଂଖ୍ୟାରେ ବିଜେଡ଼ି ସକ୍ରିୟ ମହିଳା ପୁରୁଷ କର୍ମୀମାନେ ସାମିଲ ରହିଥିଲେ।

## ମହୁମାଛି ଆକ୍ରମଣରେ ଜଣେ ଗୁରୁତର, ୨ ଆହତ

**ବାମରା, ୧୮।୫(ସମିସ)** ବାମରା ବ୍ଲକ ଧାରୁଆଡିହି ଠାରେ ବରଯାତ୍ରୀଙ୍କୁ ଆକ୍ରମଣ କରିଛି ମହୁମାଛି। ଫଳରେ ଜଣେ ଗୁରୁତର ହେବା ସହ ୨ ଜଣ ଆହତ ହୋଇଛନ୍ତି। ଗୋବିନ୍ଦପୁର ମଝିପଡ଼ାରୁ ବରଯାତ୍ରୀ ଧରୁଆଡ଼ିହି କୁ ଯାଇଥିବା ବେଳେ ସେଠାରେ ଏହି ଘଟଣା ଘଟିଥିଲା। ଫଳରେ ଗଡ଼ପୋଷ ଫିନିଙ୍ଗିବାହାଲ ର ରାହୁଲ ନାଏକ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ୨ ଜଣ ଆହତ ହୋଇ ଥିଲେ। ସମସ୍ତଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ପଥରରୁ ଖସି କେନ୍ଦୁପତ୍ର ତୋଳାଳି ଆହତ

**ବାମରା, ୧୮।୫(ସମିସ)** ବାମରା ବ୍ଲକ ଲାରିଆପାଲି ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଲବେଡ଼ା ଗ୍ରାମର ଲକ୍ଷ୍ମୀ କିସାନ ଶୁକ୍ରବାର ଦିନ ନିକଟସ୍ଥ ଜଙ୍ଗଲକୁ କେନ୍ଦୁପତ୍ର ସଂଗ୍ରହ କରିବାକୁ ଯାଇଥିବା ବେଳେ ପାହାଡ ଉପର ପଥରରୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ହାତଟି ଭାଙ୍ଗି ସେଆହତ ହୋଇ ଥିବା ବେଳେ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନା ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ଼କୁ ସ୍ଥାନାନ୍ତରିତ କରାଯାଇଅଛି।

## କାର୍ ଦୁର୍ଘଟଣାରେ ଚାଳକ ଆହତ

**ବାମରା, ୧୮।୫(ସମିସ)** ବାମରା ଗରିଆମାଲ ମୁଖ୍ୟ ରାସ୍ତା ଶୁକ୍ରବାର ଅଞ୍ଚଳର ରାଜଗାଙ୍ଗପୁର ଦେବଗଡ଼ ଯାଉଥିବା ରାସ୍ତା କଡ଼ରେ ଗଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇ ବେଳେ ଉକ୍ତ ଦୁର୍ଘଟଣାରେ କାର ଚାଳକ ରାଜଗାଙ୍ଗପୁର ଅଞ୍ଚଳର ଆଡଭୋକେଟ ଦିବାକର ପ୍ରଧାନ ଆହତ ହୋଇ ଥିବା ଖବର ପାଇ ଗୋବିନ୍ଦପୁର ଥାନା ଏସଆଇ ଗଞ୍ଜୁ ଓରାମ ଘଟଣ ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ରହିଛି।

## ବାମରା ବ୍ଲକରେ ବିଜେପି ଛାଡି ବିଜେଡିରେ ଯୋଗଦେଲେ ଶତାଧିକ



**ସମ୍ବଲପୁର, ୧୮।୫(ସମିସ):** ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ କୁଚିଣ୍ଡା ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ନେତା ଓ କର୍ମୀ ଶନିବାର ବିଜେଡିରେ ଯୋଗ ଦେଇଛନ୍ତି। ବାମରା ବ୍ଲକ ଗୋବିନ୍ଦପୁର କୁଟାରିମାଲ ପଞ୍ଚାୟତଠାରେ ଆୟୋଜିତ ସଭାରେ ସେମାନେ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ସଭାପତି କୁମଦିନୀ ନାଏକଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ସଭାରେ ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଉପଢୌକନ ଦେଇ ସ୍ୱାଗତ କରାଯାଇଛି। ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି କୁଚିଣ୍ଡା ନିର୍ବାଚନମଣ୍ଡଳୀ ବାମରା ବ୍ଲକରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ନାଏକ କହିଛନ୍ତି। ଏହି ଅବସରରେ ବିଜେଡିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁ ରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ମତ ପ୍ରକାଶ ପାଇଛି। ଫକିର ସାହୁ, ରିଙ୍କୁ ନାଏକ, ସଚିନ ବେହେରା, ବିଶ୍ୱନାଥ ପ୍ରଧାନ, ଆକାଶ ନାଏକ, ସୁବର୍ଣ୍ଣ ଟପ୍ପୋ, ଚାମୁନ୍ଦ୍ର ଧାନ, ନୁତନ ପିଙ୍ଗ, ଆକାଶ ବୁଦଲା, ପ୍ରକାଶ ଧାନ, ସୁନୀଲ ଟପ୍ପୋ, ହିମାଦ୍ରୀ କେଛୋ, ଗୋଲକ, କନସଲ, ବିନୟ ପୃଷେଠ, ମିତ୍ର ବୁଢ଼ା, ସୌରଭ କେଛୋ, ଗଣେଶ ବୁଢ଼ା, ମହାଦେବ ବୁଢ଼ା, ବିନବ ବୁଢ଼ା, ସରୋଜ କେଛୋଙ୍କ ସମେତ ଶତାଧିକ ବିଜେଡ଼ିରେ ଯୋଗଦାନ କରିଛନ୍ତି।

## ପ୍ରଣବ ପ୍ରକାଶ ଓ ରାଜେନ୍ଦ୍ର ଛତ୍ରିଆଙ୍କୁ କେନ୍ଦୁପତ୍ର କର୍ମଚାରୀ ସଂଘର ସମର୍ଥନ

**କୁଚିଣ୍ଡା, ୧୮।୫(ସମିସ):** ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ତରଫରୁ କୁଚିଣ୍ଡାରେ କେନ୍ଦୁପତ୍ର କର୍ମଚାରୀମାନଙ୍କୁ ନେଇ ଏକ ବୈଠକ ଆୟୋଜିତ ହୋଇଥିଲା। ସଂଘର ସଭାପତି ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ କୁଚିଣ୍ଡାରେ ଅନୁଷ୍ଠିତ ଏହି ବୈଠକରେ ସାଂସଦ ରମେଶ ମାଝୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ, କେନ୍ଦୁପତ୍ର କର୍ମଚାରୀ ସଂଘର ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମରତୁଜା ଓ ସମ୍ପାଦିକା ପଦ୍ମାବତୀ କିଷାନ ଉପସ୍ଥିତ ଥିଲେ। କେନ୍ଦୁପତ୍ର ତୋଳାଳୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ଯୋଜନା କରିଥିବାରୁ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ବୋନସ ଓ ଇନସେଣ୍ଟିଭ ସମେତ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ପରିବାରକୁ ଚିକିତ୍ସା ସହାୟତା, ପାଠପଢ଼ା, ବିବାହକାଳୀନ ସହାୟତା, ମୃତ୍ୟୁକାଳୀନ ସହାୟତା ପ୍ରଦାନ କରୁଛନ୍ତି। ଅନ୍ୟପଟେ କେନ୍ଦୁପତ୍ର ଉପରେ ଜିଏସଟି ଲଗାଇ କେନ୍ଦ୍ର ସରକାର କେନ୍ଦୁପତ୍ର ତୋଳାଳିଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ତେଣୁକରି ସେମାନଙ୍କୁ ପ୍ରତ୍ୟାଖ୍ୟାନ କରି ବିଜୁ ଜନତା ଦଳର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ବିଜୟୀ କରିବାକୁ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମରୁ ଶହଶହ ସଂଖ୍ୟାରେ କେନ୍ଦୁପତ୍ର ତୋଳାଳି କର୍ମଚାରୀମାନେ ଯୋଗଦେଇଥିଲେ।

## ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ହେଲେ ସମ୍ବଲପୁର ବୋହୂ

**ସମ୍ବଲପୁର, ୧୮।୫(ସମିସ):** ଭାରତୀୟ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା (ଇଡି) ଭାବେ ସମ୍ବଲପୁରର ବୋହୂ ଚାରୁଲତା କରଙ୍କୁ ନୂତନ ନିଯୁକ୍ତି ମିଳିଛି। ଶ୍ରୀମତୀ କର ସମ୍ବଲପୁରର ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ବାଳକୃଷ୍ଣ କରଙ୍କ ବୋହୂ



ତଥା ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ମହାପ୍ରବନ୍ଧକ (ବିସିଜିଏମ୍) ଡ. ସୁଶାନ୍ତ କରଙ୍କ ପତ୍ନୀ। ଶ୍ରୀମତୀ କର ୧୯୯୧ ମସିହାରେ ରିଜର୍ଭ ବ୍ୟାଙ୍କ ଅହମଦାବାଦରେ କାର୍ଯ୍ୟରେ ଯୋଗ ଦେଇଥିଲେ। ସେ ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକୋତ୍ତର ପରେ ଆମେରିକାର ପେନସିଲଭାନିଆ ବିଶ୍ୱବିଦ୍ୟାଳୟରୁ ଏମ୍ବିଏ କରିଛନ୍ତି। ରିଜର୍ଭ ବ୍ୟାଙ୍କରେ ୩୨ ବର୍ଷ ଚାକିରି କାଳ ମଧ୍ୟରେ ବ୍ୟାଙ୍କିଙ୍ଗ୍, ତାଲିମ ଓ ମାନବସମ୍ବଳ ବିଭାଗରେ କାର୍ଯ୍ୟ କରିଛନ୍ତି। ସମ୍ପ୍ରତି ସେ ମାନବସମ୍ବଳ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟରତ। ଶ୍ରୀମତୀ କର ବରିଷ୍ଠ ସାମ୍ବାଦିକ ସୁକାନ୍ତ କରଙ୍କ ଭାଉଜ ଅଟନ୍ତି।

## ଧମା ଅଞ୍ଚଳରେ ବିଜେଡିର ପ୍ରଚାର



**ମାନେଶ୍ୱର, ୧୮।୫(ସମିସ):** ବିଜେଡି ପାଇଁ ପ୍ରଚାର ମଇଦାନରେ ଧମା ସରପଞ୍ଚ। ମାନେଶ୍ୱର ବ୍ଲକ ଧମା ପଞ୍ଚାୟତ ଅଞ୍ଚଳରେ ସ୍ଥାନୀୟ ସରପଞ୍ଚ ଲଳିତା ପଧାନ ନିଜର ସମର୍ଥକଙ୍କ ସହିତ ବିଜେଡି ପାଇଁ ଜୋରଦାର ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ସେ ନିଜ ପଞ୍ଚାୟତରେ ଘରଘର ବୁଲି ନବୀନ ସରକାରର ବିଭିନ୍ନ ଜନହିତକର ଯୋଜନା ଗୁଡ଼ିକ ଲୋକଙ୍କୁ ବୁଝାଇବା ସହିତ ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଲୋକଙ୍କୁ ଅନୁରୋଧ କରୁଛନ୍ତି। ସେ ସାଙ୍ଗରେ ଶତାଧିକ ମହିଳା ସମର୍ଥକଙ୍କ ସହିତ ପଦଯାତ୍ରା ଦ୍ୱାରା ଧମା, ଖିଣ୍ଡା, ନୂଆଗାଁ ଆଦି ଗାଁ ବୁଲି ଯୋଡ଼ି ଶଙ୍ଖରେ ଭୋଟ ଦେବାପାଇଁ ଲୋକଙ୍କୁ ନିବେଦନ କରିଛନ୍ତି।

**ROURKELA LAW COLLEGE, ROURKELA**
(Affiliated to Madhusudan Law University)
Accredited by NAAC
Admission into 1st Semester of 3 years LLB. Degree Course
(CBCS System) for the session 2024-2025

**ADMISSION NOTICE**

ELIGIBILITY: - 45% in Graduation or equivalent for General Candidates and 40% for ST/SC Candidates.
Application form will be available in the College Office from 8.30.00 AM to 10.30 A.M from 17/5/2024 on payment of Rs.500/- on cash by hand and Rs.800/- by Registered Post or download from college website www.rourkelalawcollege.in and submit along with a Demand Draft of Rs.500/-
In Campus Hostel available for Girls only.

For Admission Contact:
Mr. Tanmaya Raj Padhi (Asst.Prof.), Mob.: 09040402772.
Dr. Dibyendu Kumar Panda, Asst. Prof.
Mob.: 8249703585.
Mr.Akshaya Kumar Dash. Jr.Asst.
Mob.: 9439025508,8249701300.

Sd/- Principal

## ଜମନକିରା ବ୍ଲକ୍‌ରେ ବିଜେଡିର ମାରାଥନ୍ ପ୍ରଚାର

# ସାମିଲ ହେଲେ ଆଦିବାସୀ ଉନ୍ନୟନ ପରିଷଦ ଅଧକ୍ଷ ପ୍ରଦୀପ ମାଝି

**ଜମନକିରା, ୧୮।୫(ସମିସ)**

କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ଅଧିନ ଜମନକିରା ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଜେଡି ପକ୍ଷରୁ ପ୍ରଚାରରେ ଆଜି ଆଦିବାସୀ ଉନ୍ନୟନ ପରିଷଦ ଅଧକ୍ଷ ତଥା ନବରଙ୍ଗପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝି ଯୋଗ ଦେଇଛନ୍ତି। କୁଆଗୁଲାରେ କିଷାନ ସମାଜ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆଦିବାସୀ କୁଳରେ ଜନ୍ମ ହୋଇଥିବାରୁ ଆମେ ଗର୍ବିତ ବୋଲି କହିଥିଲେ। ଏପର୍ଯ୍ୟନ୍ତ ୧୬୯ ଜନଜାତି ସମ୍ପ୍ରଦାୟ ଆଦିବାସୀ ଜାତିର ମାନ୍ୟତା ପାଇନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଆଦିବାସୀଙ୍କ ମଧ୍ୟରେ ଏକତା ଆଣିବା ପାଇଁ ଆଦିବାସୀ ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଆଦିବାସୀ ବହୁଳ ଜିଲ୍ଲାର ପ୍ରତି ବ୍ଲକକୁ ଆଦିବାସୀ ସମୁଦାୟ ଭବନ ନିର୍ମାଣ ପାଇଁ ୭୫ ଲକ୍ଷ ଟଙ୍କା ଘୋଷଣା କରିଥିଲେ ଯାହା ଏବେ ୨ କୋଟି ପର୍ଯ୍ୟନ୍ତ ବୃଦ୍ଧି କରିଥିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଭୁବନେଶ୍ୱରରେ ରାଜ୍ୟ ଆଦିବାସୀ ଭବନ ପାଇଁ ୧୦୦ କୋଟି ଅନୁଦାନ ମଞ୍ଜୁର କରିଛନ୍ତି। ରାଜ୍ୟରେ ୪ କୋଟି ଜନସଂଖ୍ୟାରୁ ୧ କୋଟି ଆଦିବାସୀ। ଆଦିବାସୀଙ୍କ ବିକାଶ ଦ୍ରୁତଗତିରେ ହୋଇପାରିବ। ତେଣୁ ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା। ଯୋଡି ଶଙ୍ଖ ଚିହ୍ନରେ ଭୋଟ ଦେଇ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ। ଏଥିସହିତ ବ୍ଲକର ୫ ପଞ୍ଚାୟତରେ ଆୟୋଜିତ ନିର୍ବାଚନୀ




ସଭାରେ ଯୋଗ ଦେଇଥିବାବେଳେ କୁଆଗୁଲା ଠାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ବୈଠକରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଙ୍ଘ ପକ୍ଷରୁ ସାମାଜିକ ସୁରକ୍ଷା ଅଧିକାର ଦାବି ସହ ୫ସୂତ୍ରୀ ଦାବିକୁ ଯଥାର୍ଥ କହି ସମର୍ଥନ ଜଣାଇବା ସହିତ ସରକାର ହେଲେ ଦାବି ପୂରଣ କରାଯିବ ବୋଲି କହିଛନ୍ତି। ୫ସୂତ୍ରୀ ଦାବି ମଧ୍ୟରେ କେନ୍ଦୁପତ୍ର ତୋଳାଳୀ ଓ ବନ୍ଧାଳିଙ୍କୁ ସ୍ୱୀକୃତି ପ୍ରାପ୍ତ ଶ୍ରମିକ ଭାବେ ପଞ୍ଜିକରଣ, ମହିଳା ଶ୍ରମିକଙ୍କୁ ପ୍ରସବ କାଳୀନ ସହାୟତା ୫୦ ହଜାର ଟଙ୍କା, କର୍ମଚାରୀ ଙ୍କୁ ରାଜ୍ୟ ବୀମାଭୁକ୍ତ କରାଇ ୫ ମୁଖ୍ୟ ସୁବିଧା ପ୍ରଦାନ, ଅବସର ପରେ ମାସିକ ୫ ହଜାର ପେନସନ ଓ ବିକଳାଙ୍ଗ ଓ ଦୁର୍ଘଟଣା ଜନିତ ମୃତ୍ୟୁ ର କ୍ଷତିପୂରଣ ରାଶି ସର୍ବନିମ୍ନ ୫ ଲକ୍ଷ ଟଙ୍କା ପ୍ରଦାନ ପ୍ରମୁଖ ଦାବି ରହିଛି। ଏଥିରେ ରାଜ୍ୟ ସଙ୍ଘ ସଭାପତି ବିଜୟ ମହାନ୍ତି, କଲ୍ୟାଣପାଣ୍ଠି ଉପଦେଷ୍ଟା ସଞ୍ଜିତ ମହାନ୍ତି, ସମ୍ପାଦକ ମହମ୍ମଦ ମୁର୍ତ୍ତଜା, ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛାତ୍ରୀଆ, ଜିଲାପରିଷଦ ସଭ୍ୟା ସୁଜାତା ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ସରଡା ପଞ୍ଚାୟତର ପଥୁରିଆ, ବଡରମା ପଞ୍ଚାୟତର ବିଶାଳପାଲି, କୁଲୁଣ୍ଡି ପଞ୍ଚାୟତର ବନମାଲ, ଖର୍ଣନମାଲ ପଞ୍ଚାୟତର କଣ୍ଟିଆଳି ଓ ମୁଢେନପାଲି ପଞ୍ଚାୟତର ପୁରୁଣା ବଜାର ଠାରେ ନିର୍ବାଚନୀ ସଭାରେ ଅତିଥି ମାନେ ଯୋଗ ଦେଇଥିଲେ। ଏହି ନିର୍ବାଚନୀ ସଭାରେ ଦଳୀୟ ବିଧାୟକ ପ୍ରାର୍ଥୀ ଛତ୍ରିଆ ଓ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଭୋଟ ପ୍ରଚାର କରିବା ଅବସରରେ ମାଗଣା ବିଜୁଳି, ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟକାର୍ଡ ଗ୍ୟାରେଣ୍ଟି ସହ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ଓ ଅଞ୍ଚଳର ବିକାଶ ବଖାଣିବା ସହ ଆଗାମୀ ୫ ବର୍ଷ ପାଇଁ ଦଳୀୟ ଘୋଷଣାପତ୍ରକୁ ଘରେ ଘରେ ପହଞ୍ଚାଇବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଲୋକସଭା ଓ ବିଧାନସଭା ପାଇଁ ଯୋଡି ଶଙ୍ଖରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ବ୍ଲକ ସଭାପତି ଆଦିପ୍ରସଦ ମହାକୁଳଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିବାବେଳେ ଆଦିବାସୀ ଉନ୍ନୟନ ପରିଷଦ ଅଧକ୍ଷ ଶୋଭାରାମ ପଧାନ, ନିର୍ବାଚନ ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ର, ମିଳନ ଖୁଣ୍ଟିଆ, ଗଣେଶ ବାଘ, ସୁଶାନ୍ତ ମେହେର, ମହେନ୍ଦ୍ର ବାଘ, ରୋଶନ ବେହେରା, ଦେବାଶିଷ ସେନାପତି, ଲକ୍ଷଣ ସାହୁ, ସୁଶୀଲ ମିର୍ଦ୍ଧାପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଜେଡି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କୁଲୁଣ୍ଡିରେ ୬୫ ଓ ମୁଢେନପାଲିରେ ୪୦ ଜଣ ଯୁବ କର୍ମୀ କଂଗ୍ରେସ ଦଳ ଛାଡି ବିଜେଡିରେ ଯୋଗଦାନ କରିଛନ୍ତି। ସେହିପରି ବିଜେଡିର ମାରାଥନ ପ୍ରଚାରରେ ଲୋକଙ୍କ ଅପାର ସମର୍ଥନ ଦେଖି ବିଜେପି ଶିବିରରେ ଛାନିଆ ପଶିଛି। ବିଜେପି ବାଧ ହୋଇ ଛତିଶଗଡ଼ ବିଜେପି ନେତା ଓ ମନ୍ତ୍ରୀଙ୍କୁ ପ୍ରଚାର ମଇଦାନକୁ ଆଣିଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 08-KUR-TRD-OT-2024-25

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ ମଣ୍ଡଳରେ ଲେଭେଲ କ୍ରସିଂ ସଂଖ୍ୟା 183, 274, 317 ଏବଂ 320 ବନ୍ଦ କରିବା ବଦଳରେ ସୀମିତ ଉଚ୍ଚତା ବିଶିଷ୍ଟ ସବ୍‌ୱେ/ ରୋଡ୍ ଅଣ୍ଡର ବ୍ରିଜ୍ ସହିତ ରୋଡ୍ ଓଭର ବ୍ରିଜ୍‌ର ନିର୍ମାଣ।

ବିଜ୍ଞାପିତ ମୂଲ୍ୟ (₹): 14,32,273.78, EMD (₹) : 28,700.00, ଶେଷ ହେବା ଅବଧି : 180 ଦିନ।

ବିକ୍ରି ଆରମ୍ଭ ହେବା ତାରିଖ : ତା.21.05.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.06.2024 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ କୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD),
ଖୋର୍ଦ୍ଧା ରୋଡ୍

PR-126/P/24-25

(An Autonomous Body under Ministry of Tourism, Govt. of India)
पर्यटन मंत्रालय Ministry of Tourism
सत्यमेव जयते
पर्यटन शिक्षा संस्कृति रक्षा www.iittmb.in

**IITTM**
Gwalior (H.O), Bhubaneswar, Noida, Goa, Nellore

**INDIAN INSTITUTE OF TOURISM & TRAVEL MANAGEMENT**
40+ Yrs of Experience in Education & Training
in collaboration with
Jawaharlal Nehru University (JNU)
(A Public University, New Delhi)

**ADMISSION OPEN**
Session : 2024-25

**BBA** Tourism & Travel | **MBA** Tourism & Travel Management

For online registration and detailed information please visit : www.iittm.ac.in
or E-mail : admissioniittmb@gmail.com, admissions@iittm.ac.in
Contact - 8342082073, 9778180241, 9438622056, 9861103962

NO AGE BAR

Benefits of Study in IITTM
- Exceptional Placement in last years in India and Abroad
- Highest packages in Industry with Global job Opportunities
- Largest Tourism Faculty with International Exposure
- Tourism Industry Leaders visit campuses for Placement
- Research work at IITTM-IRC (International Resource Centre)

+ Scholarships available for meritorious students from Government Scheme
+ Study Loan Assistance
+ Excellent Placement Record

Nodal Officer
IITTM, Bhubaneswar

Dumduma, Bhubaneswar, Odisha-751019

# ଜୁଲାଇରୁ ମାଗଣା ବିଜୁଳି ଓ ମିଶନ ଶକ୍ତି ମା'ମାନଙ୍କୁ ମିଳିବ ପେନସନ



**ବରଗଡ଼, ୧୮।୫(ସମିସ):** ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳ ନିଜ ନିଜ ଇସ୍ତାହାରରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ବିଜୁ ଜନତା ଦଳ ଇସ୍ତାହାରରେ ଆସନ୍ତା ଜୁଲାଇରୁ ବିଜୁଳି ବିଲ ମାଗଣା କରିଥିବା ବେଳେ କୃଷି କ୍ଷେତ୍ରରେ ମଧ୍ୟ ଏହା ଲାଗୁ କରିବା ପାଇଁ ଘୋଷଣା କରିଛନ୍ତି ଏବଂ ମିଶନ ଶକ୍ତିର ମାଆ ମାନଙ୍କ ପାଇଁ ପେନସନ ଯୋଜନା ଘୋଷଣା କରି ମାଆ ମାନଙ୍କ ପାଇଁ ଐତିହାସିକ ପଦକ୍ଷେପ ନେଇଛନ୍ତି ବୋଲି ବରଗଡ଼ ବ୍ଲକ ଆମ୍ବସଡ଼ା ଠାରେ ଆୟୋଜିତ ନିର୍ବାଚନୀ ସଭାରେ ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଉଲ୍ଲେଖ କରି ବିଜୁ ଜନତା ଦଳ କେବଳ ପ୍ରତିଶ୍ରୁତି ଦିଏ ନାହିଁ ତାକୁ ପାଳନ ବି କରେ ଯାହା ଓଡ଼ିଶାବାସୀ ତାର ପ୍ରମାଣ ପାଇ ସାରିଛନ୍ତି ବୋଲି କହିଥିଲେ। ତେବେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ମିଶନ ଶକ୍ତିର ମା ମାନେ ଆହୁରି ଲାଭବାନ ହେବେ ବୋଲି ଉଲ୍ଲେଖ କରି ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଡବଲ ଶଙ୍ଖରେ ଆଶୀର୍ବାଦ ପ୍ରଦାନ ପାଇଁ କାମନା କରିଥିଲେ।

### ମହିଳାଙ୍କୁ ସଶକ୍ତ ଓ ପରିଚୟ ଦେଇଛି କାଫେ

# ସଂଗଠିତ ଓ ଆତ୍ମନିର୍ଭରଶୀଳ ହୋଇଛନ୍ତି ମହିଳା





**ଝାରବନ୍ଧ, ୧୮।୫ (ସମିସ)**

ମହିଳା ଗୋଷ୍ଠୀକୁ ସଶକ୍ତ କରି ଆତ୍ମନିର୍ଭରଶୀଳ, ସାହସୀ କରିବାକୁ ରାଜ୍ୟ ସରକାର ପ୍ରତ୍ୟେକ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। କେତେକ ସ୍ଥାନରେ ମହିଳା ଗୋଷ୍ଠୀ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇ ଶହ ଶହ ଲୋକଙ୍କ ସେବା କରି ସର୍ବଜନାଦୃତ ହୋଇଥିବା ଦେଖା ଦେଇଛି ଝାରବନ୍ଧ ବ୍ଲକ ସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀରେ। ବ୍ଲକରେ ଥିବା ୧୪ଟି ଗ୍ରାମ ପଞ୍ଚାୟତର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏକତ୍ରିତ ହୋଇ ନିଜର ପରାକାଷ୍ଠ ପ୍ରତିପାଦନ କରିଛନ୍ତି। ଝାରବନ୍ଧ ଠାରେ ସମସ୍ତ ପ୍ରକାର ସରକାରୀ ପ୍ରତିଷ୍ଠାନ ରହିଛି। ବ୍ୟବସାୟ ପେଣ୍ଠସ୍ଥଳୀ ଓ ଯୋଗାଯୋଗର ସମସ୍ତ ପ୍ରକାର ସୁବିଧା ଥିବାରୁ ପ୍ରତ୍ୟହ ଗ୍ରାମାଞ୍ଚଳରୁ ଶତାଧିକ ଲୋକ ଆସିଥାନ୍ତି। ତାଙ୍କର ଖାଦ୍ୟ ପାନୀୟର ସୁବିଧା ପାଇଁ ମହିଳା ଗୋଷ୍ଠୀ କେଫେ ଖୋଲିଛନ୍ତି। ଅଳ୍ପ ବ୍ୟୟରେ ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତ କରି ଲୋକମାନଙ୍କ ପ୍ରିୟ ହୋଇଛନ୍ତି। ମଧ୍ୟାହ୍ନ ଭୋଜନ ସମୟ ଆସିଲେ ସମସ୍ତେ କେଫେକୁ ଆସିଥାନ୍ତି। ମହିଳାମାନଙ୍କ ଦ୍ୱାରା ପରିଚାଳିତ କେଫେ ବିଭିନ୍ନ ସଭା ସମିତି, ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଖାଦ୍ୟ ଯୋଗାଣର ଦାୟିତ୍ୱ ନେଇଥାନ୍ତି। କମ ଦାମରେ ଉଚ୍ଚକୋଟିର ସୁଖାଦ୍ୟ ପାଇଁ ଗ୍ରାହକ ଖୁସି ଅନୁଭବ କରୁଛନ୍ତି। ମିଶନ ଶକ୍ତିର ସମସ୍ତ ତାଲିମ, କାର୍ଯ୍ୟକ୍ରମର ଆବଶ୍ୟକତା ଅନୁସାରେ ମଧ୍ୟାହ୍ନ ଭୋଜନ କେଫେରେ ହୋଇ ଥାଏ। ପ୍ରତିଦିନ ୫ଟି ଗ୍ରାମ ପଞ୍ଚାୟତ ମହିଳା ଗୋଷ୍ଠୀର ପ୍ରତିନିଧିଙ୍କ ଦାୟିତ୍ୱ ଦିଆଯାଇଛି। ତେଣୁ ବ୍ଲକର ସମସ୍ତ ମହିଳା ଗୋଷ୍ଠୀଙ୍କ ଯୋଗଦାନ ରହିଛି। କେଫେ ଆରମ୍ଭ କରିବାକୁ ଆସବାବପତ୍ର, ଟେବୁଲ, ଚେୟାର ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସାମଗ୍ରୀ କିଣିବା ପାଇଁ ବିଏଲଏମ ପକ୍ଷରୁ ୫ଲକ୍ଷ ଟଙ୍କାର ଋଣ କରାଯାଇଛି। ତାହା କ୍ରମଶଃ ପରିଶୋଧ ହେବାକୁ ଯାଉଛି। ଗ୍ରାହକ ମଧ ବଢ଼ି ଚାଲିଛନ୍ତି। ଆୟ ମଧ ବଢ଼ିଚାଲିଛି। ବ୍ଲକ କାର୍ଯ୍ୟାଳୟର କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଦାୟିତ୍ୱ କେଫେକୁ ଦେଲେ, ଆହୁରି ଆୟ ହୁଅନ୍ତା ବୋଲି କେଫେର ସଦସ୍ୟାମାନେ କୁହନ୍ତି। ଝାରବନ୍ଧ ଛକରେ କେଫେର ଚାହିଦା ବଢ଼ି ଯାଇଛି। ପ୍ରତ୍ୟହ ଗ୍ରାହକ ବୃଦ୍ଧି ହେଉଛି। ମହିଳା ଗୋଷ୍ଠୀ ସ୍ୱାଭିମାନ ସହ ଆର୍ଥିକ ସ୍ୱାବଲମ୍ବି ହୋଇ ପାରୁଛନ୍ତି।

### ସେମାନେ କୁହନ୍ତି...



ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ପାଇଁ ଆମେ ଘର କୋଣରେ ନରହି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛୁ। ଆର୍ଥିକ, ସାମାଜିକ ସ୍ତରରେ ମହିଳାମାନେ ସୁରକ୍ଷିତ ଅଛନ୍ତି। ଆମର ଦକ୍ଷତା ଲୋକଲୋଚନ ଆସିପାରୁଛି। ଆମେ ଖୁସି ଅଛୁ।

**ଗୋପିକା ସାହୁ**



ସ୍ୱୟଂ ସହାୟକ ଗୋଷ୍ଠୀ ସହ ସାମିଲ ହୋଇ ଆମର ବହୁତ ଉନ୍ନତି ହୋଇଛି। ସରକାରଙ୍କ ପ୍ରୟାସରେ ଆମେ ବିଦେଶ ଯିବାକୁ ସୁବିଧା ପାଇ ପାରିଛୁ। ଅନ୍ୟଥା ଘର କୋଣରେ ରହିବାକୁ ବାଧ ହୋଇଥାନ୍ତୁ। ବିଭିନ୍ନ ସମୟରେ ପ୍ରଶାସନ ସହ ପରିଚୟ ଆଦାନପ୍ରଦାନ ହୋଇ ପାରିଛି। ପରିବାର ପ୍ରତିପୋଷଣ କରି ପାରୁଛୁ। କେଫେ ଖୋଲିବା ଦ୍ୱାରା ଲୋକମାନେ ଉପକୃତ ହେଉଛନ୍ତି। ଆମେମାନେ ମଧ ଆର୍ଥିକ ସ୍ୱାବଲମ୍ବି ହେଉଛୁ।

**କୁମୁଦିନୀ ବେହେରା**



କେଫେ ଆମକୁ ଜୀବନ ଜୀବିକାର ରାସ୍ତା ଦେଖାଇଛି। ଘରେ ବନ୍ଦୀ ଜୀବନ ଅତିବାହିତ କରିବା ଅପେକ୍ଷା ସାମାଜିକ ସ୍ତରରେ ନିଜର ପରିଚୟ ସୃଷ୍ଟି କରି ପରିଛୁ।

**ଦୁଃଶୀଳା ପଟେଲ**



ନୂତନ ଭାବରେ ମହିଳାମାନଙ୍କ ଦ୍ୱାରା ପରିଚାଳିତ ଝାରବନ୍ଧ କେଫେକୁ ଯାଇଥିଲି। କେଫେର ସୁନ୍ଦର, ସୁସ୍ଥ ପରିବେଶ ସହ ସ୍ୱାଦିଷ୍ଟ ଖାଦ୍ୟ ବେଶ ମନଲୋଭା ଥିଲା। ଦିନକୁ ଦିନ ଗ୍ରାହକ ସଂଖ୍ୟା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି।

**ଅଶୋକ କୁମାର ହାତୀ(ଗ୍ରାହକ)**



ମହିଳା ଗୋଷ୍ଠୀଙ୍କ ଦ୍ୱାରା ଖୋଲା ଯାଇଥିବା କେଫେ ଉନ୍ନତମାନର ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ତାଙ୍କର ବ୍ୟବହାର ମଧ ଉତ୍ତମ ରହିଛି। ଗରିବ, ମଧ୍ୟବିତ୍ତ ସବୁ ବର୍ଗର ଲୋକଙ୍କ ପାଇଁ ଏହା ଉତ୍ତମ ହୋଇଛି।

**ଦେବାନନ୍ଦ ଶବର (ଗ୍ରାହକ)**

# ଘରକୁ ଘର ପ୍ରଚାର କଲେ ବିଜେଡି କର୍ମୀ



**ଅମ୍ବାଭୋନା, ୧୮।୫(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଦ୍ୱାରି ପଞ୍ଚାୟତର ଦ୍ୱାରି ଗ୍ରାମରେ ଅମ୍ବାଭୋନା ଜୋନ୍ ୨ ର ଜିଲ୍ଲା ପରିଷଦ ସଦସ୍ୟା ନୀଳକୁମାରୀ ନାଏକ, ଦ୍ୱାରି ସରପଞ୍ଚ ଜ୍ଞାନରଞ୍ଜନ ଭୋଇ, ବିଜୁ ଯୁବ ଜନତା ଦଳର ଜିଲ୍ଲା ସମ୍ପାଦକ ମଣ୍ଟୁ ବଢ଼େଇ, ସମିତି ସଭ୍ୟ ରଘୁନାଥ ମହାନ୍ତି ଓ ଗ୍ରାମର ମହିଳା ମାନେ ବିଧାୟକ ପ୍ରାର୍ଥୀ ସୁଶାନ୍ତ ସିଂ ଓ ଲୋକସଭା ପ୍ରାର୍ଥିନୀ ପରିଣିତା ମିଶ୍ରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ପ୍ରଚାର କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ମୂଳକ ଯୋଜନା ବିଷୟରେ ବୁଝାଇଥିଲେ।

# ପ୍ରଚାରର ଶେଷଦିନରେ ବିଜେଡିର ରୋଡ୍ ଶୋ'

**ବରଗଡ଼, ୧୮।୫(ସମିସ):** ଦ୍ୱିତୀୟ ମିଶ୍ର ବରଗଡ଼ ପୌରପରିଷଦର ନଗର ପରିକ୍ରମା କରି ଗାନ୍ଧୀ ଛକରେ ପହଞ୍ଚିଥିଲେ। ସହର ମୁଖ୍ୟ ରାସ୍ତା ଫଳାଫଳ ଠାରୁ ଆହୁରି ଅଧିକ ବ୍ୟବଧାନ ଲକ୍ଷ୍ୟ ନେଇଛଇ। ବରଗଡ଼ ବ୍ଲକର ୨୭ ଓ ପର୍ଯ୍ୟାୟ ନିର୍ବାଚନ ପାଇଁ ଶନିବାର ସମର୍ଥକଙ୍କୁ ନେଇ ଏକ ବିରାଟ ରୋଡ





ପ୍ରଚାରର ଶେଷ ଦିନ ରହିଥିବା ବେଳେ ପ୍ରତ୍ୟେକ ଦଳ ନିଜ ନିଜ ପ୍ରଚାରକୁ ଶେଷ ସ୍ପର୍ଶ ପ୍ରଦାନ କରିଛନ୍ତି। ତେବେ ବରଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଓ ସାଂସଦ ପ୍ରାର୍ଥିନୀ ପରିଣୀତା ସୋରେ ସାମିଲ ହୋଇଥିଲେ। ବରଗଡ଼ ସହରର ବିଭିନ୍ନ ୱାର୍ଡର ହଜାର ହଜାର ସମର୍ଥକଙ୍କ ଗହଣରେ ବରଗଡ଼ ଗଣେଶ ରାମ ଭବନରୁ ଏକ ବିରାଟ ଶୋଭାଯାତ୍ରା ଓ ରୋଡ ସୋରେ ବାହାରି ଉଭୟେ ବିଜେଡିମୟ ହୋଇ ଯାଇଥିଲା। ଗତ ପୌର ନିର୍ବାଚନରେ ବିଜେଡିର ଅଧକ୍ଷା କଳ୍ପନା ମାଝୀ ୬ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀ ଅନୁରାଧାଙ୍କ ଠାରୁ ବିଜୟୀ ହୋଇଥିଲା ବେଳେ ଅନୁରାଧା ଏବେ ବିଜେଡିରେ ଯୋଗଦାନ କରି ବିଜେଡିର ମୁଖ୍ୟ ପ୍ରଚାରକ ଭାବେ କାର୍ଯ୍ୟ କରିଥିବାରୁ ବିଜେଡି ଗତ ପୌର ନିର୍ବାଚନର ବରପାଲି ବ୍ଲକର ୭ ଗ୍ରାମ ପଞ୍ଚାୟତରେ ଗୋଟେ ଦୁଇଟି ପଞ୍ଚାୟତ ବ୍ୟତୀତ ଅନ୍ୟ ସମସ୍ତ ପଞ୍ଚାୟତରେ ବିଜେଡିର ସ୍ଥିତି ସୁଦୃଢ଼ ରହିଥିବା ବେଳେ ଶନିବାର ବରଗଡ଼ ସହରରେ ରୋଡ ସୋ ରେ ବିଜେଡି ବିଧାୟକ ଓ ସାଂସଦଙ୍କୁ ବିରାଟ ସମର୍ଥନ ପ୍ରଦର୍ଶନ ବିଜେଡିର ବିଜୟକୁ ସୁନିଶ୍ଚିତ କରିବା ପାଇଁ ଯଥେଷ୍ଟ ବୋଲି କର୍ମୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

# ସୁନା ସାହୁଙ୍କ ପରଲୋକ



**ପଦ୍ମପୁର, ୧୮।୫ (ସମିସ):** ପଦ୍ମପୁର ନିକଟସ୍ଥ ସତୀଭଟା ସତସଙ୍ଗ ମଣ୍ଡଳୀର ଉପ ସଭାନେତ୍ରୀ ସୁନା ସାହୁଙ୍କ (୬୯) ପରଲୋକ ହୋଇ ଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ଶଙ୍କର ସାହୁ, ଦୁଇ ପୁତ୍ର ଝିନପତି, ନିର୍ମଳ ଓ ସେବତୀ ସହ ଦୁଇ ପୁତ୍ର ବଧୂ, ନାତି ନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତ ସୁନା ଜଣେ ମିଷ୍ଟଭାଷୀ, ମେଳାପୀ, ଧର୍ମ ପାରାୟଣ ମହିଳା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାଇ ଖେଳି ଯାଇଛି।

# ଦ୍ୱାରି ରାସ୍ତାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

**ଅମ୍ବାଭୋନା, ୧୮।୫ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧିନସ୍ଥ ଭୁକ୍ତାରୁ ଦ୍ୱାରିକୁ ଯିବା ରାସ୍ତାରେ ଦୁଇଟି ମୋଟର ସାଇକେଲ ମଧ୍ୟରେ ଧକ୍କା ହେବା ଫଳରେ ଦୁର୍ଘଟଣାର ଶିକାର ହୋଇଛନ୍ତି ଦୁଇ ମୋଟର ସାଇକେଲ ଆରୋହୀ। ସୂଚନା ମତେ ଦୟାସାଗର ମେହେର (୩୨) ତାଙ୍କର ଦୁଇ ଝିଅ ଅନୁଷ୍କା(୬), ମୁସ୍କାନ (୮) ଓ ପତ୍ନୀ ଜୟନ୍ତୀ ମେହେର (୩୦) ଙ୍କ ସହିତ ଏକ ପ୍ଲାଟିନା ମୋଟର ସାଇକେଲ ଯୋଗେ ଭୁକ୍ତାରୁ ପଦ୍ମପୁର ସ୍ଥିତ ଲକମରା ନିଜ ଗ୍ରାମକୁ ଭୋଟ ଦେବା ପାଇଁ ଯାଉଥିବା ସମୟରେ ଦ୍ୱାରି ଗ୍ରାମରୁ ଏକ ହିରୋ ଗ୍ଲାମରରେ ରାଜାରାମ ସାରଥୀ ନାମକ ବ୍ୟକ୍ତି ସାମ୍ନା ପଟରୁ ଧକ୍କା ଦେଇଥିଲେ। ଯାହା ଫଳରେ ଦୁଇ ମୋଟର ସାଇକେଲ ଆରୋହୀ ଛିଟିକି ପଡ଼ିଥିଲେ। ଖବର ପାଇ ଦ୍ୱାରି ଗ୍ରାମର ସମାଜ ସେବୀ ମଣ୍ଟୁ ବଢ଼େଇ ନିଜର ବୋଲେରୋ ଗାଡି ଯୋଗେ ତୁରନ୍ତ ନିକଟସ୍ଥ ଭୁକ୍ତା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇ ତାଙ୍କର ସମ୍ପର୍କୀୟ ମାନଙ୍କୁ ଯୋଗାଯୋଗ କରିଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଖେଦାପାଲି ସ୍ଥିତ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।



# ମାରୱାଡ଼ି ସମାଜର ବିଶାଳ ସମାବେଶ



**ବରଗ?, ୧୮।୫(ସମିସ):** ସ୍ଥାନୀୟ ଜୟ ସିଂ ଭୋଇ କମ୍ପ୍ଲେକ୍ସ ପରିସରରେ ବରଗଡ଼ ମାରୱାଡ଼ି ସମାଜର ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବରଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଯୋଗଦେଇ ଆଗାମୀ ନିର୍ବାଚନରେ ମାରୱାଡ଼ି ସମୁଦାୟଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି ଅବସରରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ ଆଚାର୍ଯ୍ୟ ମଧ ଉପସ୍ଥିତ ରହି ଉଚିତ ପ୍ରାର୍ଥୀଙ୍କୁ ସମର୍ଥନ ପ୍ରଦାନ ପାଇଁ ନିବେଦନ କରିଥିଲେ। କାର୍ଯ୍ୟକ୍ରମକୁ ବିଜେଡି ନେତ୍ରୀ ଅନୁରାଧା ଅଗ୍ରୱାଲ ସଂଯୋଜନା କରିଥିଲେ। ଏଥିରେ ମାରୱାଡ଼ି ସମାଜର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ନୃସିଂହନାଥରେ କଳସଯାତ୍ରା ଓ ବୈଶାଖମେଳା

**ପାଇକମାଳ, ୧୮।୫(ସମିସ):** ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ନୃସିଂହନାଥ ଠାରେ ବୈଶାଖ ମେଳା ଶନିବାର ସନ୍ଧ୍ୟାରେ ଆରମ୍ଭ ହୋଇଯାଇଛି। ଏକ ଭବ୍ୟ କଳସ ଶୋଭାଯାତ୍ରାରେ ବାହାରି ମା ଭଉଣୀ ତଥା ଭକ୍ତ ମାନେ ଝରଣାର ଗଣେଶ ଘାଟରେ ପବିତ୍ର ପାଣି କଳସରେ ଆଣି ନୃସିଂହନାଥ ମନ୍ଦିର, ଶିବ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ଶ୍ରୀରାମ ମନ୍ଦିର, ବିନ୍ଧ୍ୟବାସିନୀ ମନ୍ଦିର ଓ ଅନ୍ୟ ପାର୍ଶ୍ୱ ଦେବାଦେବୀ ମନ୍ଦିରକୁ କଳସ ଯାତ୍ରାରେ ଯାଇ ପୂଜାର୍ଚ୍ଚନା କରିବା ସହ ବିଶ୍ୱ ଶାନ୍ତି ମହାଯଜ୍ଞ ପୀଠରେ କଳସ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ଚୁଡ଼ାମଣି ଭୁଏ ଓ ତାଙ୍କ ଧର୍ମପତ୍ନୀ ସନ୍ତୋଷୀନି ଭୁଏ, ପଣ୍ଡିତ ଡିଗ୍ରୀଧର ଦେବତା ଓ ମୁନା ଦେବତା ପୂଜା କାର୍ଯ୍ୟ ତୁଲାଇ ଥିଲେ। ବୈଶାଖ ମେଳା କମିଟିର ସଭ୍ୟ ମାନଙ୍କ ଉଦ୍ୟମକ୍ରମେ ଆୟୋଜିତ ଏହି ଉତ୍ସବରେ ପୁଲିସ ବିଭାଗ, ପାନୀୟ ଜଳ ଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଦମକଳ ବିଭାଗୀୟ କର୍ମଚାରୀ ମାନେ ସହଯୋଗ କରୁଛନ୍ତି।



### ନିରପେକ୍ଷ ଏବଂ ତ୍ରୁଟିଶୂନ୍ୟ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ

# ଗଣତନ୍ତ୍ରର ମହାନ ପର୍ବକୁ ଭୋଟ୍ ଦେଇ ସଫଳ କରନ୍ତୁ; ଜିଲ୍ଲାପାଳ

**ବରଗଡ଼, ୧୮।୫(ସମିସ)**

ଆଗାମୀ ୨୦ ତାରିଖରେ ବରଗଡ଼ ଜିଲ୍ଲାରେ ମତଦାନ ହେବ ଓ ଅବାଧ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ କରିବା ଲାଗି ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶ ଅନୁଯାୟୀ ସମୁଦାୟ ୧୪୦ ଗୋଟି ମୋଡେଲ ମତଦାନ କେନ୍ଦ୍ର ଖୋଲିବା ବ୍ୟବସ୍ଥା କରାଯାଇଛି। ସୂଚନା ଅନୁଯାୟୀ, ଜିଲ୍ଲାର ସର୍ବମୋଟ ୧୩୯୭ ମତଦାନ କେନ୍ଦ୍ର ମଧ୍ୟରୁ ୮୨ ଗୋଟି ସଖି ବୁଥ୍, ୫ ଗୋଟି ଭିନ୍ନକ୍ଷମ ପରିଚାଳିତ ବୁଥ୍, ୨୫ ଗୋଟି ଯୁବକ ପରିଚାଳିତ ବୁଥ୍, ୧୪ ଗୋଟି ଇକୋ ଫ୍ରେଣ୍ଡଲି ବୁଥ୍ ଏବଂ ୧୪ ଗୋଟି ଇଥିନିକ୍ ପୁଲିଂ ଷ୍ଟେସନ୍ ରହିଛି। ପ୍ରତ୍ୟେକ ବୁଥ୍ ରେ ଭୋଟର ସହାୟତା କେନ୍ଦ୍ର ଖୋଲିବା ସହ ପାନୀୟ ଜଳ ଏବଂ ଛାଇର ବ୍ୟବସ୍ଥା କରାଯାଇଛି। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରତ୍ୟକ ବ୍ଲକସ୍ତରରେ ବୁଥସ୍ତରୀୟ ଜରୁରୀକାଳୀନ ପ୍ରତିକ୍ରିୟା ଦଳ ଗଠନ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ବୁଥ୍ ଗୁଡିକରେ ୱେବ କାଷ୍ଟିଙ୍ଗ କ୍ୟାମେରା ସଂଯୋଗ କରାଯାଇଛି। ଅସୁରକ୍ଷିତ ବୁଥ୍ ଗୁଡ଼ିକରେ ପାଚେରୀ କିମ୍ବା ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ନିୟମାନୁଯାୟୀ ବୁଥର ୧୦୦ ମିଟର ଦୂରତା ମଧ୍ୟରେ ନିର୍ବାଚନୀ ପ୍ରଚାର ନକରିବା ଏବଂ ୨୦୦ ମିଟର ଦୂରତା ମଧ୍ୟରେ କୌଣସି ରାଜନୈତିକ ଦଳୀୟ କାର୍ଯ୍ୟାଳୟ ନରହିବକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ସେକ୍ଟର ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଦିବ୍ୟାଙ୍ଗ ଏବଂ ୮୫ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଭୋଟ ଦେବା ଲାଗି ଘରୁ ବୁଥ୍ ପର୍ଯ୍ୟନ୍ତ ମାଗଣାରେ ନେବା ଆଣିବା ବ୍ୟବସ୍ଥା କରାଯାଇଛି। ଏତଦବ୍ୟତୀତ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟାଲ ଆଗାମୀ ମଇ ୨୦ ତାରିଖରେ ହେବାକୁଥିବା ଏକକାଳୀନ ସାଧାରଣ ନିର୍ବାଚନରେ ବହୁଳ ମାତ୍ରାରେ ଭୋଟ୍ ଦେଇ ମତଦାନର ମହାନ ପର୍ବକୁ ସଫଳ କରିବା ପାଇଁ ସମସ୍ତ ଭୋଟରଙ୍କୁ ଅନୁରୋଧ କରିବା ସହ ସନ୍ଦେଶରେ କହିଛନ୍ତି ଯେ 'ମିଳିମିଶି ହେମା ଯୋଟ୍, ସଭେ ଆସ ଦେମା ଭୋଟ୍'।

# ବରପାଲିରେ ବିଜେଡିର ବିଶାଳ ଶୋଭାଯାତ୍ରା

**ବରପାଲି, ୧୮।୫ (ସମିସ):** ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଜେଡି ବିଶାଳ ଶୋଭାଯାତ୍ରା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଛି। ବିଜେପୁର ବିଧାନସଭା ପ୍ରାର୍ଥିନୀ ରିତା ସାହୁ ଓ ବରଗଡ଼ ଲୋକସଭା ସାଂସଦ ପ୍ରାର୍ଥିନୀ ପରିଣିତା ମିଶ୍ର ଦଳୀୟ ନେତା ଏବଂ କର୍ମୀଙ୍କ ଗହଣରେ ସୁବଳ ସାହୁ ଶିଶୁ ଉଦ୍ୟାନରେ ସ୍ୱର୍ଗତ ସୁବଳ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



ସୃଜନିକା

ସକାଳ THE SAKALA
www.sakalaepaper.com

# ରସ୍କିନ୍ ବଣ୍ଡଙ୍କ ସାହିତ୍ୟ ଯାତ୍ରା

ନିକଟ ଅତୀତରେ ବିଶିଷ୍ଟ ସାହିତ୍ୟିକ ରସ୍କିନ୍ ବଣ୍ଡଙ୍କୁ ସାହିତ୍ୟ ଅକାଦେମି ପକ୍ଷରୁ ସମ୍ମାନଜନକ ମହତ୍ତର ସଦସ୍ୟତା ପ୍ରଦାନ କରାଯାଇଛି । ଆଜି ହେଉଛି ତାଙ୍କର ୯୦ ତମ ଜନ୍ମଦିନ । ଏହି ଅବସରରେ ଆମେ ଏହି ମହାନ୍ ସାହିତ୍ୟ ସ୍ରଷ୍ଟାଙ୍କୁ ଅଜସ୍ର ଶୁଭେଚ୍ଛା ଜଣାଉଛୁ ।



ଡକ୍ଟର କେ. ଶ୍ରୀନିବାସ ରାଓ



ବିଗତ ଦୁଇ ହଜାର ବର୍ଷ ଧରି ବିଭିନ୍ନ ଭାଷାରେ ଅନେକ ସାହିତ୍ୟିକଙ୍କ ସୃଜନଶୀଳ ଯାତ୍ରା ଅବ୍ୟାହତ ରହିଛି । କାଳର କରାଳ ବକ୍ଷରେ ସେମାନଙ୍କ ସାହିତ୍ୟ କୃତି ଆଜି ମଧ୍ୟ ଜାଜ୍ୱଲ୍ୟମାନ । ପାଠକଙ୍କ ହୃଦୟ ରାଜ୍ୟକୁ ଜୟ କରିବାର କଳା ସାହିତ୍ୟ ସ୍ରଷ୍ଟାମାନଙ୍କୁ ବେଶ୍ ଜଣା । ସେମାନେ କାବ୍ୟ, ନାଟକ ଏବଂ ଗଳ୍ପ ମାଧ୍ୟମରେ ମାନବ ସମାଜ ମଧ୍ୟରେ ସମ୍ବେଦନଶୀଳତା ଭରି ଦିଅନ୍ତି । ସତରେ କବି ହୁଅନ୍ତୁ କି ନାଟ୍ୟକାର ଅବା ଗାଳ୍ପିକ, ସେମାନେ ସମସ୍ତେ ଦିବ୍ୟଦ୍ରଷ୍ଟା । ଗଳ୍ପର କୁହୁକ ମାଧ୍ୟମରେ ଜୀବନର ବିଭିନ୍ନ ଅଂଶକୁ ସମାଜରେ ପ୍ରତିଫଳନ କରାଇପାରନ୍ତି । କିଛି କାହାଣୀରେ ଥାଏ ରୋମାଞ୍ଚ, କିଛି କାହାଣୀରେ ଥାଏ, ଜୀବନର ନିଚ୍ଛକ ପ୍ରତିଫଳନ ।

ସାହିତ୍ୟ କିମ୍ବା ଲେଖକ ନ ଥିଲେ ସମ୍ପୂର୍ଣ୍ଣ ଜୀବନ ବି ମରୁଭୂମି ହୋଇଯାଇଥାନ୍ତା! ଅନେକ ଲେଖକ ଜୀବନର ବ୍ୟାଖ୍ୟା କରିବାକୁ କାହାଣୀ ମାଧ୍ୟମରେ ଜୀବନର ବୀଭତ୍ସ ଅଂଶକୁ ଅତି ଚମତ୍କାର ଢଙ୍ଗରେ ପ୍ରକାଶ କରନ୍ତି । ଯାହା ପାଠକମାନଙ୍କ ଭାବାବେଗକୁ ଆନ୍ଦୋଳିତ କରିଥାଏ ।

ଆଧୁନିକ ଭାରତୀୟ ସାହିତ୍ୟର ଗଳ୍ପ ବିଭାଗରେ ରସ୍କିନ୍ ବଣ୍ଡ ହେଉଛନ୍ତି ଜଣେ ଅମ୍ଳାନ ପ୍ରତିଭା । କାହାଣୀରେ କୁହୁକ ପ୍ରଦର୍ଶନ କରିପାରୁଥିବା ସେ ଜଣେ ଭାରତୀୟ (Anglo indian) ଲେଖକ । ପ୍ରକୃତି ଏବଂ ମଣିଷର ସ୍ୱଭାବ ଫୁଟି ଉଠିଛି ତାଙ୍କର ସାହିତ୍ୟ କୃତିଗୁଡ଼ିକରେ । ହିମାଳୟର ହିମ ସ୍ପର୍ଶରେ ରସ୍କିନ୍ ବଣ୍ଡଙ୍କ ସାହିତ୍ୟ ଋଦ୍ଧିମନ୍ତ ହୋଇଛି ବୋଲି ଅନେକ ପାଠକ ମତ ଦିଅନ୍ତି । ତେବେ ଏହିପରି ଜଣେ ଅସାଧାରଣ ଗାଳ୍ପିକଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀରେ ବାନ୍ଧି ରଖିବା ଯଥାର୍ଥ ନୁହେଁ । ଅତଏବ ରସ୍କିନ୍ ବଣ୍ଡ ହେଉଛନ୍ତି ଏକ ବାନ୍ଧି ହେଉ ନ ଥିବା ପୃଥିବୀ । ସାହିତ୍ୟର ସମସ୍ତ ବିଭାଗରେ ଲେଖନୀ ଚାଳନା କରି ନିଜ ପାଇଁ ଏକ ଭିନ୍ନ ପୃଥିବୀ ତିଆରି କରିଥିବା ଲେଖକ ହେଉଛନ୍ତି ରସ୍କିନ୍ ବଣ୍ଡ । ହିମାଳୟର ସୁଦୀର୍ଘ ପ୍ରାକୃତିକ ଶୋଭାରାଜିରେ ଅନେକାଂଶରେ ସେ ପ୍ରଭାବିତ ହେଲେ ମଧ୍ୟ, ନିଜସ୍ୱ ଏକ ଗଳ୍ପ ପୃଥିବୀ ତିଆରି କରିଛନ୍ତି ଏହି ଅନନ୍ୟ ଗାଳ୍ପିକ ।

ରସ୍କିନ୍ ବଣ୍ଡଙ୍କ ଅନେକ ଗଳ୍ପର ପୃଷ୍ଠଭୂମି ସମାନ ଥିଲେ ମଧ୍ୟ ବିଷୟବସ୍ତୁରେ ଭିନ୍ନତା ରହିଛି । ମଣିଷର ଭାବ ଏବଂ ଆବେଗର ସେ ଜଣେ ଅନନ୍ୟ ରୂପକାର । ଗଳ୍ପର ଯାଦୁକର ଭାବରେ ସେ ଏକ ଝରକା ବିଶିଷ୍ଟ ପ୍ରାସାଦ ଉପରେ ବସି ସମାଜର ବିଭିନ୍ନ ଦିଗକୁ ଅବଲୋକନ କରିଛନ୍ତି । ଭାରତୀୟ ସାହିତ୍ୟରେ ବିଭିନ୍ନ ଭାଷାରେ ଗଳ୍ପ ଲେଖିଥିବା ଗାଳ୍ପିକଙ୍କ ସହ ସମକକ୍ଷ ସେ, ବିଶେଷକରି ମଧ୍ୟବିତ୍ତ ପରିବାରର ସଂଘର୍ଷ ଓ ସଂଘାତ ତାଙ୍କ ଗଳ୍ପଗୁଡ଼ିକରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । ପ୍ରତିକୂଳ ପରିସ୍ଥିତିରେ ମଣିଷର ଭାବ ଓ ଆବେଗକୁ ନେଇ ରଚିତ ତାଙ୍କ ଗଳ୍ପଗୁଡ଼ିକ ପାଠକମାନଙ୍କ ହୃଦୟକୁ ସମ୍ପୂର୍ଣ୍ଣ ଅଧିକାର କରିଛି । ବାସ୍ତବିକ ସେ ଜଣେ ମାନବବାଦୀ ସ୍ରଷ୍ଟା । ଗ୍ରାମ୍ୟ ଜୀବନର ଖୁସି, ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ଅନାବିଳ ସମ୍ପର୍କର କଥା ହେଉଛି ତାଙ୍କ ସାହିତ୍ୟକୃତିର ଆକର୍ଷଣର କେନ୍ଦ୍ରବିନ୍ଦୁ । ଜୀବନର ଗୌରବ, ବିଜୟ, ହର୍ଷ, ଆନନ୍ଦ ଓ ମାନବିକତା ତାଙ୍କ ସୃଷ୍ଟି ସମ୍ଭାରର ଓଁକାର ଧ୍ୱନି ।

ଗ୍ରାମ୍ୟ ଜୀବନ, ଗ୍ରାମ୍ୟ ପରିବେଶକୁ ନେଇ ତାଙ୍କ ଲେଖନୀ ସର୍ବଦା ଚଳଚଞ୍ଚଳ । ପ୍ରକୃତିକୁ ଭଲପାଇବାଠାରୁ ପ୍ରକୃତି କୋଳରେ ବଢ଼ୁଥିବା ମଣିଷମାନଙ୍କର ଜୟଗାନ କରିଛନ୍ତି ଗାଳ୍ପିକ ବଣ୍ଡ । ତାଙ୍କର ସମସ୍ତ ଗଳ୍ପରେ ଫୁଟି ଉଠିଛି ମଣିଷ ସହିତ ପ୍ରକୃତିର ଅନାବିଳ ସଂପର୍କ । ମାନବ ଓ ପ୍ରକୃତି ଏକାକାର ହୋଇଯାଇଛନ୍ତି ତାଙ୍କ କୃତିଗୁଡ଼ିକରେ । ଆମ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ପ୍ରକୃତିକୁ ବଞ୍ଚାଇ ରଖିବା ପାଇଁ ପ୍ରୟାସ କରିଛନ୍ତି ତାଙ୍କର ସୃଷ୍ଟି ସର୍ଜନା ମାଧ୍ୟମରେ ।

ଏହି ଆଲେଖ୍ୟର ଲେଖକ ନିଜକୁ ଭାଗ୍ୟବାନ ମଣୁଛି, ସେହିଭଳି ଜଣେ ପ୍ରତିଭାସମ୍ପନ୍ନ ଲେଖକଙ୍କ ସହିତ ସାକ୍ଷାତ ହୋଇଥିଲା ତାଙ୍କ ଘରେ ସାହିତ୍ୟ ଅକାଦେମିର ଏକ ଅଭିଷେକ ଉତ୍ସବ ଅବକାଶରେ । ତାଙ୍କର ମହାନତା, ଉଦାରତା, ବିଶାଳ ହୃଦୟ ଓ ଅମାୟିକ ବ୍ୟକ୍ତିତ୍ୱର ସାନ୍ନିଧ୍ୟ ଲାଭ କରି ମୁଁ ପୁଲକିତ ହୋଇଉଠିଥିଲି । ବିଗତ ସତୁରି ବର୍ଷ ଧରି ସାହିତ୍ୟ ସାଧନାରେ ନିମଗ୍ନ ରହି ଭାରତୀୟ ସାହିତ୍ୟକୁ ଚେତନାଦୀପ୍ତ ଏବଂ ଋଦ୍ଧିମନ୍ତ କରିଛନ୍ତି ଲେଖକ ରସ୍କିନ୍ ବଣ୍ଡ । ସାହିତ୍ୟର ସବୁ ଦିଗରେ ପାରଦର୍ଶିତା ଲାଭ କରିଥିବା ଜଣେ ଅନନ୍ୟ ସାଧକ ସେ । ଶବ୍ଦରେ କୁହୁକ ସୃଷ୍ଟି କରୁଥିବା, ବିଷୟବସ୍ତୁରେ ଭିନ୍ନତା ପ୍ରତିପାଦନ କରୁଥିବା ସେ ଜଣେ ଅନନ୍ୟ ରୂପକାର ।

ଜଣେ ପ୍ରକୃତିପ୍ରାଣ ମଣିଷ ଓ ପ୍ରକୃତିର ଉପାସକ ଭାବରେ ଭାରତୀୟ ଆଧୁନିକ ସାହିତ୍ୟ ଆକାଶର ସେ ଜଣେ ଧ୍ରୁବ ତାରା ସଦୃଶ । ଏତଦ୍‌ବ୍ୟତୀତ ସମାଜରେ ମଣିଷର ଭୂମିକା କ'ଣ ହେବା ଉଚିତ, ସେ ଠିକ୍ ଭାବରେ ଦର୍ଶାଇ ପାରିଛନ୍ତି ତାଙ୍କର ଗଳ୍ପଗୁଡ଼ିକରେ । ପାଠକମାନଙ୍କୁ ଅନେକ ପୃଥିବୀ ଭ୍ରମଣର ସୁଯୋଗ ଦେଇଛନ୍ତି ତାଙ୍କର ଗଦ୍ୟ ନିପୁଣତାରେ । ତାଙ୍କର ଗଳ୍ପଟିଏ ପଢ଼ିଲେ ଆତ୍ମତୃପ୍ତିରେ ଭରିଯାଏ ପାଠକର ହୃଦୟ । ସମ୍ବେଦନଶୀଳତାରେ ଆର୍ଦ୍ର ହୋଇଯାଏ ତନୁ, ମନ ଓ ପ୍ରାଣ । ହୃଦୟର କ୍ଷତଗୁଡ଼ିକ ଉପଶମ ଲାଭ କରେ ତାଙ୍କର ଶବ୍ଦଗୁଡ଼ିକରେ । ଦେହ ପୁଲକିତ, ମନ ରୋମାଞ୍ଚିତ ଓ ହୃଦୟ ଉଦ୍‌ବେଳିତ ହୋଇଉଠେ ତାଙ୍କ ଗଳ୍ପ ପଢ଼ିସାରିଲା ପରେ । ସତରେ ଏହିପରି ଅନୁଭବ ଖୁବ୍ କମ୍ ଲେଖକଙ୍କ ସାହିତ୍ୟକୃତିରେ ଦେଖିବାକୁ ମିଳେ । ତାଙ୍କର ସାହିତ୍ୟକୃତିଗୁଡ଼ିକୁ ବିଭିନ୍ନ ଭାଷାରେ ଅନୁବାଦ କରି ପାଠକମାନଙ୍କ ପାଖରେ ପହଞ୍ଚାଇ ପାରିଲେ, ତାହା ହିଁ ହେବ ତାଙ୍କ ପ୍ରତି ଆମର ଯଥାର୍ଥ ସମ୍ମାନ ।

ସଚିବ, ସାହିତ୍ୟ ଅକାଦେମି, ନୂଆଁଦିଲ୍ଲୀ

ଦୁଇଟି ମିନିଗଳ୍ପ

ବିଚିତ୍ର ବିଶ୍ୱାଳ



## ଅଧିକାର

ଗାଁ'ର ସବୁ ଲୋକମାନେ ମିଶି ଗାଁ ପୋଖରୀରୁ ମାଛ ଧରିଲେ । ମାଛଧରା ସରିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ମାଛ ବଣ୍ଟା ଆରମ୍ଭ ହେଲା । ଏଇ ବାଣ୍ଟ ହେବା ବେଳେ ହିଁ ଅସଲ ପାଲା ଆରମ୍ଭ ହେଲା । କାହା ଭାଗ ଯଦି ଟିକିଏ କମ୍ ହେଉଥାଏ, ସେ ଏତେ ବଡ଼ ପାଟିରେ ଚିଲ୍ଲେଇକି କହୁଥାଏ କମି ଗଲା, କମିଗଲା, ଆଉ ଗୋଟିଏ ପକାଅ । ଆଉ ଗୋଟିଏ ମାଛ ପକେଇବା ବେଳକୁ ତା' ଭାଗ ଯଦି ଟିକିଏ ଅଧିକ ହୋଇଯାଉଥିଲା, ଅନ୍ୟମାନେ ପାଟି କରୁଥିଲେ, ତା' ଭାଗ ଅଧିକ କାହିଁକି ହେଲା! କେହି କାହାକୁ ଟିକେ ବି ଛାଡ଼ିବାକୁ ରାଜି ନଥିଲେ । ଟିକେ ବି ଉଣେଇଶ ବିସ୍ ହେଲେ ଗ୍ରାମବାସୀମାନେ ପରସ୍ପର ଉପରକୁ କୁଦି ପଡୁଥିଲେ । ସମସ୍ତେ କହୁଥିଲେ, ଗାଁ ପୋଖରୀ ମାଛ ଉପରେ ମୋର ସମାନ ଅଧିକାର ଅଛି, ମୁଁ କାହିଁକି ପଚାଶ ଗ୍ରାମ୍ କମ୍ ନେବି! ଗାଁ ପୋଖରୀ ଉପରେ ଥିବା ଅଧିକାରକୁ ସମସ୍ତେ ଜାହିର୍ କରୁଥିଲେ । ଶେଷରେ ମାଛ ସବୁ କଟା ହୋଇ ସମସ୍ତଙ୍କ ପାଇଁ ସମାନ ଭାଗ କରି ବଣ୍ଟା ହେଲା । କାହାରି ବି ଅଧିକାର କ୍ଷୁର୍ଣ୍ଣ ହେଲା ନାହିଁ । ପୋଖରୀ ଉପରେ ଥିବା ସମସ୍ତଙ୍କ ସମାନ ଅଧିକାର ରକ୍ଷା ହୋଇପାରିଲା ।

ନିର୍ବାଚନ ସମୟ ହୋଇଥିବାରୁ ରାତିକୁ ପଞ୍ଝା ପଞ୍ଝା ହୋଇ ନେତା ଗାଁ'କୁ ଆସିଲେ । ଚୁପ୍‌ଚୁପ୍ ଲୋକମାନଙ୍କ ଘରେ ପଶି ତାଙ୍କୁ ଖଣ୍ଡେ ଖଣ୍ଡେ ଗାନ୍ଧୀମୁଣ୍ଡ ଦେଇ ତାଙ୍କର ସବୁଠାରୁ ମୂଲ୍ୟବାନ ଅଧିକାରକୁ ସଉଦା କରିନେଲେ । ଗାଁ ପୋଖରୀ ଉପରେ ଅଧିକାର ଜାହିର କରି ପଚାଶ ଗ୍ରାମ୍ ମାଛ ଛାଡୁନଥିବା ଲୋକମାନେ ନିର୍ବାଚନ ଦିନ ତାଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଧିକାରକୁ ଅନାୟାସରେ ଅନ୍ୟ ହାତକୁ ଟେକି ଦେଇ ଖୁସି ହେଉଥିଲେ ।



## ଡେରି ହୋଇଗଲା

ବୁଢ଼ାଟି ଭୋଟ୍ ଦେବା ପାଇଁ ପୋଲିଂ ଅଫିସରଙ୍କ ଆଗରେ ଠିଆ ହେଲା । ପୋଲିଂ ଅଫିସର୍ ଭୋଟର ଲିଷ୍ଟ ଓ ତା' ଭୋଟ୍ ପରିଚୟ ପତ୍ର ଚେକ୍ କରି ତାକୁ ଭୋଟ୍ ଦାନ କେନ୍ଦ୍ର ଭିତରକୁ ଯିବା ପାଇଁ ଇସାରା କଲେ ।

ବୁଢ଼ା ଟିକିଏ ରହି ଅନୁନୟ କରି ପୋଲିଂ ଅଫିସର୍‌ଙ୍କୁ ପଚାରିଲା : "ଟିକେ ଦେଖିଲେ ମୋ ବୁଢ଼ୀ ଆସି ଭୋଟ୍ ଦେଇ ଗଲାଣି କି?"

ପୋଲିଂ ଅଫିସର୍ ପଚାରିଲେ, "ବୁଢ଼ୀର ନାମ କ'ଣ!"

-"ଫୁଲଦେଈ ମଳିକ ।" ବୁଢ଼ା କହିଲା ଓ ହାତ ଯୋଡ଼ି ପୋଲିଂ ଅଫିସରଙ୍କ ଆଗରେ ଠିଆ ହେଲା ।

ପୋଲିଂ ଅଫିସର୍ ଚେକ୍ କରି କହିଲେ : "ହଁ, ସେ ଭୋଟ୍ ଦେଇ ଗଲେଣି ।"

ବୁଢ଼ା ଆଖିରେ ଲୁହ ଭରିଗଲା । ଦୀର୍ଘ ନିଃଶ୍ୱାସଟିଏ ନେଇ ନିଜକୁ ନିଜେ ବୁଢ଼ା କହିଲା: "ଏଥର ବି ଡେରି ହୋଇଗଲା । ଆଉ ଟିକିଏ ଆଗରୁ ଆସିଥିଲେ ବୁଢ଼ୀ ସହିତ ଦେଖା ହୋଇଥାନ୍ତା !"

ପୋଲିଂ ଅଫିସର୍ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ଆପଣଙ୍କ ବୁଢ଼ୀ କ'ଣ ଆପଣଙ୍କ ସାଥିରେ ରୁହନ୍ତିନି !"

-"ନାଇଁ ଆଜ୍ଞା । ସେ ତ ପନ୍ଦର ବର୍ଷ ହେଲା ମଲାଣି । ଏଇ ଭୋଟ୍ ବେଳକୁ ଆସି ଭୋଟ୍ ଦେଇ ଚାଲିଯାଏ । ଆର ଭୋଟ୍ ବେଳେ ବି ଏମିତି ଆସି ଭୋଟ୍ ଦେଇ ଚାଲିଯାଇଥିଲା । ମୋର ଦେଖା ପଡ଼ିନଥିଲା । ମୁଁ ଚଣ୍ଡାଳଟା ଏଥର ବି ଡେରି କରିଦେଲି । ଦେଖା ହୋଇପାରିଲାନି । ଆଉ ଭୋଟ୍ ଯାଏ ମୁଁ କ'ଣ ଆଉ ବଞ୍ଚିଥିବି ଯେ ଦେଖା ହେବ!"

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର-୭୫୪୧୩୮
ମୋ: ୯୪୩୮୪୬୮୪୭୪

## ପୁସ୍ତକ ପରିଚୟ

### ସଂପର୍କର ସେତୁ

ଡକ୍ଟର ଜ୍ୟୋତିର୍ମୟୀ ତ୍ରିପାଠୀ





ବିଜୟିନୀ ପବ୍ଲିକେଶନ୍ସ
ଅରୁଣୋଦୟ ମାର୍କେଟ୍, କଟକ
ପ୍ରଥମ ପ୍ରକାଶନ: ୨୦୨୪
ମୂଲ୍ୟ: ୧୮୦ ଟଙ୍କା

"ସଂପର୍କର ସେତୁ ଚୁମ୍ବକର ଆକର୍ଷଣ/ ବସୁଧାରୁ କେ କରିବ ତାକୁ ବିକର୍ଷଣ/ ସେପରି ନର ନାରୀ ବିଶ୍ୱରେ ବିସ୍ତାରି/ ସଂପର୍କର ଦଣ୍ଡ ଧରିଛନ୍ତି ହଳଧାରୀ/ ଭାଇଭଉଣୀ ଜଗତ ଜନ ବିଶ୍ୱବାସୀ/ ସ୍ନେହ ଡୋରେ ବନ୍ଧା ଓଠେ ହସ ହସି"(ସଂପର୍କର ସେତୁ) ସ୍ନେହ ଓ ପ୍ରେମର ଡୋରିରେ ବନ୍ଧା ମଣିଷ ଜୀବନ । ମାନବୀୟ ସଂପର୍କ, ସାମାଜିକ ବାସ୍ତବବତା, ପ୍ରାକୃତିକ ସୌନ୍ଦର୍ଯ୍ୟ ମାର୍ମିକ ଭାବେ ଉକୁଟି ଉଠିଛି ଡକ୍ଟର ଜ୍ୟୋତିର୍ମୟୀ ତ୍ରିପାଠୀଙ୍କ 'ସଂପର୍କର ସେତୁ' ପୁସ୍ତକର କବିତାଗୁଡ଼ିକରେ । ନାରୀ ମମତାମୟୀ, ସେ ପୁଣି ଶକ୍ତିଦାୟିନୀ, କେବେ ପୁଣି ବିପ୍ଳବିନୀ । 'ନାରୀର ଭାଗ୍ୟ ଲିଖନ', 'ସାବିତ୍ରୀ ଉବାଚ', 'କୁଳବଧୂ', 'ସେ ମୋ ମାଆ', 'ବୋଉ' ଆଦି କବିତାରେ ନାରୀର ବିଭିନ୍ନ ରୂପ ଅତି ଚମତ୍କାର ଭାବେ ପ୍ରତିଫଳିତ ହୋଇଛି । ସେହିପରି ପ୍ରକୃତିର ବର୍ଣ୍ଣନାରେ ମଧ୍ୟ କବି ଶତମୁଖ ହୋଇଉଠିଛନ୍ତି । 'ଆସ ବର୍ଷା', 'ଆସୁଛି ବର୍ଷା', 'ଋତୁରାଜ ଆସିଛି', 'ବସନ୍ତ ଆସୁଛି', 'ବର୍ଷା ଭାବନାରେ ବିଭୁ ଚେତନା' ପ୍ରଭୃତି କବିତାରେ ପ୍ରକୃତିର ଜୀବନ୍ତ ବର୍ଣ୍ଣନା ରହିଛି । ସେହିପରି 'ଗୁହାରି ମୋ ତୁମକୁ', 'ଠଣ ସୁନ୍ଦର', 'ନଗର ମଣି', 'ଆହେ ନୀଳାଦ୍ରି ଗୋସାଇଁ', 'ଗୁଣ୍ଡିଚା ଯାତ', 'ତୁମ କରୁଣା ଦିଅ ଭରି', 'ନାମେ ସିଦ୍ଧି', 'ଆସ ମା' ଭବାନୀ' ଆଦି କେତେକ କବିତାରେ ଶ୍ରୀଜଗନ୍ନାଥ ଚେତନା, ଈଶ୍ୱରୀୟ ଭାବନା ଓ ମାତୃବନ୍ଦନା ପ୍ରକାଶ ପାଇଛି । 'ସଂପର୍କର ସେତୁ'ର କବିତାଗୁଡ଼ିକ ପାଠକଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।

### କବି ଶେଖର ଚିନ୍ତାମଣି ମହାନ୍ତି ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଗଞ୍ଜାମ ଭ୍ରମଣ

ସଂପାଦନା

ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ

ଡକ୍ଟର ଅନନ୍ତରାମ କର କୌଣ୍ଡିନ୍ୟ





ସର୍ଜନା
ପାଣିଗ୍ରାହୀ ସାହି, ଗୋଷାଇଁ ନୂଆଗାଁ
ବ୍ରହ୍ମପୁର-୩
ପ୍ରଥମ ପ୍ରକାଶ: ୨୦୨୧
ମୂଲ୍ୟ: ୯୦ ଟଙ୍କା

ଗଞ୍ଜାମ ପ୍ରସଙ୍ଗକୁ ନେଇ କବିଶେଖର ଚିନ୍ତାମଣି ମହାନ୍ତି ଓ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରଚିତ 'ଗଞ୍ଜାମ ଭ୍ରମଣ' ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକକୁ ସଂପାଦନା କରିଛନ୍ତି ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ ଓ ଡକ୍ଟର ଅନନ୍ତରାମ କର କୌଣ୍ଡିନ୍ୟ । କବିଶେଖର ଚିନ୍ତାମଣି ମହାନ୍ତିଙ୍କ 'ଗଞ୍ଜାମ ଭ୍ରମଣ' କାବ୍ୟ ଅବିଭକ୍ତ ଗଞ୍ଜାମର ଏକ ପ୍ରାମାଣିକ ଇତିହାସ । ଗଞ୍ଜାମର ବିଭିନ୍ନ ପ୍ରସଙ୍ଗ ଓ ଚରିତ୍ରକୁ ନେଇ ଏହି କାବ୍ୟ ରଚିତ । ଏହି କାବ୍ୟରେ ଗଞ୍ଜାମର ପ୍ରାକୃତିକ ସୌନ୍ଦର୍ଯ୍ୟ, ଓଡ଼ିଆ ଭାଷା, ଶିକ୍ଷା, ସଂସ୍କୃତି, ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସଂପର୍କରେ ବର୍ଣ୍ଣନା କରାଯାଇଛି । ସେହିପରି ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ଉତ୍କଳ ଭ୍ରମଣ' କାବ୍ୟରେ ରଚିତ ଗଞ୍ଜାମ ପ୍ରସଙ୍ଗକୁ ମଧ୍ୟ ଏହି ପୁସ୍ତକରେ ସଂକଳିତ କରାଯାଇଛି । ଗଞ୍ଜାମ ସହିତ ଫକୀରମୋହନଙ୍କ ନିବିଡ଼ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ଥିଲା । 'ଉତ୍କଳ ଭ୍ରମଣ'ରେ ବର୍ଣ୍ଣିତ ଗଞ୍ଜାମ ପ୍ରସଙ୍ଗରେ ଜିଲ୍ଲାର ବିଶେଷତ୍ୱ ପ୍ରସ୍ଫୁଟିତ ହୋଇଉଠିଛି । ଚିନ୍ତାମଣି ମହାନ୍ତି ଓ ଫକୀର ମୋହନଙ୍କ ରଚନାରୁ ତତ୍କାଳୀନ ଗଞ୍ଜାମର ଚିତ୍ର ଓ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସଂପର୍କରେ ଜାଣି ହେବ । ପାଠକଙ୍କ ସୁବିଧା ପାଇଁ ଉଭୟ କାବ୍ୟର ପାଦଟୀକା ଦିଆଯାଇଛି । ଗଞ୍ଜାମ ପ୍ରସଙ୍ଗକୁ ଭିତ୍ତିକରି ଏହି ଦୁଇଟି କାବ୍ୟ ରଚିତ ହୋଇଥିଲେ ମଧ୍ୟ ଏଥିରେ ଓଡ଼ିଶା ଇତିହାସ ସଂପର୍କରେ ଅନେକ ତଥ୍ୟ ରହିଛି । ପାଠକମାନେ ତତ୍କାଳୀନ ଗଞ୍ଜାମ ଜିଲ୍ଲାର ଅନେକ ତଥ୍ୟ ଏହି ପୁସ୍ତକରେ ପାଇପାରିବେ ବୋଲି ଆଶା କରାଯାଏ ।

## ଏ ସପ୍ତାହର କବିତା

### ଅଣଚାଶ ବର୍ଷରେ

ପ୍ରତୀକ୍ଷା ଜେନା



କୌଣସି ଖେଳ ନିଶାରେ କିମ୍ବା
ଗୁଜବରେ ସମ୍ପୃକ୍ତ ନଥିଲା ସେ ।

ତା'ର ତୃତୀୟ ପ୍ରେମିକ ଜଣେ ଚିତ୍ରକର ଥିଲା;
ଅନିଦ୍ରା ଓ ପ୍ରବଳ କ୍ଷୁଧା ସତ୍ତ୍ୱେ ବି
ଆକାଶରେ ଫୁଲ ଫୁଟିଲା ଭଳି ତାରା ଫୁଟିବା ହେଲାନି,

ବିଛଣା ସାରା ଖେଳେଇ ପଡ଼ିଥିଲା ମହାନଦୀ,
ଆଖିର କୋରଡ଼ରେ ବାରି ହେଉଥିଲା ଅଥଚ ଏକ ମରୁଭୂମି;
ଯେଉଁମାନେ ଭାବୁଥିଲେ ବନ୍ୟା ଆସିପାରେ,
ସେମାନେ ଗପ ଲେଖିବା ମଣିଷ ଥିଲେ,

ଠିକ୍ ପଚାଶ ପୂରିଲା ବେଳକୁ
ଗୋଟେ ପ୍ରଜାପତିର ଡଣ୍ଟିଚିପି ଦେବାର ଗ୍ଳାନିରେ
ହତବାକ୍ ଥିଲା;

ସେ କେବେ ଥରେ ତା'ର ଜେଜେମା'ଙ୍କୁ
ସ୍ୱପ୍ନରେ ଦେଖନ୍ତା ବୋଲି ଭାବୁଥିଲା,
ଭିଡ଼ି ଧରିଥିବା ମୁହଁମାନଙ୍କୁ ଶକ୍ତ ଚାପୁଡ଼ା ମାରି
ଜଙ୍ଗଲର ଅନ୍ଧାରିଆ ଛାଇ ଭିତରେ ହଜି ଯିବାକୁ ଚାହୁଁଥିଲା,

ଯଦିଓ ପର୍ବତର ଶିଖରରେ ପହଞ୍ଚିବାର ଥିଲା ।

ନାଲ୍‌କୋ ନଗର, ଅନୁଗୁଳ



### କୁମ୍ଭାଟୁଆ ଡାକେ

ଅଖିଳ କୁମାର ମିଶ୍ର



ବର୍ଷା ଆଉ ବାଦଲ
ଜୋର୍‌ରେ ଚାଲିଲାଣି, ଥୁଆ ଥୁଆ ପାଣି
ଓ ଆଶ୍ୱସ୍ତିର ତରଳ ଚାଦର ବୁଣି ।
ପ୍ରିୟତମା ତମେ କି ଜାଣ,
ବର୍ଷା କେଉଁଠି ଝରିବାକୁ ଭଲପାଏ –
ଅଟକି ଯିବାକୁ ଚାହେଁ କେଉଁ କେଉଁ ଥାନରେ ?
ନିଦାଘର ପ୍ରତୀକ୍ଷାଟା କେତେ ଲମ୍ବା ଥିଲା ଏସନ ?
ଛୁଉଁ ଛୁଉଁ ଦେହ ତାତି ଯାଉଥିଲା,
ଅଶ୍ରଦ୍ଧାର ଗରମ ହାୱାରେ ଜୀବନ କି ଜୀବନ ଥିଲା ।
ପ୍ରେମିକା ମୋର, ଦେଖୁନ ଏବେ,
ସବୁଜ ସବୁଜ ଗଛ,
ଲାଜୁଆ ଲାଜୁଆ ପତ୍ର,
ମୁଲାଏମ୍ ଧୀରେ ଧୀରେ ସମୀର,
ଛାତିରେ ଛାତିଏ ସ୍ପନ୍ଦନ ।
ଆଉ ଡେରି କାହିଁକି ?
ଆସ, ଏ ସମୟତକ ଖେଳିବା,
ତୁମେ ମୋ ସହ, ମୁଁ ତମ ସହ;

କେତେ ଶବ୍ଦ ଗୁପ୍‌ଚୁପ୍ ଘଞ୍ଚଲତାରେ
ଟୁପ୍‌ଟୁପ୍ ବିନ୍ଦୁମାନେ,
ହାଲ୍‌କା ଖୋଜୁଛି ଆମ ପୁରୁଣା ନୀଡ଼,
ଆଗକୁ ଅନେକ ସ୍ୱପ୍ନର ଭିଡ଼ ।

ଅତିରିକ୍ତ ମହାନିର୍ଦ୍ଦେଶକ
ପତ୍ର ସୂଚନା କାର୍ଯ୍ୟାଳୟ, ଭାରତ ସରକାର
ରାଞ୍ଚି, ଝାଡ଼ଖଣ୍ଡ

# ଗୁଡ୍ ମର୍ଣ୍ଣିଂ ଓଡ଼ିଶା



ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ମଧ୍ୟରୁ ଜଗତସିଂହପୁର ଅନ୍ୟତମ । ଭୌଗୋଳିକ ମାନଚିତ୍ରରେ ତ୍ରିକୋଣୀୟ ଆକୃତିର ଏହି ଜିଲ୍ଲାର ପୂର୍ବରେ ବଙ୍ଗୋପସାଗର ପ୍ରବାହିତ ହେଉଥିବା ବେଳେ ପ୍ରମୁଖ ନଦୀଗୁଡ଼ିକ ଏହି ଠାରେ ସମୁଦ୍ରରେ ମିଶିଛନ୍ତି । ଜିଲ୍ଲାର ତିନିଟି ବ୍ଲକ ସମୁଦ୍ର ଉପକୂଳକୁ ସଂଲଗ୍ନ କରୁଥିବା ସମୟରେ ସମଗ୍ର ଜିଲ୍ଲାର ଅଧିକାଂଶ ଲୋକେ ମାଛଧରାକୁ ବୃତ୍ତିଭାବରେ ଗ୍ରହଣ କରିଆସିଛନ୍ତି । ଉପକୂଳବର୍ତ୍ତୀ ଜଗତସିଂହପୁର ଜିଲ୍ଲାର ମତ୍ସ୍ୟଜୀବୀ ଓ ଦରିଆ ଉପରେ ନିର୍ଭରଶୀଳ ଲୋକଙ୍କ ଜୀବନ ଜୀବିକା ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା ।

ପ୍ରସ୍ତୁତି: ଜଗତସିଂହପୁରରୁ ରଶ୍ମିରଞ୍ଜନ ମହାପାତ୍ର



# ଦରିଆ ଦେଇଛି ଜୀବିକା







## ମୁହାଣ ମୁହଁରେ ମାଛଧରା

ଜିଲ୍ଲାର ଶହ ଶହ ପାରମ୍ପାରିକ ମତ୍ସ୍ୟଜୀବୀ ବିଭିନ୍ନ ନଦୀ ସଂଲଗ୍ନ ସମୁଦ୍ର ମୁହାଣ ନିକଟରେ ଖାରୀପାଣିରୁ ମାଛ ଧରୁଥିବା ଜଣାପଡ଼ିଛି । ଦେବୀନଦୀର ମୁହାଣ ଓ ବଙ୍ଗୋପସାଗର ମିଳନସ୍ଥଳରେ ଧୀବରମାନେ ପ୍ରତିଦିନ ବୋଟ ନେଇ ମାଛ ଧରିବା ସହିତ ଏଗୁଡିକୁ ବାଲିକୁଦା ବ୍ଲକ ମରିଚିପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଦରଠାରେ ବେପାରୀଙ୍କୁ ବିକ୍ରି କରିଥାନ୍ତି । ଏଠାରେ ୫୦ରୁ ୬୦ଟି ଯାନ୍ତ୍ରିକ ଡଙ୍ଗାରେ ପ୍ରାୟ ଦୁଇଶହରୁ ଅଧିକ ମତ୍ସ୍ୟଜୀବୀ ପ୍ରତିଦିନ ମାଛ ଧରିଥାନ୍ତି । ସେହିପରି ଏରସମା ବ୍ଲକ ଅନ୍ତର୍ଗତ ହାୱାଖାନା ନିକଟ ଦେବୀନଦୀର ଏକ ଶାଖା ନଦୀ ସମୁଦ୍ରକୁ ଲାଗିଥିବା ସମୟରେ ଏଠାରେ ନିକଟବର୍ତ୍ତୀ ଦୁଇ / ତିନିଟି ପଞ୍ଚାୟତର ମତ୍ସ୍ୟଜୀବୀମାନେ ୨୫ରୁ ଅଧିକ ଡଙ୍ଗାରେ ଖାରୀ ପାଣି ମାଛ ଧରିଥାନ୍ତି । ସେହିପରି ଏରସମା ବ୍ଲକର ଜଟାଧାର ମୁହାଣ ନିକଟରେ ପ୍ରତିଦନ ଶହ ଶହ ମତ୍ସ୍ୟଜୀବୀ ସାମୁଦ୍ରିକ ମାଛ ଧରିଥାନ୍ତି । ଏଠାରେ ପାଖାପାଖି ୧୫୦ରୁ ଅଧିକ ଡଙ୍ଗା ଓ ହୁଲିଡଙ୍ଗାରେ ମତ୍ସ୍ୟଜୀବୀ ମାଛ ଧରିଥାନ୍ତି । ବିଶେଷକରି ଗଡ଼ କୁଜଙ୍ଗ ନୋଳିଆ ସାହିର ପ୍ରାୟ ୨ଶହରୁ ଅଧିକ ଧୀବର ଏଠାରେ ମାଛ ଧରିବା ଉପରେ ନିର୍ଭରକରି ଚଳୁଛନ୍ତି । ଅନ୍ୟପକ୍ଷରେ ଶିଳ୍ପପାଇଁ ପାନ ବରଜ ଚାଲିଯିବା ପରେ ରୋଜଗାର ହାରଇ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗର କିଛି ଲୋକ ମାଛ ଧରିବାରେ ନିୟୋଜିତ ହୋଇଛନ୍ତି ।

୧୯ ୬୦ ଦଶକରେ ପାରାଦୀପ ବନ୍ଦର ଓ ପରେ ରାଜ୍ୟର ବୃହତମ ମାଛଧରା ବନ୍ଦର ପାରାଦୀପରେ ଗଢ଼ିଉଠିବା ପରେ ମତ୍ସ୍ୟ ଉତ୍ପାଦନରେ ଜିଲ୍ଲାର ଲୋକମାନଙ୍କ ସମ୍ପୃକ୍ତି ଓ ସହଭାଗିତା ବଢ଼ିଚାଲିଛି । ଜିଲ୍ଲାରେ ପାରାଦୀପ ବନ୍ଦର ସହର ସମେତ ବ୍ୟାପକ ଶିଳ୍ପାୟନ ଘଟିଥିଲେ ମଧ୍ୟ ସମୁଦାୟ ଜନସଂଖ୍ୟାର ପ୍ରାୟ ୩୩ ପ୍ରତିଶତ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ, ସଂରକ୍ଷଣ, ପ୍ରକ୍ରିୟାକରଣ ଓ ବ୍ୟବସାୟ ସହିତ ସିଧାସଳଖ ସମ୍ପୃକ୍ତ ରହିଥିବା ସୂଚନା ମିଳିଛି ।

## ବୃହତ୍ତମ ମତ୍ସ୍ୟ ରପ୍ତାନିକାରୀ ବନ୍ଦର

ପାରାଦୀପ ଅଠରବାଙ୍କିରୁ ନେହରୁ ବଙ୍ଗଳା ରାସ୍ତାରେ ପଡ଼େ ରାଜ୍ୟର ସର୍ବବୃହତ ସାମୁଦ୍ରିକ ମାଛଧରା ବନ୍ଦର । ମୋଟ ୪୩ ଏକର ଜମି ଉପରେ ନିର୍ମିତ ଏହି ମାଛଧରା ବନ୍ଦର ୧୯୯୬ ମସିହାରେ ମୋଟ ୩୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା । ଏହି ବନ୍ଦର ୧୯୯୮ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା । ସେହିପରି ୨୦୧୧ରେ ଏହା ରାଜ୍ୟ ସାମୁଦ୍ରିକ ମତ୍ସ୍ୟ ବିଭାଗ ନିୟନ୍ତ୍ରଣକୁ ଆସିଥିଲା । ରାଜ୍ୟର ବୃହତମ ସାମୁଦ୍ରିକ ମତ୍ସ୍ୟ ରପ୍ତାନିକାରୀ ବନ୍ଦର ଭାବରେ ଏହା ପ୍ରସିଦ୍ଧିଲାଭ କରିଛି । ପ୍ରତିଦିନ ଏହି ମାଛଧରା ବନ୍ଦରରେ ବଡ଼ ବଡ଼ ଡଙ୍ଗା ଲାଗିଥାଏ । ଏଠାରେ ପ୍ରତିଦିନ ଟନ୍ ଟନ୍ ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ପ୍ରଭୃତି ନିଲାମ ହୋଇଥାଏ । ଏଠାରେ ଗ୍ରାହକଙ୍କୁ ମାଛ କିଣିବାର ସୁଯୋଗ ମିଳୁ ନ ଥିବା ସମୟରେ ବ୍ୟବସାୟୀମାନେ ନିଲାମରେ ଭାଗ ନେଇଥାନ୍ତି ।



### ■ ବାର୍ଷିକ ୧୫୦ କୋଟିର ଚିଙ୍ଗୁଡ଼ି ରପ୍ତାନି



ଏହି ମାଛଧରା ବନ୍ଦରରୁ ବାର୍ଷରିକ ୧୫୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନି ହୋଇଥାଏ । ଯାହାକି ରାଜ୍ୟର ବାର୍ଷିକ ଚିଙ୍ଗୁଡ଼ି ରପ୍ତାନିର ୪୦ ପ୍ରତିଶତରୁ ଅଧିକ ବୋଲି କୁହାଯାଉଛି । ଏଠାରୁ ପ୍ରତିବର୍ଷ ପ୍ରାୟ ୩, ୫୦୦ ଟନ୍ ଚିଙ୍ଗୁଡ଼ି କେବଳ ୟୁରୋପୀୟ ଦେଶକୁ ରପ୍ତାନି ହେଉଥିବା ଜଣାପଡ଼ିଛି । ଏହି ମାଛଧରା ବନ୍ଦରରେ ପ୍ରାୟ ୭ ଶହ ବଡ଼ ଟ୍ରଲର, ୪ଶହ ମଧ୍ୟମ ଆକାରର ମାଛଧରା ବୋଟ ଗଭୀର ସମୁଦ୍ରକୁ ମାଛ ମାରିବାକୁ ଯାଇଥାଏ । ମୋଟ ୧୨ ହଜାର ମତ୍ସ୍ୟଜୀବୀଙ୍କ ସମେତ ପ୍ରାୟ ୫୦ ହଜାର ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଏହି ମାଛଧରା ବନ୍ଦର ଉପରେ ନିର୍ଭରଶୀଳ । ଏହି ମାଛଧରା ବନ୍ଦରକୁ ବାର୍ଷିକ ୨୫ ହଜାର ଟନ୍ ମାଛ ଆସୁଥିବା ସମୟରେ ପ୍ରାୟ ୧୦୦ କୋଟି ଟଙ୍କାର ୧୫ ରୁ ୧୮ ହଜାର ଟନ୍‌ର ମାଛ ରପ୍ତାନି ହୁଏ । ଏଠାରେ ସମୟ ସମୟରେ ବିରଳ ମୂଲ୍ୟବାନ ତେଲିଆ ବୋରେଇ ଓ ତେଲିଆ ଭୋଲା ମାଛ ମିଳିଥାଏ । ୨୦୨୩ ଅକ୍ଟୋବର ୩ ତାରିଖରେ ପାରାଦୀପର ଧିବରମାନେ ୧୧୦ କିଲୋରୁ ଅଧିକ ଏକ ବିରଳ ତେଲିଆ ଭୋଲା ମାଛ ଧରିଥିଲେ ।



### ■ ସାମୁଦ୍ରିକ ମତ୍ସ୍ୟ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍

ଗଭୀରତମ ବଙ୍ଗୋପସାଗରକୁ 'ତାଜା ମାଛର ଖଣି' ବୋଲି କୁହାଯାଏ । ପ୍ରତିଦିନ ଶହ ଶହ ଟନ୍ ମାଛ ଉତ୍ପାଦନ ହେଉଥିବାରୁ ଏହି ମାଛର ଚାହିଦାକୁ ନେଇ ପାରାଦୀପ ବନ୍ଦର ସଂଲଗ୍ନ ଶିଳ୍ପାଞ୍ଚଳରେ ସାମୁଦ୍ରିକ ମତ୍ସ୍ୟ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌ଗୁଡ଼ିକ ଗଢ଼ିଉଠିଛି । ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ଶିଳ୍ପରେ ପୂର୍ବରୁ ୩ ହଜାର ମହିଳା କାମ କରୁଥିବା ସମୟରେ ଏବେ ଏହି ସଂଖ୍ୟା ହ୍ରାସ ପାଇଥିବା ସୂଚନା ମିଳିଛି । ଅନ୍ତର୍ଜାତୀୟ ସ୍ତରରେ ସାମୁଦ୍ରିକ ଖାଦ୍ୟର ଚାହିଦାକୁ ନେଇ ପୂର୍ବରୁ ୧୨ଟିରୁ ଅଧିକ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ଏଠାରେ ଗଢ଼ିଉଠିଥିବା ସମୟରେ ଏବେ ବିଭିନ୍ନ କାରଣରୁ ଏହା ୬ଟିରେ ସୀମିତ ରହିଛି । ଏଥି ସହିତ ମାଛ ସଂରକ୍ଷଣ ପାଇଁ ପର୍ଯ୍ୟାପ୍ତ ବରଫର ଆବଶ୍ୟକତା ଥିବାରୁ ବରଫ କଳଗୁଡ଼ିକ ମଧ୍ୟ ଏଠାରେ ଗଢ଼ିଉଠିଛି । ସାମୁଦ୍ରିକ ମତ୍ସ୍ୟ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଜିଲ୍ଲାର ବହୁ କୁଶଳୀ ଓ ଅଣକୁଶଳୀ ମହିଳା ଓ ପୁରୁଷ ଶ୍ରମିକଙ୍କୁ କର୍ମନିଯୁକ୍ତି ଦେଇଛି ।



### ■ ଡଙ୍ଗା ଓ ଜାଲ ତିଆରିରେ ନିୟୋଜିତ

ପାରାଦୀପ ଗଭୀର ସମୁଦ୍ରରେ ମାଛ ଧରିବାକୁ ବଡ଼ ବଡ଼ ଡଙ୍ଗା ଓ ଜାଲର ଆବଶ୍ୟକତା ରହିଛି । ଏହି ଡଙ୍ଗା ସଂଖ୍ୟା ବଢ଼ିଚାଲିଥିବା ସମୟରେ ନୁଆ ଡଙ୍ଗା ତିଆରି ଓ ପୁରୁଣା ଡଙ୍ଗା ମରାମତିର ଆବଶ୍ୟକତା ରହିଛି । ସେହିପରି ଭାରତୀୟ ତଟରକ୍ଷୀ ବାହିନୀ ଦ୍ୱାରା ଚିହ୍ନିତ 'କଲର୍ କୋର୍ଡ' ଅନୁସାରେ ଡଙ୍ଗା ବା ବୋଟକୁ ରଙ୍ଗଦେବାର ମଧ୍ୟ ଦରକାର ପଡୁଛି । ଏହି ଆବଶ୍ୟକତାକୁ ନେଇ ଷଣ୍ଢକୁଦର ୨ଶହ ଜଣ ଲୋକ ଜାଲ ମରାମତି କାମରେ ନିୟୋଜିତ ଥିବା ସୂଚନା ମିଳିଛି । ସେହିପରି ଡଙ୍ଗା ନିର୍ମାଣ ଓ ମରାମତିରେ ୫ଶହ କାରିଗର ନିୟୋଜିତ ଥିବା ସୂଚନା ମିଳିଛି । ତେବେ ଏହି କାରିଗର ମାନଙ୍କ ମଧ୍ୟରୁ ଅନେକ ମାଛ ଉତ୍ପାଦନ ସମୟରେ ଫିସିଙ୍ଗକୁ ଯାଉଥିବା ବେଳେ ଅନ୍ୟ ସମୟରେ ବୋଟ ଓ ଜାଲ ମରାମତି କରୁଥିବା ସୂଚନା ମିଳିଛି ।

## 'ଶୁଖୁଆ' ପୋଷୁଛି ୨୨ ଶହ ପରିବାର

ଜଗତସିଂହପୁର ଜିଲ୍ଲାର ପାରାଦୀପ ରାଜ୍ୟର ପ୍ରମୁଖ ସାମୁଦ୍ରିକ ଶୁଖୁଆ ଉତ୍ପାଦନ କେନ୍ଦ୍ର ମଧ୍ୟରୁ ଅନ୍ୟତମ । ରାଜ୍ୟ ତଥା ରାଜ୍ୟ ବାହାରେ ପାରାଦୀପ ଶୁଖୁଆର ବ୍ୟାପକ ଚାହିଦା ରହିଛି । ବର୍ଷ ବର୍ଷ ଧରି ଏଠାରେ ପ୍ରାୟ ୧୫ ଶହ ପରିବାର ପ୍ରାୟ ୮ ହଜାର ଲୋକ ପାରମ୍ପରିକ ଉପାୟରେ ଶୁଖୁଆ ଉତ୍ପାଦନ କରି ଜୀବିକା ନିର୍ବାହ କରିଆସୁଛନ୍ତି । ସେହିପରି ଜିଲ୍ଲାର ଅନ୍ୟ ୭ ଶହ ପରିବାର ମଧ୍ୟ ଏହି ବ୍ୟବସାୟ ଦ୍ୱାରା କର୍ମନିଯୁକ୍ତି ପାଇଛନ୍ତି । ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ୨୨ ଶହ ପରିବାର ଶୁଖୁଆ ଉପରେ ନିର୍ଭର କରି ଚଳୁଛନ୍ତି । ବନ୍ଦରନଗରୀ ପାରାଦୀପର ଶୁଖୁଆ ଖଳା, ଷଣ୍ଢକୁଦ, ଅଠରବାଙ୍କୀରୁ ତାଳଦଣ୍ଡା କେନାଲ ବନ୍ଧ ଓ ରାଇସ୍‌ମିଲ ପାଖରେ ଏହି ଶୁଖୁଆ ଉତ୍ପାଦନକାରୀମାନେ ବସବାସ କରୁଛନ୍ତି । ପ୍ରତିବର୍ଷ ଏଠାରୁ ୧୦ ହଜାର ଟନ୍ ଶୁଖୁଆ ଉତ୍ପାଦିତ ହେଉଛି । ଏହି ଶୁଖୁଆ ରାଜ୍ୟର ରାଉରକେଲା, ସମ୍ବଲପୁର, ବରଗଡ଼, ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର ସମେତ ୧୬ଟି ଜିଲ୍ଲା ଓ ଦେଶର ପଶ୍ଚିମବଙ୍ଗ, ଛତିଶଗଡ଼, କେରଳ ଓ ଆସାମକୁ ସମେତ ୫/୬ଟି ରାଜ୍ୟକୁ ଯାଉଥିବା ଜଣାପଡ଼ିଛି । ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସାମୁଦ୍ରିକ ଶୁଖୁଆର ପ୍ରମୁଖ ବଜାର ଚାହିଦା ରହିଥିବା ବେଳେ ପାରାଦୀପର ଶୁଖୁଆ ଉତ୍ପାଦନକାରୀ ଓ ବ୍ୟବସାୟୀ ଉପଯୁକ୍ତ ଜ୍ଞାନକୌଶଳ ଅଭାବରୁ ଉଚିତ୍ ମୂଲ୍ୟ ପାଇପାରୁ ନ ଥିବା କୁହାଯାଉଛି । ବର୍ଷର ବର୍ଷା ୪ ମାସରେ ସମୁଦ୍ରରୁ ଅଧିକ ମାଛ ଉତ୍ପାଦନ ହେଉଥିବା ବେଳେ ଏହି ସମୟରେ ପ୍ରସ୍ତୁତ କରାଯାଉଥିବା ଟନ୍ ଟନ୍ ଶୁଖୁଆ ଆର୍ଦ୍ରତା । ଦ୍ୱାରା ଗୁଣମାନ ହରାଉଥିବା ବେଳେ ଏହାକୁ ଶସ୍ତାରେ କୁକୁଡ଼ା ଦାନା ଫାର୍ମକୁ ସେମାନେ ବିକିବାକୁ ବାଧ ହେଉଛନ୍ତି । ଏଠାରେ ରପ୍ତାନିଭିତ୍ତିକ ସାମୁଦ୍ରିକ ଶୁଖୁଆ ପ୍ରକ୍ରିୟାକରଣ କ୍ଲଷ୍ଟର କରାଯିବାକୁ ଘୋଷଣା କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ତାହା ଆରମ୍ଭ ହୋଇପାରିନାହିଁ । ପାରାଦୀପ ବନ୍ଦର ସନ୍ନିକଟ ଲୁଣ୍ଡକୁଆ ଓ ବାଲିକୁଦା ବ୍ଲକର ମରିଚିପୁର ଗ୍ରାମରେ ମହିଳା ଉତ୍ପାଦକ ଗୋଷ୍ଠୀର ସଦସ୍ୟାମାନେ ସ୍ୱାସ୍ଥ୍ୟପ୍ରଦ ସୁଖୁଆ ପ୍ୟାକେଟ ପ୍ରସ୍ତୁତକରି ବିକିବା ଦ୍ୱାରା ସ୍ୱାବଲମ୍ବୀ ହୋଇପାରିଛନ୍ତି । ସେମାନେ ଖଏଙ୍ଗା, ଡେମା, ପଥରମୁଣ୍ଡି, ଖାସୁଲି, ବୋରେଇ, କୋକଲି, ଫାସି, ଚାନ୍ଦି, ପାଣିଆଖିଆ, ଚଟେଇ ଓ ଚିଙ୍ଗୁଡ଼ି ପ୍ରଭୃତି ଶୁଖୁଆ ସ୍ୱାସ୍ଥ୍ୟପ୍ରଦ ଉପାୟରେ ପ୍ରସ୍ତୁତ କରିବାପରେ ଏହାକୁ ଜରି ପ୍ୟାକିଂ କରି ବଜାରରେ ବିକ୍ରି କରୁଛନ୍ତି । ପ୍ରତି ଦେଢ଼ କିଲୋ ମାଛରେ ପାଖାପାଖି ଏକ କିଲୋ ଶୁଖୁଆ ପ୍ରସ୍ତୁତ ହେଉଛି । ଶହେ ଟଙ୍କାର ମାଛ କିଣି ଶୁଖୁଆ ପ୍ରସ୍ତୁତ ପରେ ସେମାନେ ଏହାକୁ ଦେଢ଼ଶହ ଟଙ୍କାରେ ବିକ୍ରି କରୁଛନ୍ତି । ଲୁଣ, ଶ୍ରମ ଓ ପ୍ୟାକିଂ ଖର୍ଚ୍ଚକୁ ବାଦ ଦେଲେ ଶୁଖୁଆ ପ୍ରସ୍ତୁତିରେ ଶହେ ଟଙ୍କା ଖର୍ଚ୍ଚ କଲେ ୩୫ ଟଙ୍କା ଲାଭ ମିଳିଥାଏ ବୋଲି ସେମାନେ କହିଛନ୍ତି ।





### ଖାରୀ ପାଣିରେ ଚିଙ୍ଗୁଡ଼ି ଓ କଙ୍କଡ଼ା ଚାଷ

ଜିଲ୍ଲାର ବହୁ ନଦୀ ସମୁଦ୍ରରେ ମିଶିଛି । ସମୁଦ୍ରର ଲୁଣି ପାଣି ନଦୀ ମଧ୍ୟକୁ ପଶି ଆସିବା ସହିତ ନଦୀର ମୁହଣ ନିକଟ କିଛି ଦୂର ପାଣିକୁ ଖାରୀ କରିଛି । ଏହି ସୁଯୋଗରେ ଜିଲ୍ଲାର ଏରସମା ଓ ବାଲିକୁଦା ବ୍ଲକର କିଛି ମତ୍ସ୍ୟଜୀବୀ ଉନ୍ନତ ମାନର ରପ୍ତାନିଯୋଗ୍ୟ ଚିଙ୍ଗୁଡ଼ି ଚାଷକରି ଲାଭବାନ ହେଉଛନ୍ତି । ସେମାନେ ବିଭିନ୍ନ ନଦୀକୁ ସମାୟିକ ଭାବରେ ଆଡ଼ିବନ୍ଧ ଦେଇ ଅବରୋଧ କରି ଖାରୀ ପାଣି ଚିଙ୍ଗୁଡ଼ି ଓ କଙ୍କଡ଼ା ଚାଷ କରିବା ସହିତ ଏଥିରୁ ଲାଭବାନ ହେଉଛନ୍ତି । ଅନ୍ୟପକ୍ଷରେ ସାମୁଦ୍ରିକ ଉପକୂଳବର୍ତ୍ତୀ ଅଞ୍ଚଳ ମରିଚିପୁର ଓ ବନ୍ଦର ପ୍ରଭୃତି ଗ୍ରାମର ମହିଳାମାନେ ମାଣ୍ଡୁଆ କଙ୍କଡ଼ା ଧରିବାକୁ ସ୍ଥାନୀୟ 'ନଦୀପାଟ' 'ନଡ଼ିଆଖିଆ' ଅଞ୍ଚଳକୁ ଯାଇଥାନ୍ତି । ସାମୁଦ୍ରିକ ମୁହାଣ ନିକଟ ହେନ୍ତାଳ ବଣ ଅଞ୍ଚଳରେ ଜୁଆର ଛାଡ଼ିବା ପରେ ଶହ ଶହ ସଂଖ୍ୟରେ ଏହି ମହିଳାମାନେ ଗାତରୁ ମାଣ୍ଡୁଆ କଙ୍କଡ଼ା ଧରିଥାନ୍ତି । ଏହି କଙ୍କଡ଼ା ଧରିବା ପଦ୍ଧତିକୁ ସ୍ଥାନୀୟ ଭାଷାରେ 'ଗୋରଡି' ବୋଲି କୁହାଯାଏ । ତେବେ ସ୍ଥାନୀୟ ମାଛ ଗଦିରେ ଏହି କଙ୍କଡ଼ାକୁ ମହିଳାମାନେ ବିକ୍ରି କରିଥାନ୍ତି । ଏହି କଙ୍କଡ଼ା ପଶ୍ଚିମବଙ୍ଗ ରପ୍ତାନି ହେଉଥିବା ବେଳେ ହାଲୁକା ଓ ଇଟ ବିହୀନ ଅଣ୍ଡିରା କଙ୍କଡ଼ା ସ୍ଥାନୀୟ ବଜାରରେ ତିନିଶହରୁ ୫ ଶହ ଟଙ୍କାରେ ବିକ୍ରି ହେଉଛି ।

### ବ୍ୟବସାୟୀଙ୍କ ପେଣ୍ଠ ଅଠରବାଙ୍କୀ ବାଲିଫ୍ଲଟ୍

ବହୁ ବର୍ଷ ତଳୁ ଅଠରବାଙ୍କି ବାଲିଫ୍ଲଟ ପାଲଟିଛି ଅଘୋଷିତ ମାଛଧରା ବନ୍ଦର ଓ ମାଛ ବ୍ୟବସାୟ କେନ୍ଦ୍ର । ଏହି ବାଲିଫ୍ଲଟରେ ପ୍ରତିଦିନ ମାଛ ଭର୍ତ୍ତି ଛୋଟ ଛୋଟ ଡଙ୍ଗା ଲାଗିବା ସହିତ ଏଠାରେ ଏହି ମାଛକୁ ବିକ୍ରି କରାଯାଇ ଆସୁଛି । ଅଠରବାଙ୍କି ବାଲିଫ୍ଲଟ୍ ଉପରେ ୫ ଶହ ମାଛ ବ୍ୟବସାୟୀଙ୍କ ସମେତ ପ୍ରାୟ ୧୦ ହଜାର ଲୋକ ନିର୍ଭର କରିଆସୁଛନ୍ତି । ପ୍ରତିଦିନ ଏଠାରୁ ପ୍ରାୟ ୪୦ରୁ ୫୦ ଟନ୍ ତାଜା ମାଛ, କଂକଡ଼ା, ଚିଙ୍ଗୁଡି ପ୍ରଭୃତି କୋଲକାତା, ରାଞ୍ଚି, ରାଉରକେଲା, ଚେନ୍ନାଇ ପ୍ରଭୃତି ଅଞ୍ଚଳକୁ ରପ୍ତାନି ହେଉଛି । କୋଲକାତାର ବିଭିନ୍ନ ହୋଟେଲରେ କଙ୍କଡ଼ା ଓ ଶାଙ୍କୁଚ ମାଛର ଚାହିଦା ରହିଥିବା ସମୟରେ ସମୁଦ୍ର ସଂଲଗ୍ନ ନଦୀ ବା ମୁହାଣ ମୁହଁରୁ ଏହି ସବୁ ଜଳଜୀବକୁ ଧରାଯାଇ ରପ୍ତାନି କରାଯାଉଛି ।







# ଚିକିତ୍ସା କ୍ଷେତ୍ରରେ କର୍କଟ କବଚ

କିଛିବର୍ଷ ତଳେ କ୍ୟାନ୍ସର ବା କର୍କଟ ରୋଗ ହେଲେ ନିଶ୍ଚିତ ମୃତ୍ୟୁକୁ ନେଇ ସାଧାରଣରେ ଛନକା ପଶି ଯାଉଥିଲେ । କିନ୍ତୁ ଏବେ ସମୟ ବଦଳିଛି । ରାଜ୍ୟ ସରକାରଙ୍କ କର୍କଟ ପ୍ରତିହତ ପାଇଁ ସ୍ଥାୟୀ ପ୍ରତିକାର ସ୍ୱରୂପ ପଦକ୍ଷେପମାନ ଗ୍ରହଣ କରାଯାଇଛି । ବିଶେଷକରି ରାଜ୍ୟ ସରକାରଙ୍କ କର୍କଟ ରୋଗୀ ଚିକିତ୍ସା କ୍ଷେତ୍ରରେ କେମୋ ଓ ଔଷଧ ପ୍ରଦାନ ସମେତ ନୂତନ ହସ୍ପିଟାଲ ପ୍ରତିଷ୍ଠା ଭଳି ପଦକ୍ଷେପଗୁଡ଼ିକ କବଚ ସଦୃଶ ମନେ ହେଉଛି । ଯେଉଁଥିପାଇଁ ସାଧାରଣରେ କର୍କଟ ଆଉ ଭୟଙ୍କର ବେମାର ହୋଇନାହିଁ । ଅଧିକାଂଶ କ୍ଷେତ୍ରରେ ରୋଗୀମାନେ କର୍କଟ ଚିକିତ୍ସାରୁ ଉପସମ ଲାଭ କରିପାରୁଛନ୍ତି ଓ ବଞ୍ଚିବାର ଆଶା ଉପଲବ୍ଧି କରିପାରୁଛନ୍ତି ।

ଭୁବନେଶ୍ୱରରୁ ପ୍ରିୟବ୍ରତ ନାୟକ ଓ ଦେବାଶିଷ ପଣ୍ଡାଙ୍କ ରିପୋର୍ଟ

■ ଦୂର ହୋଇଛି ପ୍ରତୀକ୍ଷା ସମସ୍ୟା

## ଏଏଚ୍‌ପିଜିଆଇସିରେ ଦୁଇ ଆକ୍ସେଲେଟର୍ ପାଇଁ ୩୮ କୋଟି

କଟକ ସ୍ଥିତ ଆଚାର୍ଯ୍ୟ ହରିହର ପିଜି ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୟାନସର୍ (ଏଏଚ୍‌ପିଜିଆଇସି)ରେ ରୋଗୀଙ୍କୁ ଆଉ ଦୀର୍ଘ ସମୟ ପ୍ରତିକ୍ଷା କରିବାକୁ ପଡୁନାହିଁ । ଗତ ଅକ୍ଟୋବର ମାସରେ ମୁଖ୍ୟମନ୍ତ୍ରୀ ଏଠାରେ ରେଡିଓ ଥେରାପି ପାଇଁ ଦୁଇଟି ଲାଇନର୍ ଆକ୍ସେଲେଟର୍ ମେସିନ୍ ଲୋକାର୍ପିତ କରିଛନ୍ତି । ଏହି ମେସିନ୍ କ୍ରୟ ପାଇଁ ୩୮ କୋଟି ଟଙ୍କା ବ୍ୟୟ କରାଯାଇଛି । ଏହାକୁ ମିଶାଇ ଲାଇନର୍ ଆକ୍ସେଲେଟର୍ ସଂଖ୍ୟା ୪ରେ ପହଞ୍ଚିଛି । ଏଥିସହ ଆଉ ୩୦ ଶଯ୍ୟା ବିଶିଷ୍ଟ ଡେ' କେୟାର ୟୁନିଟ୍ ମଧ୍ୟ ପ୍ରତିଷ୍ଠା କରାଯାଇଛି । ୬ କୋଟି ଟଙ୍କା ବ୍ୟୟରେ ଡେ'କେୟାର୍ ୟୁନିଟ୍ ପ୍ରତିଷ୍ଠା ହେବା ପରେ ଶଯ୍ୟା ସଂଖ୍ୟା ୪୨ରେ ପହଞ୍ଚିଛି । ଦୂର ଦୂରାନ୍ତରୁ କେମୋ ଥେରାପି କିମ୍ବା ରେଡିଓ ଥେରାପି ପାଇଁ ଆସୁଥିବା ରୋଗୀଙ୍କୁ ଆଉ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁ ନାହିଁ ।





## କେମୋ ପାଇଁ ଖର୍ଚ୍ଚ ୧୧୦୦ କୋଟି

କର୍କଟ ରୋଗୀଙ୍କ ପାଇଁ ଜୀବନ ରକ୍ଷାକାରୀ ସାବ୍ୟସ୍ତ ହେଉଥିବା କେମୋ ଥେରାପି ପାଇଁ କଟକ ଏଏଚ୍‌ପିଜିଆଇସି ଆସିବା ଜରୁରୀ ହେଉନାହିଁ । ସମସ୍ତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ସେମାନଙ୍କୁ ବିନା ମୂଲ୍ୟରେ କେମୋ ଥେରାପି ମିଳୁଛି । କେମୋ ଥେରାପି ଚିକିତ୍ସା ବାବଦରେ ସରକାର ବାର୍ଷିକ ପ୍ରାୟ ୧୧୦୦ କୋଟି ଟଙ୍କା ବ୍ୟୟ କରୁଛନ୍ତି । ୨୦୧୭ ମସିହାରୁ ରାଜ୍ୟ ସରକାର ଜିଲ୍ଲା ଡାକ୍ତରଖାନାରେ ନିଃଶୁଳ୍କ କେମୋ ଥେରାପି ବ୍ୟବସ୍ଥା କରିଛନ୍ତି । ପୂର୍ବରୁ ରୋଗୀମାନେ ଏଏଚ୍‌ପିଜିଆଇସି ଆସୁଥିବାରୁ ସେଠାରେ ବହୁ ଗହଳି ହେଉଥିଲା ଏବଂ ରୋଗୀମାନେ ଯନ୍ତ୍ରଣା ଭୋଗୁଥିଲେ । ସେହିପରି ଅଯଥା ଖର୍ଚ୍ଚାନ୍ତରୁ ମଧ୍ୟ ସେମାନେ ରକ୍ଷା ପାଉଛନ୍ତି । ଜିଲ୍ଲା ଡାକ୍ତରଖାନାରେ ଡେ' କେୟାର ସେଣ୍ଟରରେ କେମୋ ଥେରାପି ମିଳୁଛି ।

## ଗାଁକୁ ମାଡ଼ିଗଲାଣି ସ୍ତନ କର୍କଟ

ସାଧାରଣତଃ ସହରରେ ରହୁଥିବା ମହିଳାମାନଙ୍କ ଠାରେ ସ୍ତନ କର୍କଟ ଦେଖା ଦେଇଥାଏ । କିନ୍ତୁ ଗତ କିଛିବର୍ଷ ହେଲା ଗାଁଗହଳିର ମହିଳାମାନେ ମାରାତ୍ମକ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି । ଭୁବନେଶ୍ୱରରେ ଥିବା ଏକ କର୍କଟ ଡାକ୍ତରଖାନାର ଜଣେ ଚିକିତ୍ସକ କହିଛନ୍ତି, ମାସକୁ ପ୍ରାୟ ୨୦ ଜଣ ଗ୍ରାମାଞ୍ଚଳର ମହିଳା ସ୍ତନ କର୍କଟ ସମସ୍ୟା ନେଇ ଚିକିତ୍ସା ପାଇଁ ଆସୁଛନ୍ତି ।

## ସର୍ଭାଇକାଲ କ୍ୟାନ୍ସର୍ ପାଇଁ ଟିକାକୁ ଅପେକ୍ଷା

ମହିଳାମାନଙ୍କ କ୍ଷେତ୍ରରେ ସର୍ଭାଇକାଲ କ୍ୟାନସର୍ ସବୁଠାରୁ ବଡ଼ ଆହ୍ୱାନ ସୃଷ୍ଟି କରିଛି । ହୁ ହୁ ହୋଇ ଏହି କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି । ବର୍ଷକୁ ପ୍ରାୟ ୭୭ ହଜାର ମହିଳାଙ୍କ ଜୀବନ ନେଉଛି ସର୍ଭାଇକାଲ କ୍ୟାନସର୍ । ପରିସ୍ଥିତି ଉଦ୍‌ବେଗଜନକ ହେଉଥିବାରୁ ୯ରୁ ୧୪ ବର୍ଷ ମଧ୍ୟରେ ବାଳିକାମାନଙ୍କୁ ମାଗଣାରେ ସର୍ଭାଇକାଲ କ୍ୟାନସର ଟିକା ଦେବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଏଥିପାଇଁ ୨୦୨୪-୨୫ ବଜେଟରେ ବ୍ୟୟବରାଦ ମଧ୍ୟ କରାଯାଇଛି । କେବେ ଟିକା ଆସିବ ତାକୁ କେବଳ ଅପେକ୍ଷା ।

କଟକସ୍ଥିତ ଆଚାର୍ଯ୍ୟ ହରିହର ପିଜି ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୟାନସର୍ (ଏଏଚ୍‌ପିଜିଆଇସି)ରେ ଅନ୍‌କୋଲୋଜି ବିଭାଗରେ ଦୁଇଟି ଡକ୍ଟରେଟ୍ ଅଫ୍ ମେଡିସିନ୍ (ଡିଏମ୍) ସିଟ୍ ଖୋଲିବ । ଚଳିତ ଶିକ୍ଷା ବର୍ଷରୁ ଏହି ସିଟ୍‌ରେ ପାଠପଢ଼ା ହେବ । ଡିଏମ୍ ସିଟ୍ ଆରମ୍ଭ ପାଇଁ ରାଜ୍ୟ ସରକାର ଦେଇଥିବା ପ୍ରସ୍ତାବକୁ ଗତ ୧୪ ତାରିଖରେ ନ୍ୟାସ୍‌ନାଲ ମେଡିକାଲ କମିସନ (ଏନ୍‌ଏମ୍‌ସି) ଅନୁମତି ପ୍ରଦାନ କରିଛନ୍ତି । ରାଜ୍ୟରେ କର୍କଟ ଚିକିତ୍ସା ଓ ଗବେଷଣା କ୍ଷେତ୍ରରେ ଏହି ପାଠ୍ୟକ୍ରମ ବେଶ୍ ସହାୟକ ହେବ ବୋଲି କୁହାଯାଉଛି ।

## ତୃଣମୂଳ ସ୍ତରରେ ପହଞ୍ଚିବ କର୍କଟ ଚିକିତ୍ସା

ତୃଣମୂଳସ୍ତରରେ କର୍କଟ ରୋଗୀଙ୍କୁ ଚିକିତ୍ସାମିଳିବା ସହ କର୍କଟ ବିଶେଷଜ୍ଞଙ୍କ ଅଭାବ ଦୂର ପାଇଁ ରାଜ୍ୟ ସରକାର ନେଇଛନ୍ତି ବଡ଼ ପଦକ୍ଷେପ । ଡାକ୍ତରମାନଙ୍କ ପାଇଁ କର୍କଟ ଚିକିତ୍ସା ସମ୍ପର୍କିତ ୬ ମାସିଆ ସ୍ୱତନ୍ତ୍ର ପାଠ୍ୟକ୍ରମ ଆରମ୍ଭ ହେବ । ପ୍ରଶିକ୍ଷଣ ଶେଷ କରିଥିବା ଡାକ୍ତରମାନେ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ନିୟୋଜିତ କରାଯିବ । ଯଦ୍ୱାରା ଜିଲ୍ଲାସ୍ତରରେ କର୍କଟ ରୋଗୀଙ୍କୁ ସରକାରୀ ଚିକିତ୍ସା ମିଳିପାରିବ । ସର୍ଜିକାଲ ଅନ୍‌କୋଲୋଜି ପାଠ୍ୟକ୍ରମ ପାଇଁ ଖସଡ଼ା ପ୍ରସ୍ତୁତ କରାଯାଉଛି । କଟକ ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍ସର (ଏଏଚ୍‌ପିଜିଆଇସି)ରେ ଡାକ୍ତରଙ୍କୁ ପ୍ରଶିକ୍ଷଣ ଦିଆଯିବ । ଏମ୍‌ସ୍ ଓ ଡିଏନ୍‌ବି ଡିଗ୍ରୀଧାରୀ ଡାକ୍ତରମାନଙ୍କୁ ଏହି ପାଠ୍ୟକ୍ରମରେ ସାମିଲ କରାଯିବ ।

## ବିଏସ୍‌କେୱାଇ ସାଜିଛି ରକ୍ଷା କବଚ




ସାଧାରଣତଃ କର୍କଟ ନାଁ ଶୁଣିଲେ ଛନକା ପଶିଯାଏ । ଆଉ ଏହାର ଚିକିତ୍ସା ଖର୍ଚ୍ଚ କଥା ଆହୁରି ଚିନ୍ତାଜନକ । ତେବେ ରାଜ୍ୟର ବହୁ ସଂଖ୍ୟକ କର୍କଟ ରୋଗୀଙ୍କୁ ବଞ୍ଚିବାର ରାହା ଦେଖାଇଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା । ଓଡ଼ିଶାର ସରକାରୀ ଏବଂ ଘରୋଇ ଡାକ୍ତରଖାନାରେ କର୍କଟ ଚିକିତ୍ସା ସେବା ମିଳୁଛି । ଆବଶ୍ୟକ ସ୍ଥଳେ ରାଜ୍ୟ ବାହାରେ ଥିବା ଡାକ୍ତରଖାନାରେ କର୍କଟ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ସରକାର କରିଛନ୍ତି । ବ୍ୟୟବହୁଳ କର୍କଟ ଚିକିତ୍ସା ପାଇଁ ଆଉ ଗହଣା ବନ୍ଧା ପକାଇବାକୁ ପଡୁ ନାହିଁ ।

## ନୂତନ ମେଡିକାଲ୍ କଲେଜରେ କ୍ୟାନ୍ସର୍ ୱାର୍ଡ

ରାଜ୍ୟରେ ଦ୍ରୁତ ବେଗରେ ମେଡିକାଲ କଲେଜ ଖୋଲୁଥିବା ବେଳେ ସେଠାରେ କର୍କଟ ରୋଗୀ ଯେପରି ସୁବିଧାରେ ଚିକିତ୍ସା ପାଇବେ, ସେଥିପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି । ଇତିମଧ୍ୟରେ ପୂର୍ତ୍ତ ବିଭାଗ ପକ୍ଷରୁ କ୍ୟାନ୍ସର୍ ହସ୍ପିଟାଲ ପାଇଁ ଭିତ୍ତିଭୂମି ନିର୍ମାଣ କରାଯାଉଛି । କିଛି ସ୍ଥାନରେ ଉପକରଣ କ୍ରୟ ମଧ୍ୟ ଆରମ୍ଭ ହୋଇଛି । ଜିଲ୍ଲା ଡାକ୍ତରଖାନା ସହିତ ନିକଟସ୍ଥ ଅଞ୍ଚଳରେ ଥିବା ମେଡିକାଲ କଲେଜରେ କର୍କଟ ଚିକିତ୍ସା ମିଳିବ ।

## କ୍ୟାନ୍ସର୍ ଚିକିତ୍ସାରେ ମାଇଲଖୁଣ୍ଟ

# ବାଗ୍‌ଚି ଶ୍ରୀ ଶଙ୍କର କର୍କଟ କେନ୍ଦ୍ର




କର୍କଟ ରୋଗର ନିରାକରଣ ଲାଗି ସମ୍ପ୍ରତି ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିର ଆବଶ୍ୟକତା ରହିଥିବା ବେଳେ ବାଗ୍‌ଚି ଶ୍ରୀ ଶଙ୍କର କର୍କଟ ରୋଗ ଉପଶମ କେନ୍ଦ୍ର ଏହାକୁ ପୂରଣ କରିବାରେ ସମର୍ଥ ହୋଇପାରିଛି । କର୍କଟ ରୋଗର ଅତ୍ୟାଧୁନିକ ଚିକିତ୍ସା ଲାଗି ଓଡ଼ିଶା ଲୋକଙ୍କୁ ପୂର୍ବରୁ ସାଧାରଣତଃ ରାଜ୍ୟ ବାହାରର ବଡ଼ ବଡ଼ ସହର ଉପରେ ନିର୍ଭର କରିବାକୁ ପଡ଼ିଥିଲା । ଗାଁ ଗହଳିର ଲୋକଙ୍କ ଲାଗି ବଡ଼ ବଡ଼ ସହରରେ ରହି ଏହି ଚିକିତ୍ସା କରିବା କେତେକାଂଶରେ ସମ୍ଭବ ହେଉ ନ ଥିଲା । ପୂର୍ବ ଭାରତରେ ଶତକଡ଼ା ୫୦ ପ୍ରତିଶତ ଅର୍ଥାତ୍ ପ୍ରାୟ ୩ଲକ୍ଷରୁ ଅଧିକ ରୋଗୀ ପ୍ରତିବର୍ଷ କର୍କଟ ରୋଗରେ ପଡୁଥିବା ବେଳେ ସେମାନେ ଚିକିତ୍ସା ଲାଗି ଦକ୍ଷିଣ କିମ୍ବା ଉତ୍ତରଭାରତର ଚିକିତ୍ସାକେନ୍ଦ୍ର ଉପରେ ନିର୍ଭର କରୁଥିଲେ । ମାତ୍ର ଗତ ଏପ୍ରିଲ୍ ମାସରୁ ଆମ ରାଜ୍ୟରେ ବାଗ୍‌ଚି ଶ୍ରୀ ଶଙ୍କର କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ ଉଦ୍‌ଘାଟନ ହେବା ପରେ ଏହି ଅଭାବ ଦୂର ହୋଇପାରିଛି । ଓଡ଼ିଶାରେ କ୍ୟାନସର୍ ରୋଗର ଚିକିତ୍ସା କ୍ଷେତ୍ରରେ ଏହା ଏକ ନୂଆ ମାଇଲଖୁଣ୍ଟ ଯୋଡ଼ିବାରେ ସକ୍ଷମ ହୋଇପାରିଛି ।

## ରାଜ୍ୟ ସରକାର ଦେଲେ ୨୨ ଏକର ଜମି

ଏହି ହସ୍ପିଟାଲ୍ ପ୍ରତିଷ୍ଠା ପରେ ସସ୍ମିତା ଓ ସୁବ୍ରୋତ୍ ବାଗ୍‌ଚି ଦମ୍ପତିଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇପାରିଛି । ମାନବସେବା ପ୍ରତି ସେମାନଙ୍କର ଥିବା ଦୃଢ଼ ଇଚ୍ଛାଶକ୍ତିକୁ ଶ୍ରୀ ଶଙ୍କରା କର୍କଟ ଫାଉଣ୍ଡେସନ ୨୦୨୧ ମସିହାରେ ସଫଳ ହେବା ପାଇଁ ବାଟ ଦେଖାଇଥିଲା । ୪୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କର୍କଟ ହସ୍ପିଟାଲ ପାଇଁ ବାଗ୍‌ଚି ଦମ୍ପତି ୨୪୦ କୋଟି ଟଙ୍କା ଦେଇଥିବା ବେଳେ ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ ୨୨ ଏକର ଜମି ପ୍ରଦାନ କରିଛନ୍ତି । ସମଗ୍ର ପୂର୍ବଭାରତରେ ଅନ୍ୟତମ ବୃହତ୍ କର୍କଟ ହସ୍ପିଟାଲ ଭାବେ ବାଗ୍‌ଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା ହୋଇ ଲକ୍ଷାଧିକ କର୍କଟ ରୋଗୀଙ୍କ ଚିକିତ୍ସାରେ ପ୍ରମୁଖ ଭୂମିକା ଗ୍ରହଣ କରିବାରେ ସକ୍ଷମ ହୋଇପାରୁଛି ।

## ଏକାସାଙ୍ଗରେ ୭୫୦ ଜଣଙ୍କୁ ଚିକିତ୍ସା

ପୂର୍ବରୁ ଓଡ଼ିଶାରେ ଥିବା କ୍ୟାନସର୍ ହସ୍ପିଟାଲଗୁଡ଼ିକରେ ଶଯ୍ୟା ଅଭାବରୁ ଅନେକ ଗୁରୁତରଙ୍କୁ ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା । ଏଥିପାଇଁ ରୋଗୀକୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା । ଗରିବ ସାଧାରଣ ରୋଗୀ ଚିକିତ୍ସା ପାଇଁ ବେଶ କଲବଲ ହେଉଥିଲା । ମାତ୍ର ଶ୍ରୀ ଶଙ୍କରା କ୍ୟାନ୍ସର୍ ହସ୍ପିଟାଲରେ ୭୫୦ ରୋଗୀଙ୍କୁ ଏକା ସାଙ୍ଗରେ ଚିକିତ୍ସା କରିବା ପାଇଁ ଶଯ୍ୟାର ବ୍ୟବସ୍ଥା ହୋଇଛି । ଏହାସହ ଦୈନିକ ୩୦୦ ରୋଗୀଙ୍କୁ ଅତ୍ୟାଧୁନିକ ରେଡିଓଥେରାପି ସହ ୧୫୦ରୁ ଅଧିକ ରୋଗୀଙ୍କ ପାଇଁ କେମୋ ଥେରାପି ନେବାର ସୁବିଧା ରହିଛି ।

## ରୋଗୀଙ୍କ ମନୋବଳ ଦୃଢ଼ ପାଇଁ ପ୍ରୟାସ

ଶ୍ରୀ ଶଙ୍କରା କର୍କଟ କେନ୍ଦ୍ରରେ ୧୨ଟି ବୃହତ୍ ଅସ୍ତ୍ରୋପଚାର କେନ୍ଦ୍ର ରହିଥିବାବେଳେ ଷ୍ଟେଟ୍ ଅଫ୍ ଦି' ଆର୍ଟର ୨ଟି ଲିନିୟର ଆକ୍ସେଲେଟର ଏବଂ ଗୋଟିଏ ବ୍ରାଚି ଥେରାପି କେନ୍ଦ୍ର ରହିଛି । ଦୈନିକ ୩ ଶହ ରୋଗୀ ଏଠାରେ ରେଡିଓଥେରାପି ଚିକିତ୍ସା ପାଇବାକୁ ଥିବାବେଳେ ୬୦ ରୋଗୀଙ୍କୁ କେମୋଥେରାପି ପ୍ରଦାନ କରାଯିବାକୁ ସୁବିଧା ରହିଛି । ସର୍ବ ବୃହତ୍ତ ରୋଗୀ ୱାର୍ଡ ସହ ପର୍ଯ୍ୟାପ୍ତ ପରିମାଣର ସୂର୍ଯ୍ୟରଶ୍ମି ଓ ମୁକ୍ତବାୟୁ ଚଳାଚଳକୁ ରୋଗୀମାନେ ଯେପରି ଚିକିତ୍ସା ସମୟରେ ପାଇପାରିବେ ଓ ସେମାନଙ୍କ ମନୋବଳ ଯେପରି ଦୃଢ଼ ରହିବ ସେଥିଲାଗି ହସ୍ପିଟାଲ କର୍ତ୍ତୃପକ୍ଷ ସମସ୍ତ ପ୍ରକାର ବନ୍ଦୋବସ୍ତ କରିଛନ୍ତି । ଦୂରରୁ ଯାତ୍ରା କରୁଥିବା ରୋଗୀମାନଙ୍କ ପାଇଁ ସ୍ୱଳ୍ପ ଦେୟରେ ରହଣି ପାଇଁ ୩୦୦ଟି ଶୀତତାପ ନିୟନ୍ତ୍ରିତ କୋଠରି ବ୍ୟବସ୍ଥା କରାଯାଇଛି ।

## ବେଦ ଯୁଗରୁ ଅତ୍ୟାଧୁନିକ ଯୁଗ ଯାଏଁ ଚିକିତ୍ସା ପଦ୍ଧତିର ପ୍ରଦର୍ଶନୀ

କର୍କଟ ଅନୁସନ୍ଧାନରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜ୍ଜିତ ଏକ ସମସାମୟିକ ଅନୁଷ୍ଠାନ କେନ୍ଦ୍ର ଅଙ୍କୋଲୋଜିରେ ବୈଜ୍ଞାନିକ ପ୍ରଗତିର କେନ୍ଦ୍ର ଭାବେ ଉଭା ହୋଇଛି । ଏଠାରେ କର୍କଟ ରୋଗ ସମ୍ପର୍କିତ ଏକ ମ୍ୟୁଜିୟମ୍ ପ୍ରତିଷ୍ଠା କରାଯିବା ନେଇ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ଏଥିରେ ବେଦ ଯୁଗରୁ ଅତ୍ୟାଧୁନିକ ଯୁଗ ଯାଏଁ କର୍କଟ ରୋଗ ଚିହ୍ନଟ ଓ ନିରାକରଣ ପଦ୍ଧତିକୁ ପ୍ରଦର୍ଶିତ ହେଉଛି ।

## ରୋଗୀ ଆଣିବା ପୂର୍ବରୁ ଯୋଗାଯୋଗ ଜରୁରୀ

ଗୁରୁତର ରୋଗୀଙ୍କୁ ଏଠାକୁ ଚିକିତ୍ସା ପାଇଁ ଆଣିବାକୁ ହେଲେ ପୂର୍ବରୁ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ଜରୁରୀ । ଏହାସହ ରୋଗୀର ସମସ୍ତ କାଗଜପତ୍ର ଏବଂ ପୂର୍ବରୁ କରାଯାଇଥିବା ସମସ୍ତ ପରୀକ୍ଷାପତ୍ର ଆଦି ଡାକ୍ତରଙ୍କ ପରାମର୍ଶ ପାଇଁ ଦେଖାଇବା ବିଧେୟ । ଏହାଦ୍ୱାରା ରୋଗର ସଠିକ ନିଦାନ ହୋଇପାରିବ ଓ ଶୀଘ୍ର ସୁସ୍ଥ ହେବା ପାଇଁ ଡାକ୍ତରଙ୍କୁ ବିଭିନ୍ନ କାର୍ଯ୍ୟପନ୍ଥା ଆପଣାଇବା ପାଇଁ ସହଜ ହେବ । ତେଣୁ ରୋଗୀ ସମ୍ପର୍କୀୟମାନେ ହସ୍ପିଟାଲକୁ ରୋଗୀଙ୍କୁ ଆଣିବା ପୂର୍ବରୁ ଡାକ୍ତରଙ୍କ ସହ ଯୋଗାଯୋଗ କଲେ, ଉତ୍ତମ ଚିକିତ୍ସା ଯୋଗାଇବାରେ ସହଜ ହେବ ବୋଲି ହସ୍ପିଟାଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

ପଶ୍ଚିମ ଓଡ଼ିଶା ପାଇଁ ଆଶୀର୍ବାଦ



# ବରଗଡ଼ କ୍ୟାନ୍ସର୍ ହସ୍ପିଟାଲ୍

ବରଗଡ଼ରୁ
ବଦ୍ରୀପ୍ରସାଦ ସାହୁଙ୍କ ରିପୋର୍ଟ

କ୍ୟାନ୍ସରପ୍ରବଣ ବରଗଡ଼ ଜିଲ୍ଲାରେ ଏକ କ୍ୟାନ୍ସର୍ ହସ୍ପିଟାଲର ପ୍ରତିଷ୍ଠା ପାଇଁ ଜିଲ୍ଲାର ସଚେତନ ବୁଦ୍ଧିଜୀବୀ, ସହରର ପ୍ରାୟ ସମସ୍ତ ସାମାଜିକ ଅନୁଷ୍ଠାନଗୁଡ଼ିକୁ ନେଇ ୟୁନାଇଟେଡ଼ ଫୋରମ୍ ଫର୍ କ୍ୟାନସର୍ ହସପିଟାଲ ନାମରେ ଏକ ସଂସ୍ଥା ଗଠନ କରାଯାଇଥିଲା । ସଂଗଠନ ପକ୍ଷରୁ କ୍ୟାନ୍ସର୍ ହସ୍ପିଟାଲ୍ ପାଇଁ ଦାବି କରାଯାଇଥିଲା । ଫଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନ୍ଦୋଳନକାରୀଙ୍କୁ ଭୁବନେଶ୍ୱର ଡକାଇ ସଚିବାଳୟ ଠାରେ ଗତ ୨୦୧୯ ଜାନୁୟାରୀ ୧୧ ତାରିଖରେ ଆଲୋଚନା କରି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସେହିବର୍ଷ ଫେବୃୟାରୀ ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ସୋହେଲା ଇଛାପାଲିରେ ଏକ ସାଧାରଣ ସଭାରେ ବରଗଡ଼ ଠାରେ କ୍ୟାନ୍ସର୍ ହସ୍ପିଟାଲ ନିର୍ମାଣ ନେଇ ଘୋଷଣା କରିଥିଲେ । ପରବର୍ତ୍ତୀ ସମୟରେ ୨୦୨୦ ଫେବୃୟାରୀରେ ଓଡ଼ିଶା କ୍ୟାନ୍ସର୍ କେୟାର ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଆଚାର୍ଯ୍ୟ ହରିହର କ୍ୟାନ୍ସର୍ ହସ୍ପିଟାଲ୍‌ର ନିର୍ଦ୍ଦେଶକ ଡ. ଲଲାଟେନ୍ଦୁ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ବୈଷୟିକ ଦଳ ଟୁକୁର୍ଲା ସ୍ଥିତ ଜିଲ୍ଲା ହସ୍ପିଟାଲ୍ ପରିସରରେ କ୍ୟାନ୍ସର ହସ୍ପିଟାଲ୍ ପାଇଁ ସ୍ଥାନ ପରୀକ୍ଷଣ ଓ ଜିଲ୍ଲା ପ୍ରଶାସନ, ଜିଲ୍ଲା ଚିକିତ୍ସା ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ବିଧିବଦ୍ଧ ଆଲୋଚନା କରିଥିଲେ । ପରେ ଓଡ଼ିଶା ସରକାର ୨୦୨୨ ଅକ୍ଟୋବର ମାସରେ ବରଗଡ଼ କ୍ୟାନ୍ସର୍ ହସ୍ପିଟାଲ୍ ନିର୍ମାଣ ପାଇଁ ପ୍ରଶାସନିକ ସ୍ୱୀକୃତି ପ୍ରଦାନ କରିଥିଲେ ଓ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୧୦୬ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ କ୍ୟାନ୍ସର୍ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ଦୁଇ ବର୍ଷ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଗତ ଫେବୃୟାରୀ ୨୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଧିବଦ୍ଧ ଭାବରେ ଉଦ୍‌ଘାଟିତ ହୋଇଥିଲା । ୫ ମହଲା ବିଶିଷ୍ଟ ଏହି କ୍ୟାନ୍ସର ହସ୍ପିଟାଲଟି ୧୦୦ ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଇନ୍‌ଡୋର ୱାର୍ଡ ପାଇଁ ୪୦ ଶଯ୍ୟା, ଡେ-କେୟାର କେମୋଥେରାପି ପାଇଁ ୨୦ ଶଯ୍ୟା, ଆଇସିୟୁ ପାଇଁ ୬ ଶଯ୍ୟା, ହାଇ ଡିପେନଡ଼େନ୍ସି ୟୁନିଟ୍ ପାଇଁ ୬ ଶଯ୍ୟା, ପ୍ରି-ସର୍ଜରୀ ୬ ଶଯ୍ୟା, ପୋଷ୍ଟ ସର୍ଜରୀ ୬ ଶଯ୍ୟା, ଆଇସୋଲେସନ୍ ପାଇଁ ୪ଟି ଶଯ୍ୟା ଓ ୧୨ ଟି କ୍ୟାବିନ୍‌ର ବ୍ୟବସ୍ଥା ରହିଛି । ସେହିଭଳି ବରଗଡ଼ କ୍ୟାନସର ହସପିଟାଲ ପାଇଁ ରେଡିଏନ୍ସ ଅନକୋଲୋଜିଷ୍ଟ, ମେଡିକାଲ ଅନକୋଲୋଜିଷ୍ଟ, ପାଲୋଜିଷ୍ଟ, ସର୍ଜରୀ ସ୍ପେସିଆଲିଷ୍ଟ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, କର୍ଣ୍ଣ-ନାଶା-ଗଳା ବିଶେଷଜ୍ଞ, ଦାନ୍ତ ରୋଗ ବିଶେଷଜ୍ଞ, ମେଡିସିନ ସ୍ପେସିଆଲିଷ୍ଟ, ରେଡିଏସନ ଟେକ୍ନୋଲୋଜିଷ୍ଟ, ଫାର୍ମାସିଷ୍ଟ, ଲାବ ଟେକ୍ନିସିଆନ ଓ ନର୍ସିଂ ଅଫିସରର ଆଦି ନିଯୁକ୍ତି ହୋଇଥିବା ବେଳେ ପଶ୍ଚିମ ଓଡ଼ିଶାର କ୍ୟାନସର ପୀଡ଼ିତମାନେ ଏଠାରେ ଚିକିତ୍ସା ସେବା ପାଇପାରୁଛନ୍ତି ।








● ଶିଶୁ କର୍କଟ ରୋଗୀଙ୍କୁ ମିଳିବ ସଞ୍ଜୀବନୀ

## ଜଟଣୀରେ ଖୋଲିବ ସ୍ୱତନ୍ତ୍ର ଡାକ୍ତରଖାନା

କର୍କଟ ବିରୋଧୀ ଲଢ଼େଇରେ ଏକ ବଡ଼ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର । ଜଟଣୀସ୍ଥିତ ନାଇଜର୍ ପରିସରରେ ପ୍ରସ୍ତାବିତ ହୋମି ଭାବା କ୍ୟାନସର ହସ୍ପିଟାଲ ଓ ରିସର୍ଚ୍ଚ ସେଣ୍ଟରରେ ଶିଶୁ କର୍କଟ ରୋଗୀଙ୍କ ପାଇଁ ଅତ୍ୟାଧୁନିକ କ୍ୟାନସର ହସ୍ପିଟାଲ ନିର୍ମାଣ କରାଯିବ । ଏଥିପାଇଁ ରାଜ୍ୟ ସରକାର ୧୫୦ କୋଟି ଟଙ୍କା ବ୍ୟୟ କରିବେ । ସେହିପରି ଉକ୍ତ ଡାକ୍ତରଖାନା ପରିସରରେ ରୋଗୀ ସହାୟକ ତଥା ପରିବାର ସଦସ୍ୟଙ୍କ ରହିବା ନିମନ୍ତେ ୨ ଲକ୍ଷ ବର୍ଗ ଫୁଟ୍ ଆୟତନ ବିଶିଷ୍ଟ ଏକ ଧର୍ମଶାଳା ନିର୍ମାଣ କରାଯିବ । ରାଜ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ହେବାକୁ ଥିବା ଏହି ଧର୍ମଶାଳା ପାଇଁ ରାଜ୍ୟ ସରକାର ୧୨୦ କୋଟି ଟଙ୍କା ଖର୍ଚ୍ଚ କରିବେ । ଭାରତ ସମେତ ଓଡ଼ିଶାରେ ଶିଶୁ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଭିତ୍ତିଭୂମିର ଘୋର ଅଭାବ ରହିଛି । ନିର୍ଦ୍ଦିଷ୍ଟ ଭାବେ ଶିଶୁ କର୍କଟ ରୋଗୀଙ୍କ ପାଇଁ ନିଦାନ, ଚିକିତ୍ସା ତଥା ପରାମର୍ଶ ସେବାରେ ବ୍ୟତିକ୍ରମ ଦେଖା ଦେଉଛି । ଏହାକୁ ସରକାର ଗୁରୁତ୍ୱର ସହ ନେଇ ଶିଶୁ କର୍କଟ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡାକ୍ତରଖାନା ନିର୍ମାଣ ପାଇଁ ରାଜ୍ୟ ସରକାର ନିଜ ଆଡୁ ପଦକ୍ଷେପ ନେଇଛନ୍ତି । ଓଡ଼ିଶାରେ ଶିଶୁ କର୍କଟ ହାର ୭ରୁ ୧୦% ମଧ୍ୟରେ ରହୁଛି । ନିକଟରେ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ପିଜି ପ୍ରତିଷ୍ଠାନ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ ୨୦୧୩ରୁ ୨୦୨୦ ମଧ୍ୟରେ ୧.୭% ଶିଶୁ ବିଭିନ୍ନ ପ୍ରକାର କର୍କଟ ରୋଗରେ ଆକ୍ରାନ୍ତ ହୋଇଛନତି । ସେହିପରି ଗତ ୪ ବର୍ଷ ହେଲା ଏମ୍‌ସ ଭୁବନେଶ୍ୱରରେ ପ୍ରତି ବର୍ଷ ୨୫୦ରୁ ୩୦୦ ନୂଆ ଶିଶୁ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି । ଏଠାକୁ ଓଡ଼ିଶା ସମେତ ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗରୁ ରୋଗୀ ଆସୁଛନ୍ତି ।

## ଶିଶୁ କର୍କଟ ରୋଗୀ ସଂଖ୍ୟା ବୃଦ୍ଧି

ସ୍ୱାସ୍ଥ୍ୟ ବିଜ୍ଞାନରେ ଗବେଷଣାର ଯଥେଷ୍ଟ ଆବଶ୍ୟକତା ରହିଛି । କର୍କଟ ରୋଗୀଙ୍କ ବର୍ଦ୍ଧିତ ସଂଖ୍ୟା ସ୍ୱାସ୍ଥ୍ୟ ବିଭାଗ ପାଇଁ ଏବେ ବି ବଡ଼ ଆହ୍ୱାନ ହୋଇ ରହିଥିବା ବେଳେ ପିଲାମାନେ ଅଧିକ ମାତ୍ରାରେ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି । ଏପରିକି ଓଡ଼ିଶାରେ ପିଲାମାନଙ୍କ ମଧ୍ୟରେ କର୍କଟ ଜାତୀୟ ହାର ଠାରୁ ଅଧିକ ରହିଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି । ତେବେ ଓଡ଼ିଶାରେ କର୍କଟ ଗବେଷଣା ଭିତ୍ତିଭୂମିର ଘୋର ଅଭାବ ରହିଛି । କିଛି ହାତ ଗଣତି ପ୍ରତିଷ୍ଠାନକୁ ବାଦ୍ ଦେଲେ ଆଉ କେଉଁଠାରେ ଏହି ବ୍ୟବସ୍ଥା ନାହିଁ । ତେଣୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରତିଷ୍ଠାନରେ କର୍କଟ ଗବେଷଣାକୁ ଗୁରୁତ୍ୱ ଦେବା ଜରୁରୀ । ଏହା ଦ୍ୱାରା କର୍କଟ ରୋଗ ଉପଶମ, ମୁକାବିଲା ଏବଂ ନିଦାନ ପଦ୍ଧତି ଅଧିକ କ୍ରିୟାଶୀଳ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି ।

## ଜନସଂଖ୍ୟା ଆଧାରିତ କର୍କଟ ରେଜିଷ୍ଟ୍ରି ବ୍ୟବସ୍ଥା କେବେ?

କେତେ ଲୋକ କର୍କଟ ଆକ୍ରାନ୍ତ ହୋଇଛନ୍ତି, କେତେ ଚିକିତ୍ସିତ ହେଉଛନ୍ତି ଆଉ କେତେ ସୁସ୍ଥ ହୋଇଛନ୍ତି, କେଉଁ ପ୍ରକାର କର୍କଟ ଅଧିକ ସଂଖ୍ୟାରେ ଅଛି ତାହା ଜାଣିବା ପାଇଁ ଜନସଂଖ୍ୟା ଆଧାରିତ କର୍କଟ ରେଜିଷ୍ଟ୍ରି ବ୍ୟବସ୍ଥା ଏକାନ୍ତ ଜରୁରୀ । ଅନେକ ବର୍ଷ ପୂର୍ବରୁ ଏଥିପାଇଁ ଦାବି ହୋଇଆସୁଛି । ଏପରିକି ପିବିସିଆର ବ୍ୟବସ୍ଥା ଆରମ୍ଭ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଭାରତ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ତେବେ ବିଧିବଦ୍ଧ ଭାବେ ଏହା ଆରମ୍ଭ ହେବା ବାକି ଅଛି । ଏହି ତଥ୍ୟ ଉପଲବ୍ଧ ହେଲେ ଚିକିତ୍ସା, ପ୍ରତିକାର ବ୍ୟବସ୍ଥା, ମୁକାବିଲା ରଣନୀତି, ଗବେଷଣା ଆଦି କାର୍ଯ୍ୟ ସହଜ ହୋଇପାରିବ ।

## ବର୍ଷକରେ ୧୨ ଶହ ରୋଗୀଙ୍କୁ କେମୋ




ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲାରେ ଦିନକୁ ଦିନ ବଢୁଥିବା କ୍ୟାନ୍ସର ରୋଗୀଙ୍କ ସଂଖ୍ୟାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଏକ କ୍ୟାନ୍ସର ହସ୍ପିଟାଲ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ ଗତ ୨୦୨୩ ରେ କରିଛନ୍ତି । ଆସନ୍ତା ଏକ ବର୍ଷ ମଧ୍ୟରେ କ୍ୟାନ୍ସର ହସ୍ପିଟାଲ କାର୍ଯ୍ୟକ୍ଷମ ହେବ । ଏହି ହସ୍ପିଟାଲର କୋଠା ନିର୍ମାଣ ନ ହେବା ଯାଏ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ଥାୟୀ ଭାବରେ କ୍ୟାନ୍ସର ରୋଗୀଙ୍କ ଚିକିତ୍ସା କରାଯାଉଛି । ଗତ ୪ ଅକ୍ଟୋବର ୨୦୨୩ ତାରିଖରେ ୧୨୦ ଶଯ୍ୟ ବିଶିଷ୍ଟ କ୍ୟାନ୍ସର କେୟାର ସୁପର ସ୍ପେସିଲିଷ୍ଟ ହସ୍ପିଟାଲ ପିପିପି ମୋଡ଼ରେ ବିଶାଖାପଟ୍ଟନମ୍‌ର ମହାତ୍ମାଗାନ୍ଧୀ କ୍ୟାନ୍ସର ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ସହିତ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଜିଲ୍ଲାରେ ଏବେ ଜଣେ କ୍ୟାନ୍ସର ଡାକ୍ତର ରହି ଚିକିତ୍ସିତ ହେଉଛନ୍ତି । ମାସକୁ ଶହେ ଜଣ କେମୋ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରୁ ନେଉଛନ୍ତି । ବିଗତ ଏକ ବର୍ଷ ମଧ୍ୟରେ ୧୨ ଶହ ଜଣ କେମୋ ନେଇଛନ୍ତି । ଝାରସୁଗୁଡ଼ା ସମେତ ପଡୋଶୀ ରାଜ୍ୟ ଛତିଶଗଡ଼, ଦେବଗଡ଼, ସୁନ୍ଦରଗଡ଼ ଓ ସମ୍ବଲପୁରୁ ମଧ୍ୟ କ୍ୟାନ୍ସର ରୋଗୀମାନେ ଆସି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କେମୋ ନେଉଛନ୍ତି । ଟାଟା ମେମୋରିଆଲ କ୍ୟାନ୍ସର ହସପିଟାଲରୁ ମଧ୍ୟ ପ୍ରତ୍ୟେକ ତିନି ମାସରେ ବିଶେଷଜ୍ଞ ମାନେ ଆସି କ୍ୟାମ୍ପ ମଧ୍ୟ କରୁଛନ୍ତି । ଝାରସୁଗୁଡ଼ା ଅମଲିପାଲି ଠାରେ ପ୍ରସ୍ତାବିତ କ୍ୟାନ୍ସର ହସ୍ପିଟାଲ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜମି ଆବଣ୍ଟନ କରାଯାଇଛି । ଖୁବଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇ ଆସନ୍ତା ବର୍ଷ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକ୍ଷମ ହେବ । ଏହି ହସ୍ପିଟାଲ୍ କାର୍ଯ୍ୟକ୍ଷମ ହେଲେ ଝାରସୁଗୁଡ଼ା ସମେତ ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର ଜିଲ୍ଲା ସହିତ ପଡୋଶୀ ଛତିଶଗଡ଼ କ୍ୟାନ୍ସର ରୋଗୀ ଚିକିତ୍ସା ସୁବିଧା ପାଇପାରିବେ ।

ଝାରସୁଗୁଡ଼ାରୁ
ସୁବାସ ପ୍ରଧାନଙ୍କ ରିପୋର୍ଟ

# ଗୁଡ୍ ମର୍ଣ୍ଣିଂ ରିପୋର୍ଟର



କିମ୍ବଦନ୍ତୀ କହେ ଏହି ରାଜବାଟ ପରିସରରେ ଚାଲୁଥିବା ବ୍ଲକ କାର୍ଯ୍ୟାଳୟର କିଛି କକ୍ଷକୁ ଯାଇ ଫାଇଲ, କାଗଜପତ୍ର ଆଣିବାକୁ ହେଲେ କର୍ମଚାରୀଙ୍କୁ ନିଜର ଗୋଟିଏ ଟୋପା ରକ୍ତ ତଳେ ପକାଇବାକୁ ପଡୁଥିଲା । ଯଦ୍ୱାରା ସେମାନଙ୍କ କୌଣସି ପ୍ରକାର କ୍ଷତି ହେଉ ନ ଥିଲା । ଆଉ ଏମିତି ନ କରିବା ଦ୍ୱାରା ପ୍ରତିବର୍ଷ କାହାର ହେଲେ ମଧ୍ୟ ମୃତ୍ୟୁ ସୁନିଶ୍ଚିତ ହେଉଥିଲା । ଯାହାକୁ ନେଇ ପରବର୍ତ୍ତୀ ସମୟରେ ବ୍ଲକ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା ବୋଲି କିମ୍ବଦନ୍ତୀ ରହିଛି ।



## ଇତିହାସ କହେ
# ବିଷମକଟକ ରାଜବାଟୀ



ଜି.ଶ୍ରୀନିବାସ
ବିଷମକଟକ

ଶିବ ନାରାୟଣ ଗୌଡ଼
ରାୟଗଡ଼ା

ରାୟଗଡ଼ା ଜିଲ୍ଲାରେ ପ୍ରାଚୀନ ଯୁଗର ଅନେକ କୀର୍ତ୍ତିରାଜ ଓ ଐତିହ୍ୟଗୁଡିକ ଦେଖିବାକୁ ମିଳୁଥିବା ବେଳେ ବିଷମକଟକ ଠାରେ ଥିବା ରାଜା ଶାସନ କାଳର ରାଜବାଟୀ ଏବେ ଅସୁରକ୍ଷିତ ହୋଇପଡ଼ିଛି । ବହୁ ପ୍ରାଚୀନ ସମୟରୁ ରାୟଗଡ଼ା ଜିଲ୍ଲାର ବିଷମକଟକ ଏକ ଐତିହାସିକ ନଗରୀ ଭାବେ ପରିଚିତ ହୋଇରହିଛି । ବହୁ ରାଜା ମହାରାଜା ଏହି ଅଞ୍ଚଳକୁ ଶାସନ କରିଥିଲେ । ବର୍ତ୍ତମାନ ବିଷମକଟକ ଠାରେ ମିଳିଥିବା ଶିଳାଟି ବହୁ ପୁରାତନ । ଏଥିରୁ ଅନୁମେୟ ହେଉଛି ଯେ, ନବମ ଓ ଦଶମ ଶତାବ୍ଦୀ ବେଳେ ବିଷମକଟକ ଏକ ସମୃଦ୍ଧ ଅଞ୍ଚଳ ରହିଥିଲା । କିମ୍ବଦନ୍ତୀ କହେ ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ଏଠାରେ ଦାଦାର୍ଣ୍ଣବ ଦେବ ନାମରେ ଜଣେ ଦକ୍ଷ ଗଙ୍ଗବଂଶୀ ନରପତି ଶାସନ କରୁଥିଲେ । ତାଙ୍କ ପରେ କୀର୍ତ୍ତିରାଜ କାଳରୁ ଆହୁରି କେତେଜଣ ରାଜା ଶାସନ କରିଛନ୍ତି । ଶେଡଗଙ୍ଗ ଦେବଙ୍କ ଭାଇ ଓ ପେମଦି ଦେବଙ୍କ ଅଧୀନରେ ବିଷମକଟକ ଦୀର୍ଘ କାଳ ଶାସିତ ହୋଇଥିଲା । ଯେଉଁ ସମୟରେ ସୂର୍ଯ୍ୟବଂଶୀ ରାଜାମାନଙ୍କ ଅଧୀନରେ ବିଷମକଟକ ଅଞ୍ଚଳ ରହିଥିଲା ସେତେବେଳେ ଜଣେ ପାତ୍ରଙ୍କୁ ଏହି ଅଞ୍ଚଳ ଶାସନ ପରିଚାଳନା ଦାୟିତ୍ୱ ଦେଇଥିଲେ । ସପ୍ତଦଶୀ ଶତାବ୍ଦୀରେ ଶେଷ ଭାଗରେ ଜୟପୁର ମହାରାଜା ରଘୁନାଥ କୃଷ୍ଣଦେବ ପାତ୍ରଙ୍କୁ ଥାଟରାଜା ଉପାଧୀ ଦେଇଥିଲେ ।



ଯାହାକି ଏମାନେ ଆଠ ପୁରୁଷ ଧରି ବିଷମକଟକରେ ଶାସନ ଭାର ଗ୍ରହଣ କରିଥିଲେ । ଏହି ଥାଟରାଜା ମାନେ ଥିଲେ କୃଷ୍ଣଚନ୍ଦ୍ର ଥାଟରାଜା, ପିତାମ୍ବର ଥାଟରାଜା, ସେମାନାଥ, ରାମଚନ୍ଦ୍ର,



କୃଷ୍ଣନରେନ୍ଦ୍ର, ଶ୍ରୀରାମନରେନ୍ଦ୍ର ଭଳି ଏହି ବଂଶର ଥାଟରାଜାମାନେ ଶାସନ କରିଆସୁଥିବା କିମ୍ବଦନ୍ତୀ କହୁଛି । ୧୭୦୩ ଖ୍ରୀଷ୍ଟାବ୍ଦରେ ବିଷମକଟକ ରାଜବାଟୀ ନିର୍ମାଣ କରାଯାଇଥିଲା । ଇଷ୍ଟ ଇଣ୍ଡିଆ କମ୍ପାନୀ ସରକାର ଜୟପୁର ଅଧିକାର କରି ନେବା ପରେ ଅବିଭକ୍ତ କୋରାପୁଟ ସେମାନଙ୍କ ଅଧିନକୁ ଚାଲି ଯାଇଥିଲା । ଇଂରାଜୀ ଅଧୀନରେ ଜୟପୁର ରାଜା ସ୍ୱତନ୍ତ୍ର ଭାବେ ଶାସନ କରିଥିଲେ । ବିଷମକଟକ ଥାଟରାଜା ନରେନ୍ଦ୍ର ଅସୁସ୍ଥତା ଥିବା ଯୋଗୁଁ ପାରିକୁଦ ରାଜ ପରିବାରରୁ ଗୋବିନ୍ଦ ଚନ୍ଦ୍ରଙ୍କୁ ଆଣି ପୋଷ୍ୟପୁତ୍ର କରିଥିଲେ । ଗୋବିନ୍ଦ ଚନ୍ଦ୍ର ନାବାଳକ ଥିବା ହେତୁ କୋର୍ଟ ଅଫ୍ ୱାର୍ଡ ଅଧୀନରେ ବିଷମକଟକ ଶାସିତ ହେଲା । ପରବର୍ତ୍ତୀ କାଳରେ ଜୟପୁର ମହାରାଜା ଓ ଇଂରେଜମାନେ ବିଷମକଟକ ଥାଟରାଜାଙ୍କ ଜରିଆରେ ବୁଝାମଣାରେ ବିଷମକଟକ ଅଞ୍ଚଳକୁ ଜୟପୁର ମହାରାଜା ଛାଡି ଦେଇ ଚାଲିଯାଇଥିଲେ । ୧୯୫୨ରେ ଜମିଦାରୀ



ଉଚ୍ଛେଦ ପରେ ଧୀରେ ଧୀରେ ରାଜତନ୍ତ୍ର ଲୋପ ପାଇଥିବା ବେଳେ ରାଜ ପ୍ରସାଦ ତଥା ରାଜବାଟୀଗୁଡିକ ରାଜାଙ୍କ ଅଧୀନରେ ହିଁ ରହୁଥିଲା । ବ୍ରିଟିଶ କାଳରୁ ବିଷମକଟକର ରାଜବାଟୀରେ ବ୍ଲକ କାର୍ଯ୍ୟାଳୟ କାର୍ଯ୍ୟ କରି ଆସିଥିଲା । କିମ୍ବଦନ୍ତୀ କହେ ଏହି ବ୍ଲକ କାର୍ଯ୍ୟାଳୟର କିଛି କକ୍ଷକୁ ଯାଇ ଫାଇଲ, କାଗଜପତ୍ର ଆଣିବାକୁ ହେଲେ କର୍ମଚାରୀଙ୍କୁ ନିଜର ଗୋଟିଏ ଟୋପା ରକ୍ତ ତଳେ ପକାଇବାକୁ ପଡୁଥିଲା । ଯଦ୍ୱାରା ସେମାନଙ୍କ କୌଣସି ପ୍ରକାର କ୍ଷତି ହେଉ ନ ଥିଲା । ଆଉ ଏମିତି ନ କରିବା ଦ୍ୱାରା ପ୍ରତିବର୍ଷ କାହାର ହେଲେ ମଧ୍ୟ ମୃତ୍ୟୁ ସୁନିଶ୍ଚିତ ହେଉଥିଲା । ଯାହାକୁ ନେଇ ପରବର୍ତ୍ତୀ ସମୟରେ ବ୍ଲକ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା ବୋଲି କିମ୍ବଦନ୍ତୀ ରହିଛି । ଏହି ରାଜବାଟୀ ତଥା ଦୁର୍ଗରେ ଏବେ ବି ରାଜାଙ୍କ ପୂଜା ଘରର ଏକ କବାଟ ଦଣ୍ଡାୟମାନ ହୋଇ ରହିଥିବା ଦେଖିବାକୁ ମିଳୁଛି । ରାଜାରାଜୁଡା ସମୟର ଏହି କବାଟ ଏବେ ବି ଦେଖିବାକୁ ନୂତନ ଭଳି ଦେଖାଯାଉଥିବା ବେଳେ ଏଥିରେ ବିଷ୍ଣୁଙ୍କ ଦଶାବତାରର ଖୋଦିତ ସୁନ୍ଦର କଳାକୃତି ରହିଛି । ବର୍ତ୍ତମାନ ରାଜବାଟୀଟି ଅସୁରକ୍ଷିତ ହୋଇ ରହିଥିବା ବେଳେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ବିଷମକଟକକୁ ପ୍ରାଚୀନ କାଳ ସହ ଯୋଡି ରଖିବାରେ ମାଧ୍ୟମ ସାଜିଥିବା ଏହି ରାଜବାଟୀ ଭଳି ଐତିହ୍ୟକୁ ସଂରକ୍ଷଣ କରି ରଖିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ ପାଖେ ଦୀର୍ଘ ଦିନ ହେଲା ଦାବି ଉଠି ଆସୁଛି । ତେବେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ରାଜବାଟୀରେ ଇତିହାସ ବର୍ଣ୍ଣନା କରୁଥିବା ଦଶାବତାର କବାଟର ସଂରକ୍ଷଣ ସହ ରାଜବାଟୀର ରକ୍ଷଣାବେକ୍ଷଣ ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆର୍କଷଣ କରାଯିବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ମିତା ବାଉରୀ ପ୍ରକାଶ କରିଛନ୍ତି ।

---



ସୁବୋଧ ଚେଙ୍ଗୀ
କୋରାପୁଟ



**ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସରକାର ମିଶନ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଆମାନଙ୍କୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ସ୍ୱବଲମ୍ବୀ କରିବା ସହ ପରିବାରର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବାରେ ଭାରତ ବର୍ଷରେ ଇତିହାସ ରଚିଛନ୍ତି । କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତ ନିଘାମାନିଗୁଡା ଗ୍ରାମର ଗାଙ୍ଗେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀ ମାଆମାନେ ନିଜକୁ ସ୍ୱବଲମ୍ବୀ କରି ଉଦାହରଣ ସୃଷ୍ଟି କରି ପାରିଛନ୍ତି ।**

## ଜୀବିକା ଦେଇଛି
# ମିଶନ ଶକ୍ତି

ସାରା ରାଜ୍ୟରେ ୭୦ ଲକ୍ଷ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମାଆ ମିଶନ ଶକ୍ତି ମାଧ୍ୟମରେ ରୋଜଗାରକ୍ଷମ ହୋଇ ପାରିଥିବା ବେଳେ କୋରାପୁଟ ଜିଲ୍ଲାର ମାଆ ମାନେ ମଧ୍ୟ ବେଶ ଉପକୃତ ହୋଇ ପାରିଛନ୍ତି । ଯେଉଁମାନେ ଦିନେ ଟଙ୍କାଟିଏ ରୋଜଗାର କରି ପାରୁନଥିଲେ ଆଜି ସେମାନେ ମିଶନ ଶକ୍ତି ସହାୟତାରେ ମାସକୁ ଜଣ ପିଛା ୩ ହଜାର ଟଙ୍କା ରୋଜଗାର କରିବାରେ ସମର୍ଥ ହୋଇଛନ୍ତି । କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତ ନିଘାମାନିଗୁଡା ଗ୍ରାମର ଗାଙ୍ଗେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀ ମାଆମାନେ ନିଜକୁ ସ୍ୱବଲମ୍ବି କରି ଉଦାହରଣ ସୃଷ୍ଟି କରି ପାରିଛନ୍ତି । ଗାଙ୍ଗେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀ ପଦ୍ମପୁର ଏମବିକେ ସିପ୍ରା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦ ଜଣ ସଦସ୍ୟା ଦୁଇ ବର୍ଷ ପୂର୍ବରୁ ଆତ୍ମନିର୍ଭରଶୀଳ ହେବାକୁ ଏକ ମାଷ୍ଟର ପ୍ଲାନ କରି ସଫଳତାର ପ୍ରଥମ ପାହାଚ ଚଢିବାରେ ସକ୍ଷମ ହୋଇ ପାରିଛନ୍ତି । ଗତ ଦୁଇ ବର୍ଷକ ମଧ୍ୟରେ ଗାଙ୍ଗେଶ୍ୱରୀ ଏସ୍‌ଏଚ୍‌ଜି ମାଆ ମାନେ ଜଣେ ବ୍ୟକ୍ତିଙ୍କ ୭୦ ଡେସିମଲ ଜାଗା ଲିଜ୍ ସୂତ୍ରରେ ନେଇ ବିଭିନ୍ନ ପ୍ରକାର ଚାଷ କରି ବେଶ ଲାଭବାନ ହୋଇଛନ୍ତି । ୨୦ ଡେସିମିଲ ଜମିରେ କରାଯାଇଥିବା ପୋଲି ହାଉସରେ ଉନ୍ନତ କିସମର ଆଳୁଚାରା, ଅମୃତ ଭଣ୍ଡା ଓ ଅନ୍ୟାନ୍ୟ ଚାରା ଉତ୍ପାଦନ କରି ବର୍ଷକରେ ସେମାନେ ୨ ଲକ୍ଷ ୭୫ ହଜାର ଟଙ୍କା ଲାଭ ପାଇଥିବା ବେଳେ ଛତୁଚାଷରୁ ୩୦ ହଜାର, ଫୁଲଚାଷରୁ ୨୫ ହଜାର, ମସଲା ଗୁଣ୍ଡ ତିଆରି କରି ୫୦ ହଜାର ମୋଟ ୩ ଲକ୍ଷ ୫୦ ହଜାର ଟଙ୍କା ଲାଭ ପାଇଥିବା ଗାଙ୍ଗେଶ୍ୱରୀ ଏସ୍‌ଏଚ୍‌ଜି ସଭାନେତ୍ରୀ ନିରୋଶା ଚୌଧରୀ ପ୍ରକାଶ କରିଛନ୍ତି । ଆସନ୍ତା ଦିନରେ ସେମାନେ ଆହୁରି ଅଧିକ ରୋଜଗାର କରିବା ଲକ୍ଷ ନେଇ କାମ କରିବେ ବୋଲି ସଦସ୍ୟାମାନେ କହିଛନ୍ତି । ରାଜ୍ୟ ସରକାରଙ୍କ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ତଥା କମିଶନର ଡଃ.ଅରବିନ୍ଦ କୁମାର ପାଢ଼ୀ, ମିଶନ ଶକ୍ତି ମୁଖ୍ୟ ଉପଦେଷ୍ଟା ଡଃ.ଲୋପାମୁଦ୍ରା ବକ୍ସିପାତ୍ର ପ୍ରମୁଖ କୋରାପୁଟ ଜିଲ୍ଲା ଗସ୍ତ ସମୟରେ ଗାଙ୍ଗେଶ୍ୱରୀ ଏସ୍‌ଏଚଜି ଦ୍ୱାରା କରାଯାଇଥିବା ପୋଲି ହାଉସ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦେଖି ଖୁବ୍ ପ୍ରଶଂସା କରିଥିଲେ ।



---

# ଗାୟତ୍ରୀଙ୍କ ଗରିମା



ଗାୟତ୍ରୀ ତାଙ୍କ ନିଜ ପାଇଁ ଏକ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନର ଉତ୍ସ ସୃଷ୍ଟି କରିବା ଦିଗରେ ଆଗେଇଥିଲେ । ଏଥିସହିତ ନିଜ ସମୁଦାୟର ଉତ୍ଥାନ ନିମନ୍ତେ ସଦା ଚେଷ୍ଟାରତ ଥିଲେ । ତାଙ୍କର ଯାତ୍ରା ଭୁବନେଶ୍ୱରର ଚଳଚଞ୍ଚଳ ବଜାରରୁ କଞ୍ଚାମାଲ ସଂଗ୍ରହ କରି ସ୍ୱେଟର ବୁଣିବା ବ୍ୟବସାୟକୁ ନେଇ ଆରମ୍ଭ ହେଇଥିଲା । ଇତିମଧ୍ୟରେ ଗାୟତ୍ରୀ



**ଜୀବନରେ କିଛି କରି ଦେଖେଇବାର ସ୍ୱପ୍ନ ମଣିଷକୁ ବିଭୋର କରେ । ସେଇ ସ୍ୱପ୍ନ ବାସ୍ତବତାର ରୂପ ନେଲେ ଜୀବନ ଭରା ନ୍‌ଈ ଭଳି ଦିଶେ । ସୁଖର କାଶତଣ୍ଡୀର ମହକ ଦୂର ଦୂରାନ୍ତ ଯାଏଁ ମହକି ଯାଏ । ତା'ରି ବାସ ଅନ୍ୟକୁ ପାଖକୁ ଟାଣିଆଣେ । ନିଜ ପାଇଁ ଦେଖିଥିବା ସ୍ୱପ୍ନର ଛୋଟ ମଞ୍ଜି କେତେବେଳେ ବିଶାଳ ଦ୍ରୁମରେ ପରିଣତ ହୁଏ, ଅନ୍ୟକୁ ଛାଇ ଯୋଗାଏ ସେସବୁ ଜଣା ପଡ଼େନାହିଁ । ଏମିତି ଜଣେ ସଫଳ ଉଦ୍ୟୋଗୀ ମହିଳା ହେଉଛନ୍ତି**

ସ୍ଥାନୀୟ ଭେଣ୍ଡରଙ୍କ ସହିତ ସହଯୋଗିତା କରି ବଜାର ଦୁନିଆଁରେ ନିଜ ଛାପ ଛାଡ଼ିବାର ଉଦ୍ୟମ କରିଥିଲେ । ନିଜର ସୂକ୍ଷ୍ମ ଉତ୍ପାଦ ଯେମିତି ଅଧିକରୁ ଅଧିକ ଲୋକଙ୍କ ପାଖରେ ଭିନ୍ନ ସ୍ଥାନରେ ପହଞ୍ଚି ପାରିବ ସେଇ ପ୍ରୟାସ କରିଥିଲେ ଗାୟତ୍ରୀ । ସ୍ୱେଟର ବିକ୍ରିର ଋତୁକାଳୀନ ସ୍ଥିତିକୁ ହୃଦୟଙ୍ଗମ କରି ଗାୟତ୍ରୀ ସାର୍ଟ ପ୍ରସ୍ତୁତି କରିବା କଥା ଚିନ୍ତା କରିଥିଲେ । ନୂଆ ଏକ ଚେଷ୍ଟା ଏବଂ ଉଦ୍ୟମ ଲାଗି ଆବଶ୍ୟକ ପଡ଼ିଲା ଅତିରିକ୍ତ ସମ୍ବଳର । ଏଇ ସମୟରେ ତାଙ୍କ ପାଖରେ ଆସି ଠିଆ ହୋଇଥିଲା ସ୍ୱମ୍ମାନ ସଂସ୍ଥା । ଗାୟତ୍ରୀ ସ୍ୱମ୍ମାନ ନିକଟରୁ ଏକ ଋଣ ନେଲେ । ପରବର୍ତ୍ତୀ ସମୟରେ ତାଙ୍କ ଉଦ୍ୟୋଗ ବ୍ୟବସାୟରେ ସ୍ଥିରତା ଆଣିଦେଲା ଏହି ଉଦ୍ୟମ । ବଜାରର ଅସ୍ଥିର ପରିସ୍ଥିତିରେ ସେ ନିଜକୁ ଓ ତାଙ୍କ ଉଦ୍ୟୋଗକୁ ଦୃଢ଼ କରି ପାରିଥିଲେ । ଜଣେ ମା, ପତ୍ନୀ ଏବଂ ଜଣେ ଉଦ୍ୟୋଗୀ ଭାବରେ ନିଜର ବହୁମୁଖୀ ଭୂମିକା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ସମର୍ଥ ହେଇ ପାରିଥିଲେ ଗାୟତ୍ରୀ । ନିଜ ବ୍ୟବସାୟର ଅଭିବୃଦ୍ଧି ନିଜ ପରିବାର ଭିତରେ ସୀମିତ ରହିଲା ନାହିଁ । ବରଂ, ଆଖ ପାଖର ଦଶଜଣ ମହିଳାଙ୍କ ପାଇଁ ଆଣିଦେଲା ନିଯୁକ୍ତିର ଅପାର ସମ୍ଭାର । ଗାୟତ୍ରୀଙ୍କର ସଫଳ କାହାଣୀ ଔଦ୍ୟୋଗିକତାର ଏକ ନୂଆ ରୂପାନ୍ତରିତ ଶକ୍ତି ଭାବେ ଆଜି ଉଭା ହେଇଛି । ଯାହା ମହିଳାଙ୍କୁ ସଶକ୍ତ କରିବାକୁ ତାଙ୍କର ଏକାଗ୍ରତା, ଉଚିତ୍ ନିଷ୍ପତ୍ତିଗ୍ରହଣ କରିବାର ଦକ୍ଷତା ଏବଂ ପ୍ରତିବଦ୍ଧତା ଦ୍ୱାରା ପରିବାର ଓ ଗୋଷ୍ଠୀ ଉପରେ ଏକ ଦୀର୍ଘମିଆଦି ପ୍ରଭାବ ସୃଷ୍ଟି କରିପାରିଛି ବୋଲି ସମସ୍ତେ ଅନୁଭବ କରି ପାରୁଛନ୍ତି ।



ସମ୍ପୂର୍ଣ୍ଣା ଦାସ
ଭୁବନେଶ୍ୱର

## ଅବଶିଷ୍ଟାଂଶ...

## ବିରୋଧୀଙ୍କ ରାଜନୀତିର...

କହୁଛନ୍ତି ଓଡ଼ିଶାକୁ ସେ ଏକ ନମ୍ବର କରିଦେବେ। ଯଦି ଓଡ଼ିଶାକୁ ଏକ ନମ୍ବର କରିବେ ତା ହେଲେ ଆସାମକୁ କ'ଣ କରିବେ ବୋଲି ଶ୍ରୀ ପାଣ୍ଡିଆନ୍ କଟାକ୍ଷ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତାକୁ ସେମାନଙ୍କ ମୁଣ୍ଡ କାମ କରୁନାହିଁ। କୋଉଠି କ'ଣ କହୁଛନ୍ତି ତାହା ଜାଣିପାରୁ ନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆପଣମାନେ ହେଉଛନ୍ତି ତାଙ୍କ ପରିବାର ସଦସ୍ୟ। ଆପଣମାନେ ପଞ୍ଚାୟତ ଓ ପୌର ନିର୍ବାଚନରେ ଯେଉଁଭଳି ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ଦେଲେ ଏଥର ତା' ଠାରୁ ଅଧିକ ସଂଖ୍ୟାରେ ଆଶୀର୍ବାଦ କରିବେ ବୋଲି ଶ୍ରୀ ପାଣ୍ଡିଆନ୍ ବିଶ୍ୱାସ ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ ଜୁନ୍ ୧୦ ତାରିଖରେ ସରକାର ଗଢ଼ିବ ବୋଲି ବିଜେପି କହୁଛି। କିନ୍ତୁ ଆପଣମାନଙ୍କ ଆଶୀର୍ବାଦରେ ଜୁନ୍ ୯ ତାରିଖରେ ନବୀନ ବାବୁ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ଏବଂ ଶପଥ ନେବା ପରେ ପ୍ରଥମେ ୯୦% ପରିବାର ପାଇଁ ବିଜୁଳି ଛାଡ଼ କରିବେ। ଦ୍ୱିତୀୟରେ ଶତପ୍ରତିଶତ ପରିବାରକୁ ବିଏସକେୱାଇରେ ସାମିଲ ପାଇଁ ଫାଇଲ୍‌ରେ ଦସ୍ତଖତ କରିବେ ଆଉ ତୃତୀୟରେ ମିଶନ୍‌ଶକ୍ତି କର୍ମୀ ଓ ସଦସ୍ୟାମାନଙ୍କ ପାଇଁ ୬୦ ବର୍ଷ ପରେ ପେନସନ୍ ମଞ୍ଜୁର ପାଇଁ ପଦକ୍ଷେପ ନେବେ। ଯୁବ ବଜେଟ୍ ପାଇଁ ମୁଖ୍ୟମନ୍ତ୍ରୀ ୧ ଲକ୍ଷ କୋଟି ଟଙ୍କା ରଖିଛନ୍ତି। ଏହିପାଇଁ ପ୍ରତିବର୍ଷ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ୯୫ ପ୍ରତିଶତ କଲେଜ ଛାତ୍ରଛାତ୍ରୀ 'ନୂଆ-ଓ' ଛାତ୍ରବୃତ୍ତି ପାଉଛନ୍ତି ବୋଲି ସେ କହିଥିଲେ। ବିଜେପି ଆସିଲେ କହୁଛି ମିଶନ୍ ଶକ୍ତି, ବିଏସ୍‌କେୱାଇକୁ ବନ୍ଦ କରିଦେବେ। ଆମେ ସତର୍କ ରହିବା ସହ ସେମାନଙ୍କୁ ଉଚିତ ଜବାବ୍ ଦେଇ ସେମାନଙ୍କର ହୀନ ଉଦ୍ୟମକୁ ଭଣ୍ଡୁର କରିବା।"

ସେ କହିଥିଲେ ଯେ ବିଜେପି ମାଗଣାରେ ସୌର ବିଜୁଳି ଦେବା କଥା କହୁଛନ୍ତି। ଏହା ଲୋକଙ୍କୁ ଦିନରେ ଲଣ୍ଠନ ଦେଖାଇବା ସଦୃଶ। ମାଗଣାରେ ନୁହେଁ ୫୦ ହଜାର ଟଙ୍କା ନେଇ ସୌର ପ୍ୟାନେଲ ଲଗାଇବେ। ଏହି ପ୍ରବଞ୍ଚନାର ଜବାବ୍ ଦେବାର ସମୟ ଆସିଛି। ଆପଣମାନେ ବହୁ ସଂଖ୍ୟାରେ ଯୋଡ଼ି ଶଙ୍ଖରେ ଭୋଟ ଦେଇ ନବୀନ ବାବୁଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରି ନୂଆ ଇତିହାସ ରଚିବେ।

ସେହିପରି ଆଜି ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦରେ ଏକ ନିର୍ବାଚନୀ ସଭାରେ ଶ୍ରୀ ପାଣ୍ଡିଆନ୍ କହିଥିଲେ, ବିଜେପିରୁ ବହୁ ନେତା କହୁଛନ୍ତି ଚିଲିକାରେ ସେତୁ ନିର୍ମାଣ କରିବେ। ୨୦୧୪ ନିର୍ବାଚନ ବେଳେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଆସି କହିଥିଲେ ଚିଲିକାରେ ସେତୁ କରିବେ। ଏପର୍ଯ୍ୟନ୍ତ ସେହି ସେତୁର ଚିହ୍ନ ବର୍ଣ୍ଣ ଦେଖିବାକୁ ମିଳିଲା ନାହିଁ। ଅପରପକ୍ଷେ କେନ୍ଦ୍ର ଜଙ୍ଗଲ ମନ୍ତ୍ରୀ ଭୁପେନ୍ଦ୍ର ଯାଦବ ଚିଲିକାରେ ସେତୁ ହୋଇପାରିବ ନାହିଁବୋଲି ମତ ରଖୁଛନ୍ତି। ଏପରିସ୍ଥଳେ ସେମାନଙ୍କ କଥାରେ ତାଳମେଳର କେତେ ଅଭାବ ତାହା ସ୍ପଷ୍ଟ ବାରିହେଉଛି। କେବଳ ଲୋକଙ୍କୁ ଠକିବା ପାଇଁ ଗୋଟିଏ ପରେ ଗୋଟିଏ ପ୍ରବଞ୍ଚନା ଦେଇ ଚାଲିଛନ୍ତି। ନିର୍ବାଚନ ବେଳେ ବିଜେପି ଦଳ ଲୋକଙ୍କ ପ୍ରତି ଯେଉଁ ଆନ୍ତରିକତା ଦେଖାଉଛି, ଭୋଟ ପରେ ମଧ୍ୟ ଲୋକଙ୍କ ପ୍ରତି ସେହିଭଳି ଆନ୍ତରିକତା ରଖିବେ ବୋଲି ମୋର ଆଶା। ଆପଣମାନେ ଆମର ଦୁଇ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରନ୍ତୁ, ଦେଖିବେ ବିକାଶ କିପରି ହେଉଛି।

ଶ୍ରୀ ପାଣ୍ଡିଆନ ଆହୁରି କହିଥିଲେ ଯେ, ଯଦି ଚିଲିକାରେ ସେତୁ ହେବ, ତା' ହେଲେ କେବଳ ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ଭବ ହେବ। ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ମହାନଦୀ, ବ୍ରାହ୍ମଣୀ ପରି ବଡ଼ ବଡ଼ ନଦୀ ଉପରେ ସେତୁ କରିଛନ୍ତି। ଯଦି କେନ୍ଦ୍ର ସରକାରଙ୍କ ଅନୁମତି ମିଳିବ ତା' ହେଲେ ନବୀନ ବାବୁ ୩ ବର୍ଷ ଭିତରେ ଚିଲିକା ଉପରେ ସେତୁ ନିର୍ମାଣ କରିବେ ବୋଲି ଶ୍ରୀ ପାଣ୍ଡିଆନ୍ ଘୋଷଣା କରିଥିଲେ। ସେହିପରି ମତ୍ସ୍ୟଜୀବୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ହେବ ବୋଲି ଘୋଷଣା କରିବା ସହ ସେତୁ ନିର୍ମାଣ ପୂର୍ବରୁ ଚିଲିକାରେ ଯାତ୍ରୀବାହୀ ନୌକାସଂଖ୍ୟା ବୃଦ୍ଧି କରାଯିବ ବୋଲି କହିଥିଲେ। ଚିଲିକାରେ ମୁହାଣ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ୧୨.୭୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। 'ଫନୀ' ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା କୃଷ୍ଣପ୍ରସାଦ ବ୍ଲକର ଲୋକଙ୍କ ସମସ୍ୟା ଦୂର ପାଇଁ ମୁଖ୍ୟମନ୍ତ୍ରୀ ନିଜର ମନ୍ତ୍ରୀ, ବିଧାୟକ ଏବଂ ଅଧିକାରୀମାନଙ୍କୁ ପ୍ରତି ପଞ୍ଚାୟତକୁ ପଠାଇଥିଲେ। ଲୋକଙ୍କ ସେବା ଓ ଭଲ ପାଇବା ପାଇଁ ମୁଖ୍ୟମନ୍ତ୍ରୀ ଏହା କରିଥିଲେ। ଏବେକାର ବିଜେପି ବିଧାୟକ ୫ ବର୍ଷ ମଧ୍ୟରେ ଥରୁଟିଏ ବି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଲୋକଙ୍କ ସମସ୍ୟା ନେଇ ଆସି ନାହାନ୍ତି। ତା' ହେଲେ ସେ ଲୋକଙ୍କ ପାଇଁ କଲେ କ'ଣ ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରଶ୍ନ କରିଥିଲେ।

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେରାଣ୍ଡିଆରେ ସେ କହିଥିଲେ, ପୁରୀ ମନ୍ଦିର କାମ ଏତେ ସୁନ୍ଦର ହୋଇଛି। ଏହାକୁ ବି ସେମାନେ ସହିପାରୁ ନାହାନ୍ତି। କହୁଛନ୍ତି ୪ ହଜାର କୋଟି ଖର୍ଚ୍ଚ ହୋଇଛି। କିନ୍ତୁ ବାସ୍ତବତା ହେଉଛି ଏଥିପାଇଁ ମାତ୍ର ୩୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମୁଖ୍ୟମନ୍ତ୍ରୀ ୯ କୋଟି ଟଙ୍କା ଖର୍ଚ୍ଚ କରି ଅଲାରନାଥଙ୍କ ମନ୍ଦିର ରୂପାନ୍ତରଣ କରିଛନ୍ତି। ୫ କୋଟି ଖର୍ଚ୍ଚ କରି ମା' ବାଲିହରଚଣ୍ଡୀଙ୍କ ମନ୍ଦିରକୁ ଭବ୍ୟ ରୂପ ଦେଇଛନ୍ତି। ପିପିଲି, ଡେଲାଙ୍ଗ ଜନସଭାରେ ସେ କହିଥିଲେ, ନିର୍ବାଚନ ପରେ ମୁଁ ପିପିଲି ଆସିବି ଏବଂ ବିକାଶ କାମ ଡବଲ ସ୍ପିଡ୍‌ରେ ଆଗେଇବ। ମଙ୍ଗଳପୁରରେ ଲୋ' ଭୋଲ୍ଟେଜ୍ ସମସ୍ୟା ଦୂର ପାଇଁ ମୁଖ୍ୟମନ୍ତ୍ରୀ ୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପିପିଲି ହସ୍ତଶିଳ୍ପର ବିକାଶ ପାଇଁ ୧୨.୫ କୋଟି ଟଙ୍କା ଦେଇଛନ୍ତି। ଏହା କାରିଗରମାନଙ୍କ ରୋଜଗାର ବଢ଼ାଇବ ଏବଂ ଏହି ଅଞ୍ଚଳରେ ଆର୍ଥିକ ବିକାଶ ହେବ। ଦାଣ୍ଡମୁକୁନ୍ଦପୁରରେ ଗୋପିନାଥ ମନ୍ଦିରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୩ କୋଟି ଦେଇଛନ୍ତି। ଫନୀ ବାତ୍ୟାରେ ନଷ୍ଟ ହୋଇଥିବା ଘର ନିର୍ମାଣ କରାଯିବ। ଓଡ଼ିଶା ପାଇଁ ଘର ଅନୁମୋଦନ, ଆପଣମାନଙ୍କ ଘର ଅନୁମୋଦନ କେନ୍ଦ୍ର ସରକାର ବାତିଲ କରିଥିଲେ ମଧ୍ୟ ନବୀନ ବାବୁ ଆପଣମାନଙ୍କୁ ଘର ଦେବେ ବୋଲି ସେ ଘୋଷଣା କରିଥିଲେ। ଅରୂପ ପଟ୍ଟନାୟକ ହେଉଛନ୍ତି ପିପିଲି ମାଟିର ପୁଅ। ସୁଦୂର ମୁମ୍ବାଇରେ କର୍କଟ ରୋଗୀମାନଙ୍କୁ ସେବା ଯୋଗାଇ ଦେବା ଲାଗି ସେ ଆନ୍ତରିକତାର ସହ କାମ କରୁଛନ୍ତି। ସେବା ପାଇଁ ତାଙ୍କର ସୁନାମ ରହିଛି। ଶଙ୍ଖ ଚିହ୍ନରେ ଭୋଟ ଦେଇ ଅରୂପ ବାବୁଙ୍କୁ ଲୋକସଭାକୁ ଏବଂ ରୁଦ୍ର ମହାରଥୀଙ୍କୁ ବିଧାନସଭା ପଠାଇବା ଆପଣମାନଙ୍କ ଦାୟିତ୍ୱ ବୋଲି କହିଥିଲେ।

ସତ୍ୟବାଦୀରେ ଶ୍ରୀ ପାଣ୍ଡିଆନ୍ କହିଥିଲେ, ସୁଆଣ୍ଡୋ ହେଉଛି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ। ଓଡ଼ିଆ ବିଶ୍ୱବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ପ୍ରତିଷ୍ଠା କରିଛନ୍ତି। ଆପଣମାନଙ୍କ ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସବର୍ମା ଜାଣିଛନ୍ତି ସରକାରଙ୍କ ଠାରୁ କିପରି କାମ ଆଦାୟ କରିବାର ଅଛି। ସେ ଆଶୀର୍ବାଦ ପାଇଲେ ସତ୍ୟବାଦୀ ବିକାଶର ନୂଆ ଶିଖର ଛୁଇଁବ। ରଣପୁର ସଭାରେ ସେ କହିଥିଲେ, ରଣପୁରରେ ଜଳସେଚନ ସୁବିଧା ହୋଇଛି। ରଣପୁର ଜଗନ୍ନାଥ ମନ୍ଦିର ପାଇଁ ୫ କୋଟି, ମଣୀନାଗ ମନ୍ଦିର ପାଇଁ ୪ କୋଟି, ତଳମଣୀନାଗ ମନ୍ଦିର ପାଇଁ ୩ କୋଟି ଟଙ୍କା ଦିଆଯାଇଛି ବୋଲି କହିଥିଲେ।

ଜୟଦେବରେ ଶ୍ରୀ ପାଣ୍ଡିଆନ କହିଲେ ଯେ, ଭୁବନେଶ୍ୱର ସାଂସଦ ଏ ଅଞ୍ଚଳ ପାଇଁ କିଛି କରିନାହାନ୍ତି। ଭୁବନେଶ୍ୱର ପାଇଁ ସେ କୌଣସି ପ୍ରୋଜେକ୍ଟ ଆଣିନାହାନ୍ତି। ଦରକାରବେଳେ ଖୋଜିଲେ ଲୋକେ ତାଙ୍କୁ ପାଆନ୍ତି ନାହିଁ। ଏଥର ଲୋକ ତାଙ୍କୁ ଉଚିତ ଜବାବ ଦେବେ।

"ସେ ପୁଣି କହିଲେ ଯେ, ଏ ସରକାର ବିଜୁ ଜନତା ଦଳର ସରକାର ନୁହେଁ, ଏହା ହେଉଛି ଲୋକଙ୍କ ସରକାର। ଲୋକମତକୁ ଏଠାରେ ସର୍ବାଧିକ ଗୁରୁତ୍ୱ ଦିଆଯାଏ। "କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ, ବ୍ରହ୍ମଗିରି ବିଧାୟକ ପ୍ରାର୍ଥୀ ଉମା ସାମନ୍ତରାୟ, ସତ୍ୟବାଦୀ ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସବର୍ମା, ପିପିଲି ବିଧାୟକ ପ୍ରାର୍ଥୀ ରୁଦ୍ର ମହାରଥୀ, ଚିଲିକା ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ, ରଣପୁର ବିଧାୟକ ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନ ଏବଂ ଜୟଦେବ ବିଧାୟକ ପ୍ରାର୍ଥୀ ନବକିଶୋର ମଲ୍ଲୀକ ପ୍ରମୁଖ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ।

## ବିଜେପିକୁ ପ୍ରତ୍ୟାଖ୍ୟାନ...

ହାରିବା ଭୟରେ ସେମାନେ ବାରମ୍ବାର ନିଜର କଥା ବଦଳାଉଛନ୍ତି ଏବଂ କଂଗ୍ରେସ ଉପରେ ଦୋଷାରୋପ କରୁଛନ୍ତି। ଗତ ୫୦ ବର୍ଷରେ କଂଗ୍ରେସ କ'ଣ କରିଛି ବୋଲି କହି ରାଜୀବ ଗାନ୍ଧୀ ଓ ଇନ୍ଦିରା ଗାନ୍ଧୀଙ୍କ ବିଷୟରେ ଚର୍ଚ୍ଚା କରୁଛନ୍ତି। ମାତ୍ର ଗତ ୧୦ବର୍ଷରେ ସେମାନେ କ'ଣ କରିଛନ୍ତି ଜବାବ ଦେଇପାରୁନାହାନ୍ତି। ଦେଶବାସୀ ଏବେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ଯୋଗୁ ଅତିଷ୍ଠ ହୋଇପଡ଼ିଛନ୍ତି। ମାତ୍ର ବିଜେପି ଇସ୍ତାହାରରେ ଦରଦାମ ହ୍ରାସ ନିମନ୍ତେ କୌଣସି ଯୋଜନା ନାହିଁ। ଏଥିରୁ ସ୍ପଷ୍ଟ ଯେ ସେମାନେ ସାଧାରଣ ଜନତାଙ୍କ କଥା ଚିନ୍ତା କରୁନାହାନ୍ତି। ତେଣୁ କଂଗ୍ରେସ ପ୍ରତି ଦେଶବାସୀଙ୍କ ଆସ୍ଥା ଦୃଢ଼ ହୋଇଛି। ଯେଉଁ ରାଜ୍ୟଗୁଡ଼ିକରେ କଂଗ୍ରେସ ଓ ବିଜେପି ମଧ୍ୟରେ ଲଢ଼େଇ ହେଉଛି ସେଠାରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ। ଇଣ୍ଡି ମେଂଟର ସହଯୋଗୀ ଦଳମାନେ ମଧ୍ୟ ନିଜ ନିଜ ରାଜ୍ୟରେ ବହୁ ସଂଖ୍ୟାରେ ବିଜୟ ଲାଭ କରିବେ ବୋଲି ଶ୍ରୀ ପାଇଲଟ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରଥମ କରି ଦେଖିବାକୁ ମିଳୁଛି, ଶାସକ ଦଳ ବିପକ୍ଷ ଦଳ ଉପରେ ଆରୋପ ଲଗାଉଛି। ଯେତେବେଳେ ଭାରତୀୟ ଜନତା ପାର୍ଟି ବିରୋଧୀ ଦଳରେ ଥିଲା ସେତେବେଳେ ସମସ୍ତ ପ୍ରକାର ବିକାଶ ମୂଳକ ଆର୍ଥିକ ନୀତିକୁ ସେମାନେ ବିରୋଧ କରୁଥିଲେ। ଯେତେବେଳେ ଆମେ ଏଫଡିଆଇ କଥା କହିଲୁ, ସେମାନେ ବିରୋଧ କଲେ। ମାତ୍ର ବର୍ତ୍ତମାନ ସମର୍ଥନ କରୁଛନ୍ତି। ଡିବିଟି, ଜିଏସ୍‌ଟି, ଡବ୍ଲୁଟିଓ ଆଦିକୁ ସେମାନେ କଂଗ୍ରେସ ସରକାର ସମୟରେ ବିରୋଧ କରିଥିଲେ। କିନ୍ତୁ ବର୍ତ୍ତମାନ ସମର୍ଥନ କରୁଛନ୍ତି। ସେହିପରି ଆଧାରକାର୍ଡ, ଆଇଟି ରିଭୋଲ୍ୟୁସନ, ଟେଲିକମ୍ ରିଭୋଲ୍ୟୁସନ ଆଦି ସମସ୍ତ ଯୋଜନା କଂଗ୍ରେସ ସରକାରଙ୍କ ପରିକଳ୍ପନା ଥିଲା। ଏସବୁ ଯୋଜନାକୁ ଲାଗୁ କରି ସେମାନେ କେବଳ ଶ୍ରେୟ ନେବାକୁ ଚାହୁଁଛନ୍ତି ବୋଲି ଶ୍ରୀ ପାଇଲଟ ଅଭିଯୋଗ କରିଛନ୍ତି।

## ମୋତେ ଯେତେ...

ମୁଖ୍ୟମନ୍ତ୍ରୀଙ୍କ ଭାଷଣ କେତେଦୂର ଗ୍ରହଣୀୟ ତାହା ଓଡ଼ିଶାବାସୀ ବିଚାର କରିବେ ବୋଲି ଶ୍ରୀ ପାଣ୍ଡିଆନ ମତ ଦେଇଛନ୍ତି।

ଶ୍ରୀ ପାଣ୍ଡିଆନ ଆହୁରି କହିଛନ୍ତି ଯେ ନିର୍ବାଚନ ଆସିଲେ ବିରୋଧୀ ରତ୍ନଭଣ୍ଡାର ପ୍ରସଙ୍ଗ ଉଠାନ୍ତି। ଆଜିକୁ ୪୦ ବର୍ଷ ହେଲା ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇ ନାହିଁ। ୧୦ବର୍ଷ ଦାୟିତ୍ୱରେ ଥିଲେ, ବିରୋଧୀ ନେତା କାହିଁକି ରତ୍ନଭଣ୍ଡାର ଖୋଲିପାରିଲେ ନାହିଁ ବୋଲି ଶ୍ରୀ ପାଣ୍ଡିଆନ ପ୍ରଶ୍ନ କରିଛନ୍ତି।

## ରାତି ପାହିଲେ...

ମଧ୍ୟରୁ ପ୍ରାୟ ୨୦ ପ୍ରତିଶତ ସମ୍ବେଦନଶୀଳ(କ୍ରିଟିକାଲ) ପୁଲିଂ ଷ୍ଟେସନ ଭାବରେ ଚିହ୍ନଟ କରାଯାଇଛି। ୯୧୬୨ ମତଦାନ କେନ୍ଦ୍ର ମଧ୍ୟରୁ ୧୬୮୯ଟି ମତଦାନ କେନ୍ଦ୍ରରେ ଅପରାହ୍ଣ ୪ଟା ସୁଦ୍ଧା ଭୋଟ୍ ଗ୍ରହଣ ସରିବ। ସେହିପରି ୫ଟା ସୁଦ୍ଧା ୯୩୩ କେନ୍ଦ୍ରରେ ମତଦାନ ସରିବାକୁ ଥିବା ବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୬୫୪୦ଟି କେନ୍ଦ୍ରରେ ଭୋଟ ଗ୍ରହଣ ସରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି। ସମ୍ପୂର୍ଣ୍ଣ ସୁରକ୍ଷିତ ପରିବେଶ ମଧ୍ୟରେ ମତଦାନ ପାଇଁ ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଠାରେ ୧୦୨ କମ୍ପାନୀ ସିଏପିଏଫ୍ (ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସ) ନିୟୋଜିତ ହେବେ। କନ୍ଧମାଳରେ ସର୍ବାଧିକ ୨୨ କମ୍ପାନୀ ସିଏପିଏଫ୍ ନିୟୋଜିତ ହେବାକୁ ଥିବା ବେଳେ ଗଞ୍ଜାମରେ ୨୦ କମ୍ପାନୀ ସିଏପିଏଫ୍ ନିୟୋଜିତ ହେବେ।

ଅପରପକ୍ଷେ ୫ଟି ସଂସଦୀୟ କ୍ଷେତ୍ରରେ ୧୦ ଜଣ ସାଧାରଣ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିବା ବେଳେ ୧୫ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଏବଂ ୩ ଜଣ ପୁଲିସ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ପାଇଁ ମତଦାନ କେନ୍ଦ୍ରରେ ବ୍ୟାପକ ପଦକ୍ଷେପ ନିଆଯାଇଥିବା ବେଳେ ବିଭିନ୍ନ ଅଞ୍ଚଳରେ ମତଦାନ ହାର ବୃଦ୍ଧି ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଭୋଟରମାନେ ବହୁଳ ସଂଖ୍ୟାରେ ଆସି ମତଦାନ ପ୍ରକ୍ରିୟାରେ ଭାଗ ନେବାକୁ ଶ୍ରୀ ଧଳ ଅନୁରୋଧ କରିଛନ୍ତି।

# ମଜୁରି ଟଙ୍କା ମାଗିବାରୁ ଦୁଇ ଭାଇଙ୍କୁ ଛୁରାମାଡ଼

ବ୍ରହ୍ମପୁର, ୧୮।୫ (ସମିସ): ଆସିକା-ଧରାକୋଟ ଥାନା ଜଗମୋହନ ଗାଁ ରେ ମିସ୍ତ୍ରୀ ମଜୁରି ମୂଲ ଟଙ୍କା ମାଗିବାକୁ କେନ୍ଦ୍ର କରି ଦୁଇ ଭାଇକୁ ଛୁରିରେ ଆକ୍ରମଣ ହୋଇଛି। ଦୁଇ ଆହତ ମେଡିକାଲ ଭର୍ତ୍ତି ହୋଇଛନ୍ତି।

# ପ୍ରସାଦ ଖାଇ ୩୦ ଅସୁସ୍ଥ

**ବ୍ରହ୍ମପୁର, ୧୮।୫(ସମିସ):** ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ମଣ୍ଡଳ ଗାଁରେ ନାମଯଜ୍ଞ ଚାଲିଥିବା ବେଳେ ଅନ୍ନ ପ୍ରସାଦ ଖାଇ ୩୦ଜଣ ଅସୁସ୍ଥ ହୋଇପଡ଼ିଥିଲେ। ସମସ୍ତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସମସ୍ତେ ସୁସ୍ଥ ହୋଇଥିବା ଜଣାପଡ଼ିଛି।

# 'ଲୋକଙ୍କୁ ଧମକାଉଛନ୍ତି ପାଲଲହଡ଼ା ବିଜେପି ବିଧାୟକ ପ୍ରାର୍ଥୀ'

**ଭୁବନେଶ୍ୱର,୧୮ ।୫ (ସମିସ):** ବିଜେପିକୁ ସମର୍ଥନ କରିବା ପାଇଁ ପାଲଲହଡ଼ା ବିଜେପି ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି ବିଜେଡି ସମର୍ଥକ ଏବଂ ଜନସାଧାରଣଙ୍କୁ ଖୋଲାଖୋଲି ଧମକ ଦେଉଛନ୍ତି। ବିଜେପିକୁ ସମର୍ଥନ ନ କଲେ ପରିସ୍ଥିତି ଭୟାବହ ହେବ ବୋଲି ଲୋକଙ୍କୁ ଧମକାଉଛନ୍ତି। ଆଜି ଏନେଇ ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ କୁକୁଡ଼ିଆ ପଞ୍ଚାୟତରେ ଆଜି ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ମହାନ୍ତି ବିଜେଡି କର୍ମୀ ଏବଂ ଜନସାଧାରଣଙ୍କୁ ଧମକ ଦେଉଥିବା ଦେଖିବାକୁ ମିଳିଛି। ବିଜେଡିକୁ ଛାଡ଼ି ବିଜେପିକୁ ଭୋଟ ନଦେଲେ ହାତ ଗୋଡ଼ ଭାଙ୍ଗି ଦିଆଯିବ ବୋଲି ଧମକ ଦେଇଛନ୍ତି। ଏହାପରେ ଶ୍ରୀ ମହାନ୍ତି ନିଜ ସମର୍ଥକମାନଙ୍କ ଲୋକଙ୍କ ଘରେ ପଶି ସେମାନଙ୍କ ଉପରେ ଆକ୍ରମଣ ମଧ୍ୟ କରିଥିଲେ। ରାଜ୍ୟରେ ଅବାଧ ନିର୍ବାଚନ ପାଇଁ ଉଦ୍ୟମ କରାଯାଉଥିବା ବେଳେ ବିଜେପି ବିଧାୟକ ପ୍ରାର୍ଥୀଙ୍କର ଏପରି ଆଚରଣ ଗଣତନ୍ତ୍ର ପ୍ରତି ଆଦୌ ଶୁଭଙ୍କର ନୁହେଁ। ତେଣୁ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ସମ୍ପୃକ୍ତ ବିଜେଡି ସମର୍ଥକ ଏବଂ ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ବିଜେଡି ଦାବି କରିଛି। ବିଜେଡି ପକ୍ଷରୁ ରାଜ୍ୟସଭା ସାଂସଦ ସୁଲତା ଦେଓ, ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ଓମ୍ ପ୍ରକାଶ ସାହୁ ଦାବି ପତ୍ର ପ୍ରଦାନ କରିଥିଲେ।


XXI-03

## ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No RDM-LAA-MBJ-0024-2023- 7321 / R&DM, Dated-13.03.2024**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ, ହରିପୁର ଡିଷ୍ଟ୍ରିବ୍ୟୁଟାରୀ, କୈତଳା ଏବଂ ଖଡିକାପଦା ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- **ଖଡିକାପଦା**, ଥାନା- ବୈଶିଙ୍ଗା, ନଂ. ୨୨୭, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୪.୫୬** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ, ହରିପୁର ଡିଷ୍ଟ୍ରିବ୍ୟୁଟାରୀ, କୈତଳା ଏବଂ ଖଡିକାପଦା ସବ୍-ମାଇନର ନିର୍ମାଣ ନିମନ୍ତେ ।

**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରି କରିବା।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପ ଜିଲ୍ଲାପାଳ, ବାରିପଦା ।

**୬- ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ଖଡିକାପଦା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩୪.୬୨ | ଏ. ୪.୫୬ | ଏଥି ସହିତ ସଂଲଗ୍ନ |

**ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୦.୩୫ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।**

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ ୨, ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୨୭/୨୦୨୨
ଏ.୪.୫୬ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ବ୍ରାଂଚ କେନାଲ, ହରିପୁର ଡିଷ୍ଟ୍ରିବ୍ୟୁଟାରୀ କୈତଳା ଏବଂ ଖଡିକାପଦା ସବ୍-ମାଇନର ନିମନ୍ତେ
ମୌଜା- ଖଡିକାପଦା, ଥାନା- ବୈଶିଙ୍ଗା ନଂ-୨୨୭, ତହସିଲ- ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୧୨୫ | ୦.୧୪ | ୦.୦୪ | ଶାରଦ ଏକ | ଅର୍ଜୁନ ସାମଲ ପି:ଭରତ ସାମଲ ଜା: ଖଣ୍ଡାୟତ ବା: ନିଜଗାଁ |
| | ୧୯୮ | ୦.୨୭ | ୦.୧୨ | ଶାରଦ ତିନି | |
| ୮ | ୨୦୩ | ୦.୫୩ | ୦.୧୩ | ଶାରଦ ତିନି | ଉମେଶ ଚନ୍ଦ୍ର ସାହୁ ପି: ମାଧବ ଚନ୍ଦ୍ର ସାହୁ ଜା: କୁବେର ବା: ନୂଆଗାଁ,ବେଆଇନ ଖରିଦସୂତ୍ରେ ଦଖଲ ବା:, ସିଙ୍ଗୁ ମାଝୀ ପି: ବଣିଲୁ ମାଝୀ ଜା: ସାନ୍ତାଳ ବା: ନିଜଗାଁ,ରେଜେଷ୍ଟ୍ରି ଦଲିଲ ନମ୍ବର ୨୦୯୩ ତା.୨୩.୧୧.୬୭ ଜରସମନ :,ଟ୧୦୦୦ ବା: |
| ୧୦ | ୧୬୪ | ୦.୩୫ | ୦.୦୬ | ଶାରଦ ତିନି | କଟି ସିଂ, ବିଶ୍ୱ ସିଂ, ରାଧୁ ସିଂ ପି: ଶୁକୁରା ସିଂ ଜା: ଭୂମିଜ ବା: ନିଜଗାଁ |
| ୧୮ | ୧୨୩ | ୧.୬୬ | ୦.୧୮ | ଶାରଦ ଏକ | କାର୍ତ୍ତିକ ଦାସ ପି:ଚୁମା ଦାସ ଜା: ଲକ୍ଷ୍ମୀନାରାୟଣ ଗୋଲା ବା: ନିଜଗାଁ |
| ୪୨ | ୧୭୪ | ୦.୧୯ | ୦.୦୯ | ଶାରଦ ଦୁଇ | ଗୋପାଳ ମାଝି ପି:କିଶୁନ ମାଝି ଜା: ସାନ୍ତାଳ ବା: ରଙ୍ଗଡା |
| ୬୨ | ୧୬୩ | ୦.୯୧ | ୦.୦୧ | ଶାରଦ ତିନି | ଡାସମୀ ମୁର୍ମୁ ପି: କାଳିଚରଣ ମୁର୍ମୁ, ରାଇମତ ମୁର୍ମୁ ସ୍ୱା: କାଳି ଚରଣ ମୁର୍ମୁ, ଜଗତ ମୁର୍ମୁ ପି: ବନ୍ଧା ମୁର୍ମୁ ଜା: ସାନ୍ତାଳ ବା: ନିଜଗାଁ |
| | ୧୬୭ | ୦.୮୮ | ୦.୨୧ | ଶାରଦ ତିନି | |
| | ୧୬୮ | ୦.୫୪ | ୦.୦୮ | ଶାରଦ ତିନି | |
| ୬୮ | ୧୨୪ | ୦.୭୨ | ୦.୧୨ | ଶାରଦ ଏକ | ଚିନ୍ତାମଣି ଦାସ ସ୍ୱା:ସୁବଳ ଚନ୍ଦ୍ର ଦାସ ଜା: ବୈଷ୍ଣବ ବା: କୁଚେଇ ଜି.ମେଦିନପୁର |
| ୮୫ | ୧୬୫ | ୦.୪୪ | ୦.୧୨ | ଶାରଦ ତିନି | ନିଆସି ଦାସ ପି:ସାହେବ ଦାସ ଜା: ବୈଷ୍ଣବ ବା: ନିଜଗାଁ |
| ୯୩ | ୬୧୪ | ୧.୪୯ | ୦.୦୨ | ଶାରଦ ଦୁଇ | ପରମାନନ୍ଦ ଦାସ ପି: ନରେନ୍ଦ୍ର ଦାସ, ଉପେନ୍ଦ୍ର ଦାସ ପି: ପୁରୁଷୋତ୍ତମ ଦାସ, ସୁରେନ୍ଦ୍ର ଦାସ ପି: ବନମାଳି ଦାସ ଜା: ବୈଷ୍ଣବ ବା: ନିଜଗାଁ |
| ୧୦୦ | ୧୭୩ | ୦.୨୮ | ୦.୧୨ | ଶାରଦ ଦୁଇ | ବାଇଧର ମାଝୀ, ଗୋପାଳ ମାଝୀ, ଚଇତନ ମାଝୀ, ହପନା ମାଝୀ, ଡାବୁ ମାଝୀ ପି: କିସୁନ ମାଝୀ ଜା: ସାନ୍ତାଳ ବା: ରଙ୍ଗଡା |
| | ୧୭୨ | ୦.୩୨ | ୦.୦୩ | ଶାରଦ ତିନି | |
| ୧୦୧ | ୪୫୩ | ୦.୫୭ | ୦.୦୯ | ଶାରଦ ତିନି | ବାୟା ସିଂ ପି: ଚୁହିୟା ସିଂ ଜା: ଭୂମିଜ ବା: ନିଜଗାଁ,ଜବର ଦଖଲ ବା:, ଗୋପାଳ ସିଂ ପି: ନୋକିଆ ସିଂ ଜା: ଭୂମିଜ ବା: ନିଜଗାଁ |
| ୧୦୮ | ୬୫୨ | ୨.୭୦ | ୦.୧୦ | ଡାହି ଦୁଇ | ବାସିଆ ମାଝୀ, ବିଶୁ ମାଝୀ, ପାରାନ ମାଝୀ ପି: ପିତୁ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| ୧୨୪ | ୨୦୦ | ୦.୨୫ | ୦.୦୧ | ଶାରଦ ତିନି | ଜେଲୁ ମାଝୀ ପି: ବାଲିଆ ମାଝୀ, କାଳିଆ ମାଝୀ ପି: ହାଉଡା ମାଝୀ, ଖୁଦିଆ ମାଝୀ ପି: ରାମ ମାଝୀ, ଭୀମ ମାଝୀ ପି: ପିଥ ମାଝୀ, ନାରଣ ମାଝୀ ପି: କାରୁ ମାଝୀ, ବାଲିଆ ମାଝୀ ପି: ବଗଲା ମାଝୀ, କନ୍ଦା ମାଝୀ ପି: ମଙ୍ଗଲା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| ୧୨୫ | ୨୦୪ | ୦.୬୩ | ୦.୦୨ | ଶାରଦ ଦୁଇ | ମକୁର ଦାସ ପି:ଫକିର ଦାସ ଜା: ଲକ୍ଷ୍ମୀନାରାୟଣ ଗୋଲା ବା: ନିଜଗାଁ |
| ୧୩୫ | ୧୮୩ | ୧.୨୧ | ୦.୩୭ | ଶାରଦ ତିନି | ରତନ ମାଝୀ ପି:ପାରାନ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | ୧୮୪/୯୧୨ | ୦.୩୮ | ୦.୧୮ | ଶାରଦ ତିନି | |
| ୧୩୯ | ୧୭୫ | ୦.୧୯ | ୦.୦୯ | ଶାରଦ ଦୁଇ | ରାଗୁଆ ମାଝୀ ପି:ରାମ ମାଝୀ ଜା: ସାନ୍ତାଳ ବା: ରଙ୍ଗଡା |
| | ୧୭୭ | ୦.୫୪ | ୦.୦୬ | ଶାରଦ ତିନି | |
| ୧୪୨ | ୧୯୩ | ୦.୬୯ | ୦.୦୨ | ଶାରଦ ତିନି | ରାଧି ନାଏକ ସ୍ୱା:ହରେ କୃଷ୍ଣ ନାଏକ ଜା: ଖଣ୍ଡାୟତ ବା: ନିଜଗାଁ |
| ୧୪୫ | ୧୯୧ | ୦.୫୫ | ୦.୦୮ | ଶାରଦ ତିନି | ରାମ ଚନ୍ଦ୍ର ଡଗରା ପି:ଦନେଇ ଡଗରା ଜା: ଖଣ୍ଡାୟତ ବା: ରଙ୍ଗଡା |
| ୧୪୬ | ୧୯୯ | ୦.୧୦ | ୦.୦୫ | ଶାରଦ ତିନି | ଶ୍ରୀ ଶ୍ରୀ ପାରକେଶ୍ୱର ମହାଦେବ ବିଜେ ନିଜଗାଁ ମାର୍ଫତ ସମସ୍ତ :,ଗ୍ରାମବାସୀ ଙ୍କ ପକ୍ଷେ ବା:, ରାମଚନ୍ଦ୍ର ମହାନ୍ତି ପି: ଦାମୋଦର ମହାନ୍ତି ଜା: ଖଣ୍ଡାୟତ ବା: ନିଜଗାଁ |
| | ୨୦୧ | ୦.୫୨ | ୦.୧୨ | ଶାରଦ ତିନି | |
| ୧୬୬ | ୧୮୪ | ୦.୩୮ | ୦.୧୭ | ଶାରଦ ତିନି | ଶିଙ୍ଗରାଏ ମାଝୀ ପି:ଧନୁ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| ୧୬୭ | ୧୬୨ | ୧.୩୭ | ୦.୦୫ | ଶାରଦ ତିନି | ସିଙ୍ଗୁ ମାଝୀ ପି:ବାଣଲୁ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| ୧୬୯ | ୬୮୧ | ୧.୪୮ | ୦.୧୭ | ଶାରଦ ତିନି | ଶିବ ଚରଣ ମହାନ୍ତି ପି:ବୃନ୍ଦାବନ ମହାନ୍ତି ଜା: ଖଣ୍ଡାୟତ ବା: ନିଜଗାଁ |
| ୧୭୩ | ୧୭୧ | ୦.୩୪ | ୦.୧୪ | ଶାରଦ ତିନି | ଶ୍ରୀହରି ମାଝୀ, ପାଦୁ ମାଝୀ ପି: ଦୁର୍ଗା ମାଝୀ ଜା: ସାନ୍ତାଳ ବା: ରଙ୍ଗଡା |
| ୧୭୯ | ୬୮୬ | ୦.୯୦ | ୦.୧୦ | ଶାରଦ ଦୁଇ | ସୁନା ମାଝୀ, କନ୍ଧା ମାଝୀ ପି: ଚଇତନ ମାଝୀ, ଡାବୁ ମାଝୀ ପି: ଭୀମା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| ୧୮୧ | ୬୧୨ | ୦.୧୫ | ୦.୦୪ | ଶାରଦ ଦୁଇ | ସୁରେନ୍ଦ୍ର ଦାସ ପି:ବନମାଳୀ ଦାସ ଜା: ବୈଷ୍ଣବ ବା: ନିଜଗାଁ |
| ୨୦୯ | ୮୬୫/୭ | ୦.୦୫ | ୦.୦୩ | ଘରବାରୀ | ଚିତ୍ତରଞ୍ଜନ ମୁର୍ମୁ ପି: ଗଣେଶ ମୁର୍ମୁ, ଖୁରୀ ମୁର୍ମୁ ସ୍ୱା: ଚିତ୍ତରଞ୍ଜନ ମୁର୍ମୁ ଜା: ସାନ୍ତାଳ ବା: ନିଜଗାଁ |
| ୨୧୧ | ୮୬୫/୯ | ୦.୧୨ | ୦.୦୩ | ଘରବାରୀ | ଜଗବନ୍ଧୁ ହେମ୍ବ୍ରମ ପି: ଗରା ହେମ୍ବ୍ରମ, ସୁଆଗୀ ହେମ୍ବ୍ରମ ସ୍ୱା: ଜଗବନ୍ଧୁ ହେମ୍ବ୍ରମ ଜା: ସାନ୍ତାଳ ବା: ନିଜଗାଁ |
| ୧୮୮/୮ | ୬୮୮ | ୦.୧୫ | ୦.୦୯ | ଶାରଦ ଦୁଇ | ପୁରୁଷୋତ୍ତମ ମହାନ୍ତ ପି:ନିମାଇଁ ମହାନ୍ତ ଜା: କୁରୁମି କ୍ଷେତ୍ରିୟ ବା: ଲଇମନଖୁଣ୍ଟା ଥା.ବସ୍ତା ଜି.ବାଲେଶ୍ୱର |
| | ୬୯୦ | ୦.୪୦ | ୦.୧୦ | ଶାରଦ ଦୁଇ | |
| ୧୮୮/୧୧ | ୧୮୯ | ୦.୨୦ | ୦.୦୬ | ଶାରଦ ତିନି | ବନ ଟୁଡୁ ପି:ରେଣ୍ଡା ଟୁଡୁ ଜା: ସାନ୍ତାଳ ବା: ରଙ୍ଗଡା |
| ୧୮୮/୧୨ | ୪୫୪ | ୦.୯୬ | ୦.୧୮ | ଶାରଦ ଦୁଇ | ଫୁଲ ବେଓା ସ୍ୱା:ଗଜେନ୍ଦ୍ର ସିଂ ଜା: ଭୂମିଜ ବା: ଖଡିକାପଦା |
| ୧୮୮/୧୩ | ୨୦୨/୮୮୮ | ୧.୫୦ | ୦.୨୬ | ଶାରଦ ତିନି | ମଙ୍ଗଲ ମୁର୍ମୁ ପି:ଭିମ ମୁର୍ମୁ ବା: ଖଡିକାପଦା |
| ୧୮୮/୭୦ | ୨୦୨ | ୧.୬୮ | ୦.୦୬ | ଶାରଦ ତିନି | ରବିନାରାୟଣ ଦାସ, ହରିନାରାୟଣ ଦାସ, ଘନଶ୍ୟାମ ଦାସ, ମନରଂଜନ ଦାସ, ସରତ କୁମାର ଦାସ, ସଞ୍ଚିତା ଦାସ ପି: ଉମେଶ ଚନ୍ଦ୍ର ଦାସ ଜା: ବୈଷ୍ଣବ ବା: ଖଡିକାପଦା |
| ୧୮୮/୧୦୧ | ୬୫୩ | ୦.୭୦ | ୦.୨୦ | ଡାହି ଦୁଇ | ଜୟନ୍ତୀ ମହାନ୍ତି ସ୍ୱା:ରବିନ୍ଦ୍ର ମହାନ୍ତି ଜା: ଖଣ୍ଡାୟତ ବା: ନିଜଗାଁ |
| ୧୮୮/୧୨୩ | ୧୬୬ | ୦.୪୨ | ୦.୦୧ | ଶାରଦ ତିନି | ମାସାଂ ଟୁଡୁ ପି:ରେଣ୍ଡା ଟୁଡୁ ଜା: ସାନ୍ତାଳ ବା: ରଙ୍ଗଡା |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| ୫୩ | ୧୮୧ | ୧.୬୮ | ୦.୩୫ | ଶାରଦ ତିନି | ଛୋଟା ମାଝି ପି:ମାକୁ ମାଝି ଜା: ସାନ୍ତାଳ ବା: ରଙ୍ଗଡା |
| ମୋଟ | ୪୩ ପ୍ଲଟକୁ | ଏ.୩୪.୬୨ ଡେ.ମି. | ଏ.୪.୫୬ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ନୃସିଂହ ଚରଣ ସ୍ୱାଇଁ)
ସ୍ୱତନ୍ତ୍ର ଶାସନ ସଚିବ

OIPR-24001/14/0009/2425

## ବିକାଶ ପଥରେ ରେଢାଖୋଲ ନିର୍ବାଚନମଣ୍ଡଳୀ

# ରେଢାଖୋଲରେ ଉନ୍ନତିମୂଳକ କାମର ହିସାବ ଦେଲା ବିଜେଡି

**ସମ୍ବଲପୁର, ୧୮।୫(ସମିସ)**

ରାଜ୍ୟର ସବୁ ଅଞ୍ଚଳରେ ଲୋକେ କେମିତି ସମାନ ସୁବିଧା ପାଇବେ ଏଥିପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ସଚେତନ ଥାଆନ୍ତି। ବିଗତ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ ଶାସନରେ ଏହାହିଁ ମୂଳମନ୍ତ୍ର ହୋଇ ରହିଆସିଛି। ଉପାନ୍ତ ଅଞ୍ଚଳଠାରୁ ଆରମ୍ଭ କରି ରାଜ୍ୟ ରାଜଧାନୀ ପର୍ଯ୍ୟନ୍ତ ସବୁ ସ୍ଥାନରେ ସବୁ କ୍ଷେତ୍ରରେ ରୂପାନ୍ତରଣର ସ୍ପର୍ଶ ଲାଗିଥିବାବେଳେ ଏଥିରୁ ବାଦ ପଡ଼ିନି ସମ୍ବଲପୁର। ସମ୍ବଲପୁର ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଅନେକ ଯୋଜନା କରିଛନ୍ତି। ହେଲେ ରାଜନୈତିକ ସ୍ୱାର୍ଥ ରଖି ବିକାଶକୁ ବିରୋଧ କରୁଥିବା ଲୋକଙ୍କ ଆଖିକୁ ଏହା କେବେ ଦେଖାଯିବନି। ଭାରତୀୟ ଜନତା ପାର୍ଟିର ନେତା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କର ବଟସ୍କର ବାରମ୍ବାର ମିଛକଥା କହି ଲୋକଙ୍କୁ ଭୂଆଁ ବୁଲାଉଥିବାବେଳେ ରେଢାଖୋଲ ନିର୍ବାଚନମଣ୍ଡଳୀରେ କରାଯାଇଥିବା ଉନ୍ନତିମୂଳକ କାମର ହିସାବ ଦେଇଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି। ବିଗତ ଦିନରେ ରେଢାଖୋଲର ବିଭିନ୍ନ ବ୍ଲକ, ପଞ୍ଚାୟତ ଓ ଗ୍ରାମମାନଙ୍କରେ ହୋଇଥିବା ବିକାଶମୂଳକ କାମର ଚିତ୍ର ଦେଖାଇବା ସହିତ ଯଦି ସତ ସାହାସ ଅଛି ତାହେଲେ ଧର୍ମେନ୍ଦ୍ର ପ୍ରଧାନ ରେଢାଖୋଲ ଓ ସମ୍ବଲପୁର ପାଇଁ କଣ କରିଛନ୍ତି ତାର ଉତ୍ତର ରଖିବାକୁ ଆହ୍ୱାନ ଦେଇଛନ୍ତି। ବିକାଶ କାମର ହିସାବ ଦେଇ ଡ. ଲେନିନ୍ ମହାନ୍ତି କହିଥିଲେ ମନ୍ଦିର ମଠ ଠାରୁ ଆରମ୍ଭ କରି ଜଳସେଚନ, ପାନୀୟ ଜଳ, କ୍ରୀଡା, ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ, ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା, କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ରେଢାଖୋଲ ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ଯୁଯୁମୁରା ଠାରେ ସାଢେ ବାର କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ହକି ଟ୍ରେନିଂ ସେଣ୍ଟର ନିର୍ମାଣ କରାଯାଇଛି। ରେଢାଖୋଲ ଏନ୍‌ଏସିରେ ୬ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ହୋଇଛି। ଯାହାକି ରେଢ଼ାଖୋଲରେ କ୍ରୀଡ଼ାର ଉନ୍ନତି ପାଇଁ ସଫଳ ପ୍ରଚେଷ୍ଟା ଅଟେ। କାଳିଆ ଯୋଜନାରେ ରେଢାଖୋଲ ଅଞ୍ଚଳର ୪୪ ହଜାର ଚାଷୀ ଲାଭବାନ ହୋଇଛନ୍ତି। ସେହିଭଳି ଜିରୋ ପ୍ରିମିୟମ କୃଷି ବୀମାରେ ୬୩ ହଜାର ଚାଷୀ ଏବଂ ୩୬ ହଜାର ଏକର ଚାଷଜମି ପଞ୍ଜୀକୃତ କରାଯାଇଛି। ରେଢାଖୋଲ ଅଞ୍ଚଳର ୩୧୫୦ ଟି ସ୍ୱୟଂ ସହାୟକ ମହିଳା ଦଳକୁ ୧୦୮ କୋଟି ଟଙ୍କାର ସୁଧବିହୀନ ଋଣ ପ୍ରଦାନ କରାଯାଇଛି। ମମତା ଯୋଜନାରେ ୨୧୩୦୦ ମହିଳା ଲାଭବାନ ହୋଇଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରେଢାଖୋଲବାସୀଙ୍କ ପାଇଁ ସଞ୍ଜିବନୀ ସାଜିଛି ବିଏସକେୱାଇ କାର୍ଡ। ରେଢାଖୋଲ ଅଞ୍ଚଳର ୬୩୫୦୦ ହିତାଧିକାରୀଙ୍କୁ ବିଏସକେୱାଇ ଯୋଜନାରେ ପଞ୍ଜୀକୃତ କରାଯାଇଥିବାବେଳେ ତନ୍ମଧ୍ୟରୁ ୪ ହଜାର ୬୦୦ ଜଣ ବିନା ମୂଲ୍ୟରେ ଚିକିତ୍ସା ପାଇଛନ୍ତି। ଯୁଯୁମୁରା ବ୍ଲକ କବରାପାଲି ପଞ୍ଚାୟତର ଦିପାଞ୍ଜଳୀ କୁମ୍ଭାରଙ୍କ ଚିକିତ୍ସାରେ ୧୦ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସେବା ପ୍ରଦାନ କରାଯାଇଛି। ସେହିଭଳି ଯୁଯୁମୁରା ପଞ୍ଚାୟତର ସଞ୍ଜିତା ଲୁଗୁନ ସାଢେ ସାତ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଇଛନ୍ତି। ସାମାଜିକ ସୁରକ୍ଷା ଯୋଜନାରେ ୩୮ ହଜାର ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ରେଢାଖୋଲ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ୩୯ ଟି ଆମ ବ୍ୟାଙ୍କ ନିର୍ମାଣ କରାଯାଇଥିବାବେଳେ ତହିଁରୁ ୧୫ ଟି କାର୍ଯ୍ୟକ୍ଷମ ହେଲାଣି। ବାକି ରହିଯାଇଥିବା ଆମ ବ୍ୟାଙ୍କ ମଧ୍ୟ ଖୁବ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ରହିଛି। ସେହିଭଳି ସନ୍ଥକବି ଭୀମଭୋଇଙ୍କ ସ୍ମୃତିପୀଠର ଉନ୍ନତି ପାଇଁ ୮ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟକରାଯାଇ ରୂପାନ୍ତରଣ କରାଯାଉଛି। ପ୍ରସିଦ୍ଧ ହୁମା ମନ୍ଦିରର ଉନ୍ନତିକରଣ ପାଇଁ ୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ଉନ୍ନତିକରଣ କାମ ଜାରି ରହିଛି। ସେହିଭଳି ରେଢାଖୋଲର ଜଗନ୍ନାଥ ମନ୍ଦିର, ପଞ୍ଚଖଣ୍ଡା ମନ୍ଦିରର ଉନ୍ନତିକରଣ କାମ ଜାରି ରହିଛି। ଦେଗାଁ, ମାନେଶ୍ୱର, କୟାକୁଦ ଏବଂ ଦେଓଝରନ ଠାରେ ଜଳସେଚନ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ରେଢାଖୋଲ, ନାକଟିଦେଉଳ, ମାନେଶ୍ୱର ଏବଂ ଯୁଯୁମୁରା ବ୍ଲକରେ ୪୯୦ କୋଟି ଟଙ୍କା ବ୍ୟୟ ଅଟକଳରେ ମେଗା ପାନୀୟ ଜଳ ଯୋଜନା କରାଯାଉଛି। ରେଢାଖୋଲର ୬୫ ଟି ଉଚ୍ଚ ବିଦ୍ୟାଳୟ ଏବଂ ୧୫ ଟି କଲେଜକୁ ୫ଟି ଜରିଆରେ ରୂପାନ୍ତରୀକରଣ କରାଯାଇଛି। ନୂଆ ଓ ସ୍କୋଲାରସିପରେ ରେଢାଖୋଲ ଅଞ୍ଚଳର ୧୮୦୪ ଜଣ ଛାତ୍ରଛାତ୍ରୀଙ୍କୁ ୧ କୋଟି ୮୦ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ସେହିଭଳି ସମ୍ବଲପୁର ଜିଲ୍ଲାରେ ୭୩ ହଜାର ପଞ୍ଜୀକୃତ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ ରହିଥିବାବେଳେ ସେମାନଙ୍କ ବୋନସ ଏବଂ ଇନସେଣ୍ଟିଭ ବାବଦକୁ ୧୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହା ହେଉଛି ନବୀନ ଗ୍ୟାରେଣ୍ଟି। କେବଳ ରେଢ଼ାଖୋଲ ନୁହେଁ ଅନ୍ୟାନ୍ୟ ଅଞ୍ଚଳ ଓ ସମ୍ବଲପୁର ସହରର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ। ମୁଖ୍ୟମନ୍ତ୍ରୀଙ୍କ କାମ ପ୍ରତି ପ୍ରତିବଦ୍ଧତା ଦେଖି ବିଜୁ ଜନତା ଦଳ ପ୍ରତି ଲୋକଙ୍କ ଭରସା ବଢ଼ିବାରେ ଲାଗିଛି। ଯେହେତୁ ମୁଖ୍ୟମନ୍ତ୍ରୀଙ୍କ ଜଣେ ଦକ୍ଷ ନେତା ପ୍ରଣବ ପ୍ରକାଶ ଦାସ ସମ୍ବଲପୁରରୁ ଲଢୁଛନ୍ତି ସେ ସମ୍ବଲପୁରରେ ବିକାଶର ମଙ୍ଗ ଧରିବେ ବୋଲି ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଅପରପକ୍ଷେ ପ୍ରଚାରସର୍ବସ୍ୱ ଧର୍ମେନ୍ଦ୍ର ପ୍ରଧାନ ଏ ଅଞ୍ଚଳ ପାଇଁ କଣ କରିଛନ୍ତି କୁହନ୍ତୁ ବୋଲି ପ୍ରଶ୍ନ କରିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି। ସମ୍ବଲପୁର ପାଇଁ ଯଦି କିଛି କାମ କରିଛନ୍ତି ତାହେଲେ ତା'ର ଉତ୍ତର ତଥ୍ୟ ସହିତ ଉପସ୍ଥାପନ କରନ୍ତୁ ବୋଲି ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି।



- ଯୁଯୁମୁରାରେ ଲୁଟ୍ ହୋଇଥିବା ସାଂସଦ ପାଣ୍ଠି ସମ୍ପର୍କରେ ଧର୍ମେନ୍ଦ୍ର ପ୍ରଧାନ କହିବେ କି?
- ରେଢାଖୋଲର ୩୧୫୦ ସ୍ୱୟଂ ସହାୟକ ଦଳକୁ ୧୦୮ କୋଟି ଟଙ୍କାର ସୁଧବିହୀନ ଋଣ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ
- କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ୧୧ କୋଟି ଟଙ୍କାର ବୋନସ ଓ ଇନ୍‌ସେଣ୍ଟିଭ ପ୍ରଦାନ
- ଧର୍ମେନ୍ଦ୍ର ପ୍ରଧାନ ରେଢାଖୋଲ ପାଇଁ କଣ କରିଛନ୍ତି ଉତ୍ତର ରଖନ୍ତୁ

**Format C-1**

(for candidate to publish in Newspapers, TV)

Declaration about criminal cases

(As per the judgment dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of candidate :- Romancha Ranjan Biswal,Aged about-43 yrs,S/O-Jhasaketan Biswal,At-Gunduriposi,P.O-Danra,P.S-Deogarh,Dist-Deogarh.
*Name of political party:-* *Biju Janata Dal.*
*(Independent candidates should write "Independent"* here)
Name of Election :- Odisha Legislative Assembly.
*Name of Constituency :- 19-Deogarh,Legislative Assembly, Deogarh Consituency.
I Romancha Ranjan Biswal (name of candidate), a candidate for the above mentioned election, declare for public information the following details about my criminal antecedents:

(A) Pending Criminal cases

| Sl.No. | Name of Court | Case No. and dated | Status of case (s) | Section (s) of acts concerned and brief description of offence (s) |
|---|---|---|---|---|
| 1. | S.D.J.M.Deogarh C.T.CaseNo-359/2007 | Barkote P.S.No-80 dt.15.06.2007 | Charged frame | U/S.143/147/148/186/188/283/294/341/353/431/506/149 I.P.C. and 7 C.R.L.A Act. Allegation of rioting armed with deadly weapon, obstructing public servant in discharge of public function, disobedience to order duly promulgated by public servant ,mischief by injury to public road, obstructing public servant in discharge of public function, wrongful restrained ,absence acts, assault or criminal force to deter public servant from discharge of his duty, criminal intimidation, un-lawful assembly. Molesting a person prejudiced of employment or business. |
| 2. | S.D.J.M.,Deogarh C.T.Case no-638/2021 | Barkote P.S.Case no-323 dt.04.10.2021 | Appearance | U/S.143/341/431/283/149 I.P.C. Allegation of wrongful restrained, obstruction in public way, mischief by injury to public road, un-lawful assembly. |
| 3. | S.D.J.M.Deogarh C.T.Case No-47/2011 | Barkote P.S.Case no-08 dt.25.01.2011 | Appearance | U/S-342/384/467/468/506 and 34 I.P.C. Allegation of wrongful confinement Extortion, forgery of valuable security, Cheating, criminal intimidation ,common intention. |
| 4. | S.D.J.M.Deogarh C.T.Case no-357/2016 | Barkote P.S.Case no-118 dt.20.05.2016 | Appearance | U/S-341/143/283/149 I.P.C. Allegation of wrongful restrained ,un-lawful assembly, obstruction in public way or line, Un-lawful assembly, of common object. |

(B) Details about cases of conviction for criminal offences

| SL. No. | Name of Court &date(s) of order (s) | Description of office(s) & punishment imposed | Maximum punishment Imposed |
|---|---|---|---|
| 1 | No | No | No |
| 2 | No | No | No |
| 3 | No | No | No |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

**Sd/- Romancha Ranjan Biswal**

## ଅଜଣା ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ

**କୋକସରା, ୧୮।୫(ସମିସ):** ଅଜଣା ଗାଡି ଧକ୍କାରେ କୋକସରା ବ୍ଲକ ଆମପାଣି ଥାନା ସିଉନି ଗ୍ରାମର ସୋମନାଥ ଗୁର୍ମେଙ୍କ ମୃତ୍ୟୁ ହୋଇଯାଇଛି। ସୂଚନା ଅନୁସାରେ ଶୁକ୍ରବାର ନିଜ ପୁଅକୁ ଶ୍ୱଶୁର ଘରେ ଛାଡି ନିଜ ଗାଁ ସିଉନିକୁ ଆସୁଥିବା ବେଳେ ଆମପାଣି-ସିଉନି ରାସ୍ତାରେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କୋକସରା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଭବାନୀପାଟଣା ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ସୋମନାଥଙ୍କ ମୃତ୍ୟୁ ହୋଇଯାଇଛି। ଶନିବାର ବ୍ୟବଚ୍ଛେଦ ପରେ ଗାଁକୁ ଶବ ଫେରିଛି। ମୃତ ସୋମନାଥ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାବେଳେ ପୁରା ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଅନ୍ୟପଟେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଦେବାକୁ ସାଧାରଣରେ ଦାବି ହୋଇଛି।



## ଶିକ୍ଷକଙ୍କ ଘରୁ ଚୋରି

**କୋମନା, ୧୮।୫(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା କୁରେଶ୍ୱରସ୍ଥିତ ଜଣେ ଶିକ୍ଷକଙ୍କ ଘରୁ ଚୋରି ହୋଇଛି। ଏ ନେଇ କୋମନା ଥାନାରେ ଅଭିଯୋଗ ହୋଇଛି। ଉଦ୍ୟାନବନ୍ଧରେ ରହୁଥିବା ଶିକ୍ଷକ ସାରକୁମାର ପାଣ୍ଡେ ଗତ ୧୫ ତାରିଖରେ ପରିବାର ସହ ଚିକିତ୍ସା ଲାଗି ବିଶାଖାପାଟଣା ଯାଇ ଶନିବାର ସକାଳେ ଘରକୁ ଫେରିଥିଲେ। ଘର ଖୋଲିବା ପରେ ପଛପଟେ ସ୍କାଏଲାଇଟ୍ ଭଙ୍ଗା ଯାଇ ଚୋରି ହୋଇଥିବା ସ୍ପଷ୍ଟ ହୋଇଥିଲେ। ଆଲମିରାରେ ୬୨ ହଜାର ଟଙ୍କା, ଗୋଟିଏ ସୁନା ଚେନ୍, ୨ଟି ହାର, ୨ଟି ମୁଦି, ୪ଟି କାନଫୁଲ ଇତ୍ୟାଦି ଚୋରି ହୋଇଥିବା ସେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ କୋମନା ଥାନା ଅଧିକାରୀ ସୁମନ୍ତ ନାଏକଙ୍କୁ ପଚାରିବାରୁ ତଦନ୍ତ ଚାଲିଥିବା କହିଛନ୍ତି।

## ଦେଓଗାଁରେ ଶୀତଳଷଷ୍ଠୀ ପ୍ରସ୍ତୁତି ବୈଠକ

**ଦେଓଗାଁ, ୧୮।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁରେ ଶୀତଳଷଷ୍ଠୀ ମହୋତ୍ସବ ଆୟୋଜନ ପାଇଁ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଶ୍ରୀଯୋଗେଶ୍ୱର ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କମିଟିର ସ୍ଥାୟୀ ସଭାପତି ଘନଶ୍ୟାମ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ଚଳିତବର୍ଷ ଶିବ ବିବାହ ଉତ୍ସବକୁ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଚଳିତ ବିବାହୋତ୍ସବରେ ଦେଓଗାଁ କଛାରପାଲି (କନ୍ଧପାଲି) ବାସୀଙ୍କ ସହମତିରେ କନ୍ଧପାଲିର ମଗଶିର ସାହୁ ଓ ତାଙ୍କ ପତ୍ନୀ ଉଷା ସାହୁ କନ୍ୟା ପିତାମାତା ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ଦେଓଗାଁର ପୂର୍ବତନ ସରପଞ୍ଚ ଚନ୍ଦ୍ରଚୂଡ଼ ବେହେରା ଓ ତାଙ୍କ ପତ୍ନୀ ପୁଷ୍ପା ବେହେରା ବର ପକ୍ଷରୁ ପିତାମାତା ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି ଚୂଡ଼ାନ୍ତ ହୋଇଥିବା କମିଟି ତରଫରୁ ମତପ୍ରକାଶ ପାଇଛି। ତେବେ ଚଳିତବର୍ଷ ଦେଓଗାଁ ଯୋଗେଶ୍ୱର ବାବାଙ୍କ ମନ୍ଦିରରୁ କନ୍ଧପାଲିକୁ ଯୋଗେଶ୍ୱର ବାବାଙ୍କ ଆଡ଼ମ୍ବର ସହକାରେ ବରାନୁଗମନ କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ କମିଟି ସମ୍ପାଦକ ଚନ୍ଦ୍ରଚୂଡ଼ ବେହେରା, ପ୍ରହଲ୍ଲାଦ ପାତ୍ର, ରୁଦ୍ର ନାରାୟଣ ଥନାପତି, ବିରେନ ଜୁଏଡ, କ୍ଷୀରୋଦ୍ର ସେଠ, ଗୋବର୍ଦ୍ଧନ ଦଲାଇ, ଆଜେନ୍ଦ୍ର ସାହୁ, ଗୌରିଶଙ୍କର ଥନାପତି, ସୁଦାମ ସାହୁ, ଭୋଳାଶଙ୍କର ସାହୁ, ରୋହିତ ପନୁଆଁ ତଥା କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ୧୪ଟି ପଞ୍ଚାୟତରେ ବାଇକ୍ ରାଲି

**ବଙ୍ଗୋମୁଣ୍ଡା, ୧୮।୫(ସମିସ)**

ଜିଲ୍ଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସଙ୍କ ଆହ୍ୱାନ କ୍ରମେ ବାଇକ ରାଲିରେ ରାଜ୍ୟ ଯୁବ ସମ୍ପାଦକ ଅଜିତ ଯୋଶୀ ଯୋଗ ଦେଇଥିଲେ। ଯୁବକମାନଙ୍କ ଦ୍ୱାର ଅନୁଷ୍ଠିତ ଏହି ବାଇକ ରାଲି ବ୍ଲକର ୧୪ଟି ପଞ୍ଚାୟତର ବିଭିନ୍ନ ଗାଁକୁ ପହଁଚି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ନେଇ ସ୍ଲୋଗାନ ଦେଇଥିଲେ। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ନବୀନ ପଟ୍ଟନାଏକଙ୍କୁ ରେକର୍ଡଭୁକ୍ତ ଭୋଟରେ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ବଙ୍ଗୋମୁଣ୍ଡା ଦ୍ୱାରସାହୀ ମନ୍ଦିରରୁ ବାହାରି ଏହି ବାଇକ ରାଲି ଗାଁ ଗାଁକୁ ପହଞ୍ଚିଥିଲା। ଅନ୍ୟମାନଙ୍କ ମଧ୍ୟରେ ପିଣ୍ଟୁ ଦାସ, କନ୍ଦ୍ରେନ୍ଦ୍ର ସରାଫ, ମାମରାଜ ଜୈନ ରିମେଶ ବାଗ, ଗୌରବ ଜୈନ, ଦ୍ରୀପଦ ବେହେରାଙ୍କ ସହିତ ବହୁ ସଂଖ୍ୟାରେ ବାଇକ୍ ଚାଳକ ଏବଂ ଆରୋହୀ ଯୋଗ ଦେଇଥିଲେ।



**FORMAT C – I**

(For Candidate to publish in newspaper, TV)

**Declaration about criminal antecedents of candidates**

(As per the judgment dated 25th September, 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & ORS. Vs. Union of India & Anr.)

Name and Address of the Candidate : **RAJENDRA KUMAR CHHATRIA AT- SADHAPADA, PO- BADAPADA PS- GOVINDPUR, DIST.- SAMBALPUR**

Name of the Party : **BIJU JANATA DAL**
Name of the Election : **ELECTION TO LEGISLATIVE ASSEMBLY ODISHA**

Name of the Constituency : **15 KUCHINDA (ST) ASSEMBLY CONSTITUTENCY**

Name of the Sate : **ODISHA**

**I RAJENDRA KUMAR CHHATRIA a candidate for the above mentioned election, declare forpublic information details about my criminal antecedents :**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No. | Name of Constituency | Name of Candidate | Pending Criminal Cases | | Details about cases of conviction forcriminal offence (s) | | |
| | | | Name of Court Case No. & status of the case | Sections ofthe Actsconcerned & brief description of offence(s) | Name of Court & date(s) of order(s) | Description of offence(s)& Punishment imposed | Maximum Punishment Imposed |
| 1 | 15 KUCHINDA (ST)ASSEMBLY CONSTITUTENCY | RAJENDRA KUMARCHHATRIA | JMFC-cum- MP/ MLA Special Court, Sambalpur 2(c) CC Case no. 03 of 2023 charge not yet framed | 145/ 146/ 147/ 174 (A) Railway Act. | **Not Applicable** | **Not Applicable** | **Not Applicable** |
| 2 | | | JMFC-cum- MP/ MLA Special Court, Sambalpur 2(c) CC Case no. 05 of 2022 charge not yet framed | 145/ 146/ 147/ 174 (A) Railway Act. | **Not Applicable** | **Not Applicable** | **Not Applicable** |
| 3 | | | SDJM Kuchinda, G.R.Case no. 616 of2021 charge not yet framed | 147/342/353/ 447/294/506/ 186/199 IPC | **Not Applicable** | **Not Applicable** | **Not Applicable** |
| 4 | | | JMFC-cum- MP/ MLA Special Court, Sambalpur 2(c) CC Case no. 05 of 2021 charge not yet framed | 145/146/ 147/ 174(A) Railway Act. | **Not Applicable** | **Not Applicable** | **Not Applicable** |
| 5 | | | JMFC-cum- MP/ MLA Special Court, Sambalpur 2(c) CC Case no. 01 of 2020 charge not yet framed | 146/147/ 174(A) Railway Act. | **Not Applicable** | **Not Applicable** | **Not Applicable** |
| 6 | | | JMFC-cum- MP/ MLA Special Court, Sambalpur 2(c) CC Case no. 04 of 2019 charge not yet Framed | 174(A) Railway Act. | **Not Applicable** | **Not Applicable** | **Not Applicable** |
| 7 | | | SDJM Kuchinda, G.R.Case no. 725 of2018 charge not yet framed | 143/341/ 186/283/ 149 IPC | **Not Applicable** | **Not Applicable** | **Not Applicable** |
| 8 | | | SDJM Kuchinda, G.R.Case no. 365 of2008 charge not yet framed | 143/183/ 149 IPC | **Not Applicable** | **Not Applicable** | **Not Applicable** |
| 9 | | | SDJM Kuchinda, G.R.Case no. 332 of2008 charge framed on 24.02.2015 | 143/283/ 294/149 IPC | **Not Applicable** | **Not Applicable** | **Not Applicable** |

**Sd/- Rajendra Kumar Chhatria**

## ଭୋଟ୍‌ଦେଲେ ପୋଲିଂ, ପ୍ରିଜାଇଡିଂ ଅଧିକାରୀ

**ଦେବଗଡ଼, ୧୮।୫(ସମିସ):** ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଦେବଗଡ଼ ଜିଲ୍ଲାର ଭୋଟ ଗ୍ରହଣ ନିମନ୍ତେ ନିଯୁକ୍ତ ଥିବା ପ୍ରିଜାଇଡିଂ ଅଧିକାରୀ ଓ ପୋଲିଂ ଅଧିକାରୀଙ୍କ ସକାଶେ ପୋଷ୍ଟାଲ ବାଲାଟରେ



ମତଦାନ କରାଯାଉଛି। କେହି ଯେମିତି ଭୋଟଦାନ ଅଧିକାରରୁ ବାଦ୍ ପଡ଼ିବେ ନାହିଁ ସେମାନଙ୍କ ସକାଶେ ଏହି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହି ମତଦାନ ପ୍ରକ୍ରିୟା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଦେବଗଡ଼ ମହାବିଦ୍ୟାଳୟରେ ଚାଲିବ। ପୂର୍ବରୁ ଫର୍ମ-୧୨ରେ ଆବେଦନ କରିଥିବା ପୋଲିଂ କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କ ମଧ୍ୟରୁ ଦ୍ୱିତୀୟ ଦିନରେ ୨୫୯ ଜଣ ପୋଲିଂ ଓ ପ୍ରିଜାଇଡିଙ୍ଗ ଅଧିକାରୀ ମତଦାନ କରିଛନ୍ତି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ, ସହକାରୀ ଜିଲ୍ଲାପାଳ ତାପସ ମହାନ୍ତ ଓ ବିଭିନ୍ନ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ପରିଚାଳନା କରିଥିଲେ।

## ବିଜେଡି ସମର୍ଥକଙ୍କୁ ଅପହରଣ ଏବଂ ମାରପିଟ୍ ଅଭିଯୋଗ

# ୩ ବିଜେପି କର୍ମୀ ଗିରଫ

**ସୋହେଲା, ୧୮।୫(ସମିସ)**

ଶୁକ୍ରବାର ରାତିରେ ସୀମାନ୍ତ ନେଗୀମୁଣ୍ଡା ଗ୍ରାମରେ ଥିବା ବିଜୁ ଜନତା ଦଳ କାର୍ଯ୍ୟାଳୟରୁ ଜନୈକ ବିଜେଡି ସମର୍ଥକଙ୍କୁ ବିଜେପି କର୍ମୀମାନେ ମାରପିଟ୍ କରି ଅପହରଣ କରି ନେଇଥିବା ନେଇ ସୋହେଲା ଥାନାରେ ଅଭିଯୋଗ ହୋଇଛି। ଗତକାଲି ରାତିରେ ସୋହେଲା ଥାନା ନେଗୀମୁଣ୍ଡା ଗ୍ରାମରେ ଥିବା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଗ୍ରାମର ବିଜେଡି କର୍ମୀମାନେ ବସି କଥାବାର୍ତ୍ତା ହେଉଥିବା ବେଳେ ରାତି ପ୍ରାୟ ସାଢେ ୧୧ଟା ସମୟରେ ସୋହେଲାରୁ ବିଜେପି କର୍ମୀ ରାହୁଲ ଭଞ୍ଜ, ଅଶ୍ୱିନୀ ସୁନା, ଇମରାନ ଭୋପଲା, ମୁନା ଭୋପଲା, ହରି ଦାସ, ଚନ୍ଦ୍ରମଣୀ ଭଞ୍ଜ, ପ୍ରମୋଦ ପୋଢ ଏବଂ ରମେଶ କୁମ୍ଭାର ୨ଟି ଗାଡ଼ି ନମ୍ବର ଓଡି୧୭ୟୁ-୦୦୮୭ ଏବଂ ଓଡି୧୭- ୧୨୧୨ ଗାଡ଼ିରେ ପହଞ୍ଚିଥିଲେ। ସେମାନେ ବନ୍ଧୁକ ଛୁରୀ ଦେଖାଇ ଜୀବନରେ ମାରି ଦେବାର ଧମକ ଦେଇ ସାନନ୍ଦ ସାହୁଙ୍କୁ ଅପହରଣ କରି ନେଇଥିବା ନେଇ ବସନ୍ତ ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାନନ୍ଦଙ୍କୁ



ଉଦ୍ଧାର ପାଇଁ ପୁଲିସକୁ ଆକୁଳ ନିବେଦନ କରିଥିଲେ। ସୋହେଲା ପୁଲିସ ଅଭିଯୋଗ ପାଇବା ପରେ ତୁରନ୍ତ ଘଟଣାର ତଦନ୍ତ ଆରମ୍ଭ କରି ରାହୁଲ ଭଞ୍ଜ, ଚୁଡାମଣୀ ସେଠ ଏବଂ ବିଜୁ ଗହୀରଙ୍କୁ ଗିରଫ କରିଥିବା ବେଳେ ସାନନ୍ଦଙ୍କୁ ବିଜେପି କର୍ମୀମାନେ ମାରପିଟ୍ କରି ଛାଡ଼ି ଦେଇଥିବା ସୋହେଲା ଥାନା ଆଇଆଇସି ପ୍ରଣୟ ମୁର୍ମୁ ସୂଚନା ଦେଇଛନ୍ତି। ସୋହେଲା ପୁଲିସ ଏ ସମ୍ପର୍କରେ ସୋହେଲା ଥାନା କେସ ନମ୍ବର ୨୪୫ରେ ଭାରତୀୟ ଦଣ୍ଡବିଧି ଆଇନର ଦଫା ୩୬୩, ୨୯୪, ୩୨୩, ୫୦୬ ଏବଂ ୩୪ଧାରାରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏହା ପୂର୍ବରୁ ସୋହେଲା ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ୩/୪ଟି ଗଣ୍ଡଗୋଳ ହୋଇଥିବା ଆଇଆଇସି ଶ୍ରୀ ମୁର୍ମୁ ସୂଚନା ଦେଇ ଆଗାମୀ ନିର୍ବାଚନକୁ ଅବାଧ ଏବଂ ଶାନ୍ତିପୂର୍ଣ ଭାବେ କରିବା ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି। ୭ଟି ପୁଲିସ ମୋବାଇଲ ଗାଡିରେ ୨୪ଘଣ୍ଟିଆ ପାଟ୍ରୋଲିଂ କରାଯିବ ଓ ପ୍ରତ୍ୟେକ ପାଟ୍ରୋଲିଂ ଗାଡ଼ିରେ ଜଣେ ଅଫିସର ସହିତ ସଶସ୍ତ୍ର ଫୋର୍ସ ରହିବେ ବୋଲି ଶ୍ରୀ ମୁର୍ମୁ କହିଛନ୍ତି।

## ପୁଲିସ ପକ୍ଷରୁ ନିର୍ବାଚନରେ ସହଯୋଗ ପାଇଁ ବୈଠକ



**ସମ୍ବଲପୁର, , ୧୮।୫(ସମିସ):** ଜମନକିରା ପୁଲିସ ପକ୍ଷରୁ ଆଜି ଜମନକିରା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସବୁ ପଞ୍ଚାୟତର ସରପଞ୍ଚ, ୱାର୍ଡ ମେମ୍ବର ଉପସ୍ଥିତ ଥିଲେ। ସମ୍ବଲପୁରରେ ନିର୍ବାଚନକୁ ଆଉ ଅଳ୍ପ ଦିନ ରହିଛି। ନିର୍ବାଚନ ସମୟରେ ଯେପରି ଭାବେ କୌଣସି ବିଶୃଙ୍ଖଳା ପରିସ୍ଥିତ ସୃଷ୍ଟି ନ ହୁଏ ସେଥିପ୍ରତି ଧ୍ୟାନ ଦେବା ପାଇଁ କହିଥିଲେ। ଏହା ସହ ନିର୍ବାଚନରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଅବାଧ ନିରପେକ୍ଷ ନିର୍ବାଚନ ପାଇଁ ସହଯୋଗ ସହ ବେଆଇନ କାର୍ଯ୍ୟକଳାପ ବିଷୟରେ ସୂଚନା ଦେବା ପାଇଁ ଜମନକିରା ଥାନା ଅଧିକାରୀ କହିଥିଲେ।

## ପଦ୍ମ ଛାଡ଼ି ଶଙ୍ଖ ଧରିଲେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୋବିନ୍ଦ ଅଗ୍ରୱାଲ

**ସୋହେଲା, ୧୮।୫(ସମିସ):** କିଛି ବର୍ଷ ପୂର୍ବରୁ ବିଜେଡି ଛାରି ବିଜେପିରେ ଯୋଗଦେଇଥିବା ସୋହେଲା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଅଞ୍ଚଳର ଜଣାଶୁଣା ଟାଣୁଆ ନେତା ଗୋବିନ୍ଦ ରାମ ଅଗ୍ରୱାଲ ଗତକାଲି ବିଜେପି ଛାଡି ପୁଣି ବିଜେଡି ଯୋଗ ଦେଇଥିବା ଜଣା ପଡ଼ିଛି। ୨୦୦୨ ମସିହାରୁ ୨୦୦୭ ମସିହା ପର୍ଯ୍ୟନ୍ତ ସୋହେଲା ବ୍ଲକ ଅଧ୍ୟକ୍ଷ ରହିଥିବା ତବଡା ପଞ୍ଚାୟତ ବନାବିରା ଗ୍ରାମର ଗୋବିନ୍ଦରାମ ଅଗ୍ରୱାଲ ଛୁରିଆପାଲି ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଏହା ପୂର୍ବରୁ ସେ ତବଡା ପଞ୍ଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚନ ଲଢି କଂଗ୍ରେସ ପ୍ରାର୍ଥୀଙ୍କ ଠାରୁ ପରାଜିତ ହୋଇଥିଲେ। ଶ୍ରୀ ଅଗ୍ରୱାଲ ବ୍ଲକ ଅଧ୍ୟକ୍ଷ ହେବା ପଛରେ ସୁଶାନ୍ତ ସିଂଙ୍କ ସମର୍ଥନ ରହିଥିବା ଏବଂ ସେ ସୁଶାନ୍ତ ସିଂଙ୍କ ଘନିଷ୍ଟ ସହଯୋଗୀ ଭାବେ ବେଶ ଜଣାଶୁଣା ଥିଲେ। କିନ୍ତୁ ସମୟ କ୍ରମେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇ ଶ୍ରୀ ଅଗ୍ରୱାଲ ବିଜେଡି ଛାଡି ବିଜେପିରେ ସାମିଲ ହେବା ସହିତ ପୈତୃକ ବନାବିରା ଗ୍ରାମ ଛାଡ଼ି



ପଡ଼ୋଶୀ ଛତିଶଗଡ଼ ରାଜ୍ୟ ସରାଇପାଲିରେ ରହି ବ୍ୟବସାୟ କରୁଥିଲେ। ସରାଇପାଲିରେ ରହୁଥିଲେ ମଧ ସେ ଭଟଲି ନିର୍ବାଚନ ମଣ୍ଡଳୀ ରାଜନୀତିରେ ସକ୍ରୀୟ ରହୁଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ନୀତି ଆଦର୍ଶରେ ଅଣୁପ୍ରାଣିତ ହୋଇ ଏବଂ ବିଧାୟକ ସୁଶାନ୍ତ ସିଂଙ୍କ ସହିତ ରହିଥିବା ପୂର୍ବ ସମ୍ପର୍କ କୁ ନେଇ ଶ୍ରୀ ଅଗ୍ରୱାଲ ଗତକାଲି ସଂଧ୍ୟାରେ ସୋହେଲା ହଲଦିପାଲି ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଜେଡିରେ ଯୋଗଦାନ କରିଥିଲେ। ଏହି ଅବସରରେ ଗଣତନ୍ତ୍ର ପଧାନ ମାର୍କଣ୍ଡ ସା, ସୁବ୍ରତ ବେହେରା, ପ୍ରକାଶ ଗଡ଼ତିଆ, ରାଜେଶ ଅଗ୍ରୱାଲ, ମନ ବାରିକ, ପହିଲ ଭୋଇ ଏବଂ ରାଜୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମୁକ୍ତେଶ୍ୱର ବାବାଙ୍କ ଥାଳଉଠା ସମ୍ପନ୍ନ

**ଜମନକିରା, ୧୮।୫(ସମିସ):** ଜମନକିରା ବ୍ଲକ ମୁକ୍ତେଶ୍ୱର ଶୈବ ପିଠରେ ମୁକ୍ତେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ପାଇଁ ଥାଳଉଠା କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଯାଇଛି। ମନ୍ଦିର ପରିଚାଳନା କମିଟିର ସୂଚନା ମୁତାବକ ଉକ୍ତ କାର୍ଯ୍ୟକ୍ରମ ଅକ୍ଷୟ ତୃତୀୟା ଦିନ ସମ୍ପନ୍ନ ହେବାପାଇଁ ସ୍ଥିର କରାଯାଇଥିଲା। ମାତ୍ର ଅସୁବିଧା ବଶତଃ ଆଜି ବାବାଙ୍କର ଥାଳ ଉଠିଛି। ଚଳିତବର୍ଷ ବର ପ୍ରଭୁ ଶିବଙ୍କ ମାତାପିତା ହେବା ପାଇଁ ଦେବଗଡ଼ର ରାଣୀ ଅରୁନ୍ଧତୀ ଦେବୀ ଓ ରାଜା ନୀତେଶ ଗଙ୍ଗଦେବ ତଥା ମାତା ପାର୍ବତୀଙ୍କ ମାତାପିତା ହେବା ପାଇଁ ଦେବଗଡ଼ ଖପରାସାହିର ମାନିନୀ ଜେନା ଓ ପ୍ରଶାନ୍ତ ଜେନା ସୌଭାଗ୍ୟ ଅର୍ଜନ କରିଛନ୍ତି। ସମ୍ବଲପୁରର ପଣ୍ଡିତ ଗୋପବନ୍ଧୁ ରଥ ଦେବ ଦେବ ମହାଦେବଙ୍କର ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ସମସ୍ତ ସଭ୍ୟା ଓ ଭକ୍ତଗଣ ଉପସ୍ଥିତ ଥିଲେ।

## ପିକ୍‌ଅପ୍-ସ୍କୁଟି ମୁହାଁମୁହିଁ; ଚାଳକ ମୃତ

**ରେଢ଼ାଖୋଲ, ୧୮।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବୌଦ୍ଧ ରାସ୍ତାର ସାଲେସିଂ ଗ୍ରାମ ଛକ ନିକଟ ବ୍ରିଜରେ ଶନିବାର ସନ୍ଧ୍ୟାରେ ଏକ ଟାଟା ଏସିଇ ପିକଅପ୍ ଭ୍ୟାନ ସହ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସ୍କୁଟି ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଛି। ମୃତ ଯୁବକ ଜଣଙ୍କ ହେଲେ ରେଢ଼ାଖୋଲ ଥାନା ଅନ୍ତର୍ଗତ କୁକୁଡ଼ାବାହାଲି ପଞ୍ଚାୟତ ଅଧୀନ କୁଲହମାଲିଆ ଗ୍ରାମର ଭୁବନ ନାଏକ(୩୦)। ସୂଚନା ଯୋଗ୍ୟ ଯେ ଭୁବନ ରେଢ଼ାଖୋଲରୁ ବୌଦ୍ଧ ରାସ୍ତା ଦେଇ ଘରକୁ ଯାଉଥିଲେ। ସାଲେସିଂ ଛକରେ ବିପରୀତ ଦିଗରୁ ଆସୁଥିବା ପିକଅପ ଭ୍ୟାନ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଯାଇଛି। ଘଟଣା ସ୍ଥଳରେ ରେଢ଼ାଖୋଲ ପୁଲିସ ପହଞ୍ଚି ଯୁବକକୁ ଆମ୍ବୁଲାନ୍ସ ଯୋଗେ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏଥିରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଉକ୍ତ ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ପିକଅପ ଗାଡ଼ି ଜବତ କରି ଡ୍ରାଇଭରକୁ ଅଟକ ରଖିଥିବା ସୂଚନା ମିଳିଛି।

## ଭୋଟ୍ ବର୍ଜନ ନିଷ୍ପତ୍ତିରୁ ଓହରିଲେ ନୂଆଡ଼ିହି ଗ୍ରାମବାସୀ

# କଲ୍ୟାଣ ମଣ୍ଡପ କାମ ସାରିବାକୁ ପ୍ରତିଶ୍ରୁତି ମିଳିଲା

**ବ୍ରଜରାଜନଗର, ୧୮।୫ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌରପରିଷଦ ୨୨ ନମ୍ବର ୱାର୍ଡର ନୂଆଡ଼ିହି



ଗ୍ରାମବାସୀ ଭୋଟ୍ ବର୍ଜନ ନିଷ୍ପତ୍ତିରୁ ଓହରିଛନ୍ତି। ଅଧାରେ ଅଟକି ଥିବା ଏକ କଲ୍ୟାଣ ମଣ୍ଡପ କାମକୁ ନେଇ ସେମାନେ ମେଳି ବାନ୍ଧିଥିଲେ। ଏଥର ଭୋଟ୍ ଦେବେ ନାହିଁ ବୋଲି ଶେଷରେ ପ୍ରଶାସନକୁ ଚରମ ବାଣୀ ଶୁଣାଇଥିଲେ। ଏହା ଜାଣିବା ପରେ ପ୍ରଶାସନ ବିଚଳିତ ହେବା ସହ ହସ୍ତକ୍ଷେପ କରିଛି। କଲ୍ୟାଣ ମଣ୍ଡପ କାମ ସାରିବାକୁ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଗ୍ରାମବାସୀ ଜିଦ୍‌ରୁ ଓହରିଛନ୍ତି।

ନୂଆଡ଼ିହିରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରସ୍ତାବ ପାରିତ ହୋଇଛି। ଏହାକୁ ଗ୍ରାମର କେତେକ ବ୍ୟକ୍ତି ବିରୋଧ କରିବା ଦ୍ୱାରା ନିର୍ମାଣରେ ବାଧା ସୃଷ୍ଟି ହୋଇଥିଲା। ଏହାକୁ ନେଇ ପୂର୍ବରୁ ମଧ୍ୟ ଲୋକେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ; କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ସେମାନେ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଥିଲେ। ଏଥର ଭୋଟ ବର୍ଜନ କରିବାକୁ ଶୁକ୍ରବାର ଜିଲ୍ଲାପାଳଙ୍କୁ ସଫା ସଫା ଶୁଣାଇଥିଲେ। ଏହାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ରଜରାଜନଗର ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ସ୍ୱାଇଁ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। କଲ୍ୟାଣ ମଣ୍ଡପ ନିର୍ମାଣ ଲାଗି ପ୍ରଶାସନ ପଦକ୍ଷେପ ନେଉଥିବା ସେ ସୂଚନା ଦେଇଥିଲେ। ମତଦାନ ଭଳି ଏକ ସାମ୍ବିଧାନିକ ସାବ୍ୟସ୍ତ କରିବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ଏହାପରେ ଲୋକେ ନିଷ୍ପତ୍ତି ବଦଳାଇଛନ୍ତି।

## ପୋଲିଂ, ପ୍ରିଜାଇଡିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ



**ଦେବଗଡ଼, ୧୮।୫(ସମିସ):** ଦେବଗଡ଼ କଲେଜରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟର ଦ୍ୱିତୀୟ ଦିନ ତାଲିମ ପ୍ରଦାନ କରାଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତାଲିମ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ମମତାଜ ମହାରଣା, ସହକାରୀ ଜିଲ୍ଲାପାଳ ତାପସ ମହାନ୍ତ ପ୍ରମୁଖ ତାଲିମ୍ ପ୍ରଦାନ କରିଥିଲେ। ଏହି ଶିବିରରେ ୫୬୪ ଜଣ ପୋଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଧିକାରୀ ନିଜ ନିଜ ଦାୟିତ୍ୱ କିପରି ନିର୍ଭୁଲ ଭାବେ ତୁଲାଇବେ ସେ ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଇଛି।

## ଘରେ ଭୋଟ୍‌ଦେଲେ ଦିବ୍ୟାଙ୍ଗ, ବୟସ୍କ

**ଦେବଗଡ଼, ୧୮।୫(ସମିସ):** ଦେବଗଡ଼ ଜିଲ୍ଲାରେ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ମତଦାନରୁ ଯେମିତି କେହି ବାଦ୍ ପଡ଼ିବେ ନାହିଁ ସେଥିପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ



ଅଧିକାରୀ ସୋମେଶ ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଶନିବାର ଜିଲ୍ଲା ପ୍ରଶାସନ ପକ୍ଷରୁ ୮୫ ବର୍ଷରୁ ଅଧିକ ବୃଦ୍ଧବୃଦ୍ଧା ଏବଂ ଦିବ୍ୟାଙ୍ଗ ଭୋଟ୍ ଦେଇଛନ୍ତି। ଏଥିରେ ୨୪୨ ଜଣ ୮୫ ବର୍ଷରୁ ଅଧିକ ବୃଦ୍ଧବୃଦ୍ଧା ଏବଂ ୨୦୬ ଜଣ ଦିବ୍ୟାଙ୍ଗ ପୋଷ୍ଟାଲ ବାଲାଟରେ ମତଦାନ କରିଛନ୍ତି। ନିର୍ବାଚନ ଦାୟିତ୍ୱରେ ନିୟୋଜିତ ଥିବା ଅଧିକାରୀ ଓ ପୁଲିସ କର୍ମଚାରୀ ଉପସ୍ଥିତିରେ ଘରକୁ ଯାଇ ମତ ଗ୍ରହଣ କରାଯାଇଛି। ମତଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ଭିଡ଼ିଓଗ୍ରାଫି କରାଯାଇଛି। ମତଦାନକୁ ଗୁପ୍ତରେ ରଖାଯାଇଛି। ଘରେ ଥାଇ ମତଦାନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଏକ ମାନପତ୍ର ପ୍ରଦାନ କରାଯାଇଛି।

## ଭାଷାବିତ୍ ପ୍ରଫେସର ହୃଦମଣି ପ୍ରଧାନଙ୍କ ଜୟନ୍ତୀ

# ସମ୍ବଲପୁରୀ, କୋଶଲୀ ଭାଷାକୁ ସ୍ୱୀକୃତି ଦାବି

**ପଦ୍ମପୁର, ୧୮।୫ (ଫଟୋ):** ସମ୍ବଲପୁରୀ ଏକ ସ୍ୱତନ୍ତ୍ର ଭାଷା ଅଟେ। ଅନ୍ୟାନ୍ୟ ଭାଷା ତୁଳନାରେ ଏହି ଭାଷାର ଶବ୍ଦ ଭଣ୍ଡାର ଓ ଉଚ୍ଚାରଣ ଶୈଳୀ ଅଧିକ ଧ୍ୱନି ବିଜ୍ଞାନ ସମ୍ମତ। ଦେଢ଼ କୋଟି ଲୋକଙ୍କ ଦ୍ୱାରା ମାତୃଭାଷାରୂପେ ବ୍ୟବହୃତ ସମ୍ବଲପୁରୀ ଭାଷା କେବଳ ସରକାରୀ ସ୍ୱୀକୃତି ଅପେକ୍ଷାରେ ରହିଛି। ଏହି ଭାଷାରେ ଉଚ୍ଚାଙ୍ଗ ସାହିତ୍ୟ ସର୍ଜନା କରିବାର ତଥା ପ୍ରକୃଷ୍ଟ ଗବେଷଣା କରିବା ପାଇଁ ପ୍ରଶସ୍ତ କ୍ଷେତ୍ର ରହିଛି ବୋଲି ବାରମ୍ବାର ସ୍ମରଣ କରୁଥିଲେ ଖ୍ୟାତନାମା ଭାଷାବିତ ପ୍ରଫେସର ହୃଦମଣି ପ୍ରଧାନ। ଉକ୍ତ ମନୀଷିଙ୍କ ୮୪ ତମ ଜୟନ୍ତୀ ସମ୍ବଲପୁରୀ ସାହିତ୍ୟ ପରିଷଦ ବରଗଡ଼ ଦ୍ୱାରା ଲୁ ନାଟ୍ୟ ଆଶ୍ରମ, ମହୁଲପାଲି ଠାରେ ପାଳନ ହୋଇଯାଇଛି। ପରିଷଦର ଉପସଭାପତି ନାଟ୍ୟକାର ପ୍ରଫେସର କେଶରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତା, ସାଧାରଣ ସମ୍ପାଦକ ଗବେଷକ ଉତ୍ପନ୍ନ ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମୁଖ୍ୟଅତିଥି ଭାବେ ସମ୍ବଲପୁରୀ ଭାଷା ସାହିତ୍ୟର ପ୍ରଚାରକ କବି ଶିବଶଙ୍କର ପୂଜାରୀ, ସମ୍ମାନିତ ଅତିଥି ଭାବେ କ୍ରାନ୍ତିକବି ହରିଲାଲ ସାହୁ ଓ ସଂଗଠକ ଦିଲ୍ଲୀପ କୁମାର ଦେବତା ଯୋଗଦେଇ ଭାଷାବିତ ପ୍ରଫେସର ପ୍ରଧାନଙ୍କ ନିରାଡମ୍ବର ଜୀବନଶୈଳୀ ଓ ସମ୍ବଲପୁରୀ ଭାଷା ସାହିତ୍ୟର ସ୍ୱାତନ୍ତ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଗବେଷକ ଡ. ପ୍ରମୋଦ ପାଢ଼ୀ, ପ୍ର. ପ୍ରଧାନଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିବା ସଂଗେ ସଂଗେ ତାଙ୍କ ଦ୍ୱାରା ସୃଷ୍ଟ ଗବେଷଣାଲବ୍ଧ ତଥ୍ୟ ଓ ସତ୍ୟକୁ ଆଲୋଚନା ମାଧ୍ୟମରେ ପରିପ୍ରକାଶ କରିଥିଲେ। ଜୟନ୍ତୀ ସଭା ଅବସରରେ କଥାକାର ତେଜରୁ ବାରିକଙ୍କୁ ଚଳିତ ବର୍ଷର ହୃଦମଣି ସମ୍ମାନ ୨୦୨୪ପ୍ରଦାନ କରାଯାଇଥିଲା। ନାଟ୍ୟକାର ଅଶୋକ ବହିଦାର, ଅଧ୍ୟାପକ ବିଦ୍ୟାଧର ଦାଶ, କବି ପରମେଶ୍ୱର ବିଶି ତଥା ଅଞ୍ଚଳର ବହୁ ସାହିତ୍ୟିକ, କବି, ଲେଖକ ଓ ବୁଦ୍ଧିଜୀବୀ ଉକ୍ତ ସମାବେଶରେ ସାମିଲ ହୋଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଶେଷରେ ସାହିତ୍ୟିକ ସୁବ୍ରତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡ଼ିରେ ମିଶିଲେ ଅନେକ ବିଜେପି ନେତା ଓ କର୍ମୀ



**ଦେବଗଡ଼, ୧୮।୫(ସମିସ):** ବାରକୋଟ ବ୍ଲକର ଅନେକ ବିଜେପି ନେତା, କର୍ମୀଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଶନିବାର ବିଜେଡ଼ିରେ ସାମିଲ ହୋଇଛନ୍ତି। ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ତଥା ବିଜେଡ଼ି ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଦଳୀୟ ଉତରୀୟ ପିନ୍ଧାଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବାରକୋଟ ବ୍ଲକ ଜୋନ ୩ର ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀ ସଂଯୁକ୍ତା ମହାକୁଳ, ଝରାବାହାଲ ପୂର୍ବତନ ୱାର୍ଡସଭ୍ୟା ବିପାସା ସାହୁ, ମଧ୍ୟପୁର ପୂର୍ବତନ ସରପଞ୍ଚ ମହେଶ୍ୱର ବେହେରା, ପାଣି ପଞ୍ଚାୟତ ସମ୍ପାଦକ ରାଜୁ ନାୟକ, ଗଣ୍ଡ ସମାଜ ପୂର୍ବତନ ସଭାପତି କୁଳମଣି ମହାକୁଳ, ଭକ୍ତବନ୍ଧୁ ଦାସ, ଇନ୍ଦ୍ରମଣି ନାୟକ ପ୍ରମୁଖ ନିଜ ନିଜ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି।

## ଟ୍ରକ୍‌ରୁ ୨୪୦୦ ବୋତଲ କଫସିରପ୍ ଜବତ

**ଜମନକିରା/କୁଚିଣ୍ଡା, ୧୮।୫(ସମିସ):** ଜମନକିରା ଥାନା ଅଞ୍ଚଳରୁ ଆଜି ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ବିପୁଳ ମାତ୍ରାରେ କଫସିରପ ଜବତ କରାଯାଇଛି। ଜାତୀୟ ରାଜପଥ ୫୩ ଟିକିଲିପଡ଼ା ଛକ ନିକଟରେ ଚୋରା ଚାଲାଣ ହେଉଥିବା ଏକ କୋରେକ୍ସ ବୋଝେଇ ଟ୍ରକ(ଓଆର୧୫କ୍ୟୁ ୧୮୭୨)କୁ ଜବତ କରିଛି ଜମନକିରା ପୁଲିସ। ସେଥିରେ ଥିବା ୨୦ ପ୍ୟାକେଟ(୨୪୦୦ ବୋତଲ) କଫ ସିରଫ(କୋରେକ୍ସ) ସହ ଟ୍ରକକୁ ଜବତ କରାଯାଇଛି। ଯାଞ୍ଚ ବେଳେ ଟ୍ରକ ଚାଳକ ଫେରାର ହୋଇଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଶନିବାର ସନ୍ଧ୍ୟାରେ ଜମନକିରା ପୁଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲା। ବିଶେଷସୂତ୍ରରୁ ଖବରପାଇ ପୁଲିସ କୋରେକ୍ସ ଚୋରା ଚାଲାଣ ହେଉଥିବା ଟ୍ରକକୁ ଯାଞ୍ଚ କରିଥିଲା।





# ଟାଟା ପାୱାରକୁ ମିଟର ଫେରାଇଲେ ଚାଷୀ

**ଅମ୍ବାଭୋନା, ୧୮।୫(ସମିସ)**

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକରେ ଚାଷକାର୍ଯ୍ୟରେ ବ୍ୟବହୃତ ବିଦ୍ୟୁତରେ ମିଟର ରିଡିଂ ନାମରେ ଅତ୍ୟଧିକ ବିଲ୍ ଅସୁଲିକୁ ବିରୋଧ କରି ଶନିବାର ବାରପାହାଡ଼ କୃଷକ ସଂଗଠନ ତରଫରୁ ପ୍ରକାଶପୁର ମାଉସୀ ମା ମନ୍ଦିର ପ୍ରାଙ୍ଗଣରେ ଚାଷୀ ମାନଙ୍କ ଏକ ବିଶାଳସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଚାଷୀମାନେ ମିଟର ରିଡିଂ ନାମରେ ହେଉଥିବା ଶୋଷଣନୀତିକୁ ତୀବ୍ର ବିରୋଧ କରିଥିଲେ। ବୋରୱେଲ ଚାଷୀ ମାନଙ୍କଠାରୁ ବିଦ୍ୟୁତ ବିଲ୍ ବାବଦକୁ ମାସକୁ ୩ ରୁ ୪ ହଜାର ଟଙ୍କା ଆଦାୟ କରିବା ଚାଷୀଙ୍କ ପ୍ରତି ଅନ୍ୟାୟ ଓ ଅସହ୍ୟ ବୋଲି ଚାଷୀମାନେ ଉଦବେଗ ପ୍ରକାଶ କରିଥିଲେ। ଏହି କାରଣରୁ ଚାଷୀମାନେ ନିରୁତ୍ସାହିତ ହୋଇ ଚାଷ ଛାଡ଼ି ଦାଦନ ଖଟି ଯିବାକୁ ବାଧ ହେଉଥିବା ନହେଲେ ଆତ୍ମହତ୍ୟା ଭଳି ଚରମ ପନ୍ଥାକୁ ବାଛି ନେଉଥିବା ବୋଲି ଅଭିଯୋଗ କରିଥିଲେ। ଏସବୁ ଅନ୍ୟାୟ, ଶୋଷଣ ଓ ଅନିୟମିତତାର ପ୍ରତିବାଦରେ ଶହଶହ ସଂଖ୍ୟାରେ ଚାଷୀ ଏକଜୁଟ ହୋଇ ପ୍ରକାଶପୁରସ୍ଥିତ ମାଁଉସୀ ମନ୍ଦିରରୁ ବାଇକ୍ ଶୋଭାଯାତ୍ରା କରି ଭୁକ୍ତାରେ ଥିବା ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ଅଫିସକୁ ଯାଇ ନିଜ କ୍ଷେତରେ ଲାଗିଥିବା ମିଟର ଗୁଡ଼ିକୁ ନିଜେ ଖୋଲି ନେଇ ଅଫିସ ଠାରେ ଜମା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉକ୍ତ ସଭାରେ ବାରପାହାଡ଼ କୃଷକ ସଂଗଠନର ସଭାପତି ଈଶାନ ଚନ୍ଦ୍ର ଭୋଇ, ବରଗଡ଼ ଜିଲ୍ଲା ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ଥବିର ସାହୁ, ସୁରେନ୍ଦ୍ର ପ୍ରଧାନ,





ଜୟପ୍ରକାଶ ବେହେରା, ଅଭିମନ୍ୟୁ ପ୍ରଧାନ, ରୋହିତ ଖମାରୀ, ତ୍ରିଲୋଚନ ଦୁଆନ, ଭିଷ୍ଣୁଦେବ ଦୁଆନ, ବାସୁଦେବ ପଟେଲ, ମନୋହର ପଧାନ, ଡୋଲାମଣି ଖମାରୀ, ଦିଲ୍ଲିପ ପଟେଲ, ଧନଞ୍ଜୟ ପାତ୍ର ସୌକିଲାଲ ନାୟକ ତଥା ଅମ୍ବାଭୋନା ବ୍ଲକର ଶହ ଶହ ଚାଷୀ ଉପସ୍ଥିତ ଥିଲେ।

# ଖଡ଼ାମ, ବଡ଼ସୁରୁଆ ଗ୍ରାମବାସୀଙ୍କ ଭୋଟ୍ ବର୍ଜନ ନିଷ୍ପତ୍ତି

**ଝାରସୁଗୁଡ଼ା, ୧୮।୫(ସମିସ)**

ମୌଳିକ ସୁବିଧାରୁ ବଞ୍ଚିତ ଥିବା ଲଖନପୁର ବ୍ଲକ ସରଣ୍ଡାମାଲ ପଞ୍ଚାୟତ ଖଡ଼ାମ ଗ୍ରାମବାସୀ ଶନିବାର ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲାପାଳ ଓ ଜନପ୍ରତିନିଧିମାନଙ୍କ ନିକଟରେ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ। ଗ୍ରାମବାସୀଙ୍କ ଦାବି ମୁତାବକ ଗ୍ରାମର ପୋଖରୀ (ଖଡ଼ାମ କଟା)ର ପୁନରୁଦ୍ଧାର, ଶବଦାହ ପାଇଁ ସରକାରୀ ସ୍ଥାନ ଚିହ୍ନଟ ଦାବି ନେଇ ଚଳିତ ମାସ ୨ ତାରିଖ ଦିନ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବାକୁ ଲିଖିତ ଭାବରେ ଜଣାଇଥିଲେ। ଗ୍ରାମବାସୀଙ୍କ ଠାରୁ ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ନିର୍ବାଚନ ପରେ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିବା ସହିତ ଭୋଟ ବର୍ଜନରୁ ନିବୃତ ହେବାକୁ ଅନୁରୋଧ କରିଥିଲେ। ଏମିତିକି ପରବର୍ତ୍ତୀ ସମୟରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗ୍ରାମକୁ ଲଖନପୁର ତହସିଲଦାର, ଏମ୍‌ଆଇ ବିଭାଗର ଅଧିକାରୀମାନେ ଆସି ତଦନ୍ତ କରି ଶବଦାହ ପାଇଁ ସ୍ଥାନ ଚିହ୍ନଟ ଦିଗରେ ପଦକ୍ଷେପ ନେଇଥିଲେ। ମାତ୍ର ପୋଖରୀର ପୁନରୁଦ୍ଧାର ଦିଗରେ ସେଭଳି କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇ ନାହିଁ। ଅନ୍ୟପକ୍ଷରେ ଗ୍ରାମର ସମସ୍ତ ଗୋଚର ଜମିକୁ ସହଯୋଗୀ ମନୋବୃତ୍ତିରେ ଏମସିଏଲ ବିସ୍ଥାପିତ ଥଇଥାନ କଲୋନୀ କରିଥିବାବେଳେ ଏମସିଏଲର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ପୋଖରୀର ପୁନରୁଦ୍ଧାର ପାଇଁ ଜିଲ୍ଲାପାଳଙ୍କ ନିକଟରୁ ଏନୋସି ଆଣି ସ୍ଥାନୀୟ ଏମସିଏଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ପୂର୍ବରୁ ଦାଖଲ କରିଥିଲେ ମଧ୍ୟ ଏମସିଏଲ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ଗତ ୧୪ ତାରିଖ ଲଖନପୁର ଜିଏମ୍ କାର୍ଯ୍ୟାଳୟ ଘେରଓ କରିଥିଲେ। ମାତ୍ର ଜିଏମଙ୍କ ଅନୁପସ୍ଥିତି ହେତୁ ଜିଏମ କାର୍ଯ୍ୟାଳୟରେ ଦୀର୍ଘ ଘଣ୍ଟାରୁ ଅଧିକ ସମୟ ରହିଥିଲେ ମଧ୍ୟ ଏମସିଏଲର ସ୍ଥାନୀୟ କୌଣସି ବରିଷ୍ଠ ଅଧିକାରୀ ତାଙ୍କ ସହିତ ଆଲୋଚନା କରିବାକୁ ଆସି ନ ଥିଲେ। ଫଳରେ ଗ୍ରାମବାସୀ କ୍ଷୋଭ ପ୍ରକାଶ କରି ଫେରିଆସି ଗ୍ରାମରେ ବୈଠକ କରି ଭୋଟ୍ ବର୍ଜନ ଚେତାବନୀକୁ ପୁଣି ଥରେ ଦୋହରାଇଥିବା ବେଳେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଠିକ୍ ସେହିପରି ସମାନ ପ୍ରକାରର ଦାବି କରି ଆଜି ତିଲିଆ ପଞ୍ଚାୟତର ବଡ଼ସରୁଆ ଗ୍ରାମବାସୀ ମଧ୍ୟ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗ୍ରାମବାସୀଙ୍କ ଦାବି ମୁତାବକ ନିତ୍ୟ ବ୍ୟବହାର୍ଯ୍ୟ ନିମନ୍ତେ ଜଳ ସଂକଟ ଅନେକ ବର୍ଷ ହେବ ଲାଗି ରହିଛି। ଟେଙ୍କର ମାଧ୍ୟମରେ କେବଳ ପାନୀୟ ଜଳକଷ୍ଟକୁ ଦୁରିକରଣ କରାଯାଇ ପାରୁଛି। ଗ୍ରାମର ଏକମାତ୍ର ପୋଖରୀ (ବଡ଼ସରୁଆ କଟା)ର ଅବସ୍ଥା ସାଂଘାତିକ ହୋଇଗଲାଣି। ପୁନରୁଦ୍ଧାର ନ ହେବା କାରଣରୁ କଟାରେ ପାଣି ରହୁନାହିଁ। ଯାହାଫଳରେ ଗ୍ରାମବାସୀ ଗାଧୁଆ ପାଧୁଆ ଓ ଗ୍ରାମର ଗୃହପାଳିତ ପଶୁଙ୍କୁ ପାଣି ପିଆଇବା ଦିଗରେ ନାହିଁ ନଥିବା ସମାସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥଳେ ବିଗତ ଦିନରେ କଟାର ପୁନରୁଦ୍ଧାର ନିମନ୍ତେ ଅନେକ ବର୍ଷ ହେବ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ, ଜିଲ୍ଲା କାର୍ଯ୍ୟଳୟ ସ୍ଥାନୀୟ ପିଆରଆଇ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଧାୟକ, ସାଂସଦ ସମସ୍ତଙ୍କ ନିକଟରେ ହାରି ଗୁହାରି କରିଆସିଛନ୍ତି। ଏମିତିକି ଚଳିତ ମାସ ୭ ତାରିଖ ଦିନ ଜିଲ୍ଲାପାଳ ତିଲିଆ ପଞ୍ଚାୟତର ବୁଥ୍ ପରିଦର୍ଶନ ସମୟରେ ଆସିଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଲିଖିତ ଅଭିଯୋଗ ମଧ୍ୟ କରାଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଆଜି ପର୍ଯ୍ୟନ୍ତ ଅପକ୍ଷା କରିଥିଲେ। ମାତ୍ର କୌଣସି ସ୍ୱାନ୍ତନା ନ ମିଳିବାରୁ ଶନିବାର ଗ୍ରାମବାସୀ ଏକ ବୈଠକ କରି ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି।



## ୧ ଓ ୧୮ ନଂ ୱାର୍ଡରେ ଦୀପାଳିଙ୍କ ପଦଯାତ୍ରା



**ଝାରସୁଗୁଡ଼ା, ୧୮।୫(ସମିସ):** ଝାରସୁଗୁଡ଼ା ପୌରାଞ୍ଚଳ ଅଧୀନ ୱାର୍ଡ ନଂ ୧ ଓ ୧୮ରେ ବିଜେଡି ବିଧାନସଭା ପ୍ରାର୍ଥିନୀ ଦୀପାଳି ଦାସ ବିରାଟ ପଦଯାତ୍ରା ସହ ନିର୍ବାଚନ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଝାରସୁଗୁଡ଼ା ଜିଲ୍ଲା ପ୍ରତିଥିବା ଭଲପାଇବା ଓ ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ନୂତନ ଝାରସୁଗୁଡ଼ା ନିର୍ମାଣର ପ୍ରଚେଷ୍ଟାର ପ୍ରତିଫଳ ରୁପେ ପୁରୁଣା ବସ୍ତି ଅଞ୍ଚଳର ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ମଣ୍ଡପ, ଦୁର୍ଗା ମଣ୍ଡପ ସହ ଝାଡେଶ୍ୱର ମନ୍ଦିର ଓ ସମ୍ମୁଖରେ ଥିବା ମୁକ୍ତିଧାମ ପରି ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ସେହିପରି ୱାର୍ଡ ନଂ ୧ ରେ ମଧ୍ୟ ବହୁ ବର୍ଷର ଅପେକ୍ଷାକୃତ ସ୍ୱପ୍ନକୁ ସାକାରକରି ସରବାହାଲ ଓଭର ବ୍ରିଜ୍ ନିର୍ମାଣ କରି ଝାରସୁଗୁଡ଼ା ଜିଲ୍ଲାର ବିକାଶ ଧାରାକୁ ଆଗେଇ ନିଆଯାଇଛି। ଆଜିର ଏହି ପଦଯାତ୍ରାରେ ରବି ସିଂ, ପୌରାଧ୍ୟକ୍ଷା ରାନୀ ହାତୀ, ପୌର ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ପୂର୍ବତନ ପୌରାଧ୍ୟକ୍ଷ ତାପସ ରାୟ ଚୌଧୁରୀ ଓ ହରିଶ ଗଣତ୍ରା, ପୱନ ସିଂ ଯାଦବ, ରଘୁମଣି ପଟେଲ, ପିଣ୍ଟୁପାଢ଼ୀ, ପ୍ରତାପ ନନ୍ଦ, ମଦନ ହାତୀ, ଅଶୋକ ଦାସ, ବିଷ୍ଣୁ ପାଢ଼ୀ, ଅରବିନ୍ଦ ବାରିକ, ମୁନା ମିଶ୍ର, ସଞ୍ଜୁ ପଟ୍ଟନାୟକ, ଗୀତାଞ୍ଜଳି ପଣ୍ଡା, ସୌଦାମିନୀ ହୋତା, କାଜଲ ସିଂଙ୍କ ସମେତ ଶହ ଶହ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ଯୁବକ ଗୁରୁତର

**ଝାରସୁଗୁଡ଼ା, ୧୮।୫(ସମିସ):** କର୍ମିରା ବ୍ଲକ ଅର୍ଡା ଆଶ୍ରମ ସ୍କୁଲ ସମ୍ମୁଖରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ବେହେରାମାଲ ଗ୍ରାମର ଅମୀୟ କିସାନ (୩୦) ବୋଲି ଜଣାପଡ଼ିଛି। ଅମୀୟ ସକାଳେ କୌଣସି କାମ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବାବେଳେ ଅର୍ଡା ଆଶ୍ରମ ସ୍କୁଲ ସମ୍ମୁଖରେ ଧୁତରା ପଟରୁ ଅଲଟ୍ରାଟେକ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଧକ୍କାଦେବାରୁ ଅମୀୟ ଗୁରୁତର ଭାବରେ ଆହତ ହୋଇଥିଲେ।

## ଝାରସୁଗୁଡ଼ାରେ ଆୟକର ଚଢ଼ଉ

**ଝାରସୁଗୁଡ଼ା, ୧୮।୫(ସମିସ):** ନିର୍ବାଚନକୁ ଆଉ ମାତ୍ର କିଛି ଘଣ୍ଟା ରହିଥିବାବେଳେ ରାଜନୈତିକ ବ୍ୟକ୍ତିଙ୍କୁ କେନ୍ଦ୍ର ଆୟକର ବିଭାଗର ଚଢ଼ଉ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଶୁକ୍ରବାର ମଧ୍ୟାହ୍ନରେ ଜଣେ ଶିଳ୍ପପତିଙ୍କୁ ଆୟକର ବିଭାଗ ପକ୍ଷରୁ ଏକ ତାରକା ହୋଟେଲରେ ପଚରାଉଚୁରା କରିବା ପରେ ଛାଡ଼ି ଦିଆଯାଇଥିଲା। ସେହିପରି କୋଲାବିରା ଓ ଅର୍ଡାରେ ଥିବା ତାଙ୍କ ସହଯୋଗୀଙ୍କ ଘରେ ଶୁକ୍ରବାର ରାତି ଓ ଶନିବାର ଆଇଟି ଅଧିକାରୀମାନେ ଚଢ଼ଉ କରିଥିଲେ। ତାଙ୍କର ଅନ୍ୟଜଣେ ସହଯୋଗୀଙ୍କୁ ମଧ୍ୟ ହୋଟେଲରେ ପଚରାଉଚୁରା ପରେ ଛାଡ଼ିଦେଇଥିବା ଜଣାପଡ଼ିଛି। ଏହି ଚଢ଼ଉର ଉଦ୍ଦେଶ୍ୟ ଏବଂ ଚଢ଼ଉରେ କ'ଣ ସବୁ ଜବତ ହୋଇଛି ସେ ସମ୍ପର୍କରେ ସବିଶେଷ ତଥ୍ୟ ହସ୍ତଗତ ହୋଇନାହିଁ।

## ୫୭.୭୧ ଲକ୍ଷ ଟଙ୍କା ଓ ୫ ବନ୍ଧୁକ ଜବତ

**ଝାରସୁଗୁଡ଼ା, ୧୮।୫(ସମିସ):** ନିର୍ବାଚନ ପରିପ୍ରେକ୍ଷୀରେ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ କରାଯାଇଥିବା ଯାଞ୍ଚ ବେଳେ ପୁଲିସ ୫୭ ଲକ୍ଷ ୭୧ ହଜାର ୩୭୮ ଟଙ୍କା ଜବତ କରିଛି। ଏହାଛଡ଼ା ୫୧୬ଟି ଅବକାରୀ ମାମଲା ରୁଜୁ କରାଯାଇଥିବା ସହ ୫୧୨ଜଣଙ୍କୁ ଗିରଫ କରାଯାଇଛି। ଏହିକ୍ରମରେ ସମୁଦାୟ ୬୯୩୮ ଲିଟର ମଦ ଜବତ କରାଯାଇଛି ଯାହାର ଆନୁମାନିକ ମୂଲ୍ୟ ୨୨ଲକ୍ଷ ୯୬ହଜାର ଟଙ୍କା ହେବ ବୋଲି କୁହାଯାଇଛି। ଏହାବ୍ୟତୀତ ୭.୮୭ କେଜି ଗଞ୍ଜେଇ ଜବତ କରାଯାଇଛି। ଯାହାର ମୂଲ୍ୟ ୭୮ ହଜାର ୭୯୦ଟଙ୍କା ହେବ। ୧୭.୩୮ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି ଯାହାର ମୂଲ୍ୟ ୭ଲକ୍ଷ ୭୩ ହଜାର ୮୦୦ଟଙ୍କା ହେବ ବୋଲି କୁହାଯାଇଛି। ବେଆଇନ ଭାବେ ମାରଣାସ୍ତ୍ର ରଖିବା ନେଇ ୪ଟି ମାମଲାରେ ୭ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨ଜଣ ନାବାଳକଙ୍କୁ ଅଟକ ରଖାଯାଇଥିଲା। ସେମାନଙ୍କ ନିକଟରୁ ୪ଟି ଦେଶୀ ପିସ୍ତଲ ଓ ଗୋଟିଏ ଚାଇନା ପିସ୍ତଲ ଜବତ କରାଯାଇଥିବା ବେଳେ ୪ଟି ଜୀବନ୍ତ ଗୁଳି ଜବତ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ପୋଖରୀରେ ବୁଡ଼ି ଛାତ୍ରୀ ମୃତ

**ଝାରସୁଗୁଡ଼ା, ୧୮।୫ (ସମିସ):** ବେଲପାହାଡ଼ ପୌରାଞ୍ଚଳର ଜୁନାଡିହିସ୍ଥିତ ଏକ ପୋଖରୀରେ ବୁଡ଼ି ଜଣେ ନାବାଳିକା ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣକ ବେଲପାହାଡ଼ ଜୁନାଡିହିର ପ୍ରସନ୍ନ ମହାପାତ୍ରଙ୍କ ଝିଅ କିରଣମୟୀ ମହାପାତ୍ର (୧୫) ବୋଲି ଜଣାପଡ଼ିଛି। ଶନିବାର ମଧ୍ୟାହ୍ନରେ ପ୍ରସନ୍ନଙ୍କ ସମେତ ତାଙ୍କ ପତ୍ନୀ ଜ୍ୟୋତିର୍ମୟୀ, ବଡ଼ ଝିଅ ଚିନ୍ମୟୀ ଓ ସାନ ଝିଅ କିରଣମୟୀ ସମସ୍ତେ ଜୁନାଡିହିସ୍ଥିତ ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲା। ପ୍ରସନ୍ନ ପୁରୁଷଙ୍କ ଘାଟରେ ଗାଧୋଉଥିବା ବେଳେ ତାଙ୍କ ପତ୍ନୀ ଓ ଦୁଇ ଝିଅ ମିଶି ମହିଳା ଘାଟରେ ଗାଧୋଉଥିଲେ। ହେଲେ କିଛି ସମୟ ପରେ ସେହି ପୋଖରୀର ଗଭୀର ପାଣିରେ ଝିଅ କିରଣମୟୀ ବୁଡ଼ିଯାଉଥିବା ବେଳେ ତାଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ମାଆ ଓ ବଡ଼ ଭଉଣୀ ମଧ୍ୟ ବୁଡ଼ି ଯାଉଥିଲେ। ଏହା ଦେଖି ପାଖରେ ଗାଧୋଉଥିବା ଜଣେ ବ୍ୟକ୍ତି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କିରଣମୟୀଙ୍କ ମାଆ ଓ ବଡ଼ ଭଉଣୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବାବେଳେ କିରଣମୟୀ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଥିଲେ। ପରେ କିରଣମୟୀଙ୍କ ମୃତଦେହକୁ ପାଣିରୁ ଉଦ୍ଧାର କରାଯାଇଥିଲା। କିରଣମୟୀଙ୍କ ବାପା ଓ ମାଆ ଉଭୟ ସରକାରୀ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ତେବେ ପୂର୍ବରୁ ସେମାନେ କେବି ବି ସେହି ପୋଖରୀକୁ ଗାଧୋଇବାକୁ ଯାଇନଥିବା ବେଳେ ଆଜି କେମିତି ଗଲେ ସେନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିରଣମୟୀ ଭଲ ପାଠ ପଢ଼ିବା ସହ ଜଣେ ଭଲ ନୃତ୍ୟ ଶିଳ୍ପୀ ମଧ୍ୟ ଥିଲେ। ବେଲପାହାଡ଼ ପୁଲିସ ପହଞ୍ଚି ମୃତ ଝିଅର ଶବକୁ ଜବତ କରିଥିଲା। ଏନେଇ ବେଲପାହାଡ଼ ଥାନାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରିବା ସହ ମୃତ ନାବାଳିକାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ବେହେରାମାଲ ଶାଖା ଉଦ୍‌ଘାଟିତ

**ସମ୍ବଲପୁର/ଝାରସୁଗୁଡ଼ା, ୧୮।୫(ସମିସ):** ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ବଲପୁର କ୍ଷେତ୍ରର ଝାରସୁଗୁଡାରେ ବେହେରାମାଲ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ସର୍ବେଶ ରଞ୍ଜନ ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଧର୍ମେନ୍ଦ୍ର ରାଜୋରିଆ ଏବଂ ଉପ-କ୍ଷେତ୍ରୀୟ ମୁଖ୍ୟ ହରେନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ମହାପ୍ରବନ୍ଧକ ସର୍ବେଶ ରଞ୍ଜନ କହିଛନ୍ତି ଯେ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଉତ୍ତମ ଗ୍ରାହକ ସେବା ପ୍ରଦାନ କରୁଥିବା ତଥା ଗ୍ରାହକମାନଙ୍କ ଆର୍ଥିକ ଆବଶ୍ୟକତାକୁ ପୂରଣ କରୁଥିବା ଗ୍ରାହକ କୈନ୍ଦ୍ରିକ ବ୍ୟାଙ୍କ ରୂପେ ନିଜକୁ ପରିଗଣିତ କରିବା ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ ଅଟେ। ଏହି ଅବସରରେ କ୍ଷେତ୍ରୀୟ ମୁଖ୍ୟ ଶ୍ରୀ ରାଜୋରିଆ ଗ୍ରାହକମାନଙ୍କ ସହ ଭାବାନୁପ୍ରଦାନ କରିବା ସହ ୟୁନିୟନ୍ ବ୍ୟାଙ୍କ ପଞ୍ଚମ ବୃହତ୍ତମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଏହାର ସମୁଦାୟ ବ୍ୟବସାୟ ୨୧ ଟ୍ରିଲିୟନରୁ ଉର୍ଦ୍ଧ୍ୱ ଅଟେ ବୋଲି କହିଥିଲେ। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ରାଜ୍ୟରେ ଦ୍ୱିତୀୟ ବୃହତ୍ତମ ନେଟ୍‌ୱର୍କ ରହିଛି ବୋଲି ମଧ୍ୟ ସେ କହିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏହାର ପ୍ୟାନ ଇଣ୍ଡିଆ ନେଟ୍‌ୱର୍କ ମାଧ୍ୟମରେ ୮, ୫୦୦ରୁ ଉର୍ଦ୍ଧ୍ୱ ଶାଖାରେ ଗ୍ରାହକମାନଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇ ଦେଉଥିବା ସହ ଏଥିରେ ୭୫, ୦୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଶୀଘ୍ର ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁବିଧା ସହିତ ଏକ ସ୍ୱତନ୍ତ୍ର ଶାଖା ଏମ୍‌ଏସ୍‌ଏମ୍‌ଇ ଗ୍ରାହକମାନଙ୍କ ପାଇଁ ଖୋଲାଯିବ। ପରିଶେଷରେ, ଶାଖା ପ୍ରବନ୍ଧକ ସୁଶୀଲ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ପ୍ରଣବଙ୍କୁ ସମର୍ଥନ ପାଇଁ ଗୋଁଣ୍ଡ ମହାସଭାର ନିଷ୍ପତ୍ତି

**ଦେବଗଡ଼, ୧୮।୫(ସମିସ):** ଦେବଗଡ଼ ଜିଲ୍ଲା ତିଳେଇବଣି ବ୍ଲକର ଜରେଇକେଲାରେ ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ସଂସଦୀୟ କ୍ଷେତ୍ରର ବିଜେଡି ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ସମର୍ଥନ ପାଇଁ ମହାସଭା ନିଷ୍ପତ୍ତି ନେଇଛି। ଏହାସହ ୭ ବିଧାନସଭା ପ୍ରାର୍ଥୀଙ୍କୁ ମଧ୍ୟ ମହାସଭା ସମର୍ଥନ ଦେବ ବୋଲି ସଭାରେ ନିଷ୍ପତ୍ତି ହୋଇଛି। ଜିଲ୍ଲା ସଭାପତି ବନମାଳୀ ପତ୍ରଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ସଂଗଠନର ମୁଖ୍ୟ ପୁରୋଧା ତଥା ସାଂସଦ ରମେଶ ଚନ୍ଦ୍ର ମାଝୀ, ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ଯୋଗ ଦେଇଥିଲେ। ଏହି ସଭାରେ ବାରକୋଟ, ତିଳେଇବଣି, ରିଆମାଳ ବ୍ଲକ କମିଟି, ୨୦ଟି ଗୁଡ଼ି କମିଟି ଓ ଜିଲ୍ଲା କମିଟିର ସମସ୍ତ କର୍ମକର୍ତ୍ତା ପ୍ରମୁଖ ନେତୃମଣ୍ଡଳୀ ଯୋଗ ଦେଇଥଲେ। ରାଜ୍ୟରେ କଂଗ୍ରେସର ପ୍ରଭାବ ନ ଥିବା ବେଳେ ବିଜେପିର ଆଦିବାସୀଙ୍କ ପ୍ରତି ବୈମାତୃକ ଭାବ ବଢ଼ି ଚାଲିଛି ବୋଲି ଆଲୋଚନା ହୋଇଥିଲା। କିଛି ଦିନ ପୂର୍ବରୁ ଦେବଗଡ଼ ବିଧାୟକ ବର୍ତ୍ତମାନର ବିଜେପି ପ୍ରାର୍ଥୀ ସୁବାସ ପାଣିଗ୍ରହୀ ତିଳେଇବଣି ବିଡିଓ ହଇରାଣ କରିବା ସହ ଆକ୍ରମଣ କରିଛନ୍ତି। ଏଥିରେ ଗୋଁଣ୍ଡ ମହାସଭା କ୍ଷୁବ୍ଧ ହୋଇଛି।



## ବିଜେପି ପ୍ରାର୍ଥୀଙ୍କ ଲାଗି ହେମାମାଳିନୀଙ୍କ ପ୍ରଚାର

**ଦେବଗଡ଼, ୧୮।୫(ସମିସ):** ବାରକୋଟ ବ୍ଲକ ଡଅଁରା ହାଇସ୍କୁଲ ଖେଳ ପଡ଼ିଆରେ ବିଜେପିର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଅରୁଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବଲିଉଡ ଅଭିନେତ୍ରୀ ତଥା ମଥୁରା ସାଂସଦ ହେମାମାଳିନୀ ଯୋଗ ଦେଇଥିଲେ। ସେ ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପିର ବିଧାନସଭା ପ୍ରାର୍ଥୀ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଲାଗି ପ୍ରଚାର କରିଥିଲେ। ଏହି ସଭାରେ ଧର୍ମେନ୍ଦ୍ର, ସୁବାସଙ୍କ ସହ ମୃଦଳା ଠାକୁର, ପିଙ୍କି ପ୍ରଧାନ, ମାଧବୀ ଦେବୀ, ସଚ୍ଚିକାନ୍ତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।



## ୧୬୦ ସମ୍ବେଦନଶୀଳ ବୁଥ୍, ପର୍ଯ୍ୟାପ୍ତ ସଶସ୍ତ୍ର ପୁଲିସ ମୁତୟନ

**ଝାରସୁଗୁଡ଼ା, ୧୮।୫(ସମିସ):** ଜିଲ୍ଲାରେ ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ସକାଶେ ପୁଲିସ ପକ୍ଷରୁ କରାଯାଇଥିବା ସୁରକ୍ଷା ବ୍ୟବସ୍ଥା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦେଇଛନ୍ତି। ସେ କହିଛନ୍ତି ଜିଲ୍ଲାର ୩୯୭ଟି ସ୍ଥାନରେ ଥିବା ୫୧୫ ବୁଥରେ ନିର୍ବାଚନ ହେବ। ସେ ଭିତରୁ ୮୫ ସ୍ଥାନରେ ଥିବା ୧୬୦ବୁଥ୍ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ସେ ମଧ୍ୟରୁ ବ୍ରଜରାଜନଗରରେ ୨୯ଟି ସ୍ଥାନରେ ଥିବା ୬୬ଟି ବୁଥକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଥିବା ବେଳେ ଝାରସୁଗୁଡ଼ାର ୫୬ଟି ସ୍ଥାନରେ ଥିବା ୯୪ଟି ବୁଥ୍ ସମ୍ବେଦନଶୀଳ ବୁଥ୍ ବୋଲି ଚିହ୍ନିତ କରାଯାଇଛି। ଏହି ସବୁ ସ୍ଥାନରେ ସିଏପିଏଫର ସଶସ୍ତ୍ର ବାହିନୀଙ୍କୁ ନିୟୋଜିତ କରାଯାଇଛି। ତା ଛଡ଼ା ୧୭ଟି ସେକ୍ଟର ଟିମ୍ ଅଛନ୍ତି। ସେଥିରେ ସିଏପିଏଫ ଓ ରାଜ୍ୟ ପୁଲିସ କର୍ମଚାରୀ ସାମିଲ ଅଛନ୍ତି। ୨୦ସେକ୍ସନ ପୁଲିସ ନିୟୋଜିତ ଅଛନ୍ତି। ସୁରକ୍ଷା ବ୍ୟବସ୍ଥା ପାଇଁ ମୋଟ ୩୯ଟି ମୋବାଇଲ ପାର୍ଟି କରାଯାଇଛି। ଯେଉଁମାନେ କି ନିଜ କ୍ଷେତ୍ରରେ ବିଭିନ୍ନ ସ୍ଥାନକୁ ଯାଇ ସୁରକ୍ଷା ବ୍ୟବସ୍ଥା ନିରୀକ୍ଷଣ କରିବେ। ୬ଜଣ ବରିଷ୍ଠ ଅଧିକାରୀ ଓ ୨ଜଣ ଏସପିଙ୍କୁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ଦାୟିତ୍ୱ ଦିଆଯାଇଛି। ୫ କମ୍ପାନୀ ସିଏପିଏଫ ୪ କମ୍ପାନୀ ଓଡ଼ିଶା ସଶସ୍ତ୍ର ପୁଲିସ ବାହିନୀ ନିୟୋଜିତ ଅଛନ୍ତି। ଜିଲ୍ଲା ପୁଲିସ ନିକଟରେ ଯଥେଷ୍ଟ ମାନବ ସମ୍ବଳ ରହିଛି, ଯାହାକି ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନାରେ ପାଇଁ ସହାୟକ ହେବ। ସୁରକ୍ଷା ବ୍ୟବସ୍ଥା ପାଇଁ ବୈଷୟିକ ଜ୍ଞାନ କୌଶଳର ମଧ୍ୟ ବ୍ୟବହାର କରୁଛୁ। ସାରଥୀ ନାମରେ ଗୋଟିଏ ଏପ୍ସ ଖୋଲାଯାଇଛି ଯାହାକି ନିୟନ୍ତ୍ରଣ କକ୍ଷରୁ ସବୁ ପାର୍ଟି, ସବୁ ଗାଡ଼ିର ନିରୀକ୍ଷଣ କରାଯାଇପାରିବ। ତା ଛଡ଼ା ଖରା ଓ କାଳବୈଶାଖୀର ମୁକାବିଲା ପାଇଁ ଯଥେଷ୍ଟ ବ୍ୟବସ୍ଥା କରାଯାଇଛି। ଶନିବାର ୭ଟି ସ୍ଥାନରେ ଫ୍ଲାଗମାର୍ଚ୍ଚ ଜାରି ରହିଛି। ନିର୍ବାଚନୀ ହିଂସା କୌଣସି ପ୍ରକାରେ ସହ୍ୟ କରାଯିବ ନାହିଁ। ଯିଏ ବି ହିଂସା କରିବ ତାକୁ ଦୃଢ଼ ଭାବେ ଦମନ କରାଯିବ ବୋଲି ଏସପି ଶ୍ରୀ ସ୍ମିତ କହିଛନ୍ତି।

## ଶେଷ ନିର୍ବାଚନ ସଭା କରି ଭୋଟ୍ ମାଗିଲେ କିଶୋର ପଟେଲ

**ବ୍ରଜରାଜନଗର, ୧୮।୫(ସମିସ):** ବ୍ରଜରାଜନଗର ପୌରାଞ୍ଚଳର ମାମା ଛକଠାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ କିଶୋର ପଟେଲ ନିର୍ବାଚନୀ ସଭା କରି ଭୋଟ ମାଗିଛନ୍ତି। ଓଡ଼ିଶାରେ ଯେଉଁ ସବୁ ଯୋଜନା ଚାଲିଛି ଏହାର ମୂଳଦୁଆ କଂଗ୍ରେସ ଅମଳରୁ ପଡ଼ିଥିଲା ଏବଂ ଆଗାମୀ ଦିନ ମାନଙ୍କରେ କଂଗ୍ରେସ ସରକାର ଓଡ଼ିଶାରେ ଆସିଲେ ମହିଳାମାନଙ୍କର ଉନ୍ନତି ହେବା ସହିତ ବଢ଼ିଥିବା ଦରଦାମକୁ କମାଇ ଦିଆଯିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସେ ଉଦବୋଧନ ଦେଇ ଆହୁରି କହିଥିଲେ ଯେ ପଶ୍ଚିମ ଓଡ଼ିଶା ରାଜନୀତିରେ ସକ୍ରିୟ ରହି ଏ ଅଞ୍ଚଳର ଅନେକ ବିକାଶ କରିଛି। ଆଜି ସେ ତାଙ୍କ ଜୀବନର ଶେଷ ନିର୍ବାଚନ ଲଢୁଛନ୍ତି ଓ ବ୍ରଜରାଜନଗର ଅଞ୍ଚଳର ବିକାଶ କରିବାକୁ ଚାହୁଁଛନ୍ତି। ଥରଟିଏ ତାଙ୍କୁ ବିଶ୍ୱାସକୁ ନେଇ ଭୋଟ ଦେବାପାଇଁ ଉପସ୍ଥିତ ଜନତାଙ୍କୁ ଅନୁରୋଧ କରିଥିଲେ। ସଭାରେ ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ ପଣ୍ଡା, ବ୍ରିଜେଶ ସରମା, କିଶୋର ପଟେଲଙ୍କ ପୁଅ ରିତେଶ ପଟେଲ, ରାମ ଦାସ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଯୁବ ସଭାପତି ଦେବେଶ ପଣ୍ଡା ପରିଚାଳନା କରିଥିବା ବେଳେ ଜୀବନ ସାର୍ଥକ ଦାସ ଓ ସଞ୍ଜୟ ସିଂ ପ୍ରମୁଖ ସହାୟତା କରିଥିଲେ।



# ସରିଲା ପ୍ରଚାର, ୨୦ରେ ମତଦାନ

**ଝାରସୁଗୁଡ଼ା, ୧୮।୫(ସମିସ)**

ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ଓ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ପାଇଁ ଆସନ୍ତା ୨୦ ତାରିଖରେ ହେବାକୁଥିବା ନିର୍ବାଚନ ପାଇଁ ଶନିବାର ପ୍ରଚାର ଶେଷ ହୋଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ଏନେଇ ଆଜି ଏକ ଅଧ୍ୟାଦେଶ ଜାରିକରି ଆସନ୍ତା ୭୨ ଘଣ୍ଟା ମଧ୍ୟରେ କୌଣସି ରାଜନୈତିକ ଦଳ କିମ୍ବା ବ୍ୟକ୍ତି ବିଶେଷ କୌଣସି ପ୍ରଚାର, ବ୍ୟାନର, ଡାକବାଜି ଯନ୍ତ୍ର କିମ୍ବା, ଭିଡିଓ ବ୍ୟବହାର କରିପାରିବେ ନାହିଁ। ଏହାସହିତ କୌଣସି ମୁଦ୍ରଣ କିମ୍ବା ବୈଦ୍ୟୁତିକ ଗଣମଧ୍ୟମ ଏକଜିଟ୍ ପୋଲ ମଧ୍ୟ କରିପାରିବେ ନାହିଁ। ଏହାର ଖିଲାପକାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ କହିଛନ୍ତି। ଆସନ୍ତା ୨୦ ତାରିଖରେ ହେବାକୁଥିବା ସାଧାରଣ ନିର୍ବାଚନରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ପୁରୁଷ ଭୋଟର ୧୧୦୨୨୪ ଜଣ, ମହିଳା ୧୦୬୭୯୨, ତୃତୀୟ ଲିଙ୍ଗ ୧୬ ମୋଟ ୨୧୭୦୩୨ ଜଣ ଭୋଟର ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୧୯୭ଟି ସ୍ଥାନରେ ୨୫୮ଟି ଭୋଟ ଗ୍ରହଣ କେନ୍ଦ୍ର ରହିଛି। ସେଥିମଧ୍ୟରୁ ୧୫୪ଟି ବୁଥରେ ୱେବ୍ କାଷ୍ଟିଙ୍ଗ କରାଯିବ, ୨୯ଟି ବୁଥ୍‌ରେ ମାଇକ୍ରୋ ଅବ୍‌ଜରଭର ରହିବେ, ୬୬ଟି କ୍ରିଟିକାଲ ବୁଥ୍ ରହିଛି, ୪୦ଟି ସଖି ବୁଥ, ଯୁବ ମାନଙ୍କ ପାଇଁ ୫ଟି ବୁଥ, ଭିନ୍ନକ୍ଷମ ମାନଙ୍କ ପାଇଁ ୨ଟି ଓ ଇକୋଫ୍ରେଣ୍ଡଲି ବୁଥ୍ ୫ଟି ରହିଛି। ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ପାଇଁ ୨୫୮ ଜଣ ପୁଲିଙ୍ଗ ଅଫିସର, ୨୫୮ ଜଣ ଫଷ୍ଟ ପୁଲିଂ ଅଫିସର, ୭୭୪ ଜଣ ଦ୍ୱିତୀୟ ଓ ଅତିରିକ୍ତ ପୁଲିଂ ଅଫିସର, ୨୫୮ ତୃତୀୟ ପୁଲିଂ ଅଫିସର, ୬୦୪ ଜଣ ମହିଳା ପୁଲିଂ ଅଫିସର ଓ ୧୪ ଜଣ ଭିନ୍ନକ୍ଷମ ପୁଲିଂ ଅଫିସର ନିଯୁକ୍ତ ରହିଛନ୍ତି। ସେହିପରି ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ପୁରୁଷ ଭୋଟରେ ୧୧୩୩୭୩ ଜଣ, ମହିଳା ୧୧୫୬୦୨ ଜଣ, ତୃତୀୟ ଲିଙ୍ଗ ୫୯ ଜଣ ମୋଟ ୨୨୯୦୩୪ ଜଣ ଭୋଟର ରହିଛନ୍ତି। ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ୨୦୦ଟି ସ୍ଥାନରେ ୨୫୭ଟି ଭୋଟଗ୍ରହଣ କେନ୍ଦ୍ର ରହିଛି। ତନ୍ମଧ୍ୟରୁ ୧୫୫ଟି ବୁଥ୍‌ରେ ୱେବକାଷ୍ଟିଂ କରାଯିବ, ୩୮ଟି ବୁଥ୍‌ରେ ମାଇକ୍ରୋ ନିରିକ୍ଷକ ରହିବେ, ୯୪ଟି କ୍ରିଟିକାଲ ବୁଥ୍ ରହିଛି, ୪୦ଟି ସଖୀ ବୁଥ୍, ଯୁବମାନଙ୍କ ପାଇଁ ୫ଟି ବୁଥ୍, ଭିନ୍ନକ୍ଷମଙ୍କ ପାଇଁ ୨ଟି ଓ ଇକୋ ଫ୍ରେଣ୍ଡଲି ବୁଥ ୪ଟି ରହିଛି। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ପାଇଁ ୨୫୭ ଜଣ ପୁଲିଂ ଅଫିସର, ୨୫୭ ଜଣ ଫଷ୍ଟପୁଲିଂ ଅଫିସର, ୭୭୧ ଜଣ ଦ୍ୱିତୀୟ ଓ ଅତିରିକ୍ତ ପୁଲିଂ ଅଫିସର, ୨୫୭ ତୃତୀୟ ପୁଲିଂ ଅଫିସର, ୫୨୪ ଜଣ ମହିଳା ପୁଲିଂ ଅଫିସର ଓ ୧୪ ଜଣ ଭିନ୍ନକ୍ଷମ ଅଫିସର ନିଯୁକ୍ତ ରହିଛନ୍ତି। ଏହି ସାଧାରଣ ନିର୍ବାଚନ ପାଇଁ ଦୁଇଟି ନିର୍ବାଚନ ମଣ୍ଡଳୀରୁ ବସ୍ ଓ ଟ୍ରକ ମିଶି ୯୧ଟି, ୱିଙ୍ଗର ତଥା ଟ୍ରେଭେଲର ୭୦ଟି, ବୋଲେରୋ ସ୍କର୍ପିଓ ୫୪୮, ଅଟୋ ୨୪୦ ମୋଟ ୯୭୯ଟି ଯାନ ବାହାନ ନିୟୋଯିତ କରାଯାଇଛି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୨୫ • ପାଉଣ୍ଡ ୧୦୫.୭୮
- ୟୁରୋ ୯୦.୧୪ • ୟେନ୍ ୦.୫୩

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୫,୪୦୦ (ଭୁବନେଶ୍ୱର)
- ରୁପା : ୯୨,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୭୩,୯୧୭.୦୦
- ନିଫ୍ଟି ୨୨,୪୬୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ବିଶ୍ୱରେ ଇଣ୍ଟରନେଟ୍ ସଟ୍‌ଡାଉନ୍

# ଭାରତରେ ଇଣ୍ଟରନେଟ୍ ସେବା ସର୍ବାଧିକ ଥର ବନ୍ଦ

ନୂଆଦିଲ୍ଲୀ, ୧୮ ।୫ (ଏଜେନ୍ସି)

ବର୍ଷ ୨୦୨୩ ଭାରତୀୟ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ପାଇଁ ସବୁଠାରୁ ଖରାପ ରହିଥିଲା । ଏହି ବର୍ଷ ଇଣ୍ଟରନେଟ୍ ସେବା ବନ୍ଦ ରହିବା ଯୋଗୁ ଉପଭୋକ୍ତାମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲା ।




- ୨୦୨୩ରେ ସେବା ୧୧୬ ଥର ବ୍ୟାହତ
- ବିଗତ ୬ ବର୍ଷ ହେବ ଇଣ୍ଟରନେଟ୍ ବନ୍ଦ କରିବାରେ ଭାରତ ଆଗରେ
- ମଣିପୁରରେ ୩୨ ଲକ୍ଷ ଲୋକ ୨୧୨ଦିନ ଇଣ୍ଟରନେଟ୍ ସମସ୍ୟାର ସମ୍ମୁଖୀନ

**ରେକର୍ଡ**

୨୦୨୩ରେ ସର୍ବାଧିକ ଥର ଇଣ୍ଟରନେଟ୍ ବ୍ୟାଘାତ ହେତୁ ଭାରତ ବିଶ୍ୱର ସବୁଠାରୁ ଖରାପ ଇଣ୍ଟରନେଟ୍ ସେବା ପ୍ରଦାନକାରୀ ରାଷ୍ଟ୍ରର ମାନ୍ୟତା ଲାଭ କରିଛି । ବିଗତ ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ କର୍ତ୍ତୃପକ୍ଷ ୫୦୦ରୁ ଅଧିକ ଥର ଇଣ୍ଟରନେଟ୍‌କୁ ବ୍ୟାହତ କରି ବିଶ୍ୱର ବୃହତ୍ତମ ଗଣତନ୍ତ୍ରରେ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ । ଏମତିକି ମଣିପୁରର ପ୍ରାୟ ୩୨ ଲକ୍ଷ ଲୋକ ମେ ଏବଂ ଡିସେମ୍ବର ମଧ୍ୟରେ ୨୧୨ଦିନ ଇଣ୍ଟରନେଟ୍ ସଟ୍‌ଡାଉନ୍ ଜନିତ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ପାଞ୍ଚ ଦିନ କିମ୍ବା ତା'ଠାରୁ ଅଧିକ ସମୟ ଧରି ଇଣ୍ଟରନେଟ୍ ବନ୍ଦ ହେବା ୨୦୨୨ ରେ ୧୫ ରୁ ୨୦୨୩ରେ ୪୧% କୁ ବୃଦ୍ଧି ପାଇଥିଲା ।

ସାରା ବିଶ୍ୱରେ ଭାରତରେ ଇଣ୍ଟରନେଟ୍ ସେବା ସର୍ବାଧିକ ଥର ବନ୍ଦ ହେବାର ରେକର୍ଡ ୨୦୨୩ରେ ହିଁ ପ୍ରତିଷ୍ଠା ହୋଇଛି । ବିଶ୍ୱର ୩୯ଟି ଦେଶରେ ୨୦୨୩ରେ ଇଣ୍ଟରନେଟ୍ ସେବା ଅତି କମ୍‌ରେ ୨୮୩ ଥର ବାଧିତ ହୋଇଛି । ଅପରପକ୍ଷେ ୨୦୨୩ରେ ଭାରତରେ ଅତିକମରେ ୧୧୬ ଥର ଇଣ୍ଟରନେଟ୍ ସେବା ବ୍ୟାହତ ହୋଇଥିଲା । ତେବେ ବିଗତ ୬ ବର୍ଷ ହେବ ବିଶ୍ୱରେ ଇଣ୍ଟରନେଟ୍ ସଟ୍‌ଡାଉନ୍‌ରେ ଭାରତ ଆଗରେ ରହିଥିବା ଆକ୍‌ସେସ୍ ନାଉଁ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ।

ବର୍ଷ ୨୦୨୩ରେ ଇଣ୍ଟରନେଟ୍ ସେବା ବାଧିତ ଘଟଣାରେ ଭାରତ ବିଶ୍ୱରେ ଶୀର୍ଷରେ ରହିଥିଲା । ଗତ ବର୍ଷ ଇଣ୍ଟରନେଟ୍ ସେବା ବନ୍ଦ ହେବା ଦ୍ୱାରା ଗଣତନ୍ତ୍ର ସଙ୍କୋଚନ, ହିଂସା ବଢ଼ିବାରେ ଲାଗିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି । ୨୦୧୬ ମସିହାରେ ମନିଟରିଂ ଆରମ୍ଭ ହେବା ପରଠାରୁ ଇଣ୍ଟରନେଟ୍ ସେବା ସର୍ବାଧିକ ଥର ବନ୍ଦ ହେବାରେ ଏହା ହେଉଛି ସର୍ବାଧିକ ସଂଖ୍ୟା । ୨୦୨୨ଠାରୁ ଏଥିରେ ୪୧% ବୃଦ୍ଧି ଏବଂ ୨୦୧୯ରେ ପୂର୍ବ ରେକର୍ଡଠାରୁ ଏଥିରେ ୨୮% ବୃଦ୍ଧି ହୋଇଛି । ଏଠାରେ ସୂଚନାଯୋଗ୍ୟ ଯେ ୨୦୨୨ମସିହାରେ ଜାମ୍ମୁ କାଶ୍ମୀରରେ ଇଣ୍ଟରନେଟ୍ ସେବା ୪୯ଥର ବନ୍ଦ ରହିଥଲା । ତେବେ ୨୦୨୩ରେ ସେବା ବ୍ୟାବହତ ହେବା ସଂଖ୍ୟା ୧୭କୁ ହ୍ରାସ ପାଇଛି । ମଣିପୁରରେ ମଧ ହିଂସା ଯୋଗୁ ଗତ ବର୍ଷ ମୋବାଇଲ୍ ନେଟୱାର୍କ ମୁଖ୍ୟତଃ ଭାବେ ପ୍ରଭାବିତ ହୋଇଥିଲା । ଏହି ବନ୍ଦ ମୁଖ୍ୟତଃ ମୋବାଇଲ୍ ନେଟୱାର୍କକୁ ଟାର୍ଗେଟ କରି ଇଣ୍ଟରନେଟ୍ ବ୍ୟବହାର କରୁଥିବା ପ୍ରାୟ ୯୬ ପ୍ରତିଶତ ଲୋକଙ୍କୁ ପ୍ରଭାବିତ କରିଥାଏ ଯେଉଁମାନେ ବେତାର ସେବା ଉପରେ ନିର୍ଭର କରିଥାନ୍ତି ।

## ଗୁଗୁଲ୍ କ୍ରୋମ୍ ୟୁଜର୍ସଙ୍କ ପାଇଁ ନୂଆ ଫିଚର

**ନୂଆଦିଲ୍ଲୀ, ୧୮ ।୫ (ଏଜେନ୍ସି):** ଗୁଗୁଲ ଖୁବ୍ ଶୀଘ୍ର ଡେସ୍କଟପ୍‌ରେ କ୍ରୋମ ୟୁଜର୍ସଙ୍କ ଲାଗି ଏକ ନୂଆ ଫିଚର ଆଣିବାକୁ ଯାଉଛି ଯାହାର ନାମ 'ସର୍କଲ ଟୁ ସର୍ଚ୍ଚ' । ଏହି ଫିଚର ସର୍ବପ୍ରଥମେ ସାମସଙ୍ଗ ଏସ୍୨୪ ସିରିଜ୍ ଫୋନ୍‌ରେ ଆସିଥିଲା ଓ ପରେ ଏହି ଫିଚର ଆଉ କିଛି ସାମସଙ୍ଗ ମଡେଲ୍ ଓ ପିକ୍ସେଲ ଫୋନ୍‌ରେ ଉପଲବ୍ଧ ହୋଇଥିଲା । ଏହି ଏଆଇ(ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ଅଧାରିତ ଫିଚର ୟୁଜର୍ସଙ୍କୁ ସ୍କ୍ରିନ୍‌ରେ କୌଣସି ବି ଜିନିଷକୁ ଗୋଲ୍ ବୁଲାଇ ସର୍ଚ୍ଚ କରିବାକୁ ସୁବିଧା ଦେଇଥାଏ । ଉଦାହରଣ ସ୍ୱରୂପ ଆପଣ କୌଣସି ୱେବ ପେଜ୍‌ରେ ଟେକ୍ସଟ୍‌କୁ ଗୋଲ୍ ବୁଲାଇ ସର୍ଚ୍ଚ କରିପାରିବେ କିମ୍ବା କୌଣସି ଇମେଜ୍‌କୁ ସର୍କଲ କରି ତାହା ବିଷୟରେ ସୂଚନା ହାସଲ କରିପାରିବେ । ଏ ପର୍ଯ୍ୟନ୍ତ ଗୁଗୁଲ କ୍ରୋମରେ ଆପଣ କୌଣସି ୱେବପେଜ୍‌ରେ ଟେକ୍ସଟ୍ କିମ୍ବା ଇମେଜ୍‌କୁ ଚୟନ କରି ସେ ବିଷୟରେ ଅଧିକ ତଥ୍ୟ ଖୋଜି ପାରୁଥିଲେ । କିନ୍ତୁ ଏବେ ଗୁଗୁଲ କ୍ରୋମ୍ ୟୁଜର୍ସଙ୍କ ଲାଗି ଏକ ନୂଆ ଅପଡେଟ୍ ଆଣୁଛି । ଏହି ଅପଡେଟ୍ ଲେନ୍ସ ଫିଚରକୁ ଆହୁରି ଉନ୍ନତ କରିବ । ଏହି 'ସର୍କଲ ଟୁ ସର୍ଚ୍ଚ ଫିଚର' ବ୍ୟବହାର କରିବା ଦ୍ୱାରା କ୍ରୋମ୍ ବ୍ରାଉଜରର ଗୁଗଲ ଲେନ୍ସ ଖୋଲିବା ମାତ୍ରେ ନୂଆ ଆନିମେସନ ନଜର ଆସିବ ।



## ବନ୍ଧନ ଲାଇଫ୍ ବୀମା କ୍ଷେତ୍ରରେ ଆଣିବ ବିପ୍ଳବ

**ମୁମ୍ବଇ,୧୮ ।୫:** ପୂର୍ବରୁ ଏଗନ୍ ଲାଇଫ୍ ଇନସ୍ୟୁରାନ୍ସ ନାମରେ ପରିଚିତ ବନ୍ଧନ ଲାଇଫ୍ ଏହାର ଗତିଶୀଳ ନୂତନ ପରିଚୟ ଉନ୍ମୋଚନ କରିଛି, ଯେଉଁଥିରେ 'ଭାରତ କି ଉଡାନ, ବନ୍ଧନ ସେ'ର ପ୍ରତିଶ୍ରୁତି ରହିଛି- ଯାହା ସାରା ଦେଶରେ ସ୍ୱପ୍ନ ଏବଂ ଆକାଂକ୍ଷାର ପୋଷଣ ପାଇଁ ଏକ ପ୍ରତିବଦ୍ଧତା । ଏହି ରଣନୀତିକ ପୁନଃବ୍ରାଣ୍ଡିଂ କମ୍ପାନୀ ପାଇଁ ଏକ ନୂତନ ଯୁଗର ସୂଚନା ଦେଉଛି, ଯାହା ଅଭିନବତ୍ୱ, ସଶକ୍ତିକରଣ ଏବଂ ସମ୍ପ୍ରସାରଣ ଦ୍ୱାରା ଚିହ୍ନିତ । ଏମଡି ତଥା ସିଇଓ ସତୀଶୱାର ବିଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ବନ୍ଧନ ଲାଇଫ୍ ବୀମା କ୍ଷେତ୍ରରେ ବିପ୍ଳବ ଆଣିବାକୁ ଯାଉଛି । ଡିଜିଟାଲ ଉଦ୍ଭାବନ ଏବଂ ରଣନୈତିକ ଭାଗିଦାରୀ ଉପରେ ଧ୍ୟାନ ଦେବା ସହିତ,ଉପଲବ୍ଧତା ଏବଂ ଗ୍ରାହକଙ୍କ ଅନୁଭୂତି ବୃଦ୍ଧି କରି ବ୍ୟାପକ ଦର୍ଶକଙ୍କୁ ଅତୁଳନୀୟ ବୀମା ସମାଧାନ ପ୍ରଦାନ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି । ଆମେ ବନ୍ଧନ ଜୀବନ ନାମରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରୁଛୁ । ଆମର ଅଭିନବ ଭାବନା ଏବଂ ବ୍ୟାପକ ପହଂଚ ସହିତ ଆମେ ଜୀବନର ପ୍ରତ୍ୟେକ ଦିଗରେ ଆଗକୁ ବଢିବା ପାଇଁ ବ୍ୟକ୍ତି ଏବଂ ପରିବାରକୁ ସଶକ୍ତ କରିବା ପାଇଁ ଉତ୍ସର୍ଗୀକୃତ ଅଛୁ ବୋଲି ସତୀଶୱାର ବି କହିଛନ୍ତି । ୧,୦୦୦ ନୂତନ ସଦସ୍ୟଙ୍କୁ ନିଯୁକ୍ତି ଦେବା ପାଇଁ କମ୍ପାନୀର ସଙ୍କଳ୍ପ ଏହାର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ଦେଶବ୍ୟାପୀ ଏକ ସମ୍ପ୍ରସାରିତ ଗ୍ରାହକ ଆଧାରକୁ ସେବା ପ୍ରଦାନ କରିବା ପାଇଁ ଏହାର ସମର୍ପଣକୁ ପ୍ରତିଫଳିତ କରେ ।

## ପ୍ରତିଭା ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ରେ ବିଶ୍ୱ ସେବିକା ଦିବସ ପାଳିତ



**ଭୁବନେଶ୍ୱର,୧୮ ।୫(ସମିସ):** ପ୍ରତିଭା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଦ୍ୱାରା ପରିଚାଳିତ ପ୍ରତିଭା ଦେବୀ ସ୍କୁଲ ଆଣ୍ଡ କଲେଜ ଅଫ୍ 'ନର୍ସିଂ'ର ନବାଗତ ଛାତ୍ରଛାତ୍ରୀମାନେ ଆନ୍ତର୍ଜାତୀୟ ସେବିକା ଦିବସରେ ଶପଥ ଗ୍ରହଣ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଡାକ୍ତର ଅଶୋକ କୁମାର ମହାପାତ୍ର (ପୂର୍ବତନ ନିର୍ଦ୍ଦେଶକ ଏମ୍ସ ଭୁବନେଶ୍ୱର ଏବଂ ବର୍ତ୍ତମାନର କୁଳପତି ସୋଆ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର,) ଏବଂ ସମ୍ମାନୀୟ ଅତିଥି ଭାବେ ଆଦିତ୍ୟା ପାଣିଗ୍ରାହୀ, (ସଭାପତି ରୋଟାରୀ କ୍ଲବ ୟୁନିକ୍), କେଦାରନାଥ ଭଗତ, (ଅଧ୍ୟୟ ଷ୍ଟେଟ୍) ବୁଦ୍ଧଦେବ ରାଉତରାୟ, ବରିଷ୍ଠ ଆଇନଜୀବୀ, ରାଜ୍ୟ ଉଚ୍ଚ ନ୍ୟାୟାଳୟ, କଟକ) ଲକ୍ଷ୍ମୀକାନ୍ତ ପାଲିତ, (ସଙ୍ଗୀତଜ୍ଞ) ମନୋଜ ପୃଷ୍ଟି (ଶିକ୍ଷାବିତ୍) ଏବଂ ବୃତିଗତ ଅତିଥିମାନେ ହେଲେ ଓଡ଼ିଶା ସେବା ପରୀକ୍ଷା କମିଟିର ସମ୍ପାଦିକା ବାସନ୍ତି ବେହେରା, ଏସିବି ସେବିକା ମହାବିଦ୍ୟାଳୟର ଅଧ୍ୟକ୍ଷା ମମତା ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉତ୍କର୍ଷ ଦକ୍ଷତାର ସହ ନିଜକୁ ଆଗାମୀ ଭବିଷ୍ୟତରେ କିପରି ଭାବେ ପ୍ରତିପାଦିତ କରିପାରିବେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷ ସୁନିଲ କୁମାର ରାଉତ ଏବଂ ନିର୍ଦ୍ଦେଶକ ଅନୀଲ କୁମାର ରାଉତଙ୍କ ଦ୍ୱାରା ଇନଷ୍ଟିଚ୍ୟୁସନରେ କାର୍ଯ୍ୟରତ ନର୍ସିଂ' କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅଧକ୍ଷା କାଜଲରାଣୀ ସିଦ୍ଧା, ଶୈକ୍ଷିକ ପ୍ରଶାସକ ଆଶିଷ ରଞ୍ଜନ ମହାନ୍ତି ଏବଂ ବରିଷ୍ଠ ଅଧାପିକା, ଅଧ୍ୟାପକ ପ୍ରମୁଖ ସଭା ପରିଚାଳନା କରିଥିଲେ ।

## ବିଶ୍ୱରେ ବଢୁଛି ଅତି ଧନୀଙ୍କ ସଂଖ୍ୟା

ନୂଆଦିଲ୍ଲୀ,୧୮ ।୫(ଏଜେନ୍ସି





**ତାଲିକାକୁ ଫେରିଲେ ଗୌତମ ଆଦାନୀ**

ସମ୍ପ୍ରତି ବିଶ୍ୱରେ ଧନୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏହି ଧନୀମାନଙ୍କ ମଧ୍ୟରେ ବି କିଛି ଲୋକଙ୍କର ସମ୍ପତ୍ତି ହୁ ହୁ ହୋଇ ବଢ଼ିବାରେ ଚାଲିଛି । ଏମାନଙ୍କୁ ଅଲ୍ଟ୍ରା ରିଚ୍ ବା ଅତି ଧନୀ ବର୍ଗରେ ସାମିଲ୍ କରାଯାଇଛି । ଆଉ ଏହି ଅଲ୍ଟ୍ରା ରିଚ୍‌ଙ୍କ କ୍ଲବ୍‌ରେ ଧନୀଙ୍କ ସଂଖ୍ୟା ଢ଼େର ବଢ଼ିଛି । ଏବେ ଏଥିରେ ଆଉ ୧୫ ଜଣଙ୍କୁ ସାମିଲ୍ କରାଯାଇଛି । ଅଲ୍ଟ୍ରା ରିଚ୍ କ୍ଲବ୍‌ରେ ସେହି ଆରବପତିଙ୍କୁ ସାମିଲ୍ କରାଯାଇଛି, ଯେଉଁମାନଙ୍କର ସମ୍ପତ୍ତି ମୂଲ୍ୟ ୧୦୦ ଆରବ ଡଲାରୁ ଅଧିକ ହେବ ।

ଏହି ଅଲ୍ଟ୍ରା ରିଚ୍ କ୍ଲବ୍‌ରେ ସବୁଠାରୁ ଉପରେ ରହିଛନ୍ତି ଏଲ୍‌ଭିଏମ୍‌ଏଚ୍ ପ୍ରତିଷ୍ଠାତା ଏବଂ ସିଇଓ ବର୍ଣ୍ଣାଡ୍ ଆର୍ଣ୍ଣୋଲ୍ଟ । ଧନୀ ତାଲିକାରେ ଏକ ନମ୍ବର ସ୍ଥାନରେ ଥିବା ବର୍ଣ୍ଣାର୍ଡଙ୍କ ସମ୍ପତ୍ତି ପରିମାଣ ୨୨୨ ଅରବ ଡଲାର ହୋଇଯାଇଛି ।

ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ୨୦୮ ବିଲିୟନ ଡଲାର ସମ୍ପତ୍ତି ସହ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ସେହିପରି ଟେସ୍‌ଲା ସିଇଓ ଏଲନ୍ ମସ୍କ ୧୮୭ ବିଲିୟନ ଡଲାର ସମ୍ପତ୍ତି ସହିତ ତୃତୀୟ ସ୍ଥାନରେ ରହିଛନ୍ତି । ଚଳିତ ବର୍ଷ ମସ୍କଙ୍କ ସମ୍ପତ୍ତିରେ ୪୦ ବିଲିୟନ ଡଲାରରେ ହ୍ରାସ ପାଇଥିବାରୁ ସେ ଦୁନିଆର ଏକ ନମ୍ବର ଧନୀ ବ୍ୟକ୍ତି ହେବାର ଆଖ୍ୟା ମଧ ହରାଇଛନ୍ତି । ବସଠାରୁ ବଡ଼ କଥା ହେଉଛି ଭେଟେରାନ ଭାରତୀୟ ବ୍ୟବସାୟୀ ଗୌତମ ଆଦାନୀ ୧୦୦ ବିଲିୟନ ଡଲାରର ସମ୍ପତ୍ତି ସହ ତାଲିକାରେ ପୁଣିଥରେ ସାମିଲ ହୋଇଛନ୍ତି । ଏହି ତାଲିକାରେ ମୁକେଶ ଅମ୍ବାନୀ ମଧ ସାମିଲ ହୋଇଛନ୍ତି । ଅତି ଧନୀ ବ୍ୟକ୍ତିଙ୍କ ମୋଟ ସମ୍ପତ୍ତି ୨.୨ ଟ୍ରିଲିଅନ ଡଲାରକୁ ବୃଦ୍ଧି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଲଗଜ୍ୟୁରୀ ଗୁଡ୍ସ ଓ ଭୂରାଜନୈତିକ ପରିସ୍ଥିତି କାରଣରୁ ହୋଇଛି । ବ୍ଲୁମବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁଯାୟୀ ଏହି ଅଲଟ୍ରା ରିଚ୍ ବ୍ୟକ୍ତିଙ୍କ ନେଟ୍ ମୂଲ୍ୟ ଚଳିତ ବର୍ଷ ୧୩ ପ୍ରତିଶତ ବୃଦ୍ଧି ହୋଇ ପ୍ରାୟ ୨.୨ ଟ୍ରିଲିୟନ ଡଲାରରେ ପହଞ୍ଚିଛି । ବିଶ୍ୱ ୫୦୦ ଧନୀ ବ୍ୟକ୍ତିଙ୍କ ସମ୍ପତ୍ତିର ଏକ ଚତୁର୍ଥାଂଶ ଏହି ୧୫ ଅଲଟ୍ରା ଧନୀ ବ୍ୟକ୍ତିଙ୍କ ପାଖରେ ରହିଛି । କସ୍ମେଟିକ କମ୍ପାନୀ ଲୋରିୟଲ ମାଲିକ ଫ୍ରାଙ୍କୋଇଜ୍ ବେଟେକୋର୍ଟ ମାୟର୍ସ, ଡେଲ୍ ଟେକ୍ନୋଲୋଜି ପ୍ରତିଷ୍ଠାତା ମାଇକେଲ ଡେଲ ଏବଂ ମେକ୍ସିକୋର ବିଲିୟନେୟାର କାର୍ଲୋସ ସ୍ଲିମ ମଧ ସାମିଲ ଏହି ତାଲିକାରେ ସାମିଲ୍ ହୋଇଛନ୍ତି ।

## ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ପାରାଦୀପରେ ୱାଟର ଏଟିଏମ୍ ଉଦ୍‌ଘାଟନ




**ଭୁବନେଶ୍ୱର,୧୮ ।୫(ସମିସ):** ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଏହାର ସାମାଜିକ ଦାୟିତ୍ୱ ବୋଧ କାର୍ଯ୍ୟକ୍ରମ ପ୍ରକଳ୍ପ ତୃପ୍ତି ଅନ୍ତର୍ଗତ ନୂଆଗଡ ପଞ୍ଚାୟତ ସ୍ଥିତ ହାଣ୍ଡିଆ ଗ୍ରାମଠାରେ ଏକ ଜଳ ବିଶୁଦ୍ଧୀକରଣ ପ୍ଲାଣ୍ଟ ସଂସ୍ଥାପିତ କରିଛନ୍ତି । ଏହି ଜଳ ବିଶୁଦ୍ଧୀକରଣ ପ୍ଲାଣ୍ଟରେ ଏକ ୱାଟର ଏଟିଏମ୍ ସଂସ୍ଥାପନ କରାଯାଇଛି । ଯାହା ଫଳରେ ସ୍ଥାନୀୟ ବାସିନ୍ଦା ବିଶୁଦ୍ଧ ପାନୀୟ ଜଳ ପାଇପାରିବେ । ଏହି ଜଳ ବିଶୁଦ୍ଧୀକରଣ ପ୍ଲାଣ୍ଟରେ ଅତ୍ୟାଧୁନିକ ମଲ୍ଟି-ଷ୍ଟେଜ୍ ଟ୍ରିଟମେଣ୍ଟ ଟେକ୍ନୋଲୋଜି ସଂଯୁକ୍ତ କରାଯାଇଛି । ଏହି ପ୍ଲାଣ୍ଟକୁ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଇଡି (ଅପୋରସନ୍) ସୁରେଶ ଜି ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ସିଏସ୍‌ଆର୍ ହେଡ୍ ଡ. ବିକାଶ ଯାଦଭେନ୍ଦୁ, ଗ୍ରାମ୍ୟ ସଭାପତି ଅନାମ ସ୍ୱାଇଁ, ନାଏବ୍ ସରପଞ୍ଚ ଲକ୍ଷ୍ମୀପ୍ରିୟା ମହାନ୍ତି ଏବଂ ଏସ୍‌ଏଚ୍‌ଜି ଗ୍ରୁପର ମହିଳାମାନେ ଉପସ୍ଥିତ ଥିଲେ ।

## ନୂତନ ପ୍ରକଳ୍ପରେ ଓଡିଶାର ପ୍ରଥମ ସୋସାଇଟି ଆସୋସିଏସନ୍ ଗଠନ କଲା ଇଭୋସ୍



**ଭୁବନେଶ୍ୱର,୧୮ ।୫(ସମିସ):** ମଦନପୁରସ୍ଥିତ ଇଭୋସ୍ ବିଲ୍ଡକନ୍‌ର ଇଭୋସ୍‌ଏ ଫ୍ଲାୟର୍ସ ପ୍ରକଳ୍ପ ନୂତନ ଓଡିଶା ଆପାର୍ଟମେଣ୍ଟ(ମାଲିକାନା ଏବଂ ପରିଚାଳନା) ଅଧିନିୟମ ୨୦୨୩, ନୂତନ ପ୍ରକଳ୍ପ ବର୍ଗ ଅଧିନରେ ଆସୋସିଏସନ୍ ପ୍ରତିଷ୍ଠା କରିଛି । ଯେଉଁଥିରେ ଅସାଧାରଣ ବିକାଶର ଭିତ୍ତିଭୂମି ସ୍ଥାପନ କରାଯାଇଛି । ଏହି ମାଇଲ୍ଷ୍ଟୋନ ପ୍ରକଳ୍ପ ରିଅଲ୍ ଇଷ୍ଟେଟ୍ (ନିୟମ ଏବଂ ବିକାଶ) ନିୟମ ୨୦୧୬, ସହିତ ରାଜ୍ୟର ଗୃହ ପ୍ରକଳ୍ପ ନିୟମକୁ ସମାନ୍ତରାଳ କରି ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ଏକ ନୂତନ ଯୁଗ ଆରମ୍ଭ କରିଛି । ଏହି କାର୍ଯର୍ୟକ୍ରମରେ ଉପସ୍ଥିତି ଥିବା ବିଡିଏ ସଚିବ ବିଶ୍ୱରଞ୍ଜନ ରଥଙ୍କ ଦ୍ୱାରା ସାର୍ଟିଫିକେଟ୍ ହସ୍ତାନ୍ତର କରାଯାଇଥିଲା, ଯାହା ନୂତନ ନିୟମ କାର୍ଯ୍ୟକାରୀ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଏହି ଅବସରରେ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ, ଅପରେସନ୍ ନିର୍ଦ୍ଦେଶକ ପ୍ରଫୁଲ୍ଲ ମହାନ୍ତି, ଆଡଭୋକେଟ୍ ବିସ୍ମୟ ଦାଶ ଏବଂ ସିଆର୍ ଏମ୍ ମ୍ୟାନେଜର ସୁଜାତା ପଟ୍ଟନାୟକ ଉପସ୍ଥିତ ରହିବା ସହିତ ସ୍ୱଚ୍ଛ ଏବଂ ସୁପରିଚାଳିତ ପରିବେଶର ପ୍ରତିପୋଷଣ ପାଇଁ ସଂସ୍ଥାର ପ୍ରତିଶ୍ରୁତିକୁ ଆଲୋକିତ କରିଥିଲେ । ନବଗଠିତ ଆସୋସିଏସନ୍ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ସଭାପତି ସୁଷମା ପତି,ସମ୍ପାଦକ ଡକ୍ଟର ପ୍ରତ୍ୟୁଷା ପିପଲ୍, କୋଷାଧ୍ୟକ୍ଷ ପଦ୍ମଲୋଚନ ପାଣିଗ୍ରାହୀ ଏବଂ ଅନ୍ୟ ସଦସ୍ୟ ଶ୍ରୀଶେନ୍ଦୁ ଦାସ, ଚଞ୍ଚଳ ସାହୁ ଏବଂ ରୀତା ନାୟକ ଯୋଗଦେଇଥିଲେ । ସେମାନଙ୍କର ସାମୂହିକ ନେତୃତ୍ୱ ଏବଂ ଉପ୍ରତିକାରବଦ୍ଧତା ଅସାଧାରଣ ସଫଳତା ଆଡକୁ ଅଗ୍ରଗତି କରାଇବ ।

## ଭେଟେରାନ୍ ବ୍ୟାଙ୍କର ନାରାୟଣ ଭାଘୁଲଙ୍କ ଦେହାନ୍ତ



**ନୂଆଦିଲ୍ଲୀ, ୧୮ ।୫ (ଏଜେନ୍ସି):** ଭାରତୀୟ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ପଦ୍ମ ଭୂଷଣରେ ସମ୍ମାନିତ ବିଶିଷ୍ଟ ବ୍ୟାଙ୍କର ନାରାୟଣ ଭାଘୁଲଙ୍କ ଦେହାନ୍ତ ହୋଇଛି । ଚେନ୍ନାଇରେ ୮୮ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସେ ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ଭେଣ୍ଟିଲେଟରରେ ଚିକିତ୍ସିତ ହେଉଥିଲେ । ଆଇସିଆଇସିଆଇ ବ୍ୟାଙ୍କକୁ ଶୀର୍ଷରେ ପହଞ୍ଚାଇବାର ଶ୍ରେୟ ନାରାୟଣ ଭାଘୁଲଙ୍କୁ ଦିଆଯାଇଛି । ମହିନ୍ଦ୍ରା ଗ୍ରୁପର ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା ତାଙ୍କୁ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୀଷ୍ମ ପିତାମହ ବୋଲି କହୁଥିଲେ । ଶ୍ରୀ ଭାଘୁଲ ବେହୋସ ହୋଇ ନିଜ ଘରେ ପଡ଼ିଯିବା ପରେ ତାଙ୍କୁ ହସ୍ପିଟାଲ ଅଣାଯାଇଥିଲା ଯେଉଁଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ନିଧନ ହୋଇଥିଲା । ସେ ମାତ୍ର ୪୪ ବର୍ଷ ବୟସରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସବୁଠାରୁ ଯୁବ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ । ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଆଇସିଆଇସିଆଇ ବ୍ୟାଙ୍କର ପ୍ରମୁଖ ଭାବେ ସେ ଦାୟିତ୍ୱ ତୁଲାଇଥିଲେ ।

# ଭୁବନେଶ୍ୱରରେ ରେକର୍ଡ ଭାଙ୍ଗିଲା ରୁପା ଦର

ନୂଆଦିଲ୍ଲୀ,୧୮ ।୫(ଏଜେନ୍ସି)

- କିଲୋ ୯୨ ହଜାର ଛୁଇଁଲା
- ଦିନକରେ ରୁପା ୨୫୦୦ ଟଙ୍କା ବଢ଼ିଲା
- ୭୫ ହଜାର ଟପି ସୁନା ସର୍ବକାଳୀନ ରେକର୍ଡ ସ୍ତରରେ

ଘରୋଇ ବଜାରରେ ସୁନା ଓ ରୂପା ମୂଲ୍ୟରେ ପୁଣି ହୋଇଛି ବଡ଼ ଧରଣର ବୃଦ୍ଧି । ସର୍ବଭାରତୀୟ ସ୍ତରରେ ଉଭୟ ଧାତୁ ଏବେ ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି । ଉଭୟ ଧାତୁ ମୂଲ୍ୟରେ ହେଉଥିବା ବୃଦ୍ଧି ପରିପ୍ରେକ୍ଷୀରେ ରୁପା ଦରରେ ହୋଇଥିବା ବୃଦ୍ଧି ଏବେ ସୁନାକୁ ବଳିଯାଇଛି । ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ ଏବେ ସମସ୍ତ ପୂର୍ବ ରେକର୍ଡ ଭାଙ୍ଗିଦେଇଛି । ଆଜି ବଜାରରେ ରୁପା କେଜି ପିଛା ୯୨,୦୦୦ ଟଙ୍କାରେ ପହଞ୍ଚି ସର୍ବକାଳୀନ ଉଚ୍ଚତମ ସ୍ତର ଛୁଇଁଛି । ଏଥିରେ ୨୪ କ୍ୟାରେଟ୍ ସୁନା ଦରରେ ଆଜି ବୃଦ୍ଧି ଘଟି ୭୫,୦୦୦ ଟଙ୍କା ଛୁଇଁ ନୂଆ ରେକର୍ଡ ପ୍ରତିଷ୍ଠା ହୋଇଛି । ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୬୫,୪୦୦ ଟଙ୍କାରେ ପହଞ୍ଚିଛି । କୌତୂହଳର ବିଷୟ ହେଉଛି ଯେ, ମାତ୍ର ଦିନକରେ ବଜାରରେ ରୁପା ମୂଲ୍ୟ କିଲୋ ପିଛା ୨୫୦୦ ଟଙ୍କା ବୃଦ୍ଧି ଘଟିଛି ।

ଶୁକ୍ରବାରଠାରୁ ବଜାରରେ ସୁନା ଦର ପୁଣି ବଢିବା ଆରମ୍ଭ ହୋଇଥିଲା । ଏଣୁ ଶନିବାର ସକାଳେ କାବରାର ପ୍ରାରମ୍ଭରୁ ସୁନା ମୂଲ୍ୟରେ ବୃଦ୍ଧି ସହ ବଜାର ଖୋଲିଥିଲା । ନୂଆଦିଲ୍ଲୀରେ ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ଦର ୭୪,୦୮୦ ଟଙ୍କା ସ୍ତରରେ ବନ୍ଦ ହୋଇଛି । ସେହିପରି ରୁପା କିଲୋ ମଧ ୯୨,୫୭୪ ଟଙ୍କା ସ୍ତର ଛୁଇଁଛି । ଭୁବନେଶ୍ୱର ବଜାର କଥା ବିଚାରକୁ ନେଲେ ଶୁକ୍ରବାର ରାଜଧାନୀରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୬୭,୬୦୦ ଟଙ୍କା ରହିଥିଲା । ସେହିପରି ଶକ୍ରବାର ରୁପା କେଜି ପିଛା ୮୯,୫୦୦ ଟଙ୍କା ରହିଥିବାବେଳେ ଆଜି ସେଥିରେ କିଲୋ ପିଛା ୨୫୦୦ ଟଙ୍କା ବୃଦ୍ଧି ହୋଇ ୯୨,୦୦୦ ଟଙ୍କାରେ ପହଞ୍ଚିଛି । ଅପରପକ୍ଷେ ଏମସିଏକ୍ସରେ ଶୁକ୍ରବାର ୫ ଜୁଲାଇ ଡେଲିଭରୀ ହେବାକୁ ଥିବା ରୁପା କେଜି ପିଛା ଦର ୧୨୫ ଟଙ୍କା ବୃଦ୍ଧି ହୋଇ ୯୧,୧୪୯ ଟଙ୍କାକୁ ପହଞ୍ଚିଥିଲା ।




ସେହିପରି ୫ ସେପ୍ଟେମ୍ବରରେ ଡେଲିଭରୀ ହେବାକୁ ଥିବା ରୂପା କେଜି ପିଛା ଦର ୯୨,୫୭୪ ଟଙ୍କାରେ କାବରାର ବନ୍ଦ ହୋଇଛି । ସେହିପରି କମେକ୍ସରେ ସୁନାର ବୈଶ୍ୱିକ ଦର ୩.୩୪ ପ୍ରତିଶତ ଅର୍ଥାତ ୩୧.୯୦ ଡଲାର ବୃଦ୍ଧି ସହିତ ଆଉନ୍ସପିଛା ଏହା ୨,୩୧୭.୪୦ ଡଲାର ଛୁଇଁଛି । ସେହିପରି ବୈଶ୍ୱିକ ବଜାରରେ ରୁପା ଦର ୪.୬୩ ପ୍ରତିଶତ ଅର୍ଥାତ ୧.୩୮ ଡଲାର ବୃଦ୍ଧି ସହିତ ଆଉନ୍ସ ପିଛା ଦର ୩୧.୨୬ ଡଲାରରେ ପହଞ୍ଚିଛି ।

### ବିଶ୍ୱ ଯୁବ ଭାରୋତ୍ତୋଳନ ଚାମ୍ପିଅନସିପ୍

# ଭାରତୀୟ ଦଳରେ ଓଡ଼ିଶାରୁ ଜ୍ୟୋତ୍ସ୍ନା, ପ୍ରୀତିସ୍ମିତା




ଭୁବନେଶ୍ୱର, ୧୮ ।୫ (ସମିସ)

ପେରୁର ରାଜଧାନୀ ଲିମାଠାରେ ଚଳିତ ମାସ ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଯୁବ ଭାରୋତ୍ତୋଳନ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିଲାଗି ଭାରତୀୟ ଦଳରେ ଓଡ଼ିଶାର ଦୁଇ ଉଦୀୟମାନ ଭାରୋତ୍ତୋଳିକା ଜ୍ୟୋତ୍ସ୍ନା ଶବର ଓ ପ୍ରୀତିସ୍ମିତା ଭୋଇ ସ୍ଥାନ ପାଇଛନ୍ତି।

ଜ୍ୟୋତ୍ସ୍ନା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଭାରୋତ୍ତୋଳନ ହାଇପର୍‌ଫର୍‌ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ପ୍ରଶିକ୍ଷଣ ନେଉଛନ୍ତି। ଗତ କିଛି ବର୍ଷ ଧରି ସେ ଜାତୀୟସ୍ତରର ପ୍ରତିଯୋଗିତା ସ୍ଥିର ପ୍ରଦର୍ଶନ କରିଆସୁଛନ୍ତି। ଜାନୁଆରୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଜ୍ୟୋତ୍ସ୍ନା ସ୍ୱାଚରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେହିଭଳି ଅନ୍ୟତମ ଭାରୋତ୍ତୋଳିକା ପ୍ରୀତିସ୍ମିତା ଢେଙ୍କାନାଳସ୍ଥିତ ଓଡ଼ିଶା ଭାରୋତ୍ତୋଳନର ଉପ-ସେଣ୍ଟରରେ ପ୍ରଶିକ୍ଷଣ ନେଇଛନ୍ତି।

### ଟି-୨୦ ବିଶ୍ୱକପ୍

# ପ୍ରଥମ ବ୍ୟାଚ୍‌ରେ ଯିବେ ରୋହିତ, ବୁମରା, ପାଣ୍ଡ୍ୟା

ନୂଆଦିଲ୍ଲୀ,୧୮ ।୫(ଏଜେନ୍ସି)



ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଜୁନ୍ ୧ରୁ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଆରମ୍ଭ ହେବ। ଏହାର ଠିକ୍ ୬ ଦିନ ପୂର୍ବରୁ ଅର୍ଥାତ ଆସନ୍ତା ୨୫ ତାରିଖରେ ଭାରତୀୟ ଦଳରେ ଅଧିକାଂଶ ଖେଳାଳି ଓ ସପୋର୍ଟ ଷ୍ଟାପ୍ ନ୍ୟୁୟର୍କ ଗସ୍ତ କରିବେ। ଦଳର ବାକି ଖେଳାଳିମାନେ ୨୬ରେ ଆଇପିଏଲ ଫାଇନାଲ ଖେଳାଯିବାର ଗୋଟିଏ ଦିନ ପରେ ଅର୍ଥାତ ୨୭ରେ ନ୍ୟୁୟର୍କ ଗସ୍ତ କରିବେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ସମାନ୍ୟ ପରିବର୍ତ୍ତନ କରାଯାଇଛି।




ପୂର୍ବରୁ ଆଇପିଏଲ୍ ପ୍ଲେ-ଅଫ୍‌କୁ ଉଠି ନଥିବା ଦଳର ଖେଳାଳିମାନେ ଅନ୍ତିମ ଲିଗ୍ ମ୍ୟାଚ୍‌ର ଠିକ୍ ଦୁଇଦିନ ପରେ ଅର୍ଥାତ ଆସନ୍ତା ୨୧ରେ ନ୍ୟୁୟର୍କ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଏହି କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି ଓ ପ୍ରଥମ ବ୍ୟାଚ୍‌ର ଖେଳାଳି ୨୫ରେ ଗସ୍ତ କରିବେ ବୋଲି କୁହାଯାଇଛି। ତେଣୁ ଏହିକ୍ରମରେ ଅଧିନାୟକ ରୋହିତ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ସୂର୍ଯ୍ୟକୁମାର ଯାଦବ, ଯଶପ୍ରୀତ ବୁମ୍‌ରା, ଋଷଭ ପନ୍ତ, ଅର୍ଶଦୀପ ସିଂ, ଅକ୍ଷର ପଟେଲଙ୍କ ସମେତ କେତେଜଣ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ୨୫ରେ ଗସ୍ତ କରିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ଜଣାଯାଇଛି। ଜୁନ୍ ୧ରେ ଭାରତ ନ୍ୟୁୟର୍କରେ ବାଂଲାଦେଶ ବିପକ୍ଷରେ ଏକମାତ୍ର ଅଭ୍ୟାସ ମ୍ୟାଚ୍ ଖେଳିବ। ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି ଓ ଏହା ଦ୍ୱାରା ଖେଳାଳିମାନେ ଅଧିକ କିଛିଦିନ ଘରେ ରହି ସମୟ କାଟିପାରିବେ ବୋର୍ଡ ତରଫରୁ କୁହାଯାଇଛି। କିନ୍ତୁ ଆଇପିଏଲ ଫାଇନାଲ ଖେଳିବାକୁ ଥିବା ଖେଳାଳିମାନେ ୨୭ ତାରିଖରେ ନ୍ୟୁୟର୍କ ଗସ୍ତ କରିବେ।

ଭାରତ ଜୁନ୍ ୫ରେ ତା'ର ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ଭେଟି ଅଭିଯାନ ଆରମ୍ଭ କରିବ। ସେହିପରି ୯ ତାରିଖରେ ଦ୍ୱିତୀୟ ମୁକାବିଲାରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ସେହିପର ୧୨ ଓ ୧୫ରେ ଭାରତ ଯଥାକ୍ରମେ ଆମେରିକା ଓ କାନାଡା ସହ ଖେଳିବ। ପ୍ରଥମ ୩ଟି ମ୍ୟାଚ୍ ନ୍ୟୁୟର୍କରେ ଖେଳାଯିବ ଓ କାନାଡା ବିପକ୍ଷ ଅନ୍ତିମ ମ୍ୟାଚ୍ ଫ୍ଲୋରିଡାରେ ଖେଳାଯିବ।

# ଇମ୍ପାକ୍ଟ ପ୍ଲେୟର ନିୟମକୁ କୋହଲିଙ୍କ ନାପସନ୍ଦ

ନୂଆଦିଲ୍ଲୀ,୧୮ ।୫(ଏଜେନ୍ସି)




ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଲାଗୁ ହେଉଥିବା ଇମ୍ପାକ୍ଟ ପ୍ଲେୟର ନିୟମକୁ ଆଉ ଜଣେ ତାରକା କ୍ରିକେଟର ନାପସନ୍ଦ କରିଛନ୍ତି। ସେ ହେଉଛନ୍ତି ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି। ପୂର୍ବରୁ ଭାରତୀୟ ଅଧିନାୟକ ତଥା ମୁମ୍ବାଇ ଇଣ୍ଡିଆନ୍ସ ଅଭିଜ୍ଞ ବ୍ୟାଟର ରୋହିତ ଶର୍ମା ମଧ୍ୟ ଏହି ନିୟମକୁ ସମାଲୋଚନା କରିଥିଲେ। ଏହି ନିୟମ ଖେଳର ସନ୍ତୁଳନକୁ ବିଗାଡୁଛି ବୋଲି କୋହଲି କହିଛନ୍ତି। ପାଳି ମଝିରେ ଖେଳାଳିଙ୍କୁ ଅଦଳବଦଳ କରିବା ନେଇ ଏହି ନିୟମ ଆଇପିଏଲ୍‌ର ଗତ ସଂସ୍କରଣରେ ଲାଗୁ କରାଯାଇଥିଲା। କିନ୍ତୁ ଏହା ଖେଳର ମାନ ବୃଦ୍ଧି କରିବା ବଦଳରେ ଅବନତୀ କରାଉଛି ବୋଲି ପୂର୍ବରୁ ଅଭିଯୋଗ କରାଯାଉଛି। ଏହି ନିୟମକୁ ଲାଗୁ କରିବା ନେଇ ପୁନର୍ବିଚାର କରାଯାଉ ଓ ରୋହିତଙ୍କ ସହ ଏ ନେଇ ଏକମତ ବୋଲି ସେ କହିଛନ୍ତି। ୧୧ଜଣ ଖେଳାଳିଙ୍କୁ ନେଇ କ୍ରିକେଟ ଖେଳାଯାଇଥାଏ। ତେଣୁ ୧୨ଜଣ ଖେଳାଳିଙ୍କୁ ଖେଳାଇବାର କୌଣସି ଆବଶ୍ୟତା ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏହି ନିୟମ ଦ୍ୱାରା ଏଥର ଆଇପିଏଲ୍‌ରେ ବଡ଼ ସ୍କୋର ଦେଖିବାକୁ ମିଳିଛି। ଏଥର ୮ଥର ଦଳଗୁଡିକ ୨୫୦ ରନରୁ ଉର୍ଦ୍ଧ୍ୱ ସ୍କୋର ସଂଗ୍ରହ କରିଛନ୍ତି। ଏହା ଦ୍ୱାରା ବୋଲରଙ୍କ ସମସ୍ୟା ବଢିବାରେ ଲାଗିଛି ବୋଲି କୋହଲି କହିଛନ୍ତି।

ଅବଶ୍ୟ ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶହା ଇମ୍ପାକ୍ଟ ପ୍ଲେୟର ନିୟମ ପରୀକ୍ଷାମୂଳକ ଭାବେ ଲାଗୁ କରାଯାଇଛି ଓ ଏହା ସ୍ଥାୟୀ ନୁହଁ ବୋଲି କହିଥିଲେ। ଏହାଦ୍ୱାରା ଅଧିକ ଦୁଇଜଣ ଭାରତୀୟ ଖେଳାଳିଙ୍କୁ ଖେଳିବାର ସୁଯୋଗ ମିଳିପାରୁଛି ବୋଲି ସେ କହିଥିଲେ। କିନ୍ତୁ ଜଣେ ବ୍ୟାଟରଙ୍କ ପାଇଁ ଏହି ନିୟମ ଭଲ ହୋଇପାରେ। କିନ୍ତୁ ମ୍ୟାଚ୍ ରୋମାଞ୍ଚକ ହେଉନାହିଁ। ଖାଲି ଛକା ଓ ଚୌକା ଦ୍ୱାରା ମ୍ୟାଚ୍‌ର ରୋମାଞ୍ଚ ବଢି ନଥାଏ। ୧୬୦ ସ୍କୋରକୁ ଡିଫେଣ୍ଡ କରିବା ସହ ବିଜୟୀ ହୋବର ପ୍ରକ୍ରିୟା ଅଧିକ ରୋମାଞ୍ଚକ ବୋଲି କୋହଲି କହିଛନ୍ତି।

# ଏର୍ଲୋଡା କପ୍: ନିଖତ୍, ମିନାକ୍ଷୀଙ୍କୁ ସ୍ୱର୍ଣ୍ଣ



**ଅଷ୍ଟାନା, ୧୮ ।୫ (ଏଜେନ୍ସି):** କାଜାଖସ୍ତାନରେ ଅନୁଷ୍ଠିତ ଏର୍ଲୋଡା କପ୍‌ରେ ଭାରତର ତାରକା ବକ୍ସର ନିଖତ୍ ଜରୀନ ଓ ମିନାକ୍ଷୀ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏଥିସହ ଭାରତୀୟ ଦଳ ଏହି ସମ୍ମାନଜନକ ବକ୍ସିଂ ପ୍ରତିଯୋଗିତାରେ ମୋଟ୍ ୧୨ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ ୮ଟି କାଂସ୍ୟ ପଦକ ରହିଛି।

ନିଖତ୍ ମହିଳା ୫୨ କିଗ୍ରା ବିଭାଗ ଫାଇନାଲରେ ୫-୦ରେ ଘରୋଇ ବକ୍ସର ଝାଜିରା ଉରାକବ୍ୟଭାଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିଭଳି ଏଥିପୂର୍ବରୁ ଶନିବାର ସକାଳେ ମିନାକ୍ଷୀ ମହିଳା ୪୮ କିଗ୍ରା ବିଭାଗ ଫାଇନାଲରେ ଉଜବେକିସ୍ତାନର ରାହମୋନୋଭା ସାଇଦାହୋନଙ୍କୁ ୪-୧ରେ ହରାଇ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ସଫଳତା ଆଣିଥିଲେ। ଏହାବାଦ୍ ମହିଳା ୫୦ କିଗ୍ରାରେ ଅନାମିକା ଓ ୬୦ କିଗ୍ରା ବିଭାଗରେ ମନୀଷା ଫାଇନାଲରେ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। କାଂସ୍ୟ ପଦକ ବିଜୟୀ ହୋଇଥିବା ଭାରତୀୟ ବକ୍ସରମାନେ ହେଲେ ୟାଇଫବା ସିଂ ସୋଇବାମ୍ (୪୮ କିଗ୍ରା), ଅଭିଷେକ ଯାଦବ (୬୭ କିଗ୍ରା), ବିଶାଳ (୮୬ କିଗ୍ରା), ଗୌରବ ଚୌହାନ (+୯୨ କିଗ୍ରା), ମହିଳାରେ ସୋନୁ (୬୩ କିଗ୍ରା), ମଞ୍ଜୁ ବାମ୍ବୋରିୟା (୬୬ କିଗ୍ରା), ଶଲାଖ ସିଂହ ସନସୱାଲା (୭୦ କିଗ୍ରା) ଓ ମୋନିକା (+୮୧ କିଗ୍ରା)।

# ମହିଳା ବକ୍ସର ପରବୀନ ୨୨ ମାସ ବାସନ୍ଦ

ଜାସମିନ ଲାମ୍ବୋରିଆ ଅଲିମ୍ପିକ କ୍ୱାଲିଫାୟର ୫୭ କେଜି ବର୍ଗରେ ଅଂଶଗ୍ରହଣ କରିବେ



**ନୂଆଦିଲ୍ଲୀ,୧୮ ।୫(ଏଜେନ୍ସି):** ଅନ୍ତର୍ଜାତୀୟ ଟେଷ୍ଟିଂ ଏଜେନ୍ସ (ଆଇଟିଏ) ପ୍ୟାରିସ ଅଲିମ୍ପିକ୍ସ କୋଟା ହାସଲ କରିଥିବା ମହିଳା ବକ୍ସର ପରବୀନ ହୁଦାଙ୍କୁ ୨୨ମାସ ପାଇଁ ବାସନ୍ଦ କରିଛି। ଫଳରେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ସେ ହାସଲ କରିଥିବା କୋଟା ଅମାନ୍ୟ ହୋଇଛି ବୋଲି ବକ୍ସିଂ ଫେଡେରେସନ ଅଫ୍ ଇଣ୍ଡିଆ (ବିଏଫଆଇ) ତରଫରୁ କୁହାଯାଇଛି। ପରବୀନ ୫୭ କେଜି ବର୍ଗରେ ଅଲିମ୍ପିକ କୋଟା ହାସଲ କରିଥିଲେ। ୨୦୨୨ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ଜିତିବା ପରେ ପରବୀନ ଅଲିମ୍ପିକ୍ସ କୋଟା ହାସଲ କରିଥିଲେ। କିନ୍ତୁ ଗତ ୧୨ ମଧ୍ୟରେ ସେ ୩ଥର ନିଜର ଠିକଣା (ହୋୟାର ଏବାଉଟ) ନ ଜଣାଇବା କାରଣରୁ ଆଇଟିଏ ତାଙ୍କୁ ବାସନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ନିହାତି ଦୁର୍ଭାଗ୍ୟଜନକ ବୋଲି ବିଏଫ୍‌ଆଇ ଅଜୟ ସିଂ କହିଛନ୍ତି। ଏବେ ଅବଶ୍ୟ ଭାରତ ନିକଟରେ ମହିଳା ୫୭ କେଜି ବର୍ଗରେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାକୁ ଆଉ ଏକ ସୁଯୋଗ ରହିଛି। ପରବୀନ ବାସନ୍ଦ ହେବା ପରେ ଜାସମିନ ଲାମ୍ବୋରିଆ ଅଲିମ୍ପିକ କ୍ୱାଲିଫାୟରରେ ୫୭ କେଜି ବର୍ଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଗତବର୍ଷ ସେ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ୬୦ କେଜି ବର୍ଗରେ ପ୍ରଥମ କ୍ୱାଲିଫାୟରରେ ଭାଗ ନେଇଥିଲେ। ସେ ୨୦୨୨ ବରମିଂହାମ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ୬୦ କେଜିରେ କାଂସ୍ୟ ପଦକ ଜିତିଥିଲେ। ତେବେ ଶେଷରେ ଜଣଙ୍କ ପାଇଁ ଯୋଗ୍ୟତା ମିଳିବାର ସୁଯୋଗ ରହିବ।

# ଫ୍ରାନ୍ସ ୟୁରୋକପ୍ ଦଳରେ ଏମ୍‌ବାପ୍ପେ, ଗ୍ରିଜ୍‌ମ୍ୟାନ



**ପ୍ୟାରିସ୍,୧୮ ।୫(ଏଜେନ୍ସି):** ଜର୍ମାନୀରେ ଜୁନ୍ ୧୪ରୁ ଜୁଲାଇ ୧୪ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ୟୁରୋକପ୍ ଫୁଟବଲ ପାଇଁ ଫ୍ରାନ୍ସ ଏକ ୨୬ ଜଣିଆ ଦଳ ଘୋଷଣା କରିଛି। ଫ୍ରାନ୍ସ ମୁଖ୍ୟ ପ୍ରଶିକ୍ଷକ ଡିଡିଏର ଡେଶ୍ଚାମ୍ପ ଏହି ଦଳ ଘୋଷଣା କରିଛନ୍ତି। ସୁପରଷ୍ଟାର କିଲିଆନ ଏମ୍‌ବାପ୍ପେ ଓ ଆଣ୍ଟୋଇନେ ଗ୍ରିଜ୍‌ମ୍ୟାନ ଏହି ଦଳରେ ସ୍ଥାନ ପାଇଛନ୍ତି। ଏନ୍'ଗୋଲୋ କାଣ୍ଟେ ଏହି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୟୁରୋକପ୍‌ରେ ଫ୍ରାନ୍ସ ଏଥର ଗ୍ରୁପ୍ ଡି'ରେ ପୋଲାଣ୍ଡ, ନେଦରଲାଣ୍ଡସ ଓ ଅଷ୍ଟ୍ରିଆ ସହିତ ସ୍ଥାନ ପାଇଛି। ଜୁନ୍ ୧୭ରେ ଫ୍ରାନ୍ସ ଅଷ୍ଟ୍ରେଲିଆ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ୨୦୦୦ରେ ଫ୍ରାନ୍ସ ଶେଷଥର ପାଇଁ ୟୁରୋକପ୍ ଜିତିଥିଲା। ଗତ ସଂସ୍କରଣରେ ସୁଇଜରଲାଣ୍ଡଠାରୁ ପରାସ୍ତ ହୋଇ ଫ୍ରାନ୍ସ ରାଉଣ୍ଡ ୧୬ରୁ ବିଦାୟ ନେଇଥିଲା।



ଓଡ଼ିଶା ଟାଟା ତୀରନ୍ଦାଜୀ ଏଚ୍‌ପିସି ସମେତ ରାଜ୍ୟ ତୀରନ୍ଦାଜୀ ସଂଘ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ତୀରନ୍ଦାଜୀ ଶିବିର କେନ୍ଦୁଝରରେ ଚାଲିଛି। ପ୍ରଶିକ୍ଷକ ବିକାଶ ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ୩୭ଜଣ ଉଦୀୟମାନ ତୀରନ୍ଦାଜ ଅଂଶଗ୍ରହଣ କରିଛନ୍ତି।

### ଏଆଇଏଫ୍‌ଏଫ୍ ଉପ-କନିଷ୍ଠ ଲିଗ୍

# ବେଙ୍ଗାଲୁରୁ ଫୁଟ୍‌ବଲ କ୍ଲବ୍‌ର ବଡ଼ ବିଜୟ

ଭୁବନେଶ୍ୱର, ୧୮ ।୫ (ସମିସ)

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଓ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଭୁବନେଶ୍ୱରରେ ଚାଲିଥିବା ଉପ-କନିଷ୍ଠ ଲିଗ୍‌ର ୭ମ ଦିବସ ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି ମ୍ୟାଚ୍ ଖେଳାଯାଇଥିଲା। ଯେଉଁଥିରେ ମୁମ୍ବାଇ ସିଟି ଏଫ୍‌ସି, ତିଦ୍ଦିମ ରୋଡ୍ ଆଥଲେଟିକ ୟୁନିୟନ (ମଣିପୁର), ବେଙ୍ଗାଲୁରୁ ଫୁଟ୍‌ବଲ କ୍ଲବ ଓ ଏଫ୍‌ସି ମାଦ୍ରାସ ବିଜୟୀ ହାସଲ କରିଛି। କ୍ୟାପିଟାଲ ଫୁଟ୍‌ବଲ ଏରେନାରେ ଅନୁଷ୍ଠିତ ଦିବସର ପ୍ରଥମ ମ୍ୟାଚରେ ମୁମ୍ବାଇ ସିଟି ଏଫ୍‌ସି ୩-୦ ଗୋଲରେ ବିଧାନନଗର ମୁନିସପାଲ୍ ସ୍ପୋର୍ଟ୍ସ ଏକାଡେମୀ (କୋଲକାତା)କୁ ହରାଇଦେଇଛି। ସେହିଭଳି ଓଡ଼ିଶା ଫୁଟ୍‌ବଲ ଏକାଡେମୀରେ ଅନୁଷ୍ଠିତ ମ୍ୟାଚରେ ତିଦ୍ଦିମ ରୋଡ୍ ଆଥଲେଟିକ ୟୁନିୟନ ସମାନ ୩-୦ ଗୋଲରେ ଦି ସ୍ପୋର୍ଟ୍ସ ସ୍କୁଲକୁ ପରାସ୍ତ କରିଛି। ଅପରାହ୍ଣରେ ଖେଳାଯାଇଥିବା ମ୍ୟାଚରେ ବେଙ୍ଗାଲୁରୁ ଫୁଟ୍‌ବଲ କ୍ଲବ ୯-୨ ଗୋଲର ବଡ଼ ବ୍ୟବଧାନରେ ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନକୁ ଏବଂ ଏଫ୍‌ସି ମାଦ୍ରାସ ୩-୨ ଗୋଲରେ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ହରାଇ ପଏଣ୍ଟ ହାସଲ କରିଛି।

### ଇଟାଲିଆନ୍ ଓପନ ଟେନିସ୍

# ଜ୍ୱେରେଭ-ଜେରୀ ଟାଇଟଲ ମୁକାବିଲା

**ରୋମ୍,୧୮ ।୫(ଏଜେନ୍ସି):** ଏଠାରେ ଚାଲିଥିବା ଇଟାଲିଆନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ଟାଇଟଲ ପାଇଁ ଫାଇନାଲ ମ୍ୟାଚ୍‌ରେ ଜର୍ମାନୀର ତୃତୀୟ ସିଡ୍ ଖେଳାଳି ଆଲେକଜାଣ୍ଡର ଜ୍ୱେରେଭ ଓ ୨୧ତମ ସିଡ୍ ଚିଲିର ନିକୋଲାସ ଜେରୀ ପରସ୍ପରକୁ ଭେଟିବେ। ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଜେରୀ ୬-୩, ୬-୭, ୬-୩ ସେଟ୍‌ରେ ୧୪ତମ ସିଡ୍ ଆମେରିକାର ଟିମୋ ପଲଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ତୃତୀୟ ସିଡ୍ ତଥା ୨୦୧୭ ଚାମ୍ପିଅନ ଜ୍ୱେରେଭ ୧-୬, ୭-୬, ୬-୨ ସେଟ୍‌ରେ ୨୯ତମ ସିଡ୍ ଚିଲିର ଆଲେଜାଣ୍ଡ୍ରୋ ତାବିଲୋଙ୍କୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ଏଥିସହ ଜ୍ୱେରେଭ ୧୧ତମ ଇଟାଲିଆନ୍ ଓପନ ଫାଇନାଲରେ ପ୍ରବେଶ କରି କିମ୍ବଦନ୍ତୀ ଜର୍ମାନୀ ଖେଳାଳି ବୋରିସ ବେକରଙ୍କ ସମକକ୍ଷ ହୋଇଛନ୍ତି।

### ସ୍ୱିଆଟେକ- ସାବାଲେଙ୍କା ଫାଇନାଲ

ଇଟାଲିଆନ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ପ୍ରତିଯୋଗିତାର ମଧ୍ୟ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଟପ୍ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ ଓ ଦ୍ୱିତୀୟ ସିଡ୍ ବେଲାରୁଷ ତାରକା ଅରିନା ସାବାଲେଙ୍କା ପରସ୍ପରକୁ ଭେଟିବେ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ସାବାଲେଙ୍କା ୭-୫, ୬-୨ ସିଧାସଳଖ ସେଟ୍‌ରେ ୧୩ତମ ସିଡ୍ ଖେଳାଳି ଆମେରିକାର ଡାନିଏଲେ କଲିନ୍ସଙ୍କୁ ହରାଇ ଫାଇନାଲକୁ ଛଠିଛନ୍ତି। ସେହିପରି ପ୍ରଥମ ସେମିରେ ସ୍ୱିଆଟେକ ୬-୪, ୬-୩ ସିଧାସଳଖ ସେଟ୍‌ରେ ତୃତୀୟ ସିଡ୍ ଆମେରିକାର କୋକୋ ଗଫ୍‌ଙ୍କୁ ହରାଇ ଫାଇନାଲ ଟିକଟ୍ ହାସଲ କରିଥିଲେ।



ନିକୋଲାସ ଜେରୀ

ପୂର୍ବରୁ ଦୁହେଁ ମାଦ୍ରିଦ୍ ଓପନ୍ ଫାଇନାଲରେ ମଧ୍ୟ ପରସ୍ପରକୁ ଭେଟିଥିଲେ ଓ ଏଥିରେ ସ୍ୱିଆଟେକ୍ ୭-୫, ୪-୬, ୭-୬ ସେଟ୍‌ରେ ସାବାଲେଙ୍କାଙ୍କୁ ହରାଇ ବାଜି ମାରିଥିଲେ। ୨୪ ବର୍ଷ ପରେ ପ୍ରଥମଥର ପାଇଁ ଦୁଇ ସପ୍ତାହ ସମୟ ମଧ୍ୟରେ ବିଶ୍ୱ ମାନ୍ୟତାର ଦୁଇଟି ସ୍ଥାନରେ ଥିବା ଦୁଇ ଖେଳାଳି ଦୁଇଟି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପରସ୍ପରକୁ ଭେଟିବେ। ପୂର୍ବରୁ ୨୦୦୦ରେ ସେତେବେଳର ନଂ ୧ ଖେଳାଳି ମାର୍ଟିନା ହିଙ୍ଗିସ ଓ ନ ୨ ଖେଳାଳି ଲିଣ୍ଡସେ ଡାଭେନପୋର୍ଟ ଏହି ଭଳି ସ୍ଥିତିର ସମ୍ମୁଖୀନ ହୋଇଥିଲେ।

### ଥାଇଲାଣ୍ଡ ଓପନ୍ ବ୍ୟାଡମିଣ୍ଟନ

# ଫାଇନାଲରେ ସାତ୍ତ୍ୱିକ-ଚିରାଗ

ବ୍ୟାଙ୍କକ,୧୮ ।୫(ଏଜେନ୍ସି)



ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକର ନିମିବୁତର ଷ୍ଟାଡିୟମରେ ଚାଲିଥିବା ଥାଇଲାଣ୍ଡ ଓପନ୍ ସୁପର-୫୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଯୁଗଳ ଯୋଡି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଫାଇନାଲରେ ପ୍ରବେଶ କରିଛନ୍ତି। ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିବା ଏହି ଯୋଡି ୨୧-୧୧, ୨୧-୧୨ ସିଧାସଳଖ ଗେମ୍‌ରେ ଚାଇନିଜ ତାଇପେ ଯୋଡି ଲୁ ମିଙ୍ଗ-ଚେ ଓ ତାଙ୍ଗ୍ କାଇ-ୱେଇଙ୍କୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ବିଜୟୀ ହେବାକୁ ଏହି ଅଭିଜ୍ଞ ଭାରତୀୟ ଯୋଡିଙ୍କୁ ମାତ୍ର ୩୫ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ରବିବାର ଟାଇଟଲ ପାଇଁ ଟପ୍ ସିଡ୍ ମାନ୍ୟତା ପାଇଥିବା ଏହି ଭାରତୀୟ ଯୋଡି ଫାଇନାଲରେ ଚୀନର ଚେନ୍ ବୋ ୟାଙ୍ଗ ଓ ଲିୟୁ ଇଙ୍କୁ ଭେଟିବେ। ଚେନ୍ ଓ ଲିୟୁ ଅନ୍ୟଏକ ସେମିରେ ଦକ୍ଷିଣ କୋରିଆର କିମ୍ ଜି ଜଙ୍ଗ ଓ କିମ୍ ସା ରାଙ୍ଗଙ୍କୁ ୨୧-୧୯, ୨୧-୧୮ରେ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି।

### ସେମିରେ ତନୀଷା- ଅଶ୍ୱିନୀ

ସେହିପରି ମହିଳା ଯୁଗଳ ପ୍ରତିଯୋଗିତାରେ ଚତୁର୍ଥ ସିଡ୍ ମାନ୍ୟତା ପାଇଥିବା ଭାରତୀୟ ଯୋଡି ତନିଶା କାର୍ଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ସେମିଫାଇନାଲରେ ଟପ୍ ସିଡ୍ ଥାଇଲାଣ୍ଡର ଜୋଙ୍ଗକୋଲଫାନ କିତିଥାରାକୁଲ ଓ ରାୱିଣ୍ଡା ପ୍ରାଜୋଙ୍ଗଜାଇଙ୍କୁ ଭେଟିବେ। କ୍ୱାର୍ଟର ଫାଇନାଲରେ ତନୀଷା ଓ ଅଶ୍ୱିନୀ ୨୧-୧୫, ୨୧-୨୩, ୨୧-୧୯ରେ ଦକ୍ଷିଣ କୋରିଆର ଲି ୟୁ ଲିମ୍ ଓ ଶେନ୍ ସେଅଙ୍ଗ ଚାନଙ୍କୁ ପରାସ୍ତକରି ସେମିକୁ ଉଠିଥିଲେ।

## ପ୍ଲେ-ଅଫ୍ ଦୌଡ଼: ଚେନ୍ନାଇ ବନାମ ବେଙ୍ଗାଲୁରୁ

# ବିରାଟ, ଫାଫ୍, ପଟିଦାରଙ୍କ ଲଢୁଆ ବ୍ୟାଟିଂ

ବେଙ୍ଗାଲୁରୁ, ୧୮ ।୫ (ଏଜେନ୍ସି)

ଚଳିତ ଆଇପିଏଲ୍-୧୭ର ଅନ୍ତିମ ତଥା ୪ର୍ଥ ପ୍ଲେ-ଅଫ୍ ସ୍ଥାନ ପାଇଁ ଶନିବାର ଚେନ୍ନାଇ ସୁପର୍ କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଲଢ଼େଇ ହୋଇଛି । ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଘରୋଇ ବେଙ୍ଗାଲୁରୁ ଦଳ ୨୧୯ ରନର ଚ୍ୟାଲେଞ୍ଜପୂର୍ଣ୍ଣ ଲକ୍ଷ୍ୟ ସୁପର୍ କିଙ୍ଗ୍ସ ସାମ୍ନାରେ ଧାର୍ଯ୍ୟ କରିଛି । ବେଙ୍ଗାଲୁରୁ ପକ୍ଷରୁ ଅଧିନାୟକ ଫାଫ୍ ଡୁ ପ୍ଲେସିସ (୫୪) ଅର୍ଦ୍ଧଶତକୀୟ ପାଳି ଖେଳିଥିବାବେଳେ ତାଙ୍କୁ ବିରାଟ କୋହଲି (୪୭ ରନ) ଓ ରଜତ ପଟିଦାର (୪୧) ଲଢୁଆ ବ୍ୟାଟିଂ କରି ସହାୟତା କରିଥିଲେ । ଜବାବରେ ଏହି ଲକ୍ଷ୍ୟକୁ ପିଛା କରିଥିବା ଚେନ୍ନାଇ ଶେଷ ଖବର ସୁଦ୍ଧା ୮ ଓଭରରେ ୨ ୱିକେଟ୍ ହରାଇ ୭୮ ରନ କରିଛି ।

ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଟସ୍ ଜିତି ଚେନ୍ନାଇ ଅଧିନାୟକ ଋତୁରାଜ ଗାଏକୱାଡ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ତେବେ ଗାଏକୱାଡ୍‌ଙ୍କ ଏହି ନିଷ୍ପତ୍ତି ଭୁଲ ପ୍ରମାଣିତ ହୋଇଥିଲା । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ବେଙ୍ଗାଲୁରୁ ପାଇଁ ଦୁଇ ଓପନର୍ ବିରାଟ କୋହଲି ଓ ଅଧିନାୟକ ଡୁ ପ୍ଲେସିସ୍ ଦମ୍‌ଦାର ଆରମ୍ଭ କରିଥିଲେ । ଉଭୟ ଓପନର୍ ୧୦ରୁ ଊର୍ଦ୍ଧ୍ୱ ହାରରେ ପ୍ରଥମ ୩ ଓଭରରେ ୩୧ ରନ ସଂଗ୍ରହ କରିଥିଲେ । ତେବେ ଏହି ସମୟରେ ବର୍ଷା ଲାଗି ୨୫ ମିନିଟ୍ ଖେଳ ବାଧାପ୍ରାପ୍ତ ହୋଇଥିଲା । ଏହାପରେ ପୁନର୍ବାର ଖେଳ ଆରମ୍ଭ ହେବାପରେ ଏହି ଯୋଡ଼ି ପୂର୍ବପରି ଦ୍ରୁତ ଗତିରେ ବ୍ୟାଟିଂ କରିପାରି ନ ଥିଲେ ମଧ୍ୟ ସତର୍କତାର ସହ ଖେଳିଥିଲେ । ପ୍ରଥମ ୱିକେଟ୍‌ରେ ଏହି ଯୋଡ଼ି ୫୮ ବଲରେ ୭୪ ରନ ଉଠାଇଥିବାବେଳେ କୋହଲି ଆଉଟ୍ ହୋଇଥିଲେ । କୋହଲି ୨୯ ବଲରେ ୪୭ ରନ କରିଥିବାବେଳେ ମିଚେଲ ସାଣ୍ଟନରଙ୍କ ବଲରେ ବାଉଣ୍ଡାରୀ ଲାଇନରେ କ୍ୟାଚ୍ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ । ଏହାପରେ କ୍ରିଜରେ ଯୋଗଦେଇଥିବା ରଜତ ପଟିଦାର ଅଧିନାୟକ ଫାଫ୍‌ଙ୍କ ସହ ମିଶି ଦଳୀୟ ସ୍କୋରକୁ ୧୦୦ ରନ ଅତିକ୍ରମ କରାଇଥିଲେ । ତେବେ ସତର୍କତାର ସହ ଖେଳୁଥିବା ଡୁ ପ୍ଲେସିସ୍ ୫୪ ରନ କରିଥିବାବେଳେ ଦୁର୍ଭାଗ୍ୟଜନକ ଭାବେ ରନଆଉଟ୍ ହୋଇଥିଲେ । ସେ ୩୯ ବଲର ପାଳିରେ ୩ଟି ଲେଖାଏ ଚୌକା ଓ ଛକା ମାରିଥିଲେ । ଏହାପରେ ପଟିଦାରଙ୍କ ସହ ଗ୍ରୀନ ଯୋଗଦେଇ ଦଳୀୟ ସ୍କୋରକୁ ଦ୍ରୁତ ଗତିରେ ଆଗେଇନେଇଥିଲେ । ଉଭୟଙ୍କ ମଧ୍ୟରେ ତୃତୀୟ ୱିକେଟ୍‌ରେ ୭୧ ରନ ଭାଗୀଦାରି ହୋଇଥିଲା । ତେବେ ବିସ୍ଫୋରକ ପାଳି ଖେଳି ଆସୁଥିବା ପଟିଦାର ୨୩ ବଲରେ ୪୧ ରନ (୨ ଚୌକା, ୪ ଛକା) କରିଥିବାବେଳେ ଶାର୍ଦ୍ଦୁଳ ଠାକୁରଙ୍କ ଶିକାର ବନିଥିଲେ । ଶେଷ ଭାଗରେ ଗ୍ରୀନଙ୍କ ସହ ଦୀନେଶ କାର୍ତ୍ତିକ ଓ ଗ୍ଲେନ ମ୍ୟାକ୍ସୱେଲ ଦ୍ରୁତ ହାରରେ ରନ ସଂଗ୍ରହ କରିବାରୁ ବେଙ୍ଗାଲୁରୁ ୫ ୱିକେଟ୍‌ରେ ୨୧୮ ରନର ଏକ ସମ୍ମାନଜନକ ସ୍କୋର କରିପାରିଥିଲା । ଗ୍ରୀନ ୩ଟି ଲେଖାଏ ଚୌକା ଓ ଛକା ବଳରେ ୧୭ ବଲରୁ ୩୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ସେହିଭଳି କାର୍ତ୍ତିକ ୬ ବଲରୁ ୧୪ ଓ ମ୍ୟାକ୍ସୱେଲ୍ ୫ ବଲରୁ ୧୬ ରନ କରି ଆଉଟ୍ ହୋଇଥିଲେ ।

ଚେନ୍ନାଇ ପକ୍ଷରୁ ଶାର୍ଦ୍ଦୁଳ ସର୍ବାଧିକ ୨ଟି ଏବଂ ତୁଷାର ଦେଶପାଣ୍ଡେ ଓ ସାଣ୍ଟନର ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଥିଲେ । ଏହି ମ୍ୟାଚରେ ଯଦି ବେଙ୍ଗାଲୁରୁ ୧୮ ରନରେ ବିଜୟୀ ହୁଏ ତେବେ ରନ ରେଟ୍ ଆଧାରରେ ଚେନ୍ନାଇକୁ ପଛରେ ପକାଇ ପ୍ଲେ-ଅଫ୍‌ରେ ପ୍ରବେଶ କରିବ ।



ଫାଫ୍ ଡୁପ୍ଲେସିସ୍ ଓ ବିରାଟ କୋହଲି

### ଆଇପିଏଲ୍-୧୭
### ଆଜିର ମ୍ୟାଚ୍

**ହାଇଦ୍ରାବାଦ୍- ପଞ୍ଜାବ**
ସ୍ଥାନ-ହାଇଦରାବାଦ, ସମୟ- ଅପରାହ୍ଣ ୩.୩୦

**ରାଜସ୍ଥାନ-କୋଲକାତା**
ସ୍ଥାନ- ଗୌହାଟୀ, ସମୟ- ରାତି ୭.୩୦

- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ଆଇପିଏଲ୍ ପଏଣ୍ଟ ସାରଣୀ

| ଦଳ | ମ୍ୟା. | ବି. | ପ. | ବା. | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| କୋଲକାତା | ୧୩ | ୯ | ୩ | ୧ | ୧୯ | +୧.୪୨୮ |
| ରାଜସ୍ଥାନ | ୧୩ | ୮ | ୫ | ୦ | ୧୬ | +୦.୨୭୩ |
| ହାଇଦ୍ରାବାଦ | ୧୩ | ୭ | ୫ | ୧ | ୧୫ | +୦.୪୦୬ |
| ଚେନ୍ନାଇ* | ୧୩ | ୭ | ୬ | ୦ | ୧୪ | +୦.୫୨୮ |
| ଦିଲ୍ଲୀ | ୧୪ | ୭ | ୭ | ୦ | ୧୪ | -୦.୩୭୭ |
| ଲକ୍ଷ୍ନୌ | ୧୪ | ୭ | ୭ | ୦ | ୧୪ | -୦.୬୬୭ |
| ବେଙ୍ଗାଲୁରୁ* | ୧୩ | ୬ | ୭ | ୦ | ୧୨ | +୦.୩୮୭ |
| ଗୁଜରାଟ | ୧୪ | ୫ | ୭ | ୨ | ୧୨ | -୧.୦୬୩ |
| ପଞ୍ଜାବ | ୧୩ | ୫ | ୮ | ୦ | ୧୦ | -୦.୩୪୭ |
| ମୁମ୍ବାଇ | ୧୪ | ୪ | ୧୦ | ୦ | ୮ | -୦.୩୧୮ |

ବି.ଦ୍ର.: ମ୍ୟା.- ମ୍ୟାଚ୍, ବି.- ବିଜୟ, ପ. - ପରାଜୟ, ବା.- ବାତିଲ

### ସଂକ୍ଷିପ୍ତ ସ୍କୋର

**ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ:** ୨୧୮/୫ (ଡୁ ପ୍ଲେସିସ- ୫୪, ବିରାଟ- ୪୭, ପଟିଦାର- ୪୧, ଗ୍ରୀନ- ୩୮*, ମ୍ୟାକ୍ସୱେଲ- ୧୬, ଶାର୍ଦ୍ଦୁଳ- ୨/୬୧,) ।

**ଚେନ୍ନାଇ ସୁପର୍ କିଙ୍ଗ୍ସ:** ୭୮/୨, ୭ ଓଭର ସୁଦ୍ଧା (ଅଜିଙ୍କ୍ୟା ରାହାଣେ- ୩୧*, ରାଚିନ ରବୀନ୍ଦ୍ର- ୩୪*, ଋତୁରାଜ-୦, ଡାରିଲ ମିଚେଲ- ୪, ମ୍ୟାକ୍ସୱେଲ- ୧/୧୬) ।

## ମନ୍ଥର ବୋଲିଂ: ପାଣ୍ଡ୍ୟା ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ



**ନୂଆଦିଲ୍ଲୀ,୧୮ ।୫(ଏଜେନ୍ସି):** ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଚଳିତ ଆଇପିଏଲ୍‌ରେ ୩ଟି ମ୍ୟାଚ୍‌ରେ ଦଳର ମନ୍ଥର ବୋଲିଂ ପାଇଁ ଦଣ୍ଡିତ ହୋଇଛନ୍ତି । ଏଥିପାଇଁ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି । ଶୁକ୍ରବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ ମ୍ୟାଚ୍ ପରେ ଆଇପିଏଲ୍ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ଚଳିତ ସଂସ୍କରଣରେ ପ୍ଲେ- ଅଫ୍ ଦୌଡ଼ରୁ ବାଦ୍ ପଡିସାରିଥିବା ମୁମ୍ବାଇର ଆଉ କୌଣସି ମ୍ୟାଚ୍ ବାକିନାହିଁ । ଫଳରେ ୨୦୨୫ରେ ଖେଳାଯିବାକୁଥିବା ଆଗାମୀ ସଂସ୍କରଣରେ ପାଣ୍ଡ୍ୟା ପ୍ରଥମ ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି କୁହାଯାଇଛି । ଏଥିସହ ଇମ୍ପାକ୍ଟ ଖେଳାଳି ସମେତ ଦଳର ଅନ୍ୟ ଖେଳାଳିଙ୍କ ଉପରେ ୧୨ ଲକ୍ଷ ଟଙ୍କା କିମ୍ବା ମ୍ୟାଚ୍ ଫିର ୫୦ ପ୍ରତିଶତ ଜରିମାନ ଆକାରରେ ଲାଗୁ କରାଯିବ । ଉଲ୍ଲେଖଥାଉ କି, ମୁମ୍ବାଇ ମେ ୧୭ରେ ଲକ୍ଷ୍ନୌ, ମେ ୩୦ରେ ଲକ୍ଷ୍ନୌ, ଏପ୍ରିଲ ୧୮ରେ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ମନ୍ଥର ବୋଲିଂ କରିଥିଲା । ଫଳରେ ଅଧିନାୟକ ପାଣ୍ଡ୍ୟା ଆଇପିଏଲ ଆଚରଣ ବିଧୀ ଉଲ୍ଲଂଘନ କରି ଦଣ୍ଡିତ ହୋଇଛନ୍ତି । ଏହି ୩ଟି ମ୍ୟାଚ୍ ପାଇଁ ପାଣ୍ଡ୍ୟାଙ୍କ ଉପରେ ଯଥାକ୍ରମେ ୩୦, ୨୪ ଓ ୧୨ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି । ପୂର୍ବରୁ ସମାନ ପ୍ରକାର ତ୍ରୁଟି କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଋଷଭ ପନ୍ତ ମଧ୍ୟ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହେବା ସହ ଜରିମାନର ସମ୍ମୁଖୀନ ହୋଇଥିଲେ ।

## ଅନ୍ତିମ ମ୍ୟାଚ୍‌ରେ ପଞ୍ଜାବର ନେତୃତ୍ୱ ନେବେ ଜୀତେଶ



**ନୂଆଦିଲ୍ଲୀ,୧୮ ।୫(ଏଜେନ୍ସି):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଯୁବ ୱିକେଟକିପର ବ୍ୟାଟର ଜୀତେଶ ଶର୍ମା ପଞ୍ଜାବ କିଙ୍ଗ୍‌ସର ଅନ୍ତିମ ମ୍ୟାଚ୍‌ରେ ନେତୃତ୍ୱ ନେବେ । ଶନିବାର ଏ ନେଇ ପଞ୍ଜାବ ଫ୍ରାଞ୍ଚାଇଜ୍ ତରଫରୁ ସୂଚନା ଦିଆଯାଇଛି । ରବିବାର ହାଇଦରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ପଞ୍ଜାବ ତା'ର ଅନ୍ତିମ ମୁକାବିଲାରେ ଘରୋଇ ସନରାଇଜର୍ସ ହାଇଦ୍ରାବାଦ୍‌କୁ ଭେଟିବ । ଦଳର ଅଧିନାୟକ ସାମ କୁରାନ ରବିବାର ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିବେ । ଫଳରେ ଜୀତେଶ ତାଙ୍କ ସ୍ଥାନରେ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ । କୁରାନ ପାକିସ୍ତାନ ବିପକ୍ଷ ଟି-୨୦ ସିରିଜ ଖେଳିବେ । ଆସନ୍ତା ୨୨ତାରିଖରେ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ପ୍ରଥମ ଟି-୨୦ ମ୍ୟାଚ୍ ଖେଳାଯିବ ଓ ସେ ଦଳରେ ଯଥାଶୀଘ୍ର ଯୋଗ ଦେବା ପାଇଁ ଇଂଲଣ୍ଡ ଫେରିବେ । ଉଲ୍ଲେଖଥାଉ କି, ପଞ୍ଜାବ ଚଳିତ ଆଇପିଏଲରେ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡିସାରିଛି । ଗୋଟିଏ ମୁକାବିଲା ବାକିଥାଇ ପଞ୍ଜାବ ଏପର୍ଯ୍ୟନ୍ତ ୧୩ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୮ ପରାଜୟ ସହ ୧୦ ପଏଣ୍ଟ ପାଇ ତାଲିକାର ୯ମ ସ୍ଥାନରେ ରହିଛି । ମୁମ୍ବାଇ ଇଣ୍ଡିଆନ୍ସ ୧୪ ମ୍ୟାଚ୍ ଖେଳି ୪ ବିଜୟ ଓ ୧୦ ପରାଜୟ ସହ ୮ ପଏଣ୍ଟ ପାଇ ସର୍ବନିମ୍ନ ତଥା ୧୦ମ ସ୍ଥାନରେ ରହିଛି ।



ବ୍ୟାଟିଂ ଅବସରରେ ଧୋନିଙ୍କ ସହ କୋହଲି ଆଲୋଚନାରତ

# ଚିନ୍ନାସ୍ୱାମୀରେ ବିରାଟ କୀର୍ତ୍ତିମାନ

ବେଙ୍ଗାଲୁରୁ, ୧୮ ।୫ (ଏଜେନ୍ସି)

ଶନିବାର ଅନୁଷ୍ଠିତ ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷ 'କର ବା ମର' ମୁକାବିଲାରେ ଘରୋଇ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ତାରକା ବ୍ୟାଟର୍ ବିରାଟ କୋହଲି ୪୭ ରନର ଉପଯୋଗୀ ପାଳି ଖେଳିଥିଲେ । ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ୨୯ ବଲରୁ ୩ ଚୌକା ଓ ୪ ଛକା ସହାୟତାରେ ୪୭ ରନ କରି ଅଳ୍ପକେ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ । ଏହାସତ୍ତ୍ୱେ ସେ ମ୍ୟାଚ୍ ଅବସରରେ ଦୁଇଟି ବଡ଼ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଆଇପିଏଲ୍ ଇତିହାସରେ ପ୍ରଥମ ଖେଳାଳି ଭାବେ ଗୋଟିଏ ଭେନ୍ୟୁ ବା ଷ୍ଟାଡିୟମରେ ୩୦୦୦ ରନ କରିବାର ସୌଭାଗ୍ୟ ଲାଭ କରିଛନ୍ତି । କୋହଲି ବର୍ତ୍ତମାନ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ୮୯ ଆଇପିଏଲ୍ ମ୍ୟାଚ୍ ଖେଳି ୩୦୦୫ ରନ ନିଜ ନାମରେ ଲିପିବଦ୍ଧ କରିଛନ୍ତି । ଏହି ତାଲିକାରେ ରୋହିତ୍ ଶର୍ମା ୨ୟ ସ୍ଥାନରେ ରହିଛନ୍ତି । ରୋହିତ୍ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ୮୦ ମ୍ୟାଚ୍ ଖେଳି ୨୨୯୫ ରନ କରିଛନ୍ତି ।

### ଗୋଟିଏ ଭେନ୍ୟୁରେ ସର୍ବାଧିକ ରନ

| ଖେଳାଳି | ରନ | ମ୍ୟାଚ୍ | ଭେନ୍ୟୁ |
|---|---|---|---|
| ବିରାଟ | ୩୦୦୫ | ୮୯ | ବେଙ୍ଗାଲୁରୁ |
| ରୋହିତ୍ | ୨୨୯୫ | ୮୦ | ମୁମ୍ବଇ |
| ଡି ଭିଲର୍ସ | ୧୯୬୦ | ୬୧ | ବେଙ୍ଗାଲୁରୁ |
| ୱାର୍ଣ୍ଣର | ୧୬୨୩ | ୩୨ | ହାଇଦରାବାଦ୍ |
| ଗେଲ୍ | ୧୫୬୧ | ୪୫ | ବେଙ୍ଗାଲୁରୁ |

## କୋହଲିଙ୍କ ୭୦୦ ଚୌକା

ବେଙ୍ଗାଲୁରୁ, ୧୮ ।୫ (ଏଜେନ୍ସି)

ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷ ମ୍ୟାଚରେ କୋହଲି ୨୯ ବଲରୁ ୪୭ ରନ (୩ ଚୌକା, ୪ ଛକା) କରିବା ଅବସରରେ ଏକାଧିକ ରେକର୍ଡ କରିଛନ୍ତି । ଆଇପିଏଲ୍‌ର ଚଳିତ ୧୭ତମ ସଂସ୍କରଣରେ କୋହଲି ୧୪ ମ୍ୟାଚ୍ ଖେଳି ୭୦୮ ରନ ପୂରଣ କରିଛନ୍ତି । ଏଥିସହ ଚଳିତ ଆଇପିଏଲ୍‌ରେ ତାଙ୍କ ଛକା ସଂଖ୍ୟା ୩୭ରେ ପହଞ୍ଚିଛି । ଆଇପିଏଲ୍ ଇତିହାସରେ ଗୋଟିଏ ସଂସ୍କରଣରେ କୋହଲିଙ୍କ ଏହା ୨ୟ ସର୍ବାଧିକ ଛକା । ଏଥିପୂର୍ବରୁ ସେ ୨୦୧୬ ସଂସ୍କରଣରେ ୩୮ ଛକା ମାରିଥିଲେ । ଯଦି ବେଙ୍ଗାଲୁରୁ ପ୍ଲେ-ଅଫ୍‌ରେ ପ୍ରବେଶ କରେ ତେବେ କୋହଲି ଏହି ରେକର୍ଡକୁ ପଛରେ ପକାଇଦେବେ । ଏହି ଅବସରରେ କୋହଲି ଆଇପିଏଲ୍‌ରେ ତାଙ୍କ ଚୌକା ସଂଖ୍ୟାକୁ ୭୦୦ରେ ପହଞ୍ଚାଇଛନ୍ତି । କୋହଲି ବର୍ତ୍ତମାନ ୨୫୧ ଆଇପିଏଲ୍ ମ୍ୟାଚ୍ ଖେଳି ୭୦୨ଟି ଚୌକା ମାରିଛନ୍ତି । ଆଇପିଏଲ୍ ଇତିହାସରେ ଶିଖର ଧାୱନଙ୍କ ପରେ ୨ୟ ଖେଳାଳି ଭାବେ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି । ଧାୱନ ୨୨୧ ଆଇପିଏଲ୍ ପାଳିରୁ ୭୬୮ଟି ଚୌକା ମାରିଛନ୍ତି । ଏହିକ୍ରମରେ ଡେଭିଡ୍ ୱାର୍ଣ୍ଣର (୬୬୩ ଚୌକା), ରୋହିତ୍ ଶର୍ମା (୫୯୯) ଓ ସୁରେଶ ରାଇନା (୫୦୬) ୩ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି ।

● ଆରଏଫ୍‌ଡିଏଲ ଜାତୀୟ ଯୁବ ଫୁଟବଲ

## ଇଷ୍ଟ ବେଙ୍ଗଲକୁ ହରାଇ ପଞ୍ଜାବ ଚାମ୍ପିଅନ

**ମୁମ୍ବଇ,୧୮ ।୫(ଏଜେନ୍ସି):** ଏଠାରେ ଖେଳାଯାଇଥିବା ରିଲାଏନ୍ସ ଫାଉଣ୍ଡେସନ ଡେଭଲପମେଣ୍ଟ ଲିଗ୍ (ଆରଏଫ୍‌ଡିଏଲ୍) ଅନ୍ତର୍ଗତ ଜାତୀୟ ଯୁବ ଫୁଟବଲ ଚାମ୍ପିଅନସିପ୍‌ରେ ପଞ୍ଜାବ ଏଫ୍‌ସି ଟାଇଟଲ ହାସଲ କରିଛି । ଶନିବାର ସ୍ଥାନୀୟ ରିଲାଏନ୍ସ କର୍ପୋରେଟ୍ ପାର୍କରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ପଞ୍ଜାବ ୩-୨ ଗୋଲରେ ଇଷ୍ଟବେଙ୍ଗଲକୁ ହରାଇ ଟାଇଟଲ ଜିତିଛି । ଏହି ଲିଗ୍‌ରେ ୧୬ଟି ମ୍ୟାଚ୍ ଖେଳି ଦମ୍‌ଦାର ପ୍ରଦର୍ଶନ କରି ପଞ୍ଜାବ ଅପରାଜେୟ ରହିଛି । ପଞ୍ଜାବ ୧୬ଟିରୁ ୧୪ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ଦୁଇଟି ମୁକାବିଲାକୁ ଅମୀମାଂସିତ ରଖିଛି । ଫାଇନାଲ ମ୍ୟାଚ୍‌ରେ ପଞ୍ଜାବ ତରଫରୁ ଓମାଙ୍ଗ ଡୋଡୁମ ୧୦ମ, ୟେନଡ୍ରେମ୍ବାମ୍ ବବି ସିଂ ୫୯, ହରମନପ୍ରୀତ ସିଂ ୭୨ ମିନିଟ୍‌ରେ ଗୋଲ ଦେଇଥିବା ବେଳେ ଇଷ୍ଟ ବେଙ୍ଗଲ ତରଫରୁ ଗୁଇଟେ ଭାନଲାଲପେକା ୩୦ତମ ଓ ଜୋସେଫ ଜଷ୍ଟିନ ୫୦ତମ ମିନିଟ୍‌ରେ ଗୋଲ ଦେଇଥିଲେ । ଓମାନଙ୍ଗ ଡୋଡୁମ ଗୋଲ୍ଡେନ ବୁଟ୍, ଚାମ୍ପିଅନ ଦଳର ମହମ୍ମଦ ସୁହେଲ ଗୋଲ୍ଡେନ ବଲ ଓ ରୁଟ୍ସ ଏଫ୍‌ସିର ଏସ୍ ସୁଜୟ ଗୋଲ୍ଡେନ ଗ୍ଲୋଭ୍ ପୁରସ୍କାର ହାସଲ କରିଥିଲେ ।

● ସେକ୍ରେଟାରିଏଟ୍ ପ୍ରିମିୟର୍ ଲିଗ୍

## ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ

**ଭୁବନେଶ୍ୱର, ୧୮ ।୫ (ସମିସ):** ଓଡ଼ିଶା ସେକ୍ରେଟାରିଏଟ୍ କ୍ରିକେଟ୍ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ସେକ୍ରେଟାରିଏଟ୍ ପ୍ରିମିୟର୍ ଲିଗର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି । ସୋମବାର ଗ୍ଲାଡିଏଟର ଓ ସ୍ମାଶର୍ସ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ । ସେହିଦିନ ଦ୍ୱିତୀୟ ସେମିରେ ବ୍ଲାଷ୍ଟର୍ସ ଓ ୱାରିୟର୍ସ ସାମ୍ନାସାମ୍ନି ହେବେ । ଶନିବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ଗ୍ଲାଡିଏଟର ୨୫ ରନରେ ଆଭେଞ୍ଜର୍ସ ଦଳକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଗ୍ଲାଡିଏଟର୍ ଅକ୍ଷୟ ପରିଡ଼ାଙ୍କ ୬୭ ରନ ବଳରେ ୧୦ ଓଭରରେ ୫ ୱିକେଟ୍ ହରାଇ ୯୯ ରନ କରିଥିଲା । ଜବାବରେ ଆଭେଞ୍ଜର୍ସ ୯ ୱିକେଟ୍‌ରେ ୭୪ ରନ କରିବାକୁ ସମର୍ଥ ହୋଇଥିଲା । ସେହିଭଳି ୨ୟ ଲିଗ୍ ମ୍ୟାଚରେ ବ୍ଲାଷ୍ଟର୍ସ ୯ ୱିକେଟ୍‌ରେ ଚ୍ୟାଲେଞ୍ଜର୍ସକୁ ହରାଇଥିଲା । ଚ୍ୟାଲେଞ୍ଜର୍ସ ପକ୍ଷରୁ ଧାର୍ଯ୍ୟ ୫୭ ରନର ଲକ୍ଷ୍ୟକୁ ବ୍ଲାଷ୍ଟର୍ସ ୧ ୱିକେଟ୍ ହରାଇ ୩.୫ ଓଭରରେ ବିଜୟୀ ହୋଇଥିଲା ।

## ଦ୍ରାବିଡ୍‌ଙ୍କ ପରେ କିଏ ହେବ ଭାରତୀୟ ଦଳର ପ୍ରଶିକ୍ଷକ

# ଦୌଡ଼ରେ ଗମ୍ଭୀର, ଫ୍ଲେମିଂ ଆଗରେ

ନୂଆଦିଲ୍ଲୀ, ୧୮ ।୫ (ଏଜେନ୍ସି)

ଜୁନ ପହିଲାରୁ ଆମେରିକା ଓ ୱେଷ୍ଟଇଣ୍ଡିଜରେ ମିଳିତ ଭାବେ ଆଇସିସି ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଆରମ୍ଭ ହେବ । ଏହି ମେଗା ଇଭେଣ୍ଟ ପରେ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳ ସମାପ୍ତ ହେବ । ଦ୍ରାବିଡ୍‌ଙ୍କ ପରେ କିଏ ଭାରତୀୟ କ୍ରିକେଟ୍ ଦଳର ଗୁରୁଦାୟିତ୍ୱ ତୁଲାଇବା, ତାହାକୁ ନେଇ ଏବେ ଚାରିଆଡ଼େ ପ୍ରଶ୍ନ ଉଠିଛି । ଏହି ସମ୍ମାନଜନକ ପଦ ଲାଗି ଏବେ କେତେକ ପ୍ରାକ୍ତନ କ୍ରିକେଟର୍‌ଙ୍କ ନାମ ସାମ୍ନାକୁ ଆସିଛି । ଯେଉଁଥିରେ ଭାରତୀୟଙ୍କ ସମେତ ବିଦେଶୀ କ୍ରିକେଟର୍ ରହିଛନ୍ତି ।









**ଗୌତମ ଗମ୍ଭୀର:** ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଦୌଡ଼ରେ ପ୍ରାକ୍ତନ ଓପନର୍ ଗୌତମ ଗମ୍ଭୀର ସର୍ବାଗ୍ରେ ରହିଛନ୍ତି । ୪୨ ବର୍ଷୀୟ ଗମ୍ଭୀର ବର୍ତ୍ତମାନ ଆଇପିଏଲ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଦଳର ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି । ଏଥିପୂର୍ବରୁ ସେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସର ପରାମର୍ଶଦାତା ଭାବେ ଦାୟିତ୍ୱ ତୁଲାଇଥିଲେ ।

**ଜଷ୍ଟିନ ଲାଙ୍ଗର:** ୫୩ ବର୍ଷୀୟ ଅଷ୍ଟ୍ରେଲିଆର ପ୍ରାକ୍ତନ ବାମହାତୀ ବ୍ୟାଟର୍ ଜଷ୍ଟିନ ଲାଙ୍ଗର ମଧ୍ୟ ଏହି ସମ୍ମାନଜନକ ପଦ ଦୌଡ଼ରେ ରହିଛନ୍ତି । ଲାଙ୍ଗର ପୂର୍ବରୁ ଅଷ୍ଟ୍ରେଲିଆ ଦଳର ମୁଖ୍ୟ ପ୍ରଶିକ୍ଷକ ପଦରେ ରହିସାରିଛନ୍ତି । ୨୦୨୧ରେ ତାଙ୍କ ପ୍ରଶିକ୍ଷଣରେ ଅଷ୍ଟ୍ରେଲିଆ ଟି-୨୦ ବିଶ୍ୱକପ୍ ବିଜୟୀ ହୋଇଥିଲା । ବର୍ତ୍ତମାନ ଆଇପିଏଲ୍‌ରେ ସେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସର ପରାମର୍ଶଦାତା ଓ ପ୍ରଶିକ୍ଷକ ରହିଛନ୍ତି । ଭାରତୀୟ ଦଳର ପ୍ରଶିକ୍ଷକ ଭାବେ ତାଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି ।

**ଷ୍ଟିଫେନ ଫ୍ଲେମିଂ:** ନ୍ୟୁଜିଲାଣ୍ଡର ପ୍ରାକ୍ତନ ଅଧିନାୟକ ଷ୍ଟିଫେନ ଫ୍ଲେମିଂଙ୍କ ଏହି ପଦ ଲାଗି ପ୍ରବଳ ଦାବିଦାର ଥିବା ରିପୋର୍ଟ ପ୍ରକାଶ ପାଇଛି । ୫୧ ବର୍ଷୀୟ ଫ୍ଲେମିଂ ବର୍ତ୍ତମାନ ଆଇପିଏଲ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି । ପାଖାପାଖି ଗତ ୧୫ ବର୍ଷ ହେବ ସେ ଚେନ୍ନାଇ ଦଳ ସହ ଜଡ଼ିତ ରହିଛନ୍ତି । ଫ୍ଲେମିଂଙ୍କ ପ୍ରଶିକ୍ଷଣ ଯୋଗୁ ଚେନ୍ନାଇ ଆଜି ଆଇପିଏଲ୍‌ରେ ଅନ୍ୟତମ ଶ୍ରେଷ୍ଠ ଦଳର ମାନ୍ୟତା ପାଇଛି । ତେଣୁ ଫ୍ଲେମିଂ ମଧ୍ୟ ଭାରତୀୟ ଦଳର ଅନ୍ୟତମ ଦାବିଦାର ରହିଥିବା ଜଣାପଡ଼ିଛି ।

**ଭିଭିଏସ୍ ଲକ୍ଷ୍ମଣ:** ଏମାନଙ୍କ ବାଦ୍ ବର୍ତ୍ତମାନ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମୀର ନିର୍ଦ୍ଦେଶକ ଥିବା ଭିଭିଏସ୍ ଲକ୍ଷ୍ମଣ ମଧ୍ୟ ଏହି ରେସ୍‌ରେ ରହିଛନ୍ତି । ୪୯ ବର୍ଷୀୟ ଲକ୍ଷ୍ମଣ ମଧ୍ୟ ମଝିରେ ମଝିରେ ଦ୍ରାବିଡ୍‌ଙ୍କ ବିଶ୍ରାମ ସମୟରେ ଭାରତୀୟ ଦଳର ଅସ୍ଥାୟୀ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିସାରିଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

# କ୍ରିକେଟ୍ ଖେଳିଲେ ପ୍ରଣବ ପ୍ରକାଶ



ସମ୍ବଲପୁର, ୧୮।୫(ସମିସ): ଶନିବାର ସନ୍ଧ୍ୟାରେ ସମ୍ବଲପୁରର ବିଭିନ୍ନ ସ୍ଥାନକୁ ବୁଲିବୁଲି ପ୍ରଚାର କାର୍ଯ୍ୟକ୍ରମ କରିବା ପରେ ଶେଷରେ ବୁର୍ଲା ଠାରେ ପହଞ୍ଚିଥିଲେ ପ୍ରଣବ ପ୍ରକାଶ। ବୁର୍ଲାରେ ଆୟୋଜିତ ବୁର୍ଲା କ୍ରିକେଟ ପ୍ରିମିୟର ଲିଗରେ ଯୋଗଦାନ କରିଥିଲେ। କ୍ରିକେଟ ଖେଳାଳୀମାନଙ୍କ ସହିତ ମିଶି ଭାବବିନିମୟ କରିଥିଲେ। ତାଙ୍କ ସହିତ କ୍ରିକେଟ ଖେଳିଥିଲେ। ଏହି ଅବସରରେ ସେ କ୍ରିକେଟ ଖେଳୁଥିବା ଖେଳାଳୀ ମାନଙ୍କୁ ସୂଚନା ଦେଇ କହିଥିଲେ ଯେ ଖୁବ ଶୀଘ୍ର ସମ୍ବଲପୁରରେ ଏକ କ୍ରିକେଟ ଷ୍ଟାଡିୟମ କରାଯିବ। କ୍ରିକେଟ ଏକାଡେମୀ ଗଠନ କରାଯିବ ଏବଂ ଜାତୀୟ ସ୍ତରର ପ୍ରଶିକ୍ଷକ ମାନଙ୍କୁ ଅଣାଯାଇ କ୍ରିକେଟ ପ୍ରଶିକ୍ଷଣ ଦିଆଯିବ। ଯାହାଫଳରେ ଆଗାମୀ ଦିନରେ ସମ୍ବଲପୁରରୁ ଭଲ କ୍ରିକେଟ ଖେଳାଳୀ ବାହାରିବେ ବୋଲି କହିଥିଲେ। କ୍ରୀଡ଼ା ପ୍ରତି ପ୍ରଣବ ପ୍ରକାଶଙ୍କର ଦୁର୍ବଳତା ରହିଥିବାବେଳେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ଉନ୍ନତି ପାଇଁ ସେ ସର୍ବଦା ଚେଷ୍ଟିତ। ତେବେ ସମ୍ବଲପୁରକୁ କ୍ରିକେଟର ଗଡ଼ କରିବାକୁ ଯୁବକମାନେ ପ୍ରଣବ ପ୍ରକାଶ ଓ ବିଜୁ ଜନତା ଦଳକୁ ଭୋଟ ଦେବେ ବୋଲି ପ୍ରକାଶ କରିଥିଲେ।

ସମ୍ବଲପୁରର ବିଭିନ୍ନ ପଡ଼ାରେ ପ୍ରଣବ ପ୍ରକାଶଙ୍କ ପ୍ରଚାର

# 'ମୁଖ୍ୟମନ୍ତ୍ରୀଙ୍କ ହୃଦୟରେ ରହିଛି ସମ୍ବଲପୁର'







ସମ୍ବଲପୁର, ୧୮।୫(ସମିସ)

ଶନିବାର ସନ୍ଧ୍ୟାରେ ସମ୍ବଲପୁର ସହରର ବିଭିନ୍ନ ୱାର୍ଡ ଓ ପଡ଼ାକୁ ବୁଲି ପ୍ରଚାର କରିଛନ୍ତି ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ସର୍ବପ୍ରଥମେ ସେ ଚେରୁଆପଡ଼ା ଯାଇଥିଲେ। ସେଠାରେ ବିଜୁ ଜନତା ଦଳ ତରଫରୁ ମିଶ୍ରଣ ପର୍ବ ଓ ଜନସଭାର ଆୟୋଜନ କରାଯାଇଥିଲା। ବିଜେପି ଦଳର କର୍ମକର୍ତ୍ତାମାନେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ପ୍ରଣବ ପ୍ରକାଶ ତାଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଜନସଭାକୁ ଉଦବୋଧନ ଦେଇ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିବା ସହିତ ଭାରତୀୟ ଜନତା ପାର୍ଟିର ନେତାଙ୍କୁ ମଞ୍ଚ ଉପରୁ ଶାଣିତ ଆକ୍ରମଣ କରିଥିଲେ। ସେ କହିଥିଲେ, ଯେଉଁମାନଙ୍କୁ ଆପଣ ଭୋଟଦେଇ ନିର୍ବାଚିତ କରିଥିଲେ ଏବେ ସମୟ ଆସିଛି ସେମାନଙ୍କୁ ଉଚିତ ଜବାବ ଦେବାକୁ। ଆପଣ ଭୋଟଦେଇଥିବା ଏମପି ଏମଏଲଏଙ୍କୁ ପାଞ୍ଚବର୍ଷରେ

**ଗ୍ୟାସ୍, ପେଟ୍ରୋଲ ଦର କମିଲା କି, ୧୫ ଲକ୍ଷ ଟଙ୍କା ଖାତାକୁ ଆସିଲା କି?**

କେତେଥର ଦେଖିଛନ୍ତି ବୋଲି ପଚାରିଥିଲେ। ଗ୍ୟାସଦର କମିଲା କି, ପେଟ୍ରୋଲ ଦର କମିଲା କି, ୧୫ ଲକ୍ଷ ଟଙ୍କା ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଲା କି ବୋଲି ପ୍ରଶ୍ନ କରିଥିଲେ। ସେ ଆହୁରି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ହୃଦୟରେ ସମ୍ବଲପୁର ରହିଛି। ମା ଙ୍କ ଆଶୀର୍ବାଦରୁ ସମଲେଇ ପ୍ରକଳ୍ପ ସଫଳ ହେଲା। କିନ୍ତୁ ଏଠାକାର ବିକାଶ ବିରୋଧୀ ନେତାମାନେ ମା ସମଲେଶ୍ୱରୀଙ୍କ ମନ୍ଦିର ପ୍ରକଳ୍ପକୁ ବିରୋଧ କରିଥିଲେ। ଆପଣମାନେ ଯେଉଁ ସମସ୍ୟା ଜଣାଇଛନ୍ତି ନିଶ୍ଚିତ ଭାବରେ ତାର ସମାଧାନ ହେବ ଏହା ମୋର ପ୍ରତିଶୃତି ବୋଲି ଉପସ୍ଥିତ ଜନତାଙ୍କୁ ଭରସା ଦେଇଥିଲେ। ସମ୍ବଲପୁର, ବୁର୍ଲା, ହୀରାକୁଦ, ରେଙ୍ଗାଲିକୁ ନେଇ ଏକ ବିରାଟ ପ୍ରକଳ୍ପର ପରିକଳ୍ପନା କରାଯାଇଛି। ଏହାକୁ ସାକାର କରିବାକୁ ହେଲେ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଜଣେ ଲୋକସଭାରେ ଓ ଜଣେ ବିଧାନସଭାରେ ଆପଣଙ୍କ ପାଇଁ କାମ କରିବେ। ତେଣୁକରି ମେ ୨୫ ତାରିଖରେ ଦୁଇଥର ଶଙ୍ଖ ଚିହ୍ନରେ ବଟନ ଦବାଇବେ ବୋଲି ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ। ବିଜେଡି ଲିଗାଲ ସେଲର କର୍ମକର୍ତ୍ତାମାନଙ୍କୁ ଭେଟି ଆଲେଚନା କରିଥିଲେ ପ୍ରଣବ ପ୍ରକାଶ। ଏଥିରେ ଲିଗାଲ ସେଲର ସଭାପତି ମିଳନ କାନୁନଗୋ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସାରିବା ପରେ ପ୍ରଣବ ପ୍ରକାଶ ଷ୍ଟେସନପଡ଼ା ଯାଇ ସେଠାକାର ବସ୍ତିବାସିନ୍ଦାଙ୍କୁ ଭେଟିଥିଲେ। ତାଙ୍କ ସହିତ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଥିଲେ। ତାର ସମାଧାନ କରିବାକୁ ପ୍ରତିଶୃତି ଦେଇଥିଲେ। ଏହା ପରେ ସେ ହୀରାକୁଦ ଯାଇ ଏକ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରୁ ବାହାରି ସମ୍ବଲପୁର ୱାର୍ଡ ନମ୍ବର ୧୪ କୁ ଯାଇ ଲୋକଙ୍କୁ ଭେଟିଥିଲେ। ସେମାନଙ୍କ ସହିତ ଭାବ ବିନିମୟ କରିଥିଲେ।

# ସମ୍ବଲପୁର ପିଲା ବି ଖେଳିବେ ଆଇପିଏଲ୍

ସମ୍ବଲପୁର, ୧୮।୫(ସମିସ): ରାଜ୍ୟରେ କ୍ରୀଡା ଭିତ୍ତିଭୂମୀ ସୁଦୃଢ଼ କରି ନୂଆ କ୍ରୀଡ଼ାବିତ୍ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ପଦକ୍ଷେପ ନେଇଛନ୍ତି। ଗ୍ରାମାଞ୍ଚଳରେ ଖେଳପଡ଼ିଆ ଉନ୍ନତିକରଣ ଠାରୁ ଆରମ୍ଭ



କରି ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରି ଖେଳାଳୀମାନଙ୍କୁ ଉନ୍ନତ ଭିତ୍ତିଭୂମି ଯୋଗାଇଦେଇଛନ୍ତି। ସେହିଭଳି ପଞ୍ଚାୟତ ସ୍ତରରୁ ଆରମ୍ଭ କରି ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା କରୁଛନ୍ତି। ଆଗାମୀ ଦିନରେ ଓଡ଼ିଶାରୁ ଜାତୀୟ, ଆର୍ନ୍ତଜାତୀୟ ସ୍ତରର ଖେଳାଳୀ ବାହାରିବା ନେଇ ପ୍ରସ୍ତୁତି କରାଯାଉଥିବା ବେଳେ ଆଜି ସମ୍ବଲପୁରର ଯୁବ କ୍ରିକେଟ ଖେଳାଳୀମାନଙ୍କୁ ନେଇ ଏକ ବୈଠକ କରାଯାଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର ଅଧ୍ୟକ୍ଷ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ କ୍ରିକେଟ ଖେଳାଳୀଙ୍କ ସହିତ ଭାବ ବିନିମୟ କରିଥିଲେ। ଏକ ଭିଡ଼ିଓ କନଫରେନ୍ସ ସଭାରେ ସମ୍ବଲପୁରର ଯୁବକମାନଙ୍କ ମଧ୍ୟରେ କ୍ରିକେଟ ସହିତ ଯୋଡିହୋଇଥିବା ଦକ୍ଷତା କିଭଳି ଆଗକୁ ବଢ଼ିପାରିବ ସେନେଇ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସମ୍ବଲପୁର ଜିଲ୍ଲାରେ ଏକ ବୃହତ କ୍ରିକେଟ ଷ୍ଟାଡିୟମ ହେବା ସହିତ କ୍ରିକେଟ ଏକାଡେମୀର ସ୍ଥାପନ କରାଯିବ। ଦେଶର ନାମୀଦାମୀ କୋଚଙ୍କ ତତ୍ତ୍ୱାବଧାନରେ ଖେଳାଳୀ ପ୍ରଶିକ୍ଷଣ ନେବେ। ଏହାଦ୍ୱାରା ସମ୍ବଲପୁରର ପ୍ରତେକ ଗାଁର ପିଲାମାନେ କ୍ରିକେଟ ଖେଳିବାକୁ ସୁଯୋଗ ପାଇବା ସହିତ ରଣଜୀ, ଆଇପିଏଲ ଭଳି ମ୍ୟାଚ୍ ଖେଳିବେ ବୋଲି ପ୍ରଣବ ପ୍ରକାଶ କହିଥିଲେ। ବୈଠକରେ ପ୍ରଣବ ପ୍ରକାଶଙ୍କ ଠାରୁ ଏହା ଶୁଣିବା ପରେ ଉପସ୍ଥିତ ଥିବା ଯୁବବର୍ଗଙ୍କ ମଧ୍ୟରେ ନାହିଁନଥିବା ଉତ୍ସାହ ଖେଳିଯାଇଥିଲା। ପ୍ରଣବ ପ୍ରକାଶଙ୍କ ଏହି ନିଷ୍ପତ୍ତିକୁ ସମସ୍ତେ ସ୍ୱାଗତ କରିଥିଲେ।

# ହୀରାକୁଦ ପୁଲିସ ପକ୍ଷରୁ ନିର୍ବାଚନୀ ସଭା



ହୀରାକୁଦ, ୧୮।୫(ସମିସ): ହୀରାକୁଦ ପୁଲିସ ପକ୍ଷରୁ ଏସ୍‌ଏମ୍‌ସି ଅଧୀନରେ ଥିବା ଗ୍ରାମ ଗୁଡ଼ିକରେ ନିର୍ବାଚନକୁ ସୁରୁଖୁରୁରେ କରିବା ପାଇଁ ଏକ ବୈଠକ ଆୟୋଜିତ ହୋଇଯାଇଛି। ସିଲିପଥର, ଗଡ଼ମୁଣ୍ଡା, ଓ ଜମାଦାରପାଲି ଗ୍ରାମରେ ବିଭିନ୍ନ ଦଳୀୟ କର୍ମକର୍ତ୍ତା, ଗ୍ରାମବାସୀଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ସମୟରେ ଯେପରି ଭାବେ କୌଣସି ବିଶୃଙ୍ଖଳା ପରିସ୍ଥିତ ସୃଷ୍ଟି ନ ହୁଏ ସେଥିପ୍ରତି ଧ୍ୟାନ ଦେବା ପାଇଁ କହିଥିଲେ। ଏହା ସହ ନିର୍ବାଚନରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଅବାଧ ନିରପେକ୍ଷ ନିର୍ବାଚନ ପାଇଁ ସହଯୋଗ ସହ ବେଆଇନ କାର୍ଯ୍ୟକଳାପ ବିଷୟରେ ସୂଚନା ଦେବା ପାଇଁ ଥାନା ଅଧିକାରୀ କହିଥିଲେ।

# କଂଗ୍ରେସର ପଦଯାତ୍ରା

ସମ୍ବଲପୁର, ୧୮।୫(ସମିସ): ସମ୍ବଲପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ଦୁର୍ଗା ପାଢୀ ପଦଯାତ୍ରା ସହ ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କ ସହିତ ଭେଟି ପ୍ରଚାର କରିଛନ୍ତି। ପଦ ଯାତ୍ରାରେ ଘରକୁ ଘର ଯାଇ ପ୍ରାୟ ପ୍ରତ୍ୟେକ ଭୋଟରଙ୍କୁ ଭେଟି ଭୋଟ ଭିକ୍ଷା କରିଥିଲେ। କ୍ଷେତରାଜପୁର ରେଳ ଷ୍ଟେସନ୍‌ରୁ ପଦଯାତ୍ରା ଆରମ୍ଭ ହୋଇଥିଲ। ଚେରୁଆପଡ଼ା, ମୁଦିପଡ଼ା, ଠେଲକୋପଡ଼ା, ଅନୁପ ତରିଆ ପ୍ରମୁଖ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ପ୍ରଚାରବେଳେ ଲୋକଙ୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଜେପି ବିଧାୟକ, ସାଂସଦ ସମ୍ବଲପୁର ସହର ମଧ୍ୟ ଭାଗରେ ଥିବା ଏକ ପଡ଼ାକୁ ମୌଳିକ ସୁବିଧା ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ। ଦୁର୍ଗନ୍ଧମୟ ଓ ଅଳିଆ ଆବର୍ଜନାରେ ଭରପୁର ଠେଲକୋପଡ଼ା। ସେମାନେ ଭୋଟ ନ ମାଗି ଗୋଡ ଧରି



ଲୋକଙ୍କୁ କ୍ଷମା ମାଗନ୍ତୁ। ପ୍ରଶାସନ ଅବିଳମ୍ବେ ସବୁ ସମସ୍ୟା ସମାଧାନ କରୁ ବୋଲି ଦାବି କରିଥିଲେ। ସେହିପରି ପଦଯାତ୍ରା ବୁଢ଼ାରଜା କନସେଲେଇ ମା ମନ୍ଦିରରୁ ଆରମ୍ଭ ହୋଇ ପ୍ରଫେସର କଲୋନୀ ଡେଲି ମାର୍କେଟ, ଶାନ୍ତିନଗର, କଟରଧୁଆ ଦେଇ ଗୋପାଳମାଲରେ ପହଞ୍ଚିଥିଲା।

ଗୁରୁଦ୍ୱାରାପଡ଼ା, ଆମ୍ବେଦକର ନଗରରେ ଏହା ସମାପ୍ତ ହୋଇଥିଲା। ଦୁର୍ଗା ପାଢ଼ୀଙ୍କ ସହ ଆଇନଜୀବୀ ବିଜୁ ପ୍ରଧାନ, ଚନ୍ଦ୍ର ମହାନ୍ତି, ଦିଲୀପ ବିଶି, ଅରୁଣ କୁମାର, ପ୍ରକାଶ ଶତପଥୀଙ୍କ ସମେତ ଶୁତପା ମିତ୍ର, ଶିବ ପାଢ଼ୀ, କୁବେର ଭାଇ, ଜୟରାମ ବନିଆ, ମୋହନ ସାହା, ବିରଞ୍ଚି ମହାପାତ୍ର, ଦଶରଥ ଦାସ, ବାଦଲ ମେହେଟା,

# ସଏଲ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ସମ୍ବଲପୁର, ୧୮।୫(ସମିସ) ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବୁର୍ଲା ସହରର ୱାର୍ଡ ନଂ ୩ ରେ ଥିବା ମହତାବ ନଗରରେ ସଏଲ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ନାରୀ ସଶକ୍ତିକରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଦସ୍ୟ ଅନବିତ ସାହୁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପାଖାପାଖି ୨୦୦ ରୁ ଉର୍ଦ୍ଧ କିଶୋରୀ ଏବଂ ନାରୀ ମାନଙ୍କୁ ନାପକିନ ବଣ୍ଟନ କରାଯାଇଥିଲା। ଏଠାରେ ମୁଖ୍ୟ ଅତିଥିଭାବେ ସଏଲ ଅନୁଷ୍ଠାନ ର ଉପଦେଷ୍ଟା ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ପ୍ରଫେସର ତତ୍ତ୍ୱମାସି ପାଲଟାସିଂ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ ଟେକ୍ନୋଲୋଜିର ଅଧ୍ୟାପକ ଡ଼ ଚନ୍ଦ୍ରମଣି ଯୋଗଦେଇ ଅନ୍ଧବିଶ୍ୱାସ କୁ ବିଶ୍ୱାସ ନକରିବାକୁ ପରାମର୍ଶ ଦେଇଥିଲେ। ସ୍ୱଛତା ପରିମଳ ଉପରେ ଧ୍ୟାନଦେବାକୁ କହିଥିଲେ। ଡ଼ ଶୁଭଲକ୍ଷ୍ମୀ ବାରିକ ଯୋଗଦେଇ ସାନିଟାରୀ ନାପକିନ ର ବେବହାର ଏବଂ ତତଦ୍ୱାରା କିପରି ସ୍ୱାସ୍ଥ୍ୟ ସୁସ୍ଥ ରହିବ ତାହା ପରାମର୍ଶ ଦେଇଥିଲେ। ନିରୁପମା ନାୟକ ଅତିଥି ଭାବେ ଯୋଗଦେଇଥିଲେ। ସମାଜସେବୀ ଶୁଭ୍ରାଂଶୁ ପାଢ଼ୀ ସମାଜରେ ନାରୀର ଭୂମିକା ବିଷୟ ରେ ଅବଗତ କରିଥିଲେ। ସଂଗଠନର ସଦସ୍ୟ ପ୍ରତୀକ ଦାଶ, ବିସ୍ମୟ କୁମାର ଜେନା, ଶୁଭଙ୍କର ସାହୁ, ପରମେଶ୍ୱର ମଲ୍ଲିକ, ପ୍ରଭୁଦତ୍ତ ପାଣିଗ୍ରାହୀ ଯୋଗଦେଇଥିଲେ। ସଭା ଶେଷରେ ସଏଲ ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦକ ଅଂଶୁମାନ ଦାସ ଧନ୍ୟବାଦ ଦେଇଥିଲେ।

ଭରସାର ଅନ୍ୟନାମ ପ୍ରଣବ ପ୍ରକାଶ

# ଅସହାୟ ପାର୍ବତୀଙ୍କୁ ମିଳିବ ନୂଆଘର

ସମ୍ବଲପୁର, ୧୮।୫(ସମିସ)

ନେତାଙ୍କ ପାଇଁ ଜନତା ନୁହେଁ ଜନତାଙ୍କ ପାଇଁ ନେତା। ଅନେକ ସମୟରେ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ମୁହଁରୁ ଏକଥା ଶୁଣିବାକୁ ମିଳେ। ପ୍ରଣବ ପ୍ରକାଶ ଯାହା କହନ୍ତି ତାକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତି। କାରଣ ତାଙ୍କର ଆଦର୍ଶ ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିର୍ବାଚନ ତ ଆସିବ ଯିବ। ରାଜନୀତି ଲୋକଙ୍କ ସେବା ପାଇଁ ଏକଥା ନେତାଙ୍କ ମନରୁ ନଯାଉ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ସମ୍ବଲପୁରର ଜନପ୍ରିୟ ନେତା ପ୍ରଣବ ପ୍ରକାଶ। ନିର୍ବାଚନୀ ପ୍ରଚାରରେ ସମ୍ବଲପୁରର ବିଭିନ୍ନ ସ୍ଥାନକୁ ବୁଲିବା ଦିନଠୁ ଯେଉଁଠି ଅସହାୟଙ୍କୁ ଦେଖିଲେ ସହଯୋଗର ହାତ ବଢ଼ାଉଛନ୍ତି। ଏହି କ୍ରମରେ ସମ୍ବଲପୁରର ମୋତିଝରନ ଠାରେ ଅସହାୟ ଅବସ୍ଥାରେ ରହୁଥିବା ଜଣେ ମହିଳାଙ୍କୁ ଘର ପ୍ରଦାନ କରି ମାନବିକତାର ପରିଚୟ ଦେଇଛନ୍ତି। ସମ୍ବଲପୁରରେ ପ୍ରଣବ ପ୍ରକାଶଙ୍କ ପ୍ରତି ଲୋକଙ୍କ ଭଲପାଇବା ବଢୁଛି। କାରଣ ସମ୍ବଲପୁରବାସୀଙ୍କ ସୁଖ ଦୁଃଖରେ ଛିଡ଼ାହୋଇ ରହିବାକୁ ଦେଇଥିବା ପ୍ରତିଶ୍ରୁତିକୁ ସେ ପାଳନ କରୁଛନ୍ତି। ପ୍ରକାଶ ଯେ ସମ୍ବଲପୁର ସହରର ମୋତିଝରନ ଠାରେ ଜଣେ ଅସହାୟ ମହିଳା ରହୁନ୍ତି। ନା ତାଙ୍କର ପାର୍ବତୀ କଣ୍ଟା। ପୂର୍ବରୁ ତାଙ୍କର ସ୍ୱାମୀଙ୍କ ଦେହାନ୍ତ ହୋଇଥିବା ବେଳେ ଗତ କିଛିଦିନ ତଳେ ଏକ ଟ୍ରେନ ଦୁର୍ଘଟଣାରେ ତାଙ୍କର ୨୨ ବର୍ଷର ପୁଅଙ୍କ ମୃତ୍ୟୁ ହୋଇଥିଲା। ସ୍ୱାମୀ ଓ ପୁଅକୁ ହରାଇବା ପରେ



ପ୍ରଣବ ପ୍ରକାଶଙ୍କ ଅନୁରୋଧକ୍ରମେ ନୂଆଘର ତିଆରି ପାଇଁ ଶୁଭ ଦେଲେ ବିଜେଡି ନେତା ସୌଭାଗ୍ୟ ନାୟକ ଓ ସିଦ୍ଧାର୍ଥ ଶାହା

ମ୍ରିୟମାଣ ହୋଇ ଅସହାୟ ଅବସ୍ଥାରେ ଏକ ଜରିପାଲ ଢାଙ୍କିଥିବା ଘରେ ପାର୍ବତୀ ରହୁଥିଲେ। ଖରା, ବର୍ଷା, ଶୀତ ସେଇଠି ମୁଣ୍ଡଗୁଞ୍ଜି ରହୁଥିଲେ। ଯିଏ ଯାହା ଦେଲା ଖାଇ ପେଟ ପୁରାଉଥିଲେ। ତେବେ ନିର୍ବାଚନ ପ୍ରଚାର ପାଇଁ ପ୍ରଣବ ପ୍ରକାଶ ସମ୍ବଲପୁରରେ ବୁଲିବା ସମୟରେ ପାର୍ବତୀଙ୍କର ଦୟନୀୟ ଅବସ୍ଥା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପାର୍ବତୀଙ୍କ ଦୁଃଖ ଶୁଣି ନିଜକୁ ସମ୍ଭାଳି ପାରି ନ ଥିଲେ ପ୍ରଣବ ପ୍ରକାଶ। ତୁରନ୍ତ ତାଙ୍କ ପାଇଁ ନୂଆ ଘର ନିର୍ମାଣ କରିବାକୁ କହିଥିଲେ। ସମ୍ବଲପୁର ବିଜେଡିର ଦୁଇ ନେତା ସୌଭାଗ୍ୟ ନାୟକ ଓ ସିଦ୍ଧାର୍ଥ ଶାହା ଆଜି ପାର୍ବତୀଙ୍କ ନିକଟରେ ପହଞ୍ଚିଥିଲେ। ତାଙ୍କର ନୂତନ ଘର ନିର୍ମାଣ ପାଇଁ ଶୁଭ ଦେଇଥିଲେ। ଏହା ସହିତ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପାର୍ବତୀଙ୍କ ପାଇଁ ନୂଆ ଘର ତିଆରି ହେବ। ସେ ଆଉ ଜରିପାଲ ଢଙ୍କା ଘରେ ରହିବେ ନାହିଁ। ଏକଥା ଜାଣିବା ପରେ ପାର୍ବତୀଙ୍କ ଖୁସି କହିଲେ ନସରେ। ଯିଏ ତାଙ୍କ ଭଳି ଅସହାୟଙ୍କୁ ବାସଟିଏ ଯୋଗାଇଦେଲେ ଭଗବାନ ତାଙ୍କୁ କୋଟି ପରମାୟୁ ଦିଅନ୍ତୁ ବୋଲି ଆଶୀର୍ବାଦ ଦେଇଥିଲେ। ପ୍ରଣବ ପ୍ରକାଶଙ୍କ ମାନବିକତା ଦେଖି ବସ୍ତିବାସିନ୍ଦା ମଧ୍ୟ ଖୁସି ପ୍ରକଟ କରିଥିଲେ। ପାର୍ବତୀ ଏଭଳି ଶୋଚନୀୟ ଅବସ୍ଥାରେ ରହୁଥିଲେ ହେଁ ଭୋଟ ଦେବାକୁ ଭୁଲିନାହାନ୍ତି। ଦୁଃଖର କଥା ଯେ ବିଗତ ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ନେତାଙ୍କୁ ଭୋଟ ଦେଇଥିଲେ ଯିଏ ସମ୍ବଲପୁରରେ ବିଜୟୀ ହୋଇଥିଲେ। ସେହି ନେତାଙ୍କ ଠାରୁ ସହଯୋଗ ଆଶାରେ ୫ ବର୍ଷ କଟିଗଲା। କିନ୍ତୁ ସେ ଦିନେ ବି ତାଙ୍କର କଥା ପଚାରିଲେ ନାହିଁ। ତେବେ ପ୍ରଣବ ପ୍ରକାଶଙ୍କ କାମ ଦେଖି ମୋତିଝରନର ଲୋକେ ତାଙ୍କୁ ଢେର ପ୍ରଶଂସା କରିଛନ୍ତି। ତାଙ୍କ ଭଳି ଜଣେ ନେତା ହିଁ ଆମ ସମସ୍ୟାର ସମାଧାନ କରିପାରିବ ବୋଲି କହି ପ୍ରଣବ ପ୍ରକାଶଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତାଇବୁ ବୋଲି କହିଛନ୍ତି।

# ରେଙ୍ଗାଲି ବିଧାନସଭାର ସେକ୍ଟର ଅଫିସରଙ୍କୁ ନେଇ ବୈଠକ



ସମ୍ବଲପୁର, ୧୮।୫(ସମିସ): ରେଙ୍ଗାଲି ସେକ୍ଟର ଅଫିସରଙ୍କ ସହ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ହୋଇଥିଲା। ରେଙ୍ଗାଲି ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ କରିଥିଲେ। ମତଦାନ କେନ୍ଦ୍ରରେ ନିଶ୍ଚିତ ସର୍ବନିମ୍ନ ସୁବିଧା ଯଥା ବିଜୁଳି, ପର୍ଯ୍ୟାପ୍ତ ସିଲିଂ ଫ୍ୟାନ୍, ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ ଶୌଚାଳୟ, ପାନୀୟ ଜଳ, ରାମ୍ପ, ଭିନ୍ନକ୍ଷମ ଭୋଟରଙ୍କ ପାଇଁ ହୁଇଲ ଚେୟାର ବ୍ୟବସ୍ଥା, ବୁଥ୍ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ଭୋଟର ସହାୟତା ବୁଥ୍, ସହାୟତା ସୁବିଧା ଓ ପର୍ଯ୍ୟାପ୍ତ ଓଆରଏସ୍ ସମେତ ମେଡିକାଲ କିଟ୍ ଓ ଭିନ୍ନକ୍ଷମ ଭୋଟରଙ୍କ ପରିବହନ ସୁବିଧା ଯୋଗାଇ ଦେବା ଉପରେ ଆଲୋଚନା ହୋଇଥିଲା। ବୈଠକରେ ରେଙ୍ଗାଲି ବିଡିଓ କୃଷ୍ଣଚନ୍ଦ୍ର ଦଳପତି, ତହସିଲଦାର ରେଙ୍ଗାଲି ସୌଦାକର କୁମ୍ଭାର, ଡେପୁଟି କଲେକ୍ଟର ଐଶ୍ୱର୍ଯ୍ୟା ପୃସେଠ ଉପସ୍ଥିତ ଥିଲେ।